ଧରିତ୍ରୀ
DHARITRI

ସମ୍ବଲପୁର, ଶନିବାର, ନଭେମ୍ବର ୩/୨୦୧୮ (୨୦ ପୃଷ୍ଠା + ପିଲାଙ୍କ ଧରିତ୍ରୀ) Sambalpur, Saturday, November 3/ 2018 | ★★

୧୪ଶ ଭାଗ ୩୧୬ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-

HONDA
The Power of Dreams

सच कर देंगे सपने

2 CRORE^

Activa

LOVE IS GROWING

Thank you, India.

Honda Activa, the highest selling two-wheeler* in the country.

^Cumulative sales since year 2001. *Based on SIAM figures Jan'16-Sep'18 (cumulative). Product shown in the picture may vary from actual product available in market. Accessories shown in the picture are not part of standard equipment. **Conditions apply

HET BS-IV

BEST DEAL HONDA Buy. Sell. Exchange

HONDA joyclub

SAFETY-INDIA HONDA ALWAYS WEAR A HELMET WHILE RIDING

Honda Shield 5 Also available:
Annual Maintenance Contract**
Road Side Assistance**
Engine Health Assurance**

Follow us on

Honda is HONDA

Honda Motorcycle and Scooter India Pvt. Ltd., Registered Office: Commercial Complex II, Sector - 49 - 50, Golf Course Extension Road, Gurugram - 122018 (Haryana), India; **Website:** www.honda2wheelersindia.com; **Customer Care:** customercare@honda2wheelersindia.com

CRIMSOUNE CLUB

FASHION WEAR: ODISHA: BHUBANESWAR: BHAWANI MALL: (Ph: 0674-6002132), **FORUM MART:** (Ph: 0674-2380834), **KESHRI MALL:** (Ph: 0674-2532877), **PAL HEIGHT:** (Ph: 0674-6055700), **BALAGIR:** (Ph: 06652-232801), **BHAWANIPATNA:** (Ph: 06670-231500), **CUTTAK:** (Ph: 0671-2418625), **JAJPUR ROAD:** (Ph: +91 9776525254), **TALCHER:** (Ph: 0676-0242888), **ANGUL:** (Ph: +91 9437015719), **RAYAGADA:** (Ph: +91 9437055033), Radhagobinda Market Complex **BARIPADA** (Ph: +91-9861271830) | Sai Garments Plot No-4763/4764, Khatano-3470/3277, Dhenkanal Mauza, Meena Bazar **DHENKANAL** (Ph: +91-9853130307) | **SIS:** Tulsi Showroom **(Kantabanji)**, Planet Harjeet **(Sambalpur)**, Indira Plaza **(Rourkela)**, Kaluram Durgaprasad Megashop **(BARIPADA)**, SRI DURGA RETAIL PVT LTD, **(BERHAMPUR)**, The Fashion Planet **(Dhenkanal)**, Modi Collection **(ANGUL)**, PLAZA FASHION WORLD **(BARIPADA)**, S.G Fashion **(Rajkhariar)**, Kanak Garment **(KEONJHAR)**, Triveni Royal **(JAJPUR ROAD)**, Fashion House **(Semiliguda)**, Shree Ashoka Fashions Shop **(Bhadrak)** | **JRS FASHION. NEW STORE:** Mauza, Jatni Town Jihas Mahal, PS Jatni, **Khordha, Odisha** | **Also available at all leading stores & Reliance Trends** | Mail us: mail@crimsouneclub.com

Now available at: **www.crimsouneclub.com** | JABONG MYNTRA AJIO Flipkart snapdeal paytm Fynd LIMEROAD

Foundation Stone Laying

by

SHRI NAVEEN PATNAIK

Honourable Chief Minister of Odisha

on

3rd November 2018

of

JS

ODISHA
NEW OPPORTUNITIES
Think Investment. Think Odisha.

JHARANA STEEL INDUSTRIES

Steel Utensils Manufacturing Unit"

First of its kind in Odisha

at Janla Industrial Estate, Khorda

ଧରିତ୍ରୀ
DHARITRI

ସମ୍ବଲପୁର, ଶନିବାର, ନଭେମ୍ବର ୩/୨୦୧୮ Sambalpur, Saturday, November 3/ 2018 | ପୃଷ୍ଠା-୧

କନ୍ଧମାଳ ହଳଦୀ କିଣିଲେ ସୋନିଆ

ନୂଆଦିଲ୍ଲୀର ଜନପଥ ରୋଡ୍‌ରେ ଚାଲିଥିବା ଜୈବିକ ମହୋତ୍ସବରେ ଉପା ଅଧ୍ୟକ୍ଷା ସୋନିଆ ଗାନ୍ଧୀ କନ୍ଧମାଳ ହଳଦୀ କିଣିଛନ୍ତି।

୦୫

୧୨

ପରିଣୟ ପୂର୍ବରୁ ଉତ୍ସବ ପାଳିଲେ ଦୀପିକା

ବଲିଉଡ୍ ଅଭିନେତ୍ରୀ ଦୀପିକା ପାଦୁକୋନ ଅଭିନେତା ରଣବୀର ସିଂଙ୍କୁ ବିବାହ କରିବାକୁ ଯାଉଥିବା ବେଳେ ବେଙ୍ଗାଲୁରୁରେ ପ୍ରାକ୍-ପରିଣୟ ଉତ୍ସବ ପାଳନ କରିଛନ୍ତି ।

ସୁପ୍ରିମକୋର୍ଟରେ ୪ ନୂଆ ବିଚାରପତି

ନୂଆଦିଲ୍ଲୀ,୨।୧୧(ପି.ଟି.)

ସୁପ୍ରିମକୋର୍ଟର ବିଚାରପତିଙ୍କ ଟିମ୍‌ରେ ଆଉ ୪ ନୂଆ ସଦସ୍ୟ ସାମିଲ ହୋଇଛନ୍ତି। ସର୍ବୋଚ୍ଚ ଅଦାଲତର ବିଚାରପତି ଭାବେ ଶୁକ୍ରବାର ଜଷ୍ଟିସ୍ ହେମନ୍ତ ଗୁପ୍ତା, ଆର୍. ସୁଭାଷ ରେଡ୍ଡୀ, ଏମ୍.ଆର୍. ଶାହ ଏବଂ ଅଜୟ ରସ୍ତୋଗୀ ଶପଥ ଗ୍ରହଣ କରିଛନ୍ତି। ପୂର୍ବାହ୍ନ ୧୦ଟା ୩୦ରେ କୋର୍ଟ ନମ୍ବର ୧ରେ ସେମାନଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇ। ୪ ନୂଆ ବିଚାରପତିଙ୍କ ନିଯୁକ୍ତି ସଂକ୍ରାନ୍ତ କଲେଜିୟମ୍‌ର ସୁପାରିସକୁ ଗୁରୁବାର ମୋହର ମାରିଥିଲେ ରାଷ୍ଟ୍ରପତି ରାମନାଥ କୋବିନ୍ଦ। ପ୍ରକାଶ ଯେ, ସର୍ବୋଚ୍ଚ ଅଦାଲତରେ ବିଚାରପତିଙ୍କ ସଂଖ୍ୟା ୩୧ ରହିବ ବୋଲି ମଞ୍ଜୁର ହୋଇଛି। ୪ ନୂଆ ବିଚାରପତିଙ୍କୁ ମିଶାଇଲେ ସୁପ୍ରିମକୋର୍ଟର ବିଚାରପତିଙ୍କ ସଂଖ୍ୟା ୨୮ ହୋଇଛି। ଆହୁରି ୩ ବିଚାରପତି ପଦବୀ ଏବେ ବି ଖାଲିପଡ଼ିଛି।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ହକି ଖେଳି ଏକାମ୍ର ସ୍ପୋର୍ଟ୍ସ ଲିଟେରାରି ଫେଷ୍ଟିଭାଲକୁ ଉଦ୍‌ଘାଟନ କରୁଛନ୍ତି । (ଫଟୋ: ବିକାଶ ନାୟକ)

■ ସ୍ପୋର୍ଟ୍ସ ଲିଟେରାରି ଫେଷ୍ଟିଭାଲ ଆରମ୍ଭ

ହକି ବିଶ୍ୱକପ୍ ସ୍ମରଣୀୟ ସ୍ମୃତି ଛାଡ଼ିବ

ଭୁବନେଶ୍ୱର, ୨।୧୧(କ୍ରୀଡ଼ା ପ୍ରତିନିଧି)

ଖେଳ-ସାହିତ୍ୟର ମହୋତ୍ସବ ଉତ୍ସାହ ଭରିଛି: ମୁଖ୍ୟମନ୍ତ୍ରୀ

ଓଡ଼ିଶା କ୍ରୀଡ଼ା ଇତିହାସରେ ଯୋଡ଼ି ହୋଇଛି ନୂଆ ଫର୍ଦ୍ଦ। ଏଠାରେ ଆୟୋଜିତ ଏସିଆର ସର୍ବପ୍ରଥମ ଏକାମ୍ର ସ୍ପୋର୍ଟ୍ସ ଲିଟେରାରି ଫେଷ୍ଟିଭାଲରେ ଯୋଗ ଦେଇଛନ୍ତି ଦେଶବିଦେଶର କିମ୍ବଦନ୍ତୀ ଖେଳାଳି, ପୁସ୍ତକ ରଚୟିତା ଓ କ୍ରୀଡ଼ା ସାମ୍ବାଦିକ। ଏହି ସମାରୋହରେ ହୋଇଛି ଖେଳ–ସାହିତ୍ୟର ଅପୂର୍ବ ସମ୍ମିଶ୍ରଣ। ଦେଶ ବିଦେଶର ବକ୍ତାଙ୍କ ଉପସ୍ଥିତିରେ ସୃଷ୍ଟି ହୋଇଛି ଭିନ୍ନ ପରିବେଶ। ଶୁକ୍ରବାର ପୂର୍ବାହ୍ନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଛନ୍ତି। ''ତାରକା ଖଚିତ ଏଭଳି ଏକ ଇଭେଣ୍ଟ ଏଠାରେ ଆୟୋଜନ ହୋଇଥିବାରୁ ମୁଁ ବହୁତ ଖୁସି। ବିଶ୍ୱର ପ୍ରତିଷ୍ଠିତ କ୍ରୀଡ଼ାବିତ୍, କୋଚ୍ ଓ ଖେଳାଳିଙ୍କ ଜୀବନୀ ଉପରେ ଆଧାରିତ ପୁସ୍ତକର ଲେଖକମାନେ ଖେଳକୁ ସମର୍ଥନ ଜଣାଇବା ପାଇଁ ଏଠାରେ ଏକତ୍ରିତ ହୋଇଛନ୍ତି। ହକି ବିଶ୍ୱକପ ପୂର୍ବରୁ ଏଠାରେ ସେମାନଙ୍କର ଉପସ୍ଥିତି ଉତ୍ସାହ ଉଦ୍ଦୀପନା ସୃଷ୍ଟି କରିଛି। ମୁଁ ସମସ୍ତଙ୍କୁ ଓଡ଼ିଶାକୁ ସ୍ୱାଗତ କରୁଛି'' ବୋଲି ନିଜ ଅଭିଭାଷଣରେ ପ୍ରକାଶ କରିଥିଲେ ମୁଖ୍ୟମନ୍ତ୍ରୀ।

ଭୁବନେଶ୍ୱରରେ ବିଶ୍ୱକପ ଆୟୋଜନ ଆମ ପାଇଁ ଗର୍ବର ବିଷୟ। ଅନେକ ଦଶନ୍ଧିଧରି ଓଡ଼ିଶା ହକିର ଅନୁଚ୍ଛିଶାଳ ପାଲଟି ଯାଇଛି। ଓଡ଼ିଶାରୁ ଅନେକ ଖେଳାଳି ଜାତୀୟ ଦଳରେ ପ୍ରତିନିଧିତ୍ୱ କରି ସାରିଛନ୍ତି। ହକି ବିଶ୍ୱକପର ଉଦ୍‌ଘାଟନୀ ଉତ୍ସବକୁ ଚିତ୍ତାକର୍ଷକ କରି ଖେଳ ପ୍ରତି ପ୍ରତିଶ୍ରୁତିବଦ୍ଧତାକୁ ଆମେ ଏକ ଭିନ୍ନସ୍ତରକୁ ନେବାକୁ ଯାଉଛୁ, ଯାହାକି ବିଶ୍ୱର ହକିପ୍ରେମୀଙ୍କ ମନରେ ଦୀର୍ଘଦିନ ସ୍ମରଣୀୟ ହୋଇ ରହିବ। ଦର୍ଶକମାନଙ୍କୁ ଆମେ ଅବିସ୍ମରଣୀୟ ବିଶ୍ୱକପ ଭେଟି ଦେବାକୁ ଚାହୁଁ। ଏଥିରେ ଭାଗ ନେବାକୁ ଯାଉଥିବା ୧୬ଟି ଯାକ ଦଳ ଖେଳୁଆଡ଼ ମନୋଭାବ ନେଇ ଖେଳିବେ ବୋଲି ମୁଁ ଆଶା କରୁଛି। ହକିର ମହାକୁମ୍ଭ ଭୁବନେଶ୍ୱରରେ ଆୟୋଜନ ହେବାକୁ ଯାଉଥିବାରୁ ଏ ସମ୍ପର୍କରେ ସ୍ୱାଭାବିକ ଭାବେ ଆଲୋଚନା ଚାଲିଛି। ତେବେ ଲୋକମାନେ ଯେପରି କେବଳ ହକି ନୁହେଁ, ସବୁ ଖେଳ ସମ୍ପର୍କରେ ☞ପୃଷ୍ଠା–୧୩

୭ ପ୍ରସ୍ତାବକୁ କ୍ୟାବିନେଟ ମୋହର

ଭୁବନେଶ୍ୱର,୨।୧୧(ବ୍ୟୁରୋ)

- ଟିଡିସିସିକୁ ଋଣ ମୁକ୍ତ କଲେ ସରକାର
- ଏସ୍‌ସି/ଏସ୍‌ଟି ଛାତ୍ରୀନିବାସ, ଛାତ୍ରାବାସ ଦାୟିତ୍ୱରେ ରହିବେ ଡବ୍ଲ୍ୟୁଓ
- ପୁନର୍ଗଠନ ହେଲା ଓଡ଼ିଶା କୃଷି ଉଦ୍ୟାନ ସେବା, ଭୂ ବିଜ୍ଞାନ କ୍ୟାଡର

ଜନଜାତିମାନଙ୍କର ଅର୍ଥନୈତିକ ଓ ସାମାଜିକ ବିକାଶ ପାଇଁ ଗଠନ ହୋଇଥିବା ଜନଜାତି ଉନ୍ନୟନ ସମବାୟ ନିଗମ(ଟିଡିସିସି)କୁ ରାଜ୍ୟ ସରକାର ଦେଇଥିବା ମୂଳ ଓ ସୁଧ ରାଶିକୁ ଛାଡ କରି ଦେବେ। ଏ ପର୍ଯ୍ୟନ୍ତ ଥିବା ଟିଡିସିସି ଉପରେ ରାଜ୍ୟ ସରକାରଙ୍କର ମହୁଲ ଫୁଲ ସଂଗ୍ରହ ବିକେନ୍ଦ୍ରୀକରଣ କାର୍ଯ୍ୟକ୍ରମରେ ବଳକା ଥିବା ଋଣ ଏବଂ ଏହାର ସୁଧ ବାବଦ ବାକି ରହିଥିବା ୩୬.୩୯ କୋଟି ଟଙ୍କାକୁ ପୁଞ୍ଜିନିବେଶରେ ପରିବର୍ତ୍ତନ କରାଯିବ। ଅନୁସୂଚିତ ଜାତି, ଜନଜାତି ଓ ପଛୁଆବର୍ଗ କଲ୍ୟାଣ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ କ୍ୟାବିନେଟ ମଞ୍ଜୁରୀ ମିଳିଛି।

ଜନଜାତିମାନଙ୍କର ଆର୍ଥିକ ବିକାଶ ପାଇଁ ୧୯୬୭ରେ ଟିଡିସିସି ଗଠନ କରାଯାଇଥିଲା। ଜନଜାତିମାନଙ୍କ ଦ୍ୱାରା ସଂଗୃହୀତ ଲଘୁ ବନଜାତ ଦ୍ରବ୍ୟ ତଥା ବଳାକ କୃଷି ଜାତ ଦ୍ରବ୍ୟଗୁଡିକୁ ସରକାରଙ୍କ ଦ୍ୱାରା ଧାର୍ଯ୍ୟ ଦରରେ ବିକ୍ର କରିବା ଏହି ସଂସ୍ଥାର ମୂଳ ଲକ୍ଷ୍ୟ। ଏହି କାର୍ଯ୍ୟ ସମ୍ପାଦନ କରିବାକୁ ରାଜ୍ୟ ସରକାର ଉକ୍ତ ସଂସ୍ଥାକୁ ବିଭିନ୍ନ ସମୟରେ ଋଣ ପ୍ରଦାନ କରିଥାଆନ୍ତି। ୧୯୯୧ରେ ସରକାରଙ୍କ ଦ୍ୱାରା ମହୁଲ ଫୁଲ ସଂଗ୍ରହ ବିକେନ୍ଦ୍ରୀକରଣ କାର୍ଯ୍ୟକ୍ରମରେ ଟିଡିସିସିକୁ ୧୦.୬୫ କୋଟି ଟଙ୍କାର କ୍ଷତି ସହିବାକୁ ପଡିଛି। ୨୦୧୫ ଜାନୁୟାରୀ ୩୧ ସୁଦ୍ଧା ଏହି କ୍ରମ ବର୍ଦ୍ଧିଷ୍ଣୁ କ୍ଷତିର ପରିମାଣ ୫୨.୬୮ କୋଟି ଟଙ୍କାରେ ପହଞ୍ଚିଛି। ଇତିମଧ୍ୟରେ ଟିଡିସିସି ୧୪.୩୪ କୋଟି ସରକାରୀ ଋଣ ପରିଶୋଧ କରିସାରିଛି। ଋଣ ବକେୟା ଥିବାରୁ ଉକ୍ତ ସଂସ୍ଥା ବଜାରରୁ ଆବଶ୍ୟକତା ଅନୁଯାୟୀ ଋଣ ଉଠାଇ ପାରୁ ନ ଥିଲା। ରାଜ୍ୟ ସରକାର ଉକ୍ତ ମୂଳ ଓ ସୁଧକୁ ପୁଞ୍ଜି ଆକାରରେ ପରିବର୍ତ୍ତନ କରିବା ଦ୍ୱାରା ଏଣିକି ଟିଡିସିସି ବାହାରୁ ଋଣ ଆଣି ପାରିବ। ଯାହାକି ମାଣ୍ଡିଆ ,ବାଜରା ଆଦି କ୍ରୟ କରିବାରେ ସେହି ସଂସ୍ଥାକୁ ସହଜ ହେବ। ଶୁକ୍ରବାର ସଚିବାଳୟଠାରେ ☞ପୃଷ୍ଠା–୧୩

BISHANDAYAL JEWELLERS
BIS: 916
Sriya Square, Bhubaneswar
Deals in :
Gold, Diamond & Silver
Gold 24 CT - ₹ 32,400/- 10gm.
Gold 22 CT - ₹ 31,000/- 10gm.
Silver Rate - ₹ 370/- /10gm.
Making Charge - ₹ 100/- onwards / 1gm.
Condition Apply
Lowest gold Rate & Making Charges

NECC NATIONAL EGG CO-ORDINATION COMMITTEE
02.11.2018
Venco66 CHICKEN

Dist	Farm Gate/Kg	With Skin/Kg	Skinless /Kg
BBSR	73	123	133
CTC	72	122	132
DKL	73	123	133
BDK	74	124	134
BLS	74	124	134
ANG	75	126	136

*Conditions Apply
Eggs Retail Price- 50/-Dozen
Issued in the Interest of Consumers

ହାତୀକୁ ମାରି ପୋଡ଼ିଦେଲେ

ସୁନ୍ଦରଗଡ଼/ରାଜଗାଙ୍ଗପୁର, ୨।୧୧(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ରାଉରକେଲା ବନଖଣ୍ଡ ରାଜଗାଙ୍ଗପୁର ବନାଞ୍ଚଳ ଅନ୍ତର୍ଗତ କୁଜୁଣିଆ ପଞ୍ଚାୟତର ମାଲୁପଡ଼ା ଗ୍ରାମ ନିକଟସ୍ଥ ଜଙ୍ଗଲରେ ଏକ ହାତୀକୁ ଗତ ୨୦ ଦିନ ତଳେ ହତ୍ୟା କରାଯାଇଥିଲା। ସେହି ହାତୀର ମୃତଦେହକୁ ଏକ ଖାଲରେ ପକାଇ ଶୁକ୍ରବାର ପୋଡ଼ି ଦିଆଯାଇଛି। ଏହି ଘଟଣାରେ ବନ ବିଭାଗ ହେମ୍ରମ କେର୍କେଟା ନାମକ ଜଣେ ଯୁବକଙ୍କୁ ଶୁକ୍ରବାର ଗିରଫ କରିଛି। କର୍ତ୍ତବ୍ୟରେ ଅବହେଳା ଯୋଗୁ ଫରେଷ୍ଟର ହରିଶ ଚନ୍ଦ୍ର ଜେନା ଓ ଫରେଷ୍ଟ ଗାର୍ଡ ସବିତା କିଷାନଙ୍କୁ ନିଲମ୍ବନ କରାଯାଇଛି। ରାଉରକେଲା ବନଖଣ୍ଡ ଅଧିକାରୀ ସଞ୍ଜୟ ଚନ୍ଦ୍ର ସ୍ୱାଇଁ ରାଜଗାଙ୍ଗପୁର ରେଞ୍ଜର ଚନ୍ଦ୍ର ଶେଖର ଗଡ଼ନାୟକଙ୍କୁ କାରଣଦର୍ଶାଅ ନୋଟିସ ଜାରି କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ମାଲୁପଡ଼ା ଗ୍ରାମ ନିକଟସ୍ଥ ଜଙ୍ଗଲରେ ଗତମାସ ୧୨ ☞ପୃଷ୍ଠା–୧୩

ହାତୀକୁ ଖାଲରେ ପୋଡ଼ାଯାଉଛି।

- ଜଣେ ଗିରଫ, ୨ ବନ କର୍ମଚାରୀ ନିଲମ୍ବିତ
- ରେଞ୍ଜରଙ୍କୁ କାରଣ ଦର୍ଶାଅ ନୋଟିସ

ଆପଣଙ୍କ ଏହି କପି ସହିତ ପାଇବେ ପିଲାଙ୍କ ଧରିତ୍ରୀ

ହକର ଭାଇଙ୍କଠାରୁ ମାଗି ନିଅନ୍ତୁ

ଆଜିର ସମ୍ପାଦକୀୟ

ଡୋଭାଲଙ୍କ ହାତମୁଠା ଟାଣ

ଆଜିର ମନ୍ତବ୍ୟ

ପିଲାଙ୍କୁ କେବଳ ଜ୍ଞାନ ନୁହେଁ, ବରଂ ସତ୍ୟ କଥାର ମୂଲ୍ୟବୋଧ ହୃଦୟଙ୍ଗମ କରାଇବା ଉଚିତ ।
– ରାଜନାଥ ସିଂ, ସ୍ୱରାଷ୍ଟ୍ରମନ୍ତ୍ରୀ

କିଛି ତଥ୍ୟ

ଚଳିତ ବର୍ଷ ସେପ୍ଟେମ୍ବରରେ ଦେଶର ବାଣିଜ୍ୟିକ ବ୍ୟାଙ୍କଗୁଡିକ ସେବା କ୍ଷେତ୍ରକୁ ପ୍ରଦାନ କରୁଥିବା ଅଗ୍ରିମରେ ୨୪%କୁ ବୃଦ୍ଧି ଘଟିଛି। ଏହା ଗତ ବର୍ଷ ସମାନ ସମୟରେ ୭% ରହିଥିଲା।
–ଆର୍‌ବିଆଇ

ଅନିବାର୍ଯ୍ୟ କାରଣବଶତଃ କ୍ୟାରିୟର ସମ୍ପର୍କିତ ଲେଖା ପ୍ରକାଶ ପାଇପାରୁନାହିଁ।

Pitambari®
ଛଅଟି ଧାତୁକୁ ଚିକ୍‌ଚିକ୍ କରେ!
The Original & No.1 Brand
NEW Pitambari Shining Powder
Pleasant Fragrance 200 g
Extra Power for 6 Metals Now for Steel also
STEEL
COPPER BRASS ALUMINIUM IRON SILVER
An ISO 9001:2008 Registered Company
ତମ୍ବା ପିତ୍ତଳ ଏଲମୁନିୟମ୍ ଆଇରନ୍ ସିଲଭର ଷ୍ଟିଲ୍
Pitambari Products Pvt. Ltd. : Thane: 022-67035555, CRM No.: 022- 6703 5564, 5699,
Orissa: 7752023380, 7752023383, CIN : U24239MH1989PTC051314, Toll Free: 180030701044
Now Shop Online On : www.pitambari.com/shop & www.amazon.in

इस दिवाली
शोर नहीं, संगीत
SAREGAMA CARVAAN™
5000 पुराने गानो का एक नया तोहफा

TATA MOTORS
Connecting Aspirations
TATA 150
ଟାଟା ମୋଟର୍ସ ସହିତ ଆପଣଙ୍କ ପାର୍ବଣ ଅବସରକୁ ଆଲୋକିତ କରନ୍ତୁ।
ଯେକୌଣସି ଟାଟା କାର୍ କ୍ରୟ ଉପରେ ଆଶ୍ୱାସିତ ଉପହାର ଜିତନ୍ତୁ।
FESTIVAL OF GIFTS
SCRATCH & WIN
₹ 1 ଲକ୍ଷ* ମୂଲ୍ୟର ସୁନା
ପ୍ରତି ସପ୍ତାହରେ ଏକ ଟାଟା ଟିଗୋର ଜିତିବାର ସୁଯୋଗ ପାଆନ୍ତୁ *

Models	Hexa	Tigor	Tiago	Nexon
Ex-Showroom price starts at	₹12.57 Lakh*	₹5.30 Lakh*	₹4.24 Lakh*	₹6.40 Lakh*
November benefits up to	₹1,00,000*	₹70,000*	₹40,000*	₹55,000*

EXCHANGE THROUGH TATA MOTORS ASSURED
ଡ଼ାକ୍ତର, ସରକାରୀ, କର୍ପୋରେଟ ଓ ସିଏସ୍‌ଡ଼ିଙ୍କ ପାଇଁ ସ୍ପେଶାଲ ଅଫର
Authorised TATA Motors Dealers:
BALANGIR: Laxmi Sales & Service- 8884498972
BARGARH: Laxmi Sales & Service 8884498972
BHAWANIPATNA: Laxmi Sales & Service 8448994722
BOUDH: Monalisha Motors 8884498968
JHARSUGUDA: Maa Samaleshwari Automobiles- 7574891501
SAMBALPUR: Maa Samleswari Auto- 7574891501
SONEPUR: Maa Samaleshwari Automobiles-7574891501
ROURKELA: Balaram Motors 8884498974
SUNDARGARH: Balaram Motors 8884498974
Offer valid on select model/colour and on available stocks at Tata Motors authorized dealerships. Benefits include insurance, exchange bonus, savings due to expected price hike, corporate offers & cash discounts if any. Images and illustrations are indicative & for information purposes only. All features/specifications are not available in all variants & may vary for different variants. Accessories may or may not be a part of standard fitment. Finance is at the sole discretion of the Financier. Price is Ex-showroom Bhubaneswar.
*All disputes and decisions regarding Festival of Gifts are at the sole discretion of Tata Motors Ltd. and Channel Play Ltd. Terms & Conditions apply.

Upto 55%* Off
SEASONAL OFFER
ADDITIONAL 10%
· Valid 1st-7th Nov 18 ·
Jacky Bedroom Package
Special Price ₹1,23,195/- ₹79,995/-
Queen Full Lift On Bed
+
Sliding Wardrobe
+
Bedside Table
Bedroom Packages Starting From ₹29,995/-*
Tv Units Starting From ₹4,850/-*
Sofas Starting From ₹33,825/-*
Coffee Table Starting From ₹4,395/-*
STYLESPA furniture
Live Smart
*CONDITIONS APPLY
SAMBALPUR: Plot No.2572 (G+1st Floor), Golebazar, Near Pirbaba Chowk & Bhubaneshwari Temple. Ph: 0663-2532121 93370 04051 / 98615 84713 | BHUBHANESHWAR: 1st Floor, SCR Plot No.26, Bapuji Nagar, Janapath. Ph: 0674-2597190 93370 3866 / 94371 67283 | ANGUL: Beside Hotel Prasanthi, NH-55, Turang. Ph: 78539 25775 / 99370 68960
For franchise enquiries contact: 9337038666 / 9437167283



ଗେରୁଆ ବସ୍ତ୍ର ପିନ୍ଧି, ମୁଣ୍ଡ ଲଣ୍ଡାକରି କେହି ସନ୍ନ୍ୟାସୀ ହୋଇଯାଏ ନାହିଁ। ଯେଉଁ ବ୍ୟକ୍ତି ସକଳ କାମନା ପରିତ୍ୟାଗ କରିପାରିଛି ସେ ହିଁ କେବଳ ସନ୍ନ୍ୟାସୀ।
- ସତ୍ୟସାଇବାବା

ଜନ୍ମଦିନର ଶୁଭେଚ୍ଛା

ନାମ: .....
ବୟସ:.....
ଜନ୍ମ ତାରିଖ: .....

ସାୟେଶା
ପରିବାରବର୍ଗ

ଜାଗୃତି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

classified

real estate

SALE

Litigation free plots near Xavier University backside BDA Zone, Bhubaneswar. Sqft.- 250/-, 160/-. 9337259012, 9937746907. D-64343

3BHK ready to move Premium Duplex at DHPL Sahoo Residency near Mancheswar Railway Station. Contact 9937059891, 9 3 4 8 2 5 3 4 6 3 , 8908292617. D-9237

ଭୁବନେଶ୍ୱର- ହଂସପାଳ ସୁଧାନନ୍ଦ କଲେଜ ପାଖରେ ଘରବାରି ବାଉଣ୍ଡାରି ପ୍ଲଟ୍ 6,36,000/-ରେ ବିକ୍ରିହେବ। 9437003399, 9437240295. D-64352

Bhubaneswar AIIMS Hospital, DOON/ NMIT College front gharabari plot. 9439206202. D-64351

ଭୁବନେଶ୍ୱର KEC, ଗୁଡିଆ- ପୋଖରୀଠାରେ 30ft road ଥାଇକି ଅଗ୍ରିମ boundary wall electry, gharabari patta, Temple, ନାମଫଳକ ସହ sqft. Rs. 600ରେ ଦିଆଯାଉଅଛି। 7008045582, 9078967488. D-9147

ଖୋର୍ଦ୍ଧା Jupiter +2 science କଲେଜକୁ ଲାଗି ଘର ଉପଯୋଗୀ ପ୍ଲଟ ମିଳୁଅଛି। 9583032439. D-64359

Book SC plots at Patia Bhubaneswar walkable distance from Patia Station immediate possession/ registration. 6371034524. D-64357

1BHK, studio apartment at Mangalahat Square, Puri (Immediate rent after possession). Mobile: 9040089507 9040089501. D-58001

First boundary then registration with yellowzone plot at Trisulia. Rs. 750/- (per sqft.) Contact: 7873739444, 9938308889. D-9200

2/3 BHK ready to move flats for sale at DHPL Pride, Ghatikia near DAV Kalinga Nagar, starting at Rs.32 lakhs Contact: 9937059891, 9 3 4 8 2 5 3 4 6 3 , 8908292617. D-9236

Gharabari plot 1560 sqft. behind Utkal Hieghts for sale, BBSR. 7327095483. D-9190

Booking simplex 2BHK 1200 sqft. Tankapani road Sai Temple 26,19,000/-. 7735738102. D-9215

Gharabari plot sale, Bhubaneswar at Tankapani road near Jagannath Ashram with boundary, gate 100% litigation free, 5040 sqft. Conatct: 8658200215, 7978850899. D-9176

Bhubaneswar NH- side Janla ପାଖରେ boundary plot ବିକ୍ରିହେବ। 9438859527, 9853333043. D-9213

ଭୁବନେଶ୍ୱର ନୂଆଗାଁ ପେଟ୍ରୋଲଟାଙ୍କି ନିକଟରେ ୧୮୦୦ ସ୍କୋୟାରଫୁଟ ଘରବାରି ପ୍ଲଟ ବିକ୍ରିହେବ। 9437287595. D-9174

Ready 1R, 1BR, 2BR, 3BR flats (10 to 30) lakhs near Seabeach Puri. 9776080988, 9437493502. D-63925

ସୁନ୍ଦରପଦା ହାଇଟେକ୍ ପ୍ଲାଜା ପାଖରେ ଘରବାରି ପଜେସନ୍ ପ୍ଲଟ sqft.- 1070ରେ plot ମିଳୁଛି। 9348230669. D-64364

ସୁନ୍ଦରପଦା- ଜଟଣୀରୋଡରେ Xavier University ପାଖରେ investment ଉପଯୋଗୀ ସ୍ଥିତିବାନପ୍ଲଟ low costରେ ମିଳୁଅଛି। First possession then registration. 8847851850. D-64362

କେଶୁରାରେ ଘରବାରି plot sqft. 1000/-ରେ immediate ଘରକରି ରହିବା ପାଇଁ ମିଳୁଛି। 9178031478. D-64631

Khordha Malipada National Highway road ପାଖରେ opposite of Bhubaneswar Engineering College boundary ସହିତ 2000 sqft. plot ବିକ୍ରିହେବ। 9178031478. D-64632

Booking flats 2BHK, 3BHK in 1160 sqft. and 1320 sqft. Patrapada BMC Mall 3500/- sft. Broker Excuse. 9176647692. D-9228

PURCHASE

Required urgently 1/2/3/4 BHK simplexes, duplexes, flats for exclusive marketing. Bhubaneswar. 07750085903. D-9214

construction

Construct your building in finished house contact: 9937064680. D-27282

For construction of residential/ commercial buildings. Please Conatct: 7008268129, 9439143273. D-62134

to-let

Office, Bank or commercial, 2400 sqft., Plot No.- 661, Bank Chhak, Mahanadivihar, Mobile: 9437226804, 7978603239, 9439826980, 7978316627. D-9239

packers & movers

Samal Packer Movers provide household shifting in reasonable price. 9437035016. D-63864

healthcare

Sonali ayuvedic full body massage/ smart lady expert therapist best facility. 9661643016, 9006760945, 9631368840, 7352469289. D-9036

Madam Monalisa massage club-50% discount full body massage by hiprofile smart lady therapist. 9708545108. D-9167

New new openeing full body massage ladies, gents. 7438851534, 7609923705. D-38540

business

Contact for Tissue Culture Banana plants. 9853429105, 7377162775. D-9227

LOST

ମୁଁ ଶ୍ରୀ ମନୋଜ କୁମାର ମଲିକ, ବୟସ- ୩୨ ବର୍ଷ, ପିତା- ବଟକୃଷ୍ଣ ମଲିକ, ସା- ବୈଦିମାଳ, ସାମିଲ୍- ଚଣ୍ଡିଆଗଡ଼ି, ପୋ- ମାଳପାଟଣା, ଥାନା- ଆଳି, ଜିଲ୍ଲା- କେନ୍ଦ୍ରାପଡ଼ା ଗତ ୧୯।୧୦।୧୮ ତାରିଖ ସନ୍ଧ୍ୟାରେ ଆଳି ନୂଆବଜାରକୁ ଜେରକ୍ସ କରିବାକୁ ନେଇଥିବା ପଙ୍ଖା ଓ କବଲା ହଜିଯାଇଛି। ମୋର ଓରିଜିନାଲ ପଙ୍ଖା ଖାତା ନମ୍ବର ୯୦୩/୨୫୪, ପ୍ଲଟ୍ ନମ୍ବର ୧୭୭୩, ମୌଜା- ଚଣ୍ଡିଆଗଡ଼ି ଓ କବଲା ନମ୍ବର ୧୦୮୬ କେଉଁଠାରେ ହଜିଯାଇଛି। ଏହି ଘୋଷଣା କରୁଛି କି ଏହା ଦରକାର ବେଳେ କର୍ମରେ ଆସିବ। ମନୋଜ କୁମାର ମଲିକ, ବୈଦିମାଳ, ଚଣ୍ଡିଆଗଡ଼ି, ଆଳି, କେନ୍ଦ୍ରାପଡ଼ା। ଧ-୯୨୩୮

AFFIDAVIT

By virtue of an affidavit sworn before the Executive Magistrate, Bhubaneswar on dated 26th October, 2018. I have changed my name from Dhrubendranath Soren to Rakesh Soren. Henceforth, I shall be known as Rakesh Soren for all purpose. D-65046

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

'ସୁନ୍ଦରୀ' ଧରା ଅଭିଯାନ

'ଯୋଶୀଦା'ର ସହାୟତା ନେବ ବନ ବିଭାଗ

ଭୁବନେଶ୍ୱର, ୨।୧୧(ବ୍ୟୁରୋ)/ବକ୍ତଳା(ଡି.ଏନ୍.ଏ.)/ବାରଙ୍ଗ(ଡି.ଏନ୍.ଏ.)

ସାତକୋଶିଆରେ ବାଘୁଣୀ 'ସୁନ୍ଦରୀ'କୁ ଟ୍ରାଙ୍କୁଲାଇଜ କରି ଧରିବା ପାଇଁ ବନ ବିଭାଗର ୩ଟି ଟିମ୍ ବିଫଳ ହୋଇଛନ୍ତି। ସୁନ୍ଦରୀ ଜଙ୍ଗଲ ଭିତରେ ଲୁଚି ଯାଉଥିବାରୁ ତା'କୁ ହାତୀ ଉପରେ ବସି ଟ୍ରାଙ୍କୁଲାଇଜ କରାଯିବାକୁ ବନ ବିଭାଗ ନିଷ୍ପତ୍ତି ନିଷ୍ପତ୍ତି ନେଇଛି। ତେଣୁ 'ସୁନ୍ଦରୀ'କୁ ଧରିବା ପାଇଁ ଚନ୍ଦକାରୁ 'ଯଶୋଦା' ଓ 'ନନ୍ଦ' ହାତୀକୁ ନିଆଯିବ। 'ସୁନ୍ଦରୀ'କୁ ଧରିବା ପାଇଁ ପ୍ରଥମେ ଚନ୍ଦକା ଗୋଡ଼ିବାରାରେ ଥିବା କୁମ୍କି ହାତୀ 'ଯଶୋଦା'କୁ ନିଆଯାଇଛି। ଶୁକ୍ରବାର ରାତିରେ ଏକ ସ୍ୱତନ୍ତ୍ର ଗାଡ଼ିରେ 'ଯଶୋଦା'କୁ ସାତକୋଶିଆ ନିଆଯାଇଛି। ଯଶୋଦା ସହିତ ୪ମାହୁନ୍ତ ଓ ବନ କର୍ମଚାରୀ ଯାଇଛନ୍ତି। ଶନିବାର ଟ୍ରାଙ୍କୁଲାଇଜର ଟିମ୍ 'ଯଶୋଦା' ଉପରେ ବସି ବାଘୁଣୀକୁ ଖୋଜିବ। ପରବର୍ତ୍ତୀ ସମୟରେ 'ନନ୍ଦ' ହାତୀକୁ ନିଆଯିବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ମିଳିଛି। ଶୁକ୍ରବାର ରାତ୍ରି ସୁଦ୍ଧା ସୁନ୍ଦରୀ ପୁରୁଣାକୋଟର ମଝିପଡ଼ା ସଂରକ ଜଙ୍ଗଲର ଗୁଡ଼ଭଙ୍ଗା ନାଳ ନିକଟରେ ଥିବା ଜଣାପଡ଼ିଛି।

ପରବର୍ତ୍ତୀ ସମୟରେ ଯିବ 'ନନ୍ଦ'



ଅଚ୍ୟୁତାନନ୍ଦଙ୍କ ମୃତ୍ୟୁରେ ଦୁଃଖ ପ୍ରକାଶ କଲେ ମାଓବାଦୀ

ମାଲକାନଗିରି, ୨।୧୧(ଡି.ଏନ.ଏ.)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ଦାନ୍ତେୱାଡ଼ା ଜିଲା ଅରନପୁର ନିକଟରେ ଗତ ୩୦ରେ ମାଓବାଦୀଙ୍କ ଆକ୍ରମଣରେ ଦୂରଦର୍ଶନର ଓଡ଼ିଆ କ୍ୟାମେରାମ୍ୟାନ ଅଚ୍ୟୁତା ନନ୍ଦ ସାହୁଙ୍କ ମୃତ୍ୟୁ ହୋଇଥିଲା। ଏହି ଘଟଣାରେ ମାଓବାଦୀ ସଙ୍ଗଠନ ଦୁଃଖ ପ୍ରକାଶ କରିଛି। ଛତିଶଗଡ଼ରେ ବିଧାନସଭା ନିର୍ବାଚନ ଏକ ମିଥ୍ୟା ନିର୍ବାଚନ ବୋଲି ମାଓବାଦୀ ସଙ୍ଗଠନ ଅଭିହିତ କରିଛି। ନିର୍ବାଚନକୁ ଦୃଷ୍ଟିରେ ରଖି ଛତିଶଗଡ଼ରେ ବହୁ ସଂଖ୍ୟକ ପୋଲିସ ମୁତୟନ କରାଯାଇଛି। ଏଥିସହ ସେଠାକାର ପୋଲିସ ପ୍ରତିଦିନ ମିଥ୍ୟା ଆତ୍ମ ସମର୍ପଣ ଓ ଗିରଫଦାରି ନାଟକ ରଚି ଗଣମାଧ୍ୟମ ସମ୍ମୁଖରେ ନିରୀହ ଲୋକଙ୍କୁ ଦେଖାଉଥିବା ସଙ୍ଗଠନ ଅଭିଯୋଗ କରିଛି। ପୋଲିସର ଏହି ଆଭିମୁଖ୍ୟ ବିରୋଧରେ ଅରନପୁର ନିକଟରେ ମାଓବାଦୀ ସଙ୍ଗଠନ ପକ୍ଷରୁ ଆମ୍ବୁସ ଲଗାଯାଇଥିଲା। ଏହି ସମୟରେ ଦୂରଦର୍ଶନ ଟିମ୍ ପୋଲିସ ସହ ଥିବା ତାଙ୍କ ସଙ୍ଗଠନକୁ ସୂଚନା ମିଳି ନ ଥିଲା ବୋଲି ଏହି ପ୍ରେସ ବିଜ୍ଞପ୍ତିରେ କୁହାଯାଇଛି। ଗଣମାଧ୍ୟମର ପ୍ରତିନିଧିମାନେ ମାଓବାଦୀ ସଙ୍ଗଠନର ଶତ୍ରୁ ନୁହନ୍ତି, ବରଂ ସେମାନେ ମିତ୍ର ବୋଲି ସେମାନେ ପ୍ରକାଶ କରିଛନ୍ତି। ଏଥିସହ ଅଚ୍ୟୁତାନନ୍ଦଙ୍କ ମୃତ୍ୟୁରେ ସିପିଆଇ ମାଓବାଦୀ ଦରଭା ଡିଭିଜନ କମିଟିର ସଚିବ ସାଇନାଥ ଦୁଃଖ ପ୍ରକାଶ କରିଛନ୍ତି। ନିର୍ବାଚନ ସମୟରେ କୌଣସି କର୍ମଚାରୀ କିମ୍ବା ଗଣମାଧ୍ୟମ ପ୍ରତିନିଧି ପୋଲିସ ସହ ନ ଯିବାକୁ ସେ ପରାମର୍ଶ ଦେଇଛନ୍ତି। ଛତିଶଗଡ଼ ବିଧାନସଭା ନିର୍ବାଚନକୁ ବର୍ଜନ କରିବାକୁ ସେ ଆହ୍ୱାନ ଦେଇଛନ୍ତି।

ଐଶ୍ୱର୍ଯ୍ୟାଙ୍କୁ ଛାଡ଼ପତ୍ର ଦେବେ ତେଜପ୍ରତାପ

ପାଟନା,୨।୧୧(ପି.ଟି.)

ବିବାହକୁ ମାତ୍ର ୬ ମାସ ହୋଇଛି। ଏବେ ଏହି ବନ୍ଧନରୁ ମୁକ୍ତ ହେବାକୁ ଚାହୁଁଛନ୍ତି ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ଲାଲୁପ୍ରସାଦ ଯାଦବଙ୍କ ପୁଅ ତେଜପ୍ରତାପ ଯାଦବ। ସ୍ତ୍ରୀ ଐଶ୍ୱର୍ଯ୍ୟାଙ୍କ ସହ ସମ୍ପର୍କ ତୁଟାଇବା ଲାଗି ଶୁକ୍ରବାର ଏକ କୋର୍ଟରେ ସେ ଛାଡ଼ପତ୍ର ଆବେଦନ କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଐଶ୍ୱର୍ଯ୍ୟାଙ୍କ ସହ ମନୋମାଳିନ୍ୟ ଯୋଗୁ କିଛିଦିନ ପୂର୍ବେ ତେଜପ୍ରତାପ ଛାଡ଼ପତ୍ର ଆବେଦନ କରିବାକୁ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। କିନ୍ତୁ କୋର୍ଟ ତାହାକୁ ଅଗ୍ରାହ୍ୟ କରିଦେଇଥିଲେ। ତେଣୁ ଶୁକ୍ରବାର ସେ ସାନି ପିଟିଶନ ଦାଏର କରିଛନ୍ତି। ତେଜପ୍ରତାପଙ୍କ ଛାଡ଼ପତ୍ର ଖବର ପ୍ରସାର ହେବା କ୍ଷଣି ୧୦ ସର୍କୁଲାର ରୋଡ୍‌ସ୍ଥିତ ଲାଲୁଙ୍କ ସ୍ତ୍ରୀ ରାବ୍ରୀ ଦେବୀଙ୍କ ବାସଭବନ ଆଗରେ ଖବରଦାତାଙ୍କ ଭିଡ଼ ଜମିଥିଲା। କିନ୍ତୁ ପରିବାରର କୌଣସି ସଦସ୍ୟ ଏନେଇ ମୁହଁ ଖୋଲୁ ନାହାନ୍ତି। ସନ୍ଧ୍ୟାରେ ରାବ୍ରୀଙ୍କ ଘରକୁ ଐଶ୍ୱର୍ଯ୍ୟା ଓ ତାଙ୍କ ବାପା ଚନ୍ଦ୍ରିକା ରାୟ ଯାଇଥିଲେ। ସେମାନେ ମଧ୍ୟ କୌଣସି ପ୍ରତିକ୍ରିୟା ପ୍ରକାଶ କରିନାହାନ୍ତି। ପରେ ଐଶ୍ୱର୍ଯ୍ୟା ଏବଂ ଚନ୍ଦ୍ରିକା ରାଜ୍ୟ ସଭା ସଦସ୍ୟ ମିସା ଭାରତୀଙ୍କ ନିକଟକୁ ଯାଇଥିଲେ। ଲାଲୁ ଏବେ ଜେଲ୍‌ରେ ଥିବାବେଳେ ତାଙ୍କ ପରିବାରରେ ଏସବୁ ଘଟିଚାଲିଛି। ପ୍ରକାଶ ଯେ, ଗତ ମେ ୧୨ରେ ପାଟନାରେ ମହା ଆଡ଼ମ୍ବରରେ ତେଜପ୍ରତାପ ଏବଂ ଐଶ୍ୱର୍ଯ୍ୟାଙ୍କ ବିବାହ ସମ୍ପନ୍ନ ହୋଇଥିଲା। ନିଜଠାରୁ ଶିକ୍ଷାଗତ ଯୋଗ୍ୟତା କମ୍ ଥାଇ ସୁଦ୍ଧା ତେଜପ୍ରତାପଙ୍କୁ ସ୍ୱାମୀ ଭାବେ ଗ୍ରହଣ କରିଥିଲେ ଐଶ୍ୱର୍ଯ୍ୟା। ବିବାହ ପରେ ସାନଭାଇ ତେଜସ୍ୱୀ ଯାଦବଙ୍କ ସହ ତେଜପ୍ରତାପଙ୍କ ମନୋମାଳିନ୍ୟ ମଧ୍ୟ ବଢ଼ିଯାଇଛି। ଏଥିପାଇଁ କ୍ଷମତା କନ୍ଦଳ ସମେତ ଐଶ୍ୱର୍ଯ୍ୟ ମଧ୍ୟ ଦାୟୀ ବୋଲି କୁହାଯାଉଥିଲା।

ମନେ ପଡ଼ନ୍ତି

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତା ଶାନ୍ତିଲତା ବେହେରା

ଗ୍ରାମ- ଝାରପଡ଼ା, ଭୁବନେଶ୍ୱର
ଆବିର୍ଭାବ: ୩୦।୦୧।୧୯୬୬
ତିରୋଧାନ: ୧୯।୧୦।୨୦୧୮

ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ। ଶୋକସନ୍ତପ୍ତ: ସ୍ୱାମୀ- ଗନ୍ଧର୍ବ ବେହେରା, ପୁତ୍ର- ସନ୍ଦୀପ, ପ୍ରଦୀପ, ଝିଅ- ଲିଜା। ଧ-୯୨୨୬

ଏକାଦଶାହ ଉପଲକ୍ଷେ

ସ୍ୱର୍ଗତ କାହ୍ନୁଚରଣ ଓଝା

ଗୋପାଳପୁର, ଚୈନିପୁର, ଯାଜପୁର ଟାଉନ୍
ଆବିର୍ଭାବ: ୦୭।୧୧।୧୯୪୦
ତିରୋଧାନ: ୨୪।୧୦।୨୦୧୮

ତୁମର ଆଦର୍ଶ, ଶାନ୍ତସରଳ ସ୍ୱଭାବ, ଶ୍ରଦ୍ଧା, ସତ୍‌ଶିକ୍ଷା, ସହିଷ୍ଣୁତା, ଆମ୍ଭମାନଙ୍କର ଚିରସ୍ମରଣୀୟ ଓ ପଥପ୍ରଦର୍ଶକ ହୋଇ ରହିବ। ଆଜିର ଏକାଦଶାହ ତିଥିରେ ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ। ଶୋକସନ୍ତପ୍ତ: ହତଭାଗିନୀ ଧର୍ମପତ୍ନୀ, ଝିଅ ଓ ଜ୍ୱାଇଁ: ଚୁନି-ଦୟା, ଜୁନି-ମଧୁ, ଇନୁଆ-ଭବାନୀ, ପୁତ୍ର ଓ ପୁତ୍ରବଧୂ: ବାବୁ-ନିଧି, ଟୁଲୁ-ଝୁନୁ, ମୁନା-ମୁନୀ, ମିଇନ୍-ଝିଲି, ନାତିନାତୁଣୀ: ବଣ୍ଟି, ଚିକୁ, ଖିକୁ, ପିକୁ, ଇଭା, ଗୁଡି, ସୁଜଲ, ଲିଟିଲ, ପୁନୁ, ଖୁସି ଏବଂ ଆତ୍ମୀୟସ୍ୱଜନବୃନ୍ଦ। ଧ-୬୪୬୩୫

ଶ୍ରଦ୍ଧାଞ୍ଜଳି

ଦ୍ୱାଦଶାହ ଉପଲକ୍ଷେ



ୱ ସୁକାନ୍ତ କୁମାର ଦାଶ

୧୯୫୨-୨୦୧୮
ମହିଧରପଡ଼ା, କଟକ

ତୁମର ଅନୁପସ୍ଥିତି ଆମ୍ଭେମାନେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମର ଆଶିର୍ବାଦ ଭରାହାତ ସଦା ଥାଉ ଆମ ଉପରେ। ଆଜି ଦିନରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଦ୍ୱାଦଶାହ ଅବସରରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।

ଶୋକ ସନ୍ତପ୍ତ :
ପତ୍ନୀ-ମନୋରମା, ପୁତ୍ର- ସତ୍ୟେନ , ଝିଅ-ଚନ୍ଦ୍ରର ଶ୍ୱେତା, ଜ୍ୱାଇଁ ସନତ, ବୋହୂ- ଜସ୍ମିତା, ଏକମାତ୍ର ନାତୁଣୀ ଜାହ୍ନବୀ, ଦୁଇ ଭାଇ, ତିନି ଭଉଣୀ, ବନ୍ଧୁ ଏବଂ ପ୍ରିୟଜନ।

ଧ-୯୨୪୧

ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତ କବିରାଜ କୃଷ୍ଣଚନ୍ଦ୍ର ତ୍ରିପାଠୀ ଶର୍ମା

କବିରାଜ ଭବନ, ଆସିକା, ଗଞ୍ଜାମ
ଆବିର୍ଭାବ: ମହାଶିବରାତ୍ରି, ୧୯୧୪
ତିରୋଧାନ: କାର୍ତ୍ତିକ କୃଷ୍ଣପକ୍ଷ ଏକାଦଶୀ, ୨୦୦୭

ଆପଣଙ୍କ ଆଦର୍ଶ ଆମମାନଙ୍କର ପାଥେୟ। ଶୋକସନ୍ତପ୍ତ: ପୁତ୍ର- ପ୍ରଶାନ୍ତ, ବୋହୂ-ବିଜୟଲକ୍ଷ୍ମୀ, ଝିଅ-ରଞ୍ଜିତା, ଜ୍ୱାଇଁପୁଅ-ଏନ୍.ସି. ପାଢୀ ଓ ବନ୍ଧୁବର୍ଗ। ଧ-୯୨୪୦

୪ର୍ଥ ଶ୍ରାଦ୍ଧବାର୍ଷିକୀ

ସ୍ୱର୍ଗତ ଭୁବନେଶ୍ୱର ହୋତା (ଶିକ୍ଷକ)

୧୯୩୮ ସାଲ- କମାଶାସନ

କେତେ ସ୍ନେହ ଢାଳୁଥିଲ ଆପଣା ଶିରରେ, ସେଥିପାଇଁ ଲୁହ ଝରେ ସବୁରି ଆଖିରେ, କର୍ମ ହିଁ ଭଗବାନ, ଆପଣଙ୍କ ଏହି ମନ୍ତ୍ର ହିଁ ଆମର ପ୍ରେରଣା। ଶୋକସନ୍ତପ୍ତ: ପୁତ୍ର- ଗଦାଧର, ବିୟାଧର, ଭାଇ- ରବିନାରାୟଣ, ବନ୍ଧୁ ଓ ପରିବାରବର୍ଗ। ଧ-୬୪୦୧୮

Your Classified Advertisement published in Dharitri will be listed free in Dharitri Online Edition: **www.dharitri.com**

ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

ମେଷ

ଆଜି ବୁଧ ଶନିଙ୍କ ନକ୍ଷତ୍ରରେ ରହିଥିବାରୁ ଭାଇ, ବନ୍ଧୁ, ନିକଟ ସମ୍ପର୍କୀୟ କିମ୍ବା ଆତ୍ମୀୟମାନଙ୍କ ସାହାଯ୍ୟରୁ ଅର୍ଥ ପାଇବେ। କର୍ମକ୍ଷେତ୍ରରେ ସ୍ଥଗିତ କାମକୁ ପୂରା ଦମରେ କରିବାପାଇଁ ନିଷ୍ପତ୍ତି ନେଇପାରନ୍ତି। ଆଜି ବିବାଦୀୟ ଘଟଣାରେ କୌଣସି ନିର୍ଦ୍ଦିଷ୍ଟ ପକ୍ଷକୁ ସମର୍ଥନ କରିବା ଠିକ୍ ହେବ ନାହିଁ। କ୍ରୀଡା, ଚଳଚ୍ଚିତ୍ର, ସାହିତ୍ୟ,କଳା କ୍ଷେତ୍ରରୁ ପ୍ରଶଂସିତ ହେବେ।

ବୃଷ

ସପ୍ତମାଧିପ ମଙ୍ଗଳ ଧନିଷ୍ଠା ନକ୍ଷତ୍ରସ୍ଥ ହେତୁ ଗତକାଲି ଠାରୁ ସ୍ଥିର କରିଥିବା ଆଜିର ପ୍ରତ୍ୟୁଷ ଯାତ୍ରା ପ୍ରୀତିପ୍ରଦ ରହିବ। ସତର୍କତା ଅଭାବରୁ ଅତି ଭଲ ସମ୍ପର୍କ ଥିବା ବନ୍ଧୁଙ୍କ ସହ ଭୁଲ୍ ବୁଝାମଣା ଘଟିପାରେ। ଅଫିସରେ କେତେକ ଦିଗରୁ ଚାପର ସମ୍ମୁଖୀନ ହେବାକୁ ପଡିପାରେ। ସଭାସମିତିରେ ସମ୍ମାନନୀୟ ବ୍ୟକ୍ତି ବିଶେଷ ସହାୟତା କରିପାରନ୍ତି।

ମିଥୁନ

ରାହୁ ନକ୍ଷତ୍ରସ୍ଥ ରବିଙ୍କ କାରଣରୁ ଦିନଟିରେ ବନ୍ଧୁ ଗହଣରେ ବେଶି ସମୟ କଟିଲେ ମଧ୍ୟ ଘରର ଅଶାନ୍ତିମନକୁ ଭାରାକ୍ରାନ୍ତ କରିରଖିବ। ବହୁତ ଦିନରୁ ଚେଷ୍ଟା କରିମଧ୍ୟ ପାଇ ନ ଥିବା ପ୍ରାପ୍ୟଧନ ଆଜି ସନ୍ଧ୍ୟାରେ ପାଇବେ। ସମ୍ପର୍କୀୟ ବ୍ୟକ୍ତିମାନଙ୍କ ସକାଶେ ଭ୍ରମଣ ଓ କାର୍ଯ୍ୟସିଦ୍ଧି ଯୋଗୁ ମନ ପ୍ରଫୁଲ୍ଲିତ ହେବ। ଶିଳ୍ପ, ବ୍ୟବସାୟ ଓ ପରିବହନ ପାଇଁ କୌଣସି ସମସ୍ୟା ରହିବ ନାହିଁ।

କର୍କଟ

ଭାଗ୍ୟାଧିପ ବୃହସ୍ପତି ଏକାଦଶ ସ୍ଥାନକୁ ଦେଖୁଥିବାରୁ ସାମଗ୍ରିକ ଦୃଷ୍ଟିକୋଣରୁ ଦିନଟି ଭଲରେ ଭଲରେ ଅତିବାହିତ ହେବ। ଆପଣଙ୍କ କାର୍ଯ୍ୟଦକ୍ଷତାର ପ୍ରଶଂସା କରି ବନ୍ଧୁମାନେ ସାହାଯ୍ୟ କରିବାକୁ ଆଗେଇ ଆସିବେ। ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। କଚେରି ମାମଲା, ଜମିଜମା ସମ୍ପର୍କୀୟ ବିବାଦୀୟ ଘଟଣାରେ ବିଜୟୀ ହେବେ।

ସିଂହ

ଅଷ୍ଟମାଧିପ ଗୁରୁଙ୍କ କୁପ୍ରଭାବରେ ପାରିବାରିକ କ୍ଷେତ୍ରରେ ବିଭିନ୍ନ ସମସ୍ୟା ବିଷୟରେ ଚିନ୍ତା କରି ମନ ଭଲ ରହିବ ନାହିଁ। ପରିବହନ, ବ୍ୟବସାୟରେ ମାନମନାନ୍ତର ଦେଖା ଦେଇପାରେ। ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ, ଯାହାକି ନିଜ ପାଇଁ କ୍ଷତିର କାରଣ ହେବ। ଅବଶ୍ୟ ପୂର୍ବ ପ୍ରସ୍ତୁତିକ୍ରମେ ବନ୍ଧୁମିଳନ ଓ ଦୂର ଯାତ୍ରା କରିପାରନ୍ତି।

କନ୍ୟା

ଶନିଙ୍କ ପ୍ରଭାବରେ ପ୍ରତ୍ୟେକ କାମ ସମସ୍ୟା ବିଜଡିତ ସାଙ୍ଗକୁ ବହୁତ ବିଳମ୍ବରେ ହେଉଥିବାରୁ କ୍ରମଶଃ ବ୍ୟସ୍ତତା ବଢିଯିବ। ବନ୍ଧୁ କିମ୍ବା ଆତ୍ମୀୟଙ୍କ ଦୁଃଖିତ ମନକୁ ସାନ୍ତ୍ୱନା ଦେବାକୁ ଯାଇ ପରିବାରରେ ଦ୍ୱନ୍ଦ୍ୱ ଲାଗିଯାଇପାରେ। ଯାତ୍ରା, ବାଣିଜ୍ୟ, ବ୍ୟବସାୟ, ନିର୍ମାଣ, ପ୍ରଶାସନ ଓ ଆଇନ ଅଦାଲତରେ କାମର ଚାପ ବିଶେଷ ପରିମାଣରେ

SONY

BRAVIA
OLED

A NEW TV
EXPERIENCE AWAKENS

MASTER Series **A9F** OLED 4K HDR
A masterclass in contrast
X1 Ultimate | Pixel Contrast Booster | Acoustic Surface Audio+ | androidtv
164cm (65) Rs. 5,59,990/- EMI Rs. 6,500/-
139cm (55) Rs.3,99,990/- EMI Rs. 5,500/-
WORKS WITH alexa Hands-free control
Google Assistant

A8F OLED 4K HDR
A new TV experience awakens
X1 Extreme | Acoustic Surface | TRILUMINOS DISPLAY | androidtv
164cm (65) Rs. 4,29,990/- EMI Rs. 6,500/-
139cm (55) Rs.2,99,990/- EMI Rs. 5,500/-
WORKS WITH alexa Hands-free control
Google Assistant

X9000F SERIES 4K HDR
Fine details in dark and light with X1™ Extreme

X1 Extreme | Full Array LED Local Dimming
TRILUMINOS DISPLAY
androidtv | WORKS WITH alexa Hands-free control
Google Assistant

215cm (85) Rs. 10,99,990/- EMI Rs. 8,500/-
164cm (65) Rs. 3,29,990/- EMI Rs. 6,500/-
139cm (55) Rs. 2,29,990/- EMI Rs. 5,500/-

X8500F SERIES 4K HDR
The best colour on a TV with Triluminos™ Display

X1 4K HDR Processor
TRILUMINOS DISPLAY
androidtv | WORKS WITH alexa Hands-free control
Google Assistant

189cm (75) Rs. 4,49,990/- EMI Rs. 7,500/-
139cm (55) Rs. 1,59,990/- EMI Rs. 5,500/-
123cm (49) Rs. 1,19,990/- EMI Rs. 4,900/-
108cm (43) Rs. 89,990/- EMI Rs. 4,300/-

X7500F/X7002F SERIES 4K HDR
Your gateway to detail with 4K resolution

4K X-Reality PRO
SMART TV | Smart Plug & Play
androidtv | WORKS WITH alexa Hands-free control
Google Assistant

X7500F: 164cm (**65**) • 139cm(**55**) • 123cm (**49**) • 108cm (**43**)
X7002F: 139cm(**55**) • 123cm (**49**) • 108cm (**43**)
Range starts from Rs. 68,990/-

W800F SERIES Full HD 1080
A brand new entertainment experience with Android TV™

X-Reality PRO
Bass Reflex Speaker
androidtv | WORKS WITH alexa Hands-free control
Google Assistant

123cm (**49**) • 108cm (**43**)
Range starts from Rs. 62,990/-

W6F SERIES Full HD 1080
Clearer, sharper, more entertaining

X-Reality PRO
Bass Reflex Speaker
SMART TV

W662F: 126cm (**50**) • 108cm (**43**)
W672F: 80cm (**32**) • **W622F:** 80cm (**32**)
Range starts from Rs. 33,990/-

R SERIES Full HD 1080
Simply clear and beautiful picture

X-Reality PRO
Clear Resolution Enhancer
Smart Plug & Play

R422F: 80cm (**32**) • **R352F:** 102cm (**40**) • **R302F:** 80cm (**32**)
R252F: 102cm (**40**) • **R202F:** 80cm (**32**)
Range starts from Rs. 23,990/-

SPECIAL FESTIVE OFFERS!*

EXCLUSIVE OFFER^ NETFLIX ▸ **6 Months** Subscription Bonus worth **Rs. 4,800/-**
^Applicable models are 85X9000F, 75X8500F, 65A9F, 65A8F, 65X9000F, 65X7500F, 55A9F, 55A8F, 55X9000F, 55X8500F & 55X7500F only

Sony Premium Digital Surround Wireless TV Headphones
WH-L600 worth Rs. 19,990/-

Available with 85X9000F, 75X8500F, 65A9F, 65A8F, 55A9F and 55A8F only.

Sony Extra Bass Wireless Speaker
SRS-XB30 worth Rs. 12,990/-

Available with 65X9000F, 55X9000F, 55X8500F and 49X8500F only.

Sony 1TB External Hard Drive
HD-B1 worth Rs. 6,700/-

Available with 65X7500F, 55X7500F, 55X7002F, 49X7500F, 49X7002F and 49W800F only.

Sony Wireless Bluetooth Headphones
WH-CH400 worth Rs. 4,990/-

Available with 50W662F, 43X8500F, 43X7500F and 43X7002F only.

Sony Extra Bass Headphones
MDR-XB450AP worth Rs. 2,490/-

Available with 43W662F and 43W800F only.

Sony USB Portable Charger (3000 mAh)
Charger (3000mAh) worth Rs. 1,420/-

Available with 40R352F, 40R252F, 32W672F, 32W622F, 32R422F and 32R302F only.

Sony 32GB Pen Drive

worth Rs. 1,300/-
Available with 32R202F only.

Upgrade with easy EMIs

Pay As Per Screen Size** | Screen Size x 100 = EMI

SIZE	215cm (85)	189cm (75)	164cm (65)	139cm (55)	123cm (49)
EMI (Rs.)	8,500/-	7,500/-	6,500/-	5,500/-	4,900/-

BAJAJ FINSERV EMI Tenure up to 36 months

SPECIAL FINANCE OFFERS^

Up to 10% ADDITIONAL CASHBACK#
HDFC BANK We understand your world | ICICI Bank Credit Cards | AXIS BANK
Finance with No Processing Fees through: BAJAJ FINSERV | CAPITAL FIRST | HDB FINANCIAL SERVICES

For Sales & Service
Toll Free: 1800-103-7799
Website: www.sony.co.in
To locate nearest dealer: www.sony.co.in/dealerlocator
e-mail: sonyindia.care@ap.sony.com
For corporate enquires e-mail: b2bindia@ap.sony.com
FOLLOW US ON
facebook.com/SonyIndia
twitter.com/sony_india

Warranty Offer
2 YEAR WARRANTY*
*1 Year standard +1 Year additional on panel only
Limited period offer with BRAVIA models only.

**Fraction amount if any will be taken along with last EMI. Maximum term 36 months. Scheme applicable only with Bajaj Finserv. ^Special Finance Offers are applicable on select products only. Down payment of Rs.1/- (Select Product/Day only) and rest in 9 EMI through BAJAJ Finance/ Capital First. Contact Finance Co./Banks for coverage /network area. Finance at the sole discretion of the financier. Limited Period Offer. Product images/features may differ for each model. Please check range leaflet/website for feature details. 4K = 3840 x 2160 pixels / Please update the software to the latest version. Google and Android TV are trademarks of Google LLC. Product feature/colour may vary for each model of each product as per the stock availability. Please check leaflet/website for further details. All MRP/Price inclusive of all taxes. Quoted MRP/Price is for 1U (unit) of the product. *Special Festive Offer applicable for select products and in select city only. Offers are for limited period only or till stocks last, whichever is earlier. #For 10% Cashback Minimum Transaction amount Rs. 32,000/- & Maximum cashback Rs. 6,000/- (Bravia 40 inch & above). Upto 10% cashback through Capital First on BRAVIA 43 inch & above (max Rs. 6,000/-). For 5% Cashback Minimum Transaction amount Rs, 15,000/- & Maximum cashback Rs. 3,000/- (on Bravia 32 inch & Below). Cash Back will be posted within 90 Days from end of the offer period. Cashback applicable on HDFC Bank, ICICI Bank and Axis Bank Credit & HDFC Bank Debit Cards, CD loans. Offer valid till 15th Nov'18 and T&C apply, for more details visit (www.sony.co.in/microsite/finance-offer/)

RECYCLE SMART | For recycling your electronic waste, please call us on Toll Free number **1800-103-7799** or visit: **www.sony.co.in**

Regd. Office: Sony India Pvt. Ltd., A-18, Mohan Co-operative Indl. Estate, Mathura Road, New Delhi-110 044. Ph: 6600 6600 Fax: 26959141. CIN No : U74899DL1994PTC062781

Visit your nearest store for the entire range of BRAVIA products and accessories | Sony Center The Ultimate Sony Experience

ଡୋଭାଲଙ୍କ ହାତମୁଠା ଟାଣ

ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ସ୍ୱଂ ଯୁକ୍ତ ଗୋଇନ୍ଦା କମିଟି (ଜେଇସି)ର ପୂର୍ବତନ ଅଧ୍ୟକ୍ଷ ଆର୍.ଏନ୍. ରବିଙ୍କୁ ଜାତୀୟ ସୁରକ୍ଷା ଉପପରାମର୍ଶଦାତା ଭାବେ ନିଯୁକ୍ତି ଦିଆଯାଇଛି। ଏହାଦ୍ୱାରା ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍ଏସ୍ଏ) ଅଜିତ୍ ଡୋଭାଲଙ୍କ ହାତମୁଠା ଆହୁରି ଟାଣ ହେଲା ବୋଲି ପର୍ଯ୍ୟବେକ୍ଷକମାନେ ମନେ କରୁଛନ୍ତି। ରବି ହେଉଛନ୍ତି ତୃତୀୟ ଡେପୁଟି, ଯାହାଙ୍କୁ ଏନ୍ଏସ୍ଏଙ୍କୁ ରିପୋର୍ଟ କରିବାକୁ ପଡ଼ିବ। ଅନ୍ୟ ଦୁଇଜଣ ହେଉଛନ୍ତି ପୂର୍ବତନ ର' ସଚିବ ରାଜିନ୍ଦର ଖାନ୍ନା ଏବଂ ପୂର୍ବତନ କୂଟନୀତିଜ୍ଞ ପଙ୍କଜ ଶରଣ। ତେବେ ୧୯୭୬ ବ୍ୟାଚ୍ର ଆଇପିଏସ୍ ଅଫିସର ହିସାବରେ ଡୋଭାଲଙ୍କ ଡେପୁଟିମାନଙ୍କ ଭିତରେ ରବି ହେଉଛନ୍ତି ବରିଷ୍ଠତମ। ଉଭୟ ଡୋଭାଲ ଓ ରବି ହେଉଛନ୍ତି କେରଳ କ୍ୟାଡର ଆଇପିଏସ୍ ଅଫିସର ଏବଂ ଉଭୟଙ୍କ ମଧ୍ୟରେ ଘନିଷ୍ଠତା ଥିବା ବିଶ୍ୱାସ କରାଯାଏ। ରବି ସରକାରଙ୍କ ତରଫରୁ ମଧ୍ୟସ୍ଥ ଭାବେ ନାଗା ଉଗ୍ରପନ୍ଥୀଙ୍କ ସହିତ କଥାବର୍ତ୍ତା କରି ଶାନ୍ତି ଫେରାଇ ଆଣିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ପୁନଶ୍ଚ ରବିଙ୍କୁ ନୂତନ ଦାୟିତ୍ୱ ମିଳିବା ପରେ ସଂଯୁକ୍ତ ଗୋଇନ୍ଦା କମିଟି ସମ୍ପୂର୍ଣ୍ଣରୂପେ ଜାତୀୟ ସୁରକ୍ଷା ପରିଷଦ ସଚିବାଳୟ ନିୟନ୍ତ୍ରଣକୁ ଆସିଗଲା। କୁହାଯାଉଛି ଯେ, ଭାରତ ସୁରକ୍ଷା ନୀତିର ଆଭ୍ୟନ୍ତରୀଣ ଭାଗଟା ରବି ପରିଚାଳନା କରିବେ ଏବଂ ବାହ୍ୟ ଭାଗଟା ପଙ୍କଜ ଶରଣଙ୍କ ଦାୟିତ୍ୱରେ ରହିବ। ରାଜିନ୍ଦର ଖାନ୍ନା ନିର୍ଦ୍ଦିଷ୍ଟ ଭାବରେ ଗୋଇନ୍ଦା ଦିଗଟା ବୁଝିବେ। ଆହୁରି ମଧ୍ୟ ଶୁଣିବାକୁ ମିଳୁଛି ଯେ, ରିୟଲ ଇଷ୍ଟେଟ୍ର ସମ୍ଭ୍ରସାରଣ ଘଟିବ, ଅର୍ଥାତ୍ ନୂତନ କୋଠାବାଡ଼ି ତିଆରି ହୋଇ ମୂଳ ପ୍ରତିଷ୍ଠାନ ସହ ଯୋଗ କରାଯିବ।

ପକ୍ଷାଘାତରେ ପିଇଏସ୍ବି

ମହାନଦୀ କୋଲ୍ଫିଲ୍ଡସ ଲିମିଟେଡ୍ (ଏମ୍ସିଏଲ୍)ର ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ପଦ ପାଇଁ ନିର୍ଦ୍ଧାରିତ ସାକ୍ଷାତ୍କାର ପରୀକ୍ଷାକୁ ସ୍ଥଗିତ ରଖିବାକୁ ପଡ଼ିଛି, କାରଣ ଲୋକ ଉଦ୍ୟୋଗ ନିଯୁକ୍ତି ବୋର୍ଡ (ପିଇଏସ୍ବି) ଜଣେ ମାତ୍ର ସଦସ୍ୟକୁ ହ୍ରାସପାଇ ଏକ ପ୍ରକାର ଅଚଳ ହୋଇପଡ଼ିଛି। ନୂତନ ଅଧ୍ୟକ୍ଷ ଓ ସଦସ୍ୟମାନଙ୍କ ନାମ ଘୋଷଣା କରା ନ ଯିବା ପର୍ଯ୍ୟନ୍ତ ସବୁ ପ୍ରକାର ସାକ୍ଷାତ୍କାର ପରୀକ୍ଷା ବନ୍ଦ ରଖିବା ପାଇଁ ବୋର୍ଡ ନିଷ୍ପତ୍ତି ନେଇଛି। ଏହାଦ୍ୱାରା ବିଶୃଙ୍ଖଳା ଉପୁଜିବା ସହ ରାଷ୍ଟ୍ରାୟତ୍ତ ଉଦ୍ୟୋଗ (ପିଏସ୍ୟୁ)ଗୁଡ଼ିକରେ ଅସନ୍ତୋଷ ବଢ଼ିବ। ବୋର୍ଡ ଇତିହାସରେ ବୋଧହୁଏ ପ୍ରଥମଥର ପାଇଁ ଏପରି ପରିସ୍ଥିତି ସୃଷ୍ଟି ହୋଇଛି। ପିଇଏସ୍ବିର କାର୍ଯ୍ୟକାରୀ ଅଧ୍ୟକ୍ଷ ଶ୍ରୀମତୀ ଗୌରୀ କୁମାର ଗତମାସରେ ଅବସର ନେବା ପରଠାରୁ ୧୯୮୧ ବ୍ୟାଚ୍ ଆଇଏଏସ୍ ଅଫିସର ମଧୁସୂଦନ ପ୍ରସାଦ ବସ୍ତୁତଃ ବୋର୍ଡର ଏକମାତ୍ର ସଦସ୍ୟ ଅଛନ୍ତି। ପାରମ୍ପରିକଭାବେ ପିଇଏସ୍ବି ନିଯୁକ୍ତି ସାକ୍ଷାତ୍କାର ପାଇଁ ତାରିଖ ନିର୍ଦ୍ଧାରଣ କରେ ଏବଂ ସାକ୍ଷାତ୍କାରର ୧୫ ଦିନ ପୂର୍ବରୁ ପ୍ରାର୍ଥୀମାନଙ୍କର ସଂକ୍ଷିପ୍ତୀକୃତ ତାଲିକା ପ୍ରକାଶ କରେ। ଯେହେତୁ ନିଯୁକ୍ତିର ସମୟସୀମା ବିଷୟରେ ବୋର୍ଡ ପାଖରେ କୌଣସି ଖବର ନାହିଁ, ତେଣୁ ଏହା ନିଯୁକ୍ତି ସାକ୍ଷାତ୍କାର ପରିଚାଳନା କରିବା ଲାଗି ଅପ୍ରତିଭ ହୋଇପଡୁଛି। ଉଲ୍ଲେଖନୀୟ ଯେ, ସଞ୍ଜୟ କୋଠାରି ୨୦୧୭ ଜୁଲାଇ ମାସରେ ରାଷ୍ଟ୍ରପତିଙ୍କ ସଚିବ ଭାବେ ରାଇସିଆନା ହିଲ୍କୁ ସ୍ଥାନାନ୍ତରିତ ହେବା ପରଠାରୁ ଉକ୍ତ ଚାରିଜଣିଆ ବୋର୍ଡ (ଅଧ୍ୟକ୍ଷ ସମେତ) ମୁଖ୍ୟବିହୀନ ହୋଇପଡ଼ିଥିଲା। ଅଂଶୁମାନ ଦାସ ବୋର୍ଡର ବରିଷ୍ଠତମ ସଦସ୍ୟ ହୋଇଥିବାରୁ ତାଙ୍କୁ ଅଧ୍ୟକ୍ଷ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଗଲା। ସେ କିନ୍ତୁ ଅଗଷ୍ଟ ମାସରେ ଶ୍ରୀମତୀ ଗୌରୀ କୁମାରଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଦେଲେ। ତେଣୁ ପ୍ରାୟ ବର୍ଷକରୁ ଅଧିକ କାଳ ହେଲାଣି ପିଏସ୍ବିବି ସୀମିତ ଲୋକଶକ୍ତିକୁ ନେଇ ଚାଲିଛି। ଫଳରେ ସିପିଏସ୍ଇ ଓ ଅନ୍ୟ ଷ୍ଟେକ୍ହୋଲ୍ଡରଙ୍କ ମଧ୍ୟରେ ଅନିଶ୍ଚୟତାର ବାତାବରଣ ସୃଷ୍ଟି ହୋଇଛି।

ପିଏମ୍ଓର ୨୦୧୯ ପାଇଁ ପ୍ରସ୍ତୁତି

୨୦୧୪ ମେ ମାସରୁ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍ଓ)ରୁ ମୋଦି ସରକାର ପରିଚାଳିତ ହୋଇଆସୁଛି। ୨୦୧୯ ଲୋକ ସଭା ନିର୍ବାଚନ ପାଖେଇ ଆସୁଥିବା ବେଳେ ଗୁଜବ ଶୁଣିବାକୁ ମିଳୁଛି ଯେ, ଖୋଦ୍ ପିଏମ୍ଓରେ ମଧ୍ୟ ପୁନର୍ଗଠନ ହେବାର ସମ୍ଭାବନା ଅଛି। ପ୍ରଶାସନିକ ପରିଚାଳନାରେ ଦେଖାଦେଇଥିବା ଗୁରୁତ୍ୱପୂର୍ଣ୍ଣ ସମସ୍ୟାଗୁଡ଼ିକ ସୁଧାରିବା ଲାଗି ଉଦ୍ୟମ କରାଯାଉଛି। ଜାଣିବା ଶୁଣିବା ମହଲରେ ବିଶ୍ୱାସ କରାଯାଉଛି ଯେ, ପିଏମ୍ଓରୁ ଜଣେ ବରିଷ୍ଠ ଆଇଏଏସ୍ ଅଫିସରଙ୍କୁ ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗକୁ ବଦଳି କରାଯିବ। ତା' ସହ ବଡ଼ ବଡ଼ ପ୍ରସଙ୍ଗରେ ମୋଦିଙ୍କୁ ସହାୟତା କରିବା ଲାଗି ଆଉ ଜଣେ ବରିଷ୍ଠ ଆଇଏଏସ୍ ଅଫିସରଙ୍କୁ ପିଏମ୍ଓରେ ନିଯୁକ୍ତି ଦିଆଯିବ। ଆଗାମୀ ନିର୍ବାଚନ ପରିପ୍ରେକ୍ଷୀରେ ପିଏମ୍ଓ ଟିମ୍ରେ ଆହୁରି ଅନେକ ପରିବର୍ତ୍ତନ କରାଯାଇପାରେ ବୋଲି ଅନୁମାନ କରାଯାଉଛି। ଯାହା ଜଣାଯାଏ, ଦୁଇ ଜଣ ବରିଷ୍ଠ ଆଇଏଏସ୍ ଅଫିସରଙ୍କୁ ପିଏମ୍ଓକୁ ଅଣାଯାଇ ଅତିରିକ୍ତ ଓ ଯୁଗ୍ମ ସଚିବ ପାହ୍ୟାରେ ନିଯୁକ୍ତି ଦିଆଯିବ। ଉତ୍ତରାଞ୍ଚଳ ରାଜ୍ୟର ଜଣେ ଆଇଆଇଟି କମ୍ପ୍ୟୁଟର ବିଜ୍ଞାନ ସ୍ନାତକରୁ ଆଇଏଏସ୍ ହୋଇଥିବା ଏବଂ ଦକ୍ଷିଣାଞ୍ଚଳ ରାଜ୍ୟରୁ ପ୍ରାଇଭେଟ୍ ସେକ୍ଟର ପୃଷ୍ଠଭୂମିର ଜଣେ ଯୁଗ୍ମ ସଚିବସ୍ତରୀୟ ଆଇଏଏସ୍ ଅଫିସରଙ୍କୁ ଟିମ୍ ପିଏମ୍ଓରେ ନିଯୁକ୍ତି ଦିଆଯାଇପାରେ। ଜଣେ ବିଭିନ୍ନ ପ୍ରକଳ୍ପର କାର୍ଯ୍ୟକାରିତା ଦେଖିବେ ଏବଂ ଆଉ ଜଣେ ଯୋଗାଯୋଗ, ଲୋକଙ୍କ ପାଖରେ ପହଞ୍ଚିବାର ରଣକୌଶଳ ପ୍ରସ୍ତୁତ କରିବେ, ଯାହା ମୋଦିଙ୍କୁ ପୁନଃ ନିର୍ବାଚିତ କରାଇବା ପାଇଁ ଗୁରୁତ୍ୱପୂର୍ଣ୍ଣ।

Email: dilipcherian@gmail.com

ଗଙ୍ଗା ପାବନ ପ୍ରହସନ

ଡ. ପ୍ରଫୁଲ୍ଲ କୁମାର ସାହୁ

ଗଙ୍ଗାପୁତ୍ର ସ୍ୱାମୀ ଜ୍ଞାନସ୍ୱରୂପ ସାନନ୍ଦ। ଜଣେ ବର୍ଷୀୟାନ୍ ସନ୍ଥ ଓ ପ୍ରଖ୍ୟାତ ପରିବେଶବିଜ୍ଞାନୀ। ପ୍ରଫେସର ଗୁରୁଦାସ ଅଗ୍ରୱାଲ ନାମରେ ପରିଚିତ ସ୍ୱାମୀ ସାନନ୍ଦ ପରିବେଶ ସୁରକ୍ଷା ପାଇଁ ଜଳିଥିଲେ କ୍ରାନ୍ତିର ମଶାଲ। ଗଙ୍ଗାମାତାର ସୁରକ୍ଷା ଦାବି ନେଇ ଆମରଣ ଅନଶନ ଚଳାଇଥିବା ସ୍ୱାମୀ ସାନନ୍ଦ ଶେଷରେ ୧୧।୧୦।୨୦୧୮ରେ ଆରପାରିକି ଚାଲିଗଲେ ସରକାରୀ ଉଦାସୀନତାର ଶିକାର ହୋଇ। ତାଙ୍କ ଭଳି ଜଣେ ପ୍ରଖ୍ୟାତ ପରିବେଶବିତ୍ଙ୍କୁ ଜାଣିଶୁଣି ମୃତ୍ୟୁମୁହଁକୁ ଠେଲିଦିଆଗଲା ବୋଲି ଏବେ ଚାରିଆଡ଼େ ଚାଲିଛି ଚର୍ଚ୍ଚା।

ଏକଦା କାନପୁର ଆଇଆଇଟିର ପର୍ଯ୍ୟାବରଣ ବିଭାଗର ମୁଖ୍ୟ ଓ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସଦସ୍ୟ–ସଚିବ ଥିବା ପ୍ରଫେସର ଅଗ୍ରୱାଲ ୨୦୦୧ରେ ସନ୍ନ୍ୟାସ ଗ୍ରହଣ କରିଥିଲେ ଏବଂ ସେବେଠୁ ସେ ପରିଚିତ ହୋଇଥିଲେ ସ୍ୱାମୀ ଜ୍ଞାନସ୍ୱରୂପ ସାନନ୍ଦ ନାମରେ। ପରିବେଶ ସୁରକ୍ଷା ଦିଗରେ ନିଜକୁ ସମ୍ପୂର୍ଣ୍ଣ ନିୟୋଜିତ କରିଥିବା ସ୍ୱାମୀ ସାନନ୍ଦ ଭାଗୀରଥି ନଦୀ ଉପରେ ଟ୍ୟାମ୍ ନିର୍ମାଣକୁ ବିରୋଧ କରି ୨୦୦୯ ମସିହାରେ ୩୮ ଦିନ ଧରି ଅନଶନରେ ବସିବା କାରଣରୁ ଟ୍ୟାମ୍ ନିର୍ମାଣ କାର୍ଯ୍ୟ ବନ୍ଦ ରଖିବା ପାଇଁ ବାଧ ହୋଇଥିଲେ ତତ୍କାଳୀନ ସରକାର। ଜଣେ ବିଶିଷ୍ଟ ପରିବେଶବିଜ୍ଞାନୀ ତଥା ମଦନମୋହନ ମାଲବ୍ୟଙ୍କ ଦ୍ୱାରା ପ୍ରତିଷ୍ଠିତ 'ଗଙ୍ଗା ମହାସଭା'ର ମାର୍ଗଦର୍ଶକ ଭାବରେ ଗଙ୍ଗାନଦୀର ସୁରକ୍ଷା ପାଇଁ ତାଙ୍କର ଜୀବନ ଥିଲା ସମ୍ପୂର୍ଣ୍ଣ ଉତ୍ସର୍ଗୀକୃତ। ତେଣୁ ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ ଜରିଆରେ ଗଙ୍ଗାନଦୀକୁ ପ୍ରଦୂଷଣମୁକ୍ତ ରଖିବା ପାଇଁ ସେ ପ୍ରୟାସ ଜାରି ରଖିଥିଲେ ଏବଂ ଏ ଦିଗରେ ସକାରାତ୍ମକ ପଦକ୍ଷେପ ନେବା ପାଇଁ ସରକାରଙ୍କୁ ଅନୁରୋଧ କରୁଥିଲେ ବାରମ୍ବାର। ବିଶେଷକରି 'ନମାମି ଗଙ୍ଗେ' ନାରା ଦେଇ ବାରାଣସୀ ସଂସଦୀୟ କ୍ଷେତ୍ରରୁ ନିର୍ବାଚିତ ହୋଇଥିବା ପ୍ରଧାନମନ୍ତ୍ରୀ ମୋଦିଙ୍କ ପାଖରୁ ସେ ଆଶା କରୁଥିଲେ ବହୁତକିଛି। ମାତ୍ର ଯେବେଠାରୁ ସେ ଅନୁଭବ କଲେ 'ନମାମି ଗଙ୍ଗେ' ଯୋଜନା କେବଳ ଅଟକିଛି ବଡ଼ ବଡ଼ ଭାଷଣ, ପ୍ରତିଶ୍ରୁତି ଓ ନିର୍ବାଚନୀ ଇସ୍ତାହାର ଭିତରେ,ସେବେଠୁ ତାଙ୍କୁ ଅଧିକ ବିବ୍ରତ କଲା ଗଙ୍ଗାମାତାର ସୁରକ୍ଷା ଚିନ୍ତା। ଶେଷରେ ଗଙ୍ଗାନଦୀ ଉପରେ ବନ୍ଧ, ବ୍ୟାରେଜ୍ ଓ ଟନେଲ୍ ନିର୍ମାଣକୁ ବିରୋଧକରି ଗତ ଜୁନ୍ ୨୨ରୁ ଆରମ୍ଭ କଲେ ଆମରଣ ଅନଶନ। ହରିଦ୍ୱାର ମୈତ୍ରୀ ସଦନ ଆଶ୍ରମରେ ୧୧୧ଦିନ ଅନଶନରେ ବସିବା ପରେ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇପଡ଼ିବାରୁ ତାଙ୍କୁ ବଳପୂର୍ବକ ଉଠେଇନେଇ ଭର୍ତ୍ତି କରାଯାଇଥିଲା ଋଷିକେଶସ୍ଥିତ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନରେ। ପରଦିନ ସେଠାରେ ସବୁଦିନ ପାଇଁ ଆଖି ବୁଜିଦେଲେ ୮୭ ବର୍ଷୀୟ ସ୍ୱାମୀ ସାନନ୍ଦ। ଜଣେ ମହାନ୍ ସନ୍ଥ ତଥା ପରିବେଶବିଜ୍ଞାନୀଙ୍କୁ ବଞ୍ଚେଇ ରଖିବା ପାଇଁ ସରକାରଙ୍କ ପକ୍ଷରୁ ପ୍ରକାଶ ପାଇଲାନି ବିଶେଷ ତତ୍ପରତା। ବ୍ୟଥିତପ୍ରାଣ ଗଙ୍ଗାପୁତ୍ରଙ୍କ ଚାରିଦଫା ଦାବିକୁ ମାନିନେଇ ଗଙ୍ଗାମାତାକୁ ପ୍ରଦୂଷଣମୁକ୍ତ କରିବା ପାଇଁ ପ୍ରଧାନମନ୍ତ୍ରୀ ଝୁଟେଇ ପାରିଲେନି ନୈତିକ ସାହସ। ଅର୍ଥାତ୍ରାଜନୈତିକ ସ୍ୱାର୍ଥପରତା ଆଗରେ କୌଣସିମୂଲ୍ୟ ରଖିଲାନି ଗଙ୍ଗାନଦୀର ସୁରକ୍ଷା ଓ ଗଙ୍ଗାପୁତ୍ରଙ୍କ ଜୀବନ।

ଏହି ପରିପ୍ରେକ୍ଷୀରେ ସରକାର ଜାଣିରଖିବା ଉଚିତ ଯେ, ଭାରତୀୟମାନଙ୍କ ଦୃଷ୍ଟିରେ ଗଙ୍ଗା କେବଳ ଏକ ନଦୀ ନୁହେଁ, ତାହା ଉଦ୍ବେଳିତ ଶ୍ରଦ୍ଧା, ଭକ୍ତି ଓ ବିଶ୍ୱାସର ଏକ ଅଖଣ୍ଡ ପ୍ରବାହ। ଇତିହାସର ବ୍ରାହ୍ମ ମୁହୂର୍ତ୍ତରୁ ଏହା ଦେଶବାସୀଙ୍କ ହୃଦୟ ଜିଣିଥିବା ଏକ ପବିତ୍ର ତୀର୍ଥକ୍ଷେତ୍ର। ଯେଉଁ ତୀର୍ଥଜଳରେ ସ୍ନାନ କଲେ ଧୋଇଯାଏ ଜୀବନର ସକଳ ପାପ। ସେ ତୀର୍ଥକ୍ଷେତ୍ରରେ ମୃତ ବ୍ୟକ୍ତିର ଅସ୍ଥି ବିସର୍ଜନ କଲେ ମୋକ୍ଷ ଲଭେ ଆତ୍ମା। ଏହା ପ୍ରତ୍ୟେକ ହିନ୍ଦୁଙ୍କ ବିଶ୍ୱାସ।

କେବଳ ଅଧିଭୌତିକ ଦୃଷ୍ଟିରୁ ନୁହେଁ, ଗଙ୍ଗା ଜଳର ଶୁଦ୍ଧତାକୁ ନେଇ ସାରା ବିଶ୍ୱରେ ରହିଛି ତା'ର ଖ୍ୟାତି। କାରଣ ବିଜ୍ଞାନାଗାରର ବିଶୁଦ୍ଧ ଜଳଠାରୁ ଗଙ୍ଗାନଦୀର ଜଳ ଆହୁରି ଶୁଦ୍ଧ। ସେଥିପାଇଁ ପୃଥିବୀର ସର୍ବବୃହତ୍ ସାଂସ୍କୃତିକ ମଞ୍ଚ ମହାକୁମ୍ଭ ମେଳା ସମୟରେ ପ୍ରୟାଗ ନିକଟରେ ପ୍ରତିଦିନ ଲକ୍ଷ ଲକ୍ଷ ଲୋକ ସମାଗମ ହେଲେ ବି ସେଠାରେ କେବେ ବ୍ୟାପୁ ନ ଥିଲା ମହାମାରୀ। ଗଙ୍ଗାଜଳର ଏହି ଚମତ୍କାରିତା ଦିନେ ବୈଜ୍ଞାନିକମାନଙ୍କ ଚିନ୍ତା ରାଜ୍ୟରେ ସୃଷ୍ଟି କରିଥିଲା ଆଲୋଡ଼ନ। ସେମାନେ ଗବେଷଣା କରି ଆବିଷ୍କାର କରିଥିଲେ ତା'ର ରହସ୍ୟ। ୧୮୯୭ ମସିହାରେ ପ୍ରକାଶିତ ବିଶିଷ୍ଟ ବୈଜ୍ଞାନିକ ଅର୍ଣ୍ଣେଷ୍ଟ ହାନବରାଙ୍କ ଗବେଷଣାଲବ୍ଧ ତଥ୍ୟ ଅନୁସାରେ ଗଙ୍ଗାଜଳରେ ରହିଛି ଭୂତାଣୁ ବିନାଶକାରୀ ଗୁଣ। ତା'ର ସଂସ୍ପର୍ଶରେ ଆସିବାର ମାତ୍ର ୩ଘଣ୍ଟା ମଧ୍ୟରେ ଆପେ ଆପେ ନଷ୍ଟ ହୋଇଯାଆନ୍ତି ହଇଜା ରୋଗର ଭୂତାଣୁ ଭାଇବ୍ରିଓ କଲୋରି। ଅଥଚ ପରିତାପର ବିଷୟ ଶହ ଶହ ବର୍ଷ ଧରି ଚାଲିଥିବା ଅତ୍ୟାଚାର ଯୋଗୁ ସେହି ଗଙ୍ଗାର ବିଶୁଦ୍ଧ ଜଳ ଏବେ ଆବର୍ଜନାରେ ପୂର୍ଣ୍ଣ। ସେ ହରେଇ ବସିଛି ତା'ର ଭୂତାଣୁ ବିନାଶକାରୀ ଗୁଣବତ୍ତା।

ସାଧାରଣତଃ ସବୁ ଦେଶରେ, ସବୁକାଳରେ ଜୀବନ ପାଇଁ ନଦୀଗୁଡ଼ିକ ହିଁ ବାଣ୍ଟିଛନ୍ତି ଜଳ। ସେହି ଜଳସମ୍ପଦ ପାଇଁ ଲୋକେ ସର୍ବଦା ଲୋଡ଼ିଛନ୍ତି ନଈକୂଳିଆ ଜାଗା। ଏହି ଦୃଷ୍ଟିରୁ ବିଚାର କଲେ ଗଙ୍ଗା କେବଳ ପତିତପାବନୀ ନୁହେଁ, ଏହା ଭାରତବର୍ଷର ସାମାଜିକ, ସାଂସ୍କୃତିକ ଓ ଆର୍ଥନୀତିକ ବିକାଶର ମାନଦଣ୍ଡ। ଜୀବନ ବାଣ୍ଟିବା ପାଇଁ ହିମାଳୟର ଗଙ୍ଗୋତ୍ରୀଠାରୁ ସୁନ୍ଦରବନର ସାଗରସଙ୍ଗମ ପର୍ଯ୍ୟନ୍ତ ତା'ର ଅଢେଇ ହଜାର କି.ମି. ବ୍ୟାପି ପ୍ରଲମ୍ବିତ ଯାତ୍ରା। ମାତ୍ର ଯିଏ କାଳ କାଳ ଧରି ଜୀବନ ବାଣ୍ଟୁଛି, ସେ ଆଜି ନିଜେ ହରେଇବସିଛି ସ୍ୱଚ୍ଛନ୍ଦରେ ପ୍ରବାହିତ ହେବାର ଅଧିକାର। ବିଭିନ୍ନ କାରଣରୁ କ୍ରମଶଃ ସଂକୁଚିତ ହେବାରେ ଲାଗିଛି ଚିରସ୍ରୋତା ଗଙ୍ଗାର ଜଳପ୍ରବାହ। ନଦୀର ସ୍ରୋତ ଦୁର୍ବଳ ହୋଇପଡ଼ିବା କାରଣରୁ ନିଷ୍କାସିତ ହୋଇପାରୁନି ନଦୀ ଗର୍ଭରେ ମିଶୁଥିବା ନାନା ପ୍ରକାର ଆବର୍ଜନା। ଶାସ୍ତ୍ର କହେ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଧମନୀରେ ଯେମିତି ଶୁଦ୍ଧ ରକ୍ତ ପ୍ରବାହିତ ହେବା ଦରକାର, ସେମିତି ନଦୀର ସ୍ୱାସ୍ଥ୍ୟ ନିମନ୍ତେ ଆବଶ୍ୟକ ତା'ର ଜଳ ପ୍ରବାହରେ ସ୍ୱଚ୍ଛତା। ମାତ୍ର ଗଙ୍ଗାଜଳ ସମ୍ପର୍କରେ ପ୍ରକାଶ ପାଇଥିବା ଏକ ରିପୋର୍ଟରୁ ଜଣାଯାଏ, ସ୍ନାନ ପାଇଁ ଗଙ୍ଗାଜଳକୁ ବ୍ୟବହାର କରିବା ତ ଦୂରର କଥା, ତାହା କୃଷି କାର୍ଯ୍ୟ ପାଇଁ ମଧ୍ୟ ଏବେ ଅନୁପଯୋଗୀ।

ଗଙ୍ଗାନଦୀ କୂଳରେ ଗଢ଼ିଉଠିଥିବା ପ୍ରକାଣ୍ଡକାୟ ଶିଳ୍ପସଂସ୍ଥାଗୁଡ଼ିକ ତା'ର ଜଳରେ ଶୋଷ ମେଣ୍ଟାଉଛନ୍ତି, ଅଥଚ ତା' ଦେହକୁ ଛାଡୁଛନ୍ତି ବିଭିନ୍ନ ପ୍ରକାର ବର୍ଜ୍ୟବସ୍ତୁ। ବିଶେଷକରି କାନପୁର ସହରରେ ଗଢ଼ିଉଠିଥିବା ବୃହତ୍ ଚମଡ଼ା ଶିଳ୍ପଗୁଡ଼ିକର ଦୂଷିତ ଓ ସାଂଘାତିକ ଭାବରେ କ୍ଷୟକାରୀ ତରଳ ବର୍ଜ୍ୟ ପ୍ରବେଶ କରିବା ଫଳରେ ଦସ୍ତା, କ୍ରୋମିୟମ୍ ଆଦି ବିଷାକ୍ତ ଧାତୁଯୁକ୍ତ ହୋଇପଡୁଛି ଗଙ୍ଗାଜଳ। ଏଥି ସହିତ ବିଷାକ୍ତ ହେଉଛି ଗାଙ୍ଗେୟ କ୍ଷେତ୍ରରେ ଉତ୍ପନ୍ନ ଖାଦ୍ୟଶସ୍ୟ ଓ ପନିପରିବା। ନଦୀକୂଳରେ ଗଢ଼ିଉଠିଥିବା ସହରର ନର୍ଦ୍ଦମା ପାଣି ଅବାଧରେ ମିଶୁଛି ଗଙ୍ଗା ଦେହରେ। ଗଣମାଧ୍ୟମରେ ପ୍ରକାଶିତ ଏକ ତଥ୍ୟ ଅନୁସାରେ ପ୍ରତିଦିନ ଗଙ୍ଗା ଗର୍ଭକୁ ପ୍ରବେଶ କରୁଛି ଦେଢଶହକୋଟିଲିଟର ନାଳନର୍ଦ୍ଦମା ପାଣି। କୋଟିଏ ଟନ୍ର ଅଳିଆ, ଆବର୍ଜନା ଓ କାଦୁଅରେ ଅସ୍ଥିର ହେଉଛି ଗଙ୍ଗା। ପ୍ରତିବର୍ଷ ପୁଣି ଗଙ୍ଗା ଗର୍ଭକୁ ଫିଙ୍ଗାଯାଉଛି ୧ଲକ୍ଷ ୧୫ହଜାର ଟନ୍ ପ୍ଲାଷ୍ଟିକ। ଦେଶର ସବୁଠାରୁ ଜନବହୁଳ ଅଞ୍ଚଳ ଦେଇ ପ୍ରବାହିତ ନଦୀକୁ ଯଦି ନର୍ଦ୍ଦମା ଭଳି ବ୍ୟବହାର କରାଯାଏ, ତେବେ ତା'ର ଅମୃତଧାରା ଜହରରେ ପରିଣତ ହେବା ଏକ ସ୍ୱାଭାବିକ କଥା।

ଗଙ୍ଗାନଦୀର ଜଳକୁ ପ୍ରଦୂଷଣମୁକ୍ତ ରଖିବା ପାଇଁ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ 'ଗଙ୍ଗା ପରିମଳ ଯୋଜନା'(୧୯୮୬)ଠାରୁ ବର୍ତ୍ତମାନର 'ନମାମି ଗଙ୍ଗେ' ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇଛି ଯୋଜନା ପରେ ଯୋଜନା। ଏ ଦିଗରେ ଟିକସଦାତାଙ୍କ ପଇସା ବି ଖର୍ଚ୍ଚ ଚାଲିଛି ବେପରୁଆଭାବେ। ମାତ୍ର କମିବାର ନାଁ ଧରୁନି ପ୍ରଦୂଷଣର ମାତ୍ରା। ସବୁଠାରୁ ବିଡ଼ମ୍ବନାର ବିଷୟ ହେଉଛି ଗଙ୍ଗା ପ୍ରଦୂଷଣ ପାଇଁ ଯେଉଁ କାରଣଗୁଡ଼ିକ ଦାୟୀ, ତାହା ବହୁ ପୂର୍ବରୁ ଚିହ୍ନଟ ହୋଇ ସାରିଥିଲେ ବି ସରକାର ଖୋଜି ପାଉନାହାନ୍ତି ସମାଧାନର ବାଟ। ଏଥିରୁ ବାରିହୋଇ ପଡୁଛି ଗଙ୍ଗାମାତାର ସୁରକ୍ଷା ପ୍ରତି ସରକାରଙ୍କ ପ୍ରତିବଦ୍ଧତାର ସ୍ୱରୂପ।

ବିଜୁ ପଟ୍ଟନାୟକ ନଗର, ଭଦ୍ରକ,
ମୋ– ୯୪୩୮୫୫୦୮୮

ପଲିଥିନ୍ର ବିଭୀଷିକା

ଅଭିମନ୍ୟୁ ଧଳ

ପରିବା କିଣିବା ପାଇଁ ମୁଁ ବ୍ୟାଗ ବାହାର କଲି। ବନ୍ଧୁ କ୍ଷୀରୋଦ ପରିବା ବିକାଳିଙ୍କୁ ପଲିଥିନ ମୁଣାରେ ପରିବା ଦେବା ପାଇଁ କହିବାରୁ ସେ କହିଲେ– ଏଇଥରକ ନିଅନ୍ତୁ, ଆର ଥରକୁ ବ୍ୟାଗ ଆଣିବେ। ସରକାର ଏହାକୁ ବନ୍ଦ କଲେଣି, ବ୍ୟବହାର କଲେ ଜରିମାନା ଦେବୁ। ବନ୍ଧୁଙ୍କ ମୁହଁରେ ହସ। ସଙ୍ଗେ ସଙ୍ଗେ ଲମ୍ବା ହିସାବଟିଏ ଦେଲେ। ସକାଳଠାରୁ ରାତିରେ ଶୋଇବା ପର୍ଯ୍ୟନ୍ତ ଏହାର ରା

ସଂକ୍ଷେପରେ

ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ପ୍ରସଙ୍ଗ
ମୁଖ୍ୟମନ୍ତ୍ରୀଙ୍କୁ ଧର୍ମେନ୍ଦ୍ରଙ୍କ ସମାଲୋଚନା

ଭୁବନେଶ୍ୱର,୨।୧୧(ବ୍ୟୁରୋ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ପ୍ରଦାନ ନେଇ କେନ୍ଦ୍ର ଉପରେ ବର୍ଷିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଏହି ବକ୍ତବ୍ୟ ଉପରେ କେନ୍ଦ୍ର ସରକାରରେ ଥିବା ଭାଜପା ଦୃଢ଼ ପ୍ରତିକ୍ରିୟା ପ୍ରକାଶ କରିଛି। ମୁଖ୍ୟମନ୍ତ୍ରୀଙ୍କୁ ଏନେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ଯେ, ଓଡ଼ିଶା ବିଧାନସଭାରେ ରାଜ୍ୟ ସରକାରଙ୍କ ପକ୍ଷରୁ ଯୋଜନା ଓ ସଂଯୋଜନ ବିଭାଗ ମନ୍ତ୍ରୀ ଉଷା ଦେବୀ ପ୍ରଦାନ କରିଥିବା ଉତ୍ତର ମୁଖ୍ୟମନ୍ତ୍ରୀ ଥରେ ପଢ଼ିଦେଲେ , ଉକ୍ତ ପ୍ରସଙ୍ଗରେ ମନ୍ତବ୍ୟ ଦେବା ପୂର୍ବରୁ ଆଉ ଥରେ ଚିନ୍ତା କରିବେ। ରାଜ୍ୟକୁ ସ୍ୱତନ୍ତ୍ର ପାହ୍ୟା ପ୍ରସଙ୍ଗରେ ବିଧାନସଭାରେ ଏକ ପ୍ରକାର ଉତ୍ତର ସରକାର ଦେଉଥିବା ବେଳେ, ସେହି ସମାନ ପ୍ରସଙ୍ଗରେ ଦଳୀୟ ସଭାରେ ଭିନ୍ନ ମନ୍ତବ୍ୟ ମୁଖ୍ୟମନ୍ତ୍ରୀ ଦେଉଛନ୍ତି। ଚତୁର୍ଦ୍ଦଶ ଅର୍ଥ କମିଶନ ପ୍ରସ୍ତାବ ପରେ ସ୍ୱତନ୍ତ୍ର ପାହ୍ୟା ମାନ୍ୟତା ବ୍ୟବସ୍ଥା ଆଉ ନାହିଁ। ଏହା ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କୁ ଜଣା ଥିବା ସତ୍ତ୍ୱେ ବି କେବଳ ରାଜନୈତିକ ପ୍ରସଙ୍ଗ କରିବା ପାଇଁ ବାରମ୍ବାର ଏ ସମ୍ପର୍କରେ ମତ ରଖାଯାଉଛି ବୋଲି ଧର୍ମେନ୍ଦ୍ର କହିଛନ୍ତି। ସେହିଭଳି କଂଗ୍ରେସ ସଭ୍ୟ କୌଳାସ କୁଲେସିକାଙ୍କ ପ୍ରଶ୍ନରେ ମନ୍ତ୍ରୀ ଉଷା ଦେବୀ ଦେଇଥିବା ଉତ୍ତରକୁ କେନ୍ଦ୍ରମନ୍ତ୍ରୀ ପ୍ରଧାନ ନିଜ ଟୁଇଟରରେ ଅପଲୋଡ୍ କରିଛନ୍ତି।

ଜନସମ୍ପର୍କ ପଦଯାତ୍ରାରେ ବର୍ଷିଲେ ମୁଖ୍ୟମନ୍ତ୍ରୀ
ଚୌକି ପାଇ ପ୍ରତିଶ୍ରୁତି ଭୁଲିଛି ଭାଜପା।

କଟକ ରୋଡ (ଡି.ଏନ୍.ଏ.)

ଭୁବନେଶ୍ୱର, ୨।୧୧ (ବ୍ୟୁରୋ)–ନିର୍ବାଚନ ଯେତିକି ପାଖେଇ ଆସୁଛି ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସେତିକି ଆକ୍ରମଣାତ୍ମକ ଆଭିମୁଖ୍ୟ ଗ୍ରହଣ କରୁଥିବା ଦେଖିବାକୁ ମିଳୁଛି। ମୁଖ୍ୟମନ୍ତ୍ରୀ ଦୁଇଦିନ ତଳେ ଆୟୁଷ୍ମାନ ଯୋଜନାକୁ ନେଇ କେନ୍ଦ୍ର ସରକାରଙ୍କୁ କଟାକ୍ଷ କରିଥିଲେ। ଏମିତି କି ବିପିଏଲ୍ କାର୍ଡ ଦେଖି ରୋଗ ଆସେନି ବୋଲି ସେ କହିଥିଲେ। ଏନେଇ ଆଲୋଚନା ଥମି ନ ଥିବା ବେଳେ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା କାର୍ଡ ଖେଳି ମୁଖ୍ୟମନ୍ତ୍ରୀ ଅଧିକ ଶାଣିତ ରଣନୀତିର ପ୍ରାକ୍ ସୂଚନା ଦେଇଥିବା କୁହାଯାଉଛି। ଲକ୍ଷ୍ମୀସାଗର ମେଳଣ ପଡିଆରେ ଶୁକ୍ରବାର ଆୟୋଜିତ ଜନସମ୍ପର୍କ ପଦଯାତ୍ରାରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ଭାଜପା ଉପରେ ବର୍ଷିଛନ୍ତି।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି ଯେ, ୨୦୦୦ରୁ ୨୦୦୯ ମସିହା ପର୍ଯ୍ୟନ୍ତ ବିଜେଡି–ଭାଜପା ଏକାଠି ଶାସନ କରୁଥିଲେ। ଓଡ଼ିଶାକୁ ସ୍ୱତନ୍ତ୍ର ପାହ୍ୟା ମାନ୍ୟତା ପ୍ରସ୍ତାବ ଦେବା ପାଇଁ ଏକାଠି ଲଢୁଥିଲେ। ୨୦୦୯ ପରେ ମଧ୍ୟ ଉଭୟ ଦଳ ଏଥିପାଇଁ ଉଦ୍ୟମ ଜାରି ରଖିଥିଲେ। ଏପରି କି ୨୦୧୪ ନିର୍ବାଚନ ଇସ୍ତାହାରରେ ସ୍ୱତନ୍ତ୍ର ପାହ୍ୟା ମାନ୍ୟତା ପ୍ରସଙ୍ଗକୁ ଏକ ନମ୍ବର କାର୍ଯ୍ୟସୂଚୀ ଭାବେ ଭାଜପା ଅଭିହିତ କରିଥିଲା, ଯାହା ତାଙ୍କୁ ଖୁସି ଦେଇଥିଲା । ଏହା ଦ୍ୱାରା ଓଡ଼ିଶାବାସୀ ନ୍ୟାୟ ପାଇବେ ବୋଲି ସେ ମନେ କରିଥିଲେ । କିନ୍ତୁ ଦୁଃଖର କଥା, ଚୌକି ପାଇ ଭାଜପା ତା'ର ପ୍ରତିଶ୍ରୁତି ଭୁଲିଗଲା। ଓଡ଼ିଶାବାସୀଙ୍କ ଆଶା କେବଳ ଆଶାରେ ରହିଗଲା ବୋଲି ମୁଖ୍ୟମନ୍ତ୍ରୀ ସମାଲୋଚନା କରିଛନ୍ତି। ଓଡ଼ିଶା ପ୍ରତିବର୍ଷ ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେଉଛି। ସ୍ୱତନ୍ତ୍ର ପାହ୍ୟା ପାଇବା ପାଇଁ ଏକା କ'ଣ ଯଥାର୍ଥ ବୈଶିଷ୍ଟ୍ୟ ରୁହେଁ କି। ୨୦୧୪ରେ ଭାଜପା ଦେଇଥିବା ପ୍ରତିଶ୍ରୁତି ସମ୍ପର୍କରେ ୨୦୧୯ ନିର୍ବାଚନରେ ଲୋକମାନେ ମନେପକାଇ ଦେବେ ବୋଲି ମୁଖ୍ୟମନ୍ତ୍ରୀ ଦୃଢୋକ୍ତି ପ୍ରକାଶ କରିଛନ୍ତି। ସହିଭଳି ଓଡ଼ିଶା ପ୍ରତ୍ୟେକ ବର୍ଷ ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେଉଛି। ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମିଳିଲେ ଓଡ଼ିଶାବାସୀ ନ୍ୟାୟ ପାଇବେ। ଯୁବତୀ, ଯୁବକଙ୍କୁ ନିଯୁକ୍ତି ସୁଯୋଗ ମିଳିବା ସହ ଟିକସ ରିହାତି ମିଳିବ। ବିଭିନ୍ନ କେନ୍ଦ୍ରୀୟ ଯୋଜନାରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ୫୦ଭାଗ ଅନୁଦାନ ରହୁଛି। ହେଲେ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମିଳିଲେ କେନ୍ଦ୍ରର ୯୦ ଓ ରାଜ୍ୟର ୧୦ ପ୍ରତିଶତ ରହିବ। ଏହି ବଳକା ଅର୍ଥ ରାଜ୍ୟର ଶିକ୍ଷା, ସ୍ୱାସ୍ଥ୍ୟ,ଭିତ୍ତିଭୂମି ଓ ଅନ୍ୟାନ୍ୟ ବିକାଶରେ ଖର୍ଚ୍ଚ କରାଯାଇ ପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସାରା ରାଜ୍ୟରେ ପଦଯାତ୍ରା ସୁରୁଖୁରୁରେ ଚାଲୁଥିବାରୁ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଧନ୍ୟବାଦ ଦେଇଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ଖାଦ୍ୟସୁରକ୍ଷା, ଘର, ସ୍ୱାସ୍ଥ୍ୟ ଏବଂ ସାମାଜିକ ନିରାପତ୍ତାକୁ ଗୁରୁତ୍ୱ ଦିଆଯାଉଛି। କେନ୍ଦ୍ର ସରକାରଙ୍କ କେତେକ ନିୟମ ଏହାକୁ ପୂରଣ କରୁନାହିଁ। ତାହା ତାଙ୍କୁ ବାଧ୍ୟ୍ୟବା ମୁଖ୍ୟମନ୍ତ୍ରୀ କହିଛନ୍ତି। ସେଥିପାଇଁ ରାଜ୍ୟ ତା'ର ନିଜସ୍ୱ ଟଙ୍କାରେ ବିଜୁ ପକ୍କାଘର, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଏବଂ ମଧୁବାବୁ ପେନ୍‌ସନ୍ ଯୋଜନା କାର୍ଯ୍ୟକାରୀ କରୁଛି। ଉକ୍ତ ଯୋଜନାଗୁଡିକ କିଭଳି ଭାବେ ଠିକ୍ ହିତାଧିକାରୀଙ୍କ ନିକଟରେ ପହଞ୍ଚିବ , ସେଥିପାଇଁ କାମ କରାଯାଉଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। ଜନସମ୍ପର୍କ ପଦଯାତ୍ରା ଅବସରରେ ଭାଜପା ଓ କଂଗ୍ରେସର ଲିଙ୍ଗରାଜ ପଣ୍ଡା, ଚେତନ ଜେନା, କେଦାର ସ୍ୱାଇଁ, ଦୀପକ ଦାସ ଓ ସଫଳ ସମୟନ ୪ଜଣ କର୍ମୀ ବିଜେଡିରେ ଯୋଗଦେଇଛନ୍ତି।ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ସମେତ ଅନ୍ୟମାନଙ୍କ ମଧ୍ୟରେ ମନ୍ତ୍ରୀ ଅଶୋକ ପଣ୍ଡା, ବିଧାୟକ ପ୍ରିୟଦର୍ଶୀ ମିଶ୍ର, ବିଜୟ ମହାନ୍ତି, ଏମ୍‌ପି ପ୍ରସନ୍ନ ପାଟଶାଣୀ ,ମେୟର ଅନନ୍ତ ନାରାୟଣ ଜେନା ଏବଂ ସ୍ଥାନୀୟ କର୍ପୋରେଟର ରାଜଲକ୍ଷ୍ମୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

- ସ୍ୱତନ୍ତ୍ର ପାହ୍ୟା ମିଳିଲେ ନ୍ୟାୟ ମିଳିବ
- ୨୦୧୯ ନିର୍ବାଚନରେ ଲୋକେ ମନେ ପକାଇଦେବେ

ସହକାରୀ ମତ୍ସ୍ୟ ଅଧିକାରୀ ପାଇଁ ହେବ ଲିଖିତ ପରୀକ୍ଷା

ଭୁବନେଶ୍ୱର,୨।୧୧(ବ୍ୟୁରୋ)

ସହକାରୀ ମତ୍ସ୍ୟ ଅଧିକାରୀ ପାଇଁ ଏଣିକି ଓଡିଶା ପବ୍ଲିକ ସର୍ଭିସ କମିଶନ ମାଧ୍ୟମରେ ପ୍ରତିଯୋଗିତାମୂଳକ ପରୀକ୍ଷା ହେବ। ଫିଶେରି ଗ୍ରାଜୁଏଟମାନେ ଏହି ପରୀକ୍ଷା ପାଇଁ ଯୋଗ୍ୟ ବିବେଚିତ ହେବେ। ପୂର୍ବରୁ କେବଳ କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି)ରୁ ଉତ୍ତୀର୍ଣ୍ଣ ହେଉଥିବା ଫିଶେରି ଗ୍ରାଜୁଏଟଙ୍କୁ ସହକାରୀ ମତ୍ସ୍ୟ ଅଧିକାରୀ ଭାବେ ନିଯୁକ୍ତି ମିଳୁଥିଲା। କେବଳ ୮୦ ପ୍ରତିଶତ କ୍ୟାରିୟର ଓ ୨୦ ପ୍ରତିଶତ ମୌଖିକ ପରୀକ୍ଷା ଜରିଆରେ ନିଯୁକ୍ତି ଦିଆଯାଉଥିଲା। ରାଜ୍ୟରେ ଅନ୍ୟ ବିଶ୍ୱବିଦ୍ୟାଳୟରୁ ମଧ୍ୟ ମତ୍ସ୍ୟ ବିଭାଗର ସ୍ନାତକ ଛାତ୍ରୀମାନେ ଏହି ପଦବୀ ପାଇଁ ଆବେଦନ କରି ପାରିବେ। ଏଥିପାଇଁ ଓଡିଶା ମତ୍ସ୍ୟ ସେବା କ ଏବଂ ଖ ବର୍ଗ ମତ୍ସ୍ୟ ଅଧିକାରୀମାନଙ୍କ କ୍ୟାଡର ପୁନର୍ଗଠନ କରାଯାଇଛି। ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ କ୍ୟାବିନେଟ ମଞ୍ଜୁରୀ କରିଛି।

■ଜୈବିକ ମହୋତ୍ସବରେ ଦାରିଙ୍ଗବାଡ଼ିର ମହିଳା ଗୋଷ୍ଠୀ
କନ୍ଧମାଳ ହଳଦୀ କିଣିଲେ ସୋନିଆ

ଦାରିଙ୍ଗବାଡ଼ି,୨।୧୧(ଡି.ଏନ.ଏ)

ଉପା ଅଧ୍ୟକ୍ଷା ସୋନିଆ ଗାନ୍ଧୀ କନ୍ଧମାଳ ହଳଦୀ ଗୁଣ୍ଡ କିଣୁଛନ୍ତି।

ନୂଆଦିଲ୍ଲୀରେ ଚାଲିଛି ମହିଳାମାନଙ୍କ ପାଇଁ ସ୍ୱତନ୍ତ୍ର ଜୈବିକ ମହୋତ୍ସବ। ଜନପଥ ରୋଡ୍‌ରେ ୨୬ ତାରିଖରୁ ଆରମ୍ଭ ହୋଇଥିବା ଏହି ମହୋତ୍ସବ ୪ ତାରିଖରେ ସରିବ। ଏଥିରେ ଓଡ଼ିଶାରୁ ୫ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଯୋଗ ଦେଇଛନ୍ତି। ସେମାନଙ୍କ ମଧ୍ୟରେ କନ୍ଧମାଳ ଜିଲାର ଦାରିଙ୍ଗବାଡ଼ି ଏବଂ କ.ନୂଆଗାଁ ବ୍ଲକର ୨ଟି ଗୋଷ୍ଠୀ ନିଜସ୍ୱ ଉତ୍ପାଦିତ ଦ୍ରବ୍ୟ ବିକ୍ରି ପାଇଁ ଷ୍ଟଲ୍ ପକାଇଛନ୍ତି। ଜୈବିକ ମହୋତ୍ସବରେ ଯୋଗଦେଇଥିବା ଦାରିଙ୍ଗବାଡ଼ିର ଶ୍ରୀୟା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ଷ୍ଟଲ୍‌ରୁ ବୁଧବାର କଂଗ୍ରେସର ପୂର୍ବତନ ଅଧ୍ୟକ୍ଷା ସୋନିଆ ଗାନ୍ଧୀ କନ୍ଧମାଳ ହଳଦୀ ଗୁଣ୍ଡ କିଣିଛନ୍ତି। ୧ କିଲୋ ହଦଳୀ ଗୁଣ୍ଡକୁ ସେ ୨ଶହ ଟଙ୍କା ଦେଇ କିଣିଥିବା ସ୍ୱୟଂ ସହାୟକ ଗୋଷ୍ଠୀ ସଭାନେତ୍ରୀ ଝରଣା ସାହୁ କହିଛନ୍ତି। ଏଥିସହ ସେ କନ୍ଧମାଳ ଜିଲାର ସମସ୍ତ ଜଙ୍ଗଲଜାତ ପଦାର୍ଥ ଓ ହଳଦୀ, ଅଦା, ଆମ୍ବୁଲ, ଝୁଣା, ସୋରିଷ, ଡାଳଚିନି, ତେଜପତ୍ର, ତେନ୍ତୁଳୀ ସମ୍ପର୍କରେ ଜାଣିବାକୁ ଚାହିଁଥିଲେ। ଏଗୁଡିକ କିପରି ସଂଗ୍ରହ କରାଯାଏ ଓ ପ୍ରସ୍ତୁତ ହୁଏ ସେ ସମ୍ପର୍କରେ ମହିଳା ଗୋଷ୍ଠୀ ସଭ୍ୟାମାନଙ୍କୁ ପଚାରି ବୁଝିଥିଲେ। କନ୍ଧମାଳ ହଳଦୀ ଜୈବିକ ପଦ୍ଧତିରେ ଚାଷ କରାଯାଉଥିବାରୁ ସାରା ବିଶ୍ୱରେ ଏହାର ଚାହିଦା ରହିଛି। ତେଣୁ ଜିଲା ପ୍ରଶାସନ ପକ୍ଷରୁ ଜିଆଇ ଟ୍ୟାଗ୍ କରିବାକୁ ୨୦୧୭ରେ ଆବେଦନ କରାଯାଇଛି। ଏହାକୁ ମାନ୍ୟତା ପ୍ରଦାନ ପାଇଁ ଚାଷୀମାନେ ଦାବି କରୁଛନ୍ତି।

■୯ ଯାଏ ଜାରି ରହିବ ଓକିଲଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ
୩ ଜଣଙ୍କୁ ବାର୍‌ରୁ ବହିଷ୍କାର

କଟକ ଅଫିସ, ୨।୧୧

ନୋ ଆରେଷ୍ଟ ନୋ ୱାର୍କ। ଏହି ଜିଦ୍‌ରେ ଅଟଳ ରହିଛି ହାଇକୋର୍ଟ ବାର୍ ଆସୋସିଏଶନ। ଶୁକ୍ରବାର ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏଶନର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ବାର୍ ସଭାପତି ଶ୍ରୀକାନ୍ତ ନାୟକଙ୍କ ଅଧ୍ୟକ୍ଷତାରେ ବସିଥିବା ବୈଠକରେ ଆସନ୍ତା ୯ ତାରିଖ ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରହିବ ବୋଲି ନିଷ୍ପତ୍ତି ନିଆଯାଇଛି। ସେହିପରି ଆନ୍ଦୋଳନରୁ ଓହରିଯାଇଥିବା ବିଜେଡି ଆଇନଜୀବୀ ସାମ୍ମୁଖ୍ୟର ଉପଦେଷ୍ଟା ଅସିମ୍ ଅମିତାଭ ଦାସ, ଆବାହକ ମିଲନ କାନୁନ୍‌ଗୋ ଓ ହାଇକୋର୍ଟ ବାର୍ ଆସୋସିଏଶନର ପୂର୍ବତନ ଉପସଭାପତି ବଂଶୀଧର ଶତପଥୀଙ୍କୁ ବାର୍‌ରୁ ବହିଷ୍କାର କରାଯାଇଛି। ରାଜ୍ୟ ଆଇନଜୀବୀ ପରିଷଦର ଅଧ୍ୟକ୍ଷ ଟହଲି ଚରଣ ମହାନ୍ତିଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ସଂଘ ବିରୋଧୀ କାର୍ଯ୍ୟ ଓ ଓକିଲ ଏକତାକୁ ଭାଙ୍ଗିବା ପାଇଁ ଉଦ୍ୟମ କରୁଥିବା ଅଭିଯୋଗରେ ଏମାନଙ୍କୁ ବହିଷ୍କାର କରାଯାଇଥିବା ହାଇକୋର୍ଟ ବାର୍ ଆସୋସିଏଶନର ସମ୍ପାଦକ ସତ୍ୟବ୍ରତ ମହାନ୍ତି କହିଛନ୍ତି। ବାର୍‌ରେ ଏ ସମ୍ପର୍କରେ ରିଜୋଲ୍ୟୁଶନ ଆଗତ କରାଯାଇଛି। ବାର୍ ସମ୍ବିଧାନ ଅନୁଯାୟୀ ଉପରୋକ୍ତ ଆଇନଜୀବୀମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ମହାନ୍ତି ସୂଚନା ଦେଇଛନ୍ତି। ତେବେ ଆଡଭୋକେଟ ମହାନ୍ତି ପରବର୍ତ୍ତୀ ଅବସ୍ଥାରେ ବାର୍‌କୁ ଚିଠି ଲେଖି କ୍ଷମା ମାଗିଥିବାରୁ ତାଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିବା ସୂଚନା ମିଳିଛି। ବହିଷ୍କାର ସମ୍ପର୍କରେ ବିଜେଡି ଆଇନଜୀବୀ ସାମ୍ମୁଖ୍ୟର ଉପଦେଷ୍ଟା ତଥା ବରିଷ୍ଠ ଆଡଭୋକେଟ ଦାସ କୁହନ୍ତି, ଏହା ଉପରେ ଆମର କୌଣସି ପ୍ରତିକ୍ରିୟା ଦେବାର ନାହିଁ। କ'ଣ ହୋଇଛି ସେ ସମ୍ପର୍କରେ ଆମେ ଚିନ୍ତା କରୁଛୁ।

ସୂଚନାଥାଉକି, ଗତ ଅଗଷ୍ଟ ୨୮ରେ ହାଇକୋର୍ଟ ଆଡଭୋକେଟ ଦେବୀପ୍ରସାଦ ପଟ୍ଟନାୟକଙ୍କୁ ପୋଲିସ ମାଡ଼ ମାରିଥିବା ଅଭିଯୋଗ ହୋଇଥିଲା। ୫ଜଣ ପୋଲିସ କର୍ମଚାରୀ ପଟ୍ଟନାୟକଙ୍କୁ ମାଡ଼ ମାରିଥିବା ଚାଉଳିଆଗଞ୍ଜ ଥାନାରେ ଅଭିଯୋଗ ହୋଇଥିଲା। ସେହିମାନଙ୍କୁ ଗିରଫ କରିବା ପାଇଁ ଓକିଲମାନେ ଦାବି କରିଥିଲେ। ମାତ୍ର ପୋଲିସ ସେମାନଙ୍କ ମଧ୍ୟରୁ ୨ ଜଣଙ୍କୁ ଦଫା କୋହଳ କରି ଗିରଫ କରିଥିଲା। ତେଣୁ ଆଇପିସି ୩୦୭ ଦଫାରେ ୫ ଜଣ ପୋଲିସ କର୍ମଚାରୀଙ୍କୁ ଗିରଫ କରିବା ପାଇଁ ଆଇନଜୀବୀମାନେ ଦାବି କରିଥିଲେ। ଏହାକୁ ନେଇ ହାଇକୋର୍ଟ ବାର୍ ଆସୋସିଏଶନ ଗତ ଅଗଷ୍ଟ ୨୯ରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ଚଳାଇଥିଲେ। ପ୍ରାୟ ୨ ମାସ କାର୍ଯ୍ୟବନ୍ଦ ଆନ୍ଦୋଳନ ଚାଲିବା ପରେ ଗତ ଶନିବାର ବିଜେଡି ଆଇନଜୀବୀ ସାମ୍ମୁଖ୍ୟର ସଦସ୍ୟମାନେ ଆନ୍ଦୋଳନରୁ ଓହରିଯାଇଥିଲେ। ହାଇକୋର୍ଟ ବାର୍ ଆସୋସିଏଶନ ଉପସଭାପତି ପଦରୁ ବଂଶୀଧର ଶତପଥୀ ଇସ୍ତଫା ଦେଇଥିଲେ। ଆନ୍ଦୋଳନରେ ରାଜନୀତି ପଶିଥିବାରୁ ଶତପଥୀ ଇସ୍ତଫା ଦେଇଥିବା କହିଥିଲେ। ସେହିପରି ଓକିଲ ଆନ୍ଦୋଳନକୁ ରାଜନୀତୀକରଣ କରାଯାଉଥିବାରୁ ବିଜେଡି ଆଇନଜୀବୀ ସାମ୍ମୁଖ୍ୟର ସଦସ୍ୟମାନେ ଆନ୍ଦୋଳନରୁ ଓହରିଯାଇଥିବା ଉପଦେଷ୍ଟା ଆଡଭୋକେଟ ଦାସ କହିଥିଲେ। ଗତ ସୋମବାର ବିଜେଡି ଆଇନଜୀବୀ ସାମ୍ମୁଖ୍ୟର ସଦସ୍ୟମାନେ କାର୍ଯ୍ୟରେ ଯୋଗଦେବା ପାଇଁ ହାଇକୋର୍ଟ ଭିତରକୁ ପଶିବାକୁ ଉଦ୍ୟମ କରିବା ବେଳେ ତୁମୁଳକାଣ୍ଡ ଘଟିଥିଲା। ଏହାପରେ ଘଟଣାର ତଦନ୍ତ ହାଇକୋର୍ଟର ଜଣେ କାର୍ଯ୍ୟକାରୀ ବିଚାରପତିଙ୍କ ତତ୍ତ୍ୱାବଧାନରେ କରିବା ନିମନ୍ତେ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏହି ଅନୁଯାୟୀ ବିଚାରପତି ଜଷ୍ଟିସ ସି.ଆର୍. ଦାସଙ୍କ ତତ୍ତ୍ୱାବଧାନରେ ଉକ୍ତ ଘଟଣାର ତଦନ୍ତ ଜାରି ରହିଛି। ଘଟଣାର ତଦନ୍ତ କରୁଥିବା କ୍ରାଇମବ୍ରାଞ୍ଚକୁ ନଭେମ୍ବର ୯ ସୁଦ୍ଧା ଚୂଡ଼ାନ୍ତ ରିପୋର୍ଟ ଦେବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ତେଣୁ ସେ ପର୍ଯ୍ୟନ୍ତ ଓକିଲମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରଖିବାକୁ ଶୁକ୍ରବାର ନିଷ୍ପତ୍ତି ନିଆଯାଇଛି।



ଜ୍ଞାନ ଓ କିଷାନ୍‌ର ଜୟ ହିଁ ଦେଶ ଏବଂ ଜାତିର ଜୟ।

- ଲାଲ୍ ବାହାଦୁର ଶାସ୍ତ୍ରୀ

ଓଡ଼ିଶା ୩୨୪: ହରିୟାଣା ୨୩୯/୩

ଭୁବନେଶ୍ୱର, ୨।୧୧ (ସ୍ପୋର୍ଟ୍ସ ବ୍ୟୁରୋ)-ସ୍ଥାନୀୟ କିଟ୍ ଷ୍ଟାଡିୟମଠାରେ ଚାଲିଥିବା ରଣ୍‌ଜୀ ଟ୍ରଫି ମ୍ୟାଚରେ ଓଡ଼ିଶା ପ୍ରଥମ ଇନିଂସରେ ୩୨୪ ରନ କରିଛି। ଜବାବରେ ହରିୟାଣା ଶୁକ୍ରବାର ଦ୍ୱିତୀୟ ଦିନ ଖେଳ ଶେଷ ସୁଦ୍ଧା ୩ ଉଇକେଟ ବିନିମୟରେ ୨୩୯ ରନ କରିଛି। ଦଳ ପକ୍ଷରୁ ହିମାଂଶୁ ରାଣା ୧୧୩ ଏବଂ ପ୍ରମୋଦ ଚାଣ୍ଡିଲା ୩୪ ରନ କରି ଅପରାଜିତ ରହିଛନ୍ତି। ଦଳ ପକ୍ଷରୁ ଅନ୍ୟତମ ସଫଳ ବ୍ୟାଟ୍ସମ୍ୟାନ ଭାବେ ଚୈତନ୍ୟ ବିଶ୍ନୋଇ ୭୫ ରନ କରିଛନ୍ତି। ଘରୋଇ ଦଳ ପକ୍ଷରୁ ରାଜେଶ ମହାନ୍ତି ୨ ଏବଂ ଦେବବ୍ରତ ପ୍ରଧାନ ଗୋଟିଏ ଉଇକେଟ ଅକ୍ତିଆର କରିଛନ୍ତି। ହରିୟାଣା ଓଡ଼ିଶାର ପ୍ରଥମ ଇନିଂସ ସ୍କୋରଠାରୁ ଆହୁରି ୮୫ ରନ ପଛରେ ରହିଛି। ଶୁକ୍ରବାର ଓଡ଼ିଶା ପୂର୍ବଦିନର ଅସମାପ୍ତ ସ୍କୋର ୨୩୨/୬ରୁ ଖେଳ ଆରମ୍ଭ କରିଥିଲା। ଦଳ ଆଉ ୯୨ରନ ଯୋଗ କରି ଅବଶିଷ୍ଟ ୪ଉଇକେଟ ହରାଇଥିଲା। ଗୁରୁବାର ପ୍ରଥମ ଦିବସ ଖେଳରେ ଯଥାକ୍ରମେ ୩୦ ଓ ୭ ରନ କରି ଅପରାଜିତ ରହିଥିବା ଶାନ୍ତନୁ ମିଶ୍ର ଓ ଦେବବ୍ରତ ପ୍ରଧାନ ଯଥାକ୍ରମେ ୭୧ ଓ ୩୬ ରନ କରି ଆଉଟ ହୋଇଯାଇଥିଲେ। ଉଭୟେ ୭ମ ଉଇକେଟରେ ୬୦ ରନ ଯୋଗ କରିପାରିଥିଲେ। ଦେବବ୍ରତ ଟିନୁ କୁଣ୍ଡୁଙ୍କ ଦ୍ୱାରା ବୋଲ୍ଡ ହେବା ପରେ ସୂର୍ଯ୍ୟକାନ୍ତ ପ୍ରଧାନ ବ୍ୟାଟିଂ କରିବାକୁ ଆସିଥିଲେ। ମାତ୍ର ସେ ୧ରନ କରି ଜୟନ୍ତ ଯାଦବଙ୍କ ବଲ୍‌ରେ ହର୍ଶଲ ପଟେଲଙ୍କ ଦ୍ୱାରା କ୍ୟାଚ ଆଉଟ ହୋଇଯାଇଥିଲେ। ଅନ୍ତିମ ବ୍ୟାଟ୍ସମ୍ୟାନ ଭାବେ ଆଉଟ ହୋଇଥିବା ଶାନ୍ତନୁ ୯ମ ଉଇକେଟରେ ରାଜେଶ ମହାନ୍ତି (୧୬) ଙ୍କ ସହ ୪୨ ଏବଂ ପପୁ ରୟ୍ (୧*)ଙ୍କ ସହ ୧୦ ଉଇକେଟରେ ୩ ରନ ଯୋଗ କରିଥିଲେ। ହରିୟାଣା ତରଫରୁ ଟିନୁ କୁଣ୍ଡୁ ସବୁଠାରୁ ସଫଳ ବୋଲର ଭାବେ ୫୧ ରନ ବିନିମୟରେ ୪ଟି ଉଇକେଟ ନେଇଥିବାବେଳେ ମୋହିତ ଶର୍ମା ଓ ହର୍ଶଲ ପଟେଲ ୨ଟି ଲେଖାଏଁ ଏବଂ ଅଜିତ ଚହଲ ଓ ଜୟନ୍ତ ଯାଦବ ଗୋଟିଏ ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ।

ସଂକ୍ଷିପ୍ତ ସ୍କୋର

ଓଡ଼ିଶା ପ୍ରଥମ ଇନିଂସ: ୧୧୨.୨ ଓଭରରେ ୩୨୪/ଅଲଆଉଟ (ଅନୁରାଗ ଷଡ଼ଙ୍ଗୀ-୧୧୪, ଶାନ୍ତନୁ ମିଶ୍ର-୭୧, ଦେବବ୍ରତ ପ୍ରଧାନ-୩୬; ଟିନୁ କୁଣ୍ଡୁ-୪/୫୧, ମୋହିତ ଶର୍ମା-୨/୬୩, ହର୍ଶଲ ପଟେଲ-୨/୭୨)।

ହରିୟାଣା ପ୍ରଥମ ଇନିଂସ: ୬୫ ଓଭରରେ ୨୩୯/୩ (ହିମାଂଶୁ ରାଣା-୧୧୩*, ଚୈତନ୍ୟ ବିଶ୍ନୋଇ-୭୫, ପ୍ରମୋଦ ଚାଣ୍ଡିଲା-୩୪*; ରାଜେଶ ମହାନ୍ତି-୨/୩୬, ଦେବବ୍ରତ ପ୍ରଧାନ-୧/୪୯)।

ଯାତ୍ରୀବାହୀ ବସ୍‌ରୁ କଫ୍‌ସିରପ ଜବତ ଘଟଣା

ବ୍ୟବସାୟୀ, ଡ୍ରାଇଭର, କଣ୍ଡକ୍ଟରଙ୍କ ସମେତ ୬ ଗିରଫ

ସୋନପୁର,୨।୧୧(ନି.ପ୍ର.)

କଟକରୁ ନୂଆପଡା ଜିଲା ରାଜ ଖରିଆରକୁ କଫ୍‌ସିରପ ଚୋରା ଚାଲାଣ ମାମଲାରେ ସୋନପୁର ଟାଉନ ଥାନା ପୋଲିସ ୬ଜଣଙ୍କୁ ଗିରଫ କରଛି। ଏହି ଘଟଣାରେ ଆନ୍ତଃଜିଲା ନିଶା ଔଷଧ ବ୍ୟବସାୟୀ, ପରିବହନକାରୀ, ସହଯୋଗୀ, ଯାତ୍ରୀବାହୀ ବସ୍‌ର କଣ୍ଡକ୍ଟର ଓ ୨ ଡ୍ରାଇଭରଙ୍କୁ ପୋଲିସ ଶୁକ୍ରବାର କୋର୍ଟଚାଲାଣ କରିଛି। ପୋଲିସ ଯାତ୍ରୀବାହୀ ବସ୍ ନଂ ଓଡି୨୬ସି-୯୮୭୭ ଓ ୧୦ ପେଟି କଫ୍‌ସିରପ ଜବତ କରିଛି। ଗୁରୁବାର ଭୁବନେଶ୍ୱରରୁ ରାଜ ଖରିଆର ଯାଉଥିବା ଜୟ ମାତାଦି ନାମକ ଏକ ଘରୋଇ ଯାତ୍ରୀବାହୀ ରାତ୍ରିକାଳୀନ ଏକ୍ସପ୍ରେସ୍‌ରେ ବିପୁଳ ପରିମାଣର ନିଷିଦ୍ଧ ନିଶା ଔଷଧ ଚାଲାଣ ହେଉଥିବା ପୋଲିସକୁ ସୂଚନା ମିଳିଥିଲା। ଏସ୍‌ପି ଦେବୀପ୍ରସାଦ ଦାଶଙ୍କ ନିର୍ଦ୍ଦେଶ କ୍ରମେ ପୋଲିସ ବ୍ଲକ ଛକରେ ବସ୍‌କୁ ଭୋର ସମୟରେ ଅଟକ ରଖିଥିଲା। ତନଖି ପରେ ପଛ ଡିକିରୁ ୫ଟି ପ୍ଲାଷ୍ଟିକ୍ ବସ୍ତାରେ ଭର୍ତ୍ତି ଥିବା ବିପୁଳ ପରିମାଣର କଫ୍‌ସିରପ ମିଳିଥିଲା। ୧୦ଟି ପେଟିରେ ଏସ୍‌କଫ କମ୍ପାନୀର ୧୦୦ମିଲିଲିଟର ୧୬୦୦ ବୋତଲ ଲେଖାଏଁ ଗିରଫ ଥିଲା। ଏଥିରେ କୋଡିନ ଫସଫେଟ୍ ଓ କ୍ଲୋରଫିନରାମାଇନ ମାଲିଏଟ ରହିଥିଲା। କଟକ ବାଦାମବାଡି ବସଷ୍ଟାଣ୍ଡରୁ ଏହି କଫ୍‌ସିରପ ବୋତ୍ତେଇ ହୋଇ ଆସିଥିବା ଜଣାପଡିବା ପରେ ପୋଲିସ ବସ୍ କଣ୍ଡକ୍ଟର ଖରିଆର ସହର ଗାନ୍ଧୀନଗରର ରାମେଶ୍ୱର ଦୁରିଆ(୩୯), ଡ୍ରାଇଭର କଳାହାଣ୍ଡି ଜିଲା ଜୟପାଟଣା ଥାନା ସଣ୍ଟେମିରି ଗ୍ରାମର ପୁରୁଷୋତ୍ତମ ସିଂ(୪୮) ଓ ନୂଆପଡା ଜିଲା ସିନାପାଲି ଥାନା କପିଆ ଗାଁର ଜେହେରୁ ମେହେର(୪୫)ଙ୍କୁ ଗିରଫ କରିଥିଲା। ସେହିପରି ପୋଲିସ ଟିମ୍ ନୂଆପଡା ଜିଲାରେ ଛାନ୍‌ଭିନ୍ କରିଥିଲା। ବସ୍ କର୍ମଚାରୀଙ୍କଠାରୁ ସୂଚନା ପାଇ ଖରିଆରରେ କଫ୍‌ସିରପ୍ ବସ୍ତା ଗ୍ରହଣ ପାଇଁ ଅପେକ୍ଷା କରିଥିବା ସହରର ୨ନଂ ୱାର୍ଡର ବୀର ନାଗ(୫୪), ଅଟୋ ଚାଳକ ନୂଆପଡା ଜିଲା ଉପରପଡାର ଦୟାସାଗର ରାଉତ(୩୪) ଓ ବ୍ୟବସାୟୀ ତଥା ର୍ୟାକେଟ୍‌ର ମୁଖ୍ୟ କୋମନାର ବିକାଶ ସାଗର ଦୁରିଆ(୩୫)ଙ୍କୁ ପୋଲିସ ଗିରଫ କରିଛି। ଖରିଆରରୁ ଏହି ନିଶା ଔଷଧ ଅଟୋ ଯୋଗେ କୋମନା ଯିବାର ଥିଲା ବୋଲି ପୋଲିସ କହିଛି। ବିକାଶ କୋମନା ଅଞ୍ଚଳରେ ଏହି କଫ୍‌ସିରପ ବିକ୍ରି କରି ଥାଆନ୍ତେ ବୋଲି ପୋଲିସ ତଦନ୍ତରୁ ଜଣାପଡିଛି। ତେବେ କଟକରେ କିଏ ଏହି ଔଷଧ ବସ୍‌ରେ ବୋତ୍ତେଇ କରିଥିଲା ସେ ସମ୍ପର୍କରେ ଅଧିକ ତଦନ୍ତ ଜାରି ରହିଥିବା ସୁବର୍ଣ୍ଣପୁର ଏସ୍‌ପି ଦେବୀପ୍ରସାଦ ଦାଶ ଶୁକ୍ରବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଅତିରିକ୍ତ ଏସ୍‌ପି ରମେଶ ଚନ୍ଦ୍ର ପାଣିଗ୍ରାହୀ, ଡିଏସପି ହେମସାଗର ନନ୍ଦ, ସୋନପୁର ଏସଡିପିଓ ମିହିର କୁମାର ପଣ୍ଡା, ଟାଉନ ଥାନା ଆଇଆଇସି ଚନ୍ଦ୍ରମୋହନ ସିଂ, ସୋନପୁର ଡ୍ରଗ୍ସ ଇନ୍ସପେକ୍ଟର ବାବୁଲାଲ ଗୁଡୁ ଓ ସମସ୍ତ ଅଭିଯୁକ୍ତଙ୍କୁ ସୁବର୍ଣ୍ଣପୁରର ସବ୍‌ଜେଲ ହାଜତକୁ ପଠାଇ ସ୍ୱତନ୍ତ୍ର ଜଜ୍‌ଙ୍କ କୋର୍ଟରେ ହାଜର ଦିଆଯାଇଛି।

ଖବରଦାତା ସମ୍ମିଳନୀରେ ଏସ୍‌ପି ଦେବୀପ୍ରସାଦ ଦାଶ ସୂଚନା ଦେଉଛନ୍ତି ।



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

କେମିତି ରହିବ ଆଜିର ପାଗ

ରାଜ୍ୟ–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି।

ସ୍ଥାନୀୟ ଅଞ୍ଚଳ–ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ଆଂଶିକ ମେଘାଚ୍ଛନ୍ନ ରହିବ।। ଶନିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୨ ଡିଗ୍ରୀ ଏବଂ ସର୍ବନିମ୍ନ ୨୧ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି।

ଶୁକ୍ରବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

ସ୍ଥାନ	ସର୍ବୋଚ୍ଚ ତାପମାତ୍ରା	ସର୍ବନିମ୍ନ ତାପମାତ୍ରା
ବାଲେଶ୍ୱର	୩୨.୬	୧୯.୯
ଚାନ୍ଦବାଲି	୩୧.୫	୨୨.୫
କଟକ	୩୧.୫	୨୧.୦
ପାରାଦ୍ୱୀପ	୩୦.୬	୨୩.୩
ଭୁବନେଶ୍ୱର	୩୨.୬	୨୨.୫
ଗୋପାଳପୁର	୩୩.୦	୨୩.୪
ପୁରୀ	୩୧.୫	୨୩.୪
ଅନୁଗୋଳ	---	୨୦.୦
ବାରିପଦା	୩୦.୪	୨୨.୬
ଝାରସୁଗୁଡ଼ା	୩୩.୦	୨୦.୬
କେନ୍ଦୁଝର	୨୯.୮	୧୮.୫
ସମ୍ବଲପୁର	୩୩.୨	୨୧.୧
ସୁନ୍ଦରଗଡ଼	୩୩.୦	---
ହୀରାକୁଦ	୩୨.୯	୨୧.୧
ତାଲଚେର	୩୩.୮	୨୨.୩
ଭବାନୀପାଟଣା	୩୧.୦	୧୯.୦
ବଲାଙ୍ଗୀର	୩୨.୫	୨୧.୦
କୋରାପୁଟ	୩୦.୦	୧୬.୬
ଫୁଲବାଣୀ	୩୦.୦	୧୪.୬
ଟିଟିଲାଗଡ଼	୩୦.୫	୧୫.୫
ମାଲକାନଗିରି	୩୫.୦	---
ସୋନପୁର	୩୨.୨	୨୦.୨
ଦାରିଙ୍ଗିବାଡ଼ି	୨୬.୫	୧୪.୫
ଢେଙ୍କାନାଳ	---	---

ଡିଗ୍ରୀ ସେଲ୍‌ସିୟସ୍

ଗାଙ୍ଗୁଲି, ଯୁବିଙ୍କ ସମକକ୍ଷ କୋହଲି

ନୂଆଦିଲ୍ଲୀ,୨।୧୧–ଭାରତୀୟ କ୍ରିକେଟ ଦଳର ଅଧିନାୟକ ବିରାଟ କୋହଲି ଚଳିତ ୱେଷ୍ଟଇଣ୍ଡିଜ ବିପକ୍ଷ ଦିନିକିଆ ଶୃଙ୍ଖଳାରେ ମ୍ୟାନ୍ ଅଫ୍ ଦି ସିରିଜ୍ ପୁରସ୍କାର ପାଇଛନ୍ତି। ଏଥିଯୋଗୁ ସେ ପୂର୍ବତନ ଅଧିନାୟକ ସୌରଭ ଗାଙ୍ଗୁଲି ଓ ଅଲ୍‌ରାଉଣ୍ଡର ଯୁବରାଜ ସିଂ (ଯୁବି)ଙ୍କ ସମକକ୍ଷ ହୋଇଛନ୍ତି। ଏମାନେ କ୍ୟାରିୟରରେ ମୋଟ ୭ଥର ମ୍ୟାନ୍ ଦି ସିରିଜ୍ ପାଇଛନ୍ତି। ଏହି ସମ୍ମାନଜନକ ତାଲିକା ଶୀର୍ଷରେ ରହିଛନ୍ତି ପୂର୍ବତନ ମହାନ୍ ବ୍ୟାଟ୍ସମ୍ୟାନ ସଚିନ ତେନ୍ଦୁଲକର। ସେ ସର୍ବାଧିକ ୧୫ଥର ଏହି ପୁରସ୍କାର ପାଇଛନ୍ତି। ତାଙ୍କ ପଛକୁ ଶ୍ରୀଲଙ୍କାର ପୂର୍ବତନ ଓପ୍‌ନର ସନଥ ଜୟସୁରିୟା (୧୧ ଥର) ଓ ଦକ୍ଷିଣ ଆଫ୍ରିକାର ପୂର୍ବତନ ପେସର ଶନ୍ ପୋଲକ (୯ ଥର) ରହିଛନ୍ତି। ତେବେ କୋହଲି ଏହି ୫ ମ୍ୟାଚ୍‌ବିଶିଷ୍ଟ ସିରିଜ୍‌ରେ ହ୍ୟାଟ୍ରିକ ଶତକ ସହ ୪୫୩ ରନ୍ କରିଛନ୍ତି। ୱେଷ୍ଟଇଣ୍ଡିଜ୍ ବିପକ୍ଷ ପ୍ରଥମ ଟି୨୦ ମ୍ୟାଚ୍ ଆସନ୍ତା ରବିବାର କୋଲକାତାଠାରେ ଖେଳାଯିବ।

+PILES CLINIC+
Near Budheswari Temple, ମଝ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳଜଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

No 1 Clinic in India for Sexual Treatment
Lady Doctors are available for Ladies
For Best results Consult Physically
ସହବାସରେ ସମସ୍ୟା | ଶିଥିଳତା
ଧାତୁ ପତଳା | ଶିଘ୍ର ପତନ
ପରିସ୍ରାରେ ଧାତୁ | ସ୍ୱପ୍ନଦୋଷ
ଯୌନାଙ୍ଗରେ ଘା | ସ୍ତ୍ରୀ ରୋଗ
ଗୋପନରେ ମଦ ଛଡାନ୍ତୁ
PUSHPA CLINIC (P) LTD.
www.pushpaclinic.com
ପୁରୁଷାଙ୍ଗ ଶିଥିଳତା ଓ ଶିଘ୍ରପତନ ଦୂରକରିବା ପାଇଁ ପୁଷ୍ପାକ୍ଲିନିକ୍‌ର ଆୟୁର୍ବେଦୀୟ ଚିକିତ୍ସା ଅତୁଳନୀୟ
ସବୁଦିନ ସକାଳ ୯ଟାରୁ ରାତ୍ର ୮ଟା
A- 41, BDA Duplex Colony, Baramunda, Bhubaneswar - 3
BALASORE 9437147000
BBSR 0674- 2354320, 9437143000, 9437138000
ANGUL 9437146000
ସୂଚନା : ଅନୁଗୋଳ ଓ ବାଲେଶ୍ୱର ବ୍ୟତିତ ଅନ୍ୟ କୌଣସି ଜାଗାରେ ଆମର କୌଣସି ଶାଖା କ୍ଲିନିକ ନାହିଁ ।

e-PROCUREMENT NOTICE
No.922-O
Tender Online No. 07 of 2018-19

1	Name of the Work	Building works for 2018-19 mentioned in column 2 of table of N.I.T.
2	Estimated cost	Specified against each work in column 3 of table of N.I.T. excluding Goods and Services Tax.
3	Earnest Money Deposit	Specified against each work in column 4 of table of N.I.T.
4	Period of completion	Specified against each work in column 6 of table of N.I.T.
5	Class of contractors	Specified against each work in column 5 of table of N.I.T.
6	Cost of Tender Paper	Specified against each work in column 7 of table of N.I.T

Other details for the N.I.T.:

1	Procurement Officer	Executive Engineer, Rural Works Division, Jagatsinghpur
2	Date & time of availability of bid documents in Portal	05.11.2018 at 11:00 hrs
3	Last date & time for receipt of bids in Portal	15.11.2018 at 17:00 hrs
4	Last date & time of seeking of Bid clarification	14.11.2018 at 15:00 hrs
5	Opening of tender	16.11.2018 at 11:30 hrs at the Office of Executive Engineer, Rural Works Division, Jagatsinghpur.

Further details can be seen from the Government website: **www.tendersorissa.gov.in**.
Executive Engineer
25056/11/0008/1819 Rural Works Division, Jagatsinghpur

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

Get Instant Cash against Gold, Sell Your Gold at 100% Market Value
GOLD CASH LTD
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

LOAN
ସବୁ ଜିଲ୍ଲାର ଶିକ୍ଷିତ ଓ ବେରୋଜଗାରୀମାନେ ନିଜର ପ୍ରମାଣପତ୍ର ଦ୍ୱାରା ମାତ୍ର ବାର୍ଷିକ ୫% ସୁଧରେ ପର୍ସନାଲ, ବିଜନେସ, ମାର୍କେଟିଙ୍ଗ, କୃଷି ଓ ଗ୍ରୁପ ଲୋନ SAMPARK FINANCE ରୁ ନେଇପାରିବେ। ଡକୁମେଣ୍ଟ Email- fileodisha@gmail.com ରେ ପଠାଇ ପାରିବେ।
405 D, Shamalldas Gandhi Marg, Mumbai, Maharastra, India-400002
ଯୋଗାଯୋଗ-
7991052261
7991052595

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କେଟିଙ୍ଗ, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCE ରୁ ଋଣ ଯୋଗାଇ ଦିଆଯାଉଛି।
B-19, Tower No-9, New Moti Bagh, New Delhi-110021
8658167603
7064382081

FINANCE
Ramco Group ପର୍ସନାଲ, ଏଜ୍ୟୁକେସନ୍, ପ୍ରପର୍ଟି, ଏଗ୍ରିକଲଚର୍, ଟେକ୍‌ଓଭର୍ ପ୍ରଭୃତି ଋଣ 3% ବାର୍ଷିକ ସୁଧରେ ଉପଲବ୍ଧ ।
Tower-A, 7th Floor, Global Technology Park, Marathali, Bangalore-560037
7750060109
7750060137
Email Id- ramcogroup283@gmail.com

ଫାଇନାନ୍ସ
Ashoka Finance ଋଣ ଧମାକା ସରକାରୀ ଯୋଜନା ଅଧୀନରେ ଋଣ ମାତ୍ର 1350/- ଟଙ୍କାରେ (1 ଲକ୍ଷ - 90 ଲକ୍ଷ) ପର୍ଯ୍ୟନ୍ତ 0% ସୁଧ, 60% ରିହାତି। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଗୃହଋଣ, ବ୍ୟବସାୟ ସବୁ ଋଣ 48 ଘଣ୍ଟାରେ ସରକାରୀ ବ୍ୟାଙ୍କରୁ (ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି)
7900883466
8743042068
310, GRAM-MOHAMMADAPUR, TEHSIL- GOGWA, DISTRICT- KHARGONE (M.P.) - 451335

Adhar Finance
(ରେଜିଷ୍ଟେଡ କମ୍ପାନୀ)
ସମସ୍ତ ପ୍ରକାର ଲୋନ ପାଇଁ
ଲୋନ୍ ଅନ୍ ଲାଇନ୍ ମାଧ୍ୟମରେ କମ ସୁଧରେ ସମସ୍ତ ପ୍ରକାର ଲୋନ୍ ନେବା ପାଇଁ ଆମ ସହ ଯୋଗାଯୋଗ କରନ୍ତୁ
ଅଧିକତମ ମହିଳା, ଛାତ୍ରଛାତ୍ରୀ ଓ ବିଦ୍ୟାର୍ଥୀ ମାନଙ୍କୁ ସୁବିଧା ଯୋଗାଇ ଦିଆଯାଉଛି ।
12A, Karolbag,New Delhi
8433378861
7379665376

ଦୀପାବଳି ଧମାକା
ମୁଦ୍ରା ଫାଇନାନ୍ସ
ଟଙ୍କା ନେଉନୁ, ଧୋକା ଦେଉନୁ
ଆଗେ କାମ - ପରେ ଦାମ
ସରକାରୀ ମୁଦ୍ରା ଯୋଜନା ଅଧୀନରେ ପ୍ରଥମ 100 କଲରଙ୍କୁ ବିଶେଷ ରିହାତି
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ ରାଶନ କାର୍ଡ, ଆଧାର କାର୍ଡ ଚାଷ, ଏଗ୍ରୀକଲ୍ଚର
ସବୁ ପ୍ରକାର ଋଣ 24 ଘଣ୍ଟାରେ ପାଆନ୍ତୁ
2% ସୁଧ - 40% ରିହାତି
ଲକ୍ଷ ଲକ୍ଷ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
ଠକ କମ୍ପାନୀଗୁଡ଼ିକ ପ୍ରତି ସାବଧାନ
7078300382
7078299164
SCO-106, Second Floor, Vishal Tower, Connaught Place, Delhi

କେମିତି ମଦ ଛାଡ଼ିବେ
ଆପଣଙ୍କ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ। ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
ବାଲେଶ୍ୱର: ପ୍ରତିମାସ ୧ ଓ ୧୫, ହୋଟେଲ ଜଳିଙ୍ଗ, ଷ୍ଟେସନ ଗୋରେଇ। ଭଦ୍ରକ: ୨ ଓ ୧୨, ହୋଟେଲ ବ୍ଲୁଓ୍ୟାନ୍, ରାଡଘାଟ ଛକ। ଯାଜପୁର: ୩ ଓ ୧୩, ହୋଟେଲ ଜ୍ୟୋତିଶ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। କଟକ: ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। ଭୁବନେଶ୍ୱର: ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲବ୍), ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ଫ୍ରିଜ୍‌-ା। ପୁରୀ: ୬ ଓ ୨୦, ହୋଟେଲ ପାରୁଡାଇଜ୍, ଗାଣ୍ଡି ରୋଡ୍, ବଡ଼ଦାଣ୍ଡ ନିକଟ। ବାରିପଦା: ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଜି.ଏସ୍.ଟି. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। ରାଉରକେଲା: ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିପ୍ଲା ରୋଡ୍, ରେଳ ଷ୍ଟେସନ ନିକଟ। ପାରାଦୀପ: ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। କେନ୍ଦ୍ରାପଡ଼ା: ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍‌ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। କେନ୍ଦୁଝର: ପ୍ରତିମାସ ୧୦ ଓ ୨୪, ହୋଟେଲ ବରୁଣ, ବସ୍ ଷ୍ଟାଣ୍ଡ ନିକଟ। ଝାରସୁଗୁଡ଼ା: ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। ଅନୁଗୋଳ: ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। ବ୍ରହ୍ମପୁର: ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଚୁକ୍ ରୋଡ୍। ରାଜାମୁଣ୍ଡାପଶା: ୧୩ ଓ ୨୬, ରବି ଲଜ୍, ଗାନ୍ଧୀ ଚୌକ। ବରଗଡ଼: ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। ଫୁଲବାଣୀ: ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। ନୟାଗଡ଼: ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ବିଜା ରୋଡ୍। ପୂଜା ହେଲ୍‌ଥ ସେଣ୍ଟର
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

କଣ ଆପଣ ଅସୁବିଧାରେ ଅଛନ୍ତି କି? ଅଲଇଣ୍ଡିଆ ଖୋଲା ଚାଲେଞ୍ଜ ୨ ଘଣ୍ଟାରେ ୧୦୦% ସମାଧାନ କାମ ନହେଲେ ଟଙ୍କା ଫେରସ୍ତ ତନ୍ତ୍ର-ମନ୍ତ୍ରର ସମ୍ରାଟ
ବ୍ୟବସାୟରେ ଅସୁବିଧା, ପ୍ରେମରେ ଅସଫଳତା ତେବେ ମତେ ଆସିକି ଦେଖା କରନ୍ତୁ ବ୍ୟବସାୟରେ ଅସୁବିଧା, ବିବାହରେ ଅସୁବିଧା ସନ୍ତାନ ଓ ଶତ୍ରୁମାନଙ୍କଠାରୁ ମୁକ୍ତି ରୋଗରେ ଔଷଧ ନ ଲାଗିବ ବ୍ୟାରିୟରରେ ଅସଫଳତା।
ଯଦି କାହାର ସ୍ୱାମୀ, ପ୍ରେମିକା ଓ ଝିଅ କାହା ବଶରେ ଥାଆନ୍ତି ତେବେ ମତେ ଆସିକି ଦେଖା କରନ୍ତୁ।
BABA AMIM SUF

DSPL - 233

"After the successful organisation of Make in Odisha Conclave 2016, our focus has been on converting intents into investments through our mantra of 3Ts – Transparency, Technology and Teamwork."

Grounding New Opportunities for Broad-based Industrial Growth

Following up on the 3rd Ground-breaking /inauguration of 15 industrial units on August 23, 2018, Invest Odisha is pleased to announce...

4th phase of Ground-breaking ceremony of 15 new industrial projects spanning 6 sectors

by

Hon'ble Chief Minister

Shri Naveen Patnaik

at 11:30 AM on November 03, 2018

GROUND-BREAKING

◆ Ultratech Cement ◆ Welspun Orissa ◆ Chettinad Cement ◆ Surya Foods

◆ P & A Bottlers Pvt Ltd ◆ Oriplast ◆ CRPL Infra (P) Ltd ◆ Vijaynagar Bio-tech (P) Ltd

◆ Coastal Corporation ◆ Truism Resource LLP ◆ Wild Lotus Fashions Pvt. Ltd

◆ Flaminquo Sharimpex Pvt. Ltd ◆ Amarsagar Sea Food Pvt. Ltd

◆ Jharana Steel Industries ◆ Sabri Food Products Pvt Ltd

Investment of Rs. 1,807.92 Cr with employment to 8883 persons

Govt. of Odisha

MAKE IN ODISHA Conclave

BHUBANESWAR, 11-15 NOVEMBER, 2018

For Registrations, please visit: https://mio.investodisha.gov.in/

Or download the 'Make in Odisha 2018' app from GET IT ON Google Play | Download on the App Store

Follow us on @investInOdisha /investOdisha

Scan QR Code to Register

14005/13/0044/1819

ଧ୍ୱଂସର ରାସ୍ତାଟି ସଳଖ ଏବଂ ତା'ର ଫାଟକ ମଧ୍ୟ ଚଉଡ଼ା, କିନ୍ତୁ ମୁକ୍ତିର ରାସ୍ତାଟି କଣ୍ଟକିତ ଏବଂ ତା'ର ଫାଟକଟି ସଂକୀର୍ଣ୍ଣ।

- ବାଇବେଲ୍

ସଂକ୍ଷେପରେ

ମିନିଟ୍ରକ୍ ଓଲଟି ହେଲ୍‌ପର ମୃତ

ରେଢ଼ାଖୋଲ,୨।୧୧(ଡି.ଏନ.ଏ.)
ରେଢ଼ାଖୋଲ-ବୌଦ୍ଧ ରାସ୍ତାର ବଡବାହାଳ ଗ୍ରାମ ନିକଟରେ ଶୁକ୍ରବାର ସକାଳେ ଏକ ମିନି ଟ୍ରକ ଭାରସାମ୍ୟ ହରାଇ ରାସ୍ତା କଡରେ ଓଲଟି ପଡିଛି। ଏଥିଯୋଗୁ ଗାଡିର ହେଲପରଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଧମା ଥାନା ଅନ୍ତର୍ଗତ ରୁଢିଆପାଲି ଗ୍ରାମର ଶେଷଦେବ ନାଗ(୨୪)। ମାନେଶ୍ୱରରୁ ହ୍ୟୁମ ପାଇପ ବୋଝେଇ ହୋଇ ଯାଉଥିବା ଏହି ମିନି ଟ୍ରକଟି ବଡବାହାଳ ନିକଟରେ ଭାରସାମ୍ୟ ହରାଇ ରାସ୍ତା କଡକୁ ଓଲଟି ପଡିଥିଲା। ମିନି ଟ୍ରକର ଡ୍ରାଇଭର ନେତ୍ରାନନ୍ଦ ନାଏକ ଅଳ୍ପକେ ରକ୍ଷା ପାଇ ଯାଇଥିଲେ। ପୋଲିସ ହେଲପରଙ୍କ ମୃତଦେହ ଜବତ କରି ରେଢ଼ାଖୋଲ ଡାକ୍ତରଖାନାରେ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଏକ ଦୁର୍ଘଟଣା ଜନିତ ମାମଲା ରୁଜୁ ହୋଇଛି।

ଗୋଟିଏ ଦିନରେ ୪ ମୋବାଇଲ ଚୋରି

ବାମରା, ୨।୧୧ (ସ୍ୱ.ପ୍ର.)
ବାମରା ରେଳ ଷ୍ଟେଶନ ନିକଟସ୍ଥ ଡେଲି ମାର୍କେଟଠାରେ ଶୁକ୍ରବାର ସକାଳେ ୪ଜଣଙ୍କ ପକେଟରୁ ମୋବାଇଲ ଚୋରି ହୋଇଛି । ବାମରା ଡେଲି ମାର୍କେଟଠାରେ ପ୍ରତିଦିନ ପନିପରିବା ବିକ୍ରୟ ପାଇଁ ଲୋକଙ୍କ ଗହଳି ହୋଇ ଥାଏ। ଏହାର ସୁଯୋଗ ନେଇ ଲୋକଙ୍କ ପକେଟରୁ ମୋବାଇଲ ଫୋନ ଚୋରି ହୋଇଛି । ଏ ନେଇ ବାମରା ଜିଆରପି ଫାଣ୍ଡିରେ ଘୁମୁଡା ଗ୍ରାମର ରମେଶ ପୃଷ୍ଠେଠ ଓ ବାମରାର ସୁନିଲ ସିଂ ଲିଖିତ ଅଭିଯୋଗ କରିଛନ୍ତି। ଅନ୍ୟ ୨ ଜଣ ଅଭିଯୋଗ କରି ନ ଥିବା ଜିଆରପି ଫାଣ୍ଡି ଅଧିକାରୀ ଉମେଶଚନ୍ଦ୍ର ଅହିର ସୂଚନା ଦେଇଛନ୍ତି ।

ପ୍ରହଲ୍ଲାଦ ପଣ୍ଡାଙ୍କ ବିୟୋଗରେ ଶୋକସଭା

ସମ୍ବଲପୁର, ୨।୧୧ (ବ୍ୟୁରୋ)
ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅବସରପ୍ରାପ୍ତ କର୍ମଚାରୀ ସଂଘର ଏକ ଶୋକସଭା ଶୁକ୍ରବାର ଜ୍ୟୋତି ବିହାର ପରିସରରେ ଅନୁଷ୍ଠିତ ହୋଇଯାଇଛି । ବିଶ୍ୱ ବିଦ୍ୟାଳୟ ଅବସରପ୍ରାପ୍ତ ସହକାରୀ ପାଠାଗାର ରକ୍ଷକ ପ୍ରହଲ୍ଲାଦ ପଣ୍ଡାଙ୍କ ବିୟୋଗରେ ନୀରବ ପ୍ରାର୍ଥନା କରାଯାଇ ତାଙ୍କ ସ୍ମୃତିଚାରଣ କରିଥିଲେ ।

ଟ୍ରେନ୍ ଧକ୍କାରେ ଜଣେ ମୃତ

ବାମରା, ୨।୧୧ (ସ୍ୱ.ପ୍ର.)
ସମ୍ବଲପୁର ଜିଲା ଧାରୁଆଡି- ବାଗଡିହି ରେଲଧାରଣାରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର କରାଯାଇଛି । ମୃତ ବ୍ୟକ୍ତି ଜଣକ ଲଇକେରା ଥାନା ଅନ୍ତର୍ଗତ ବାଗଡିହି ବରିହାପଡାର କରୁଣା ବାଘ (୫୫)। ସେ ଶୌଚ ପାଇଁ ରେଳ ଲାଇନ କଡକୁ ଆସିଥିବା ବେଳେ କୌଣସି ଚଳନ୍ତା ଟ୍ରେନ ଧକ୍କାରେ ତାଙ୍କ ମୃତ୍ୟୁ ଘଟିଥିବା ପୋଲିସ ଅନୁମାନ କରୁଛି। ମୃତଦେହକୁ ଜବତ କରି ଝାରସୁଗୁଡା ଜିଲା ଚିକିତ୍ସାଳୟରେ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି । ଏ ନେଇ ଝାରସୁଗୁଡା ଜିଆରପି ଥାନାରେ କେଶ ନଂ. ୪୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

ଆଇଓସିଏଲ୍ ପକ୍ଷରୁ ଦୁର୍ନୀତି ନିବାରଣ ପକ୍ଷ ପାଳନ

ବାମରା, ୨।୧୧ (ସ୍ୱ.ପ୍ର.)- ବାମରା ଟ୍ରଷ୍ଟ ଫଣ୍ଡ ମହାବିଦ୍ୟାଳୟଠାରେ ଇଣ୍ଡିଆନ ଅଏଲ କର୍ପୋରେସନ୍ ଲିମିଟେଡ ପକ୍ଷରୁ ଶୁକ୍ରବାର ଦୁର୍ନୀତି ନିବାରଣ ପକ୍ଷ ପାଳନ କରାଯାଇଛି । ଏଥିରେ ଝାରସୁଗୁଡା କେନ୍ଦ୍ରର ମୁଖ୍ୟ ପରିଚାଳନା ପ୍ରବନ୍ଧକ ସନ୍ତୋଷ କୁମାର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ତଳସ୍ତରରୁ ଦୁର୍ନୀତି ନିବାରଣ ଦ୍ୱାରା ହିଁ ପ୍ରକୃତରେ ଦୁର୍ନୀତିକୁ ରୋକାଯାଇ ପାରିବ ବୋଲି ନିଜ ମନ୍ତବ୍ୟରେ କହିଥିଲେ । ସମ୍ମାନୀୟ ଅତିଥି ଭାବେ ପରିଚାଳନା ପ୍ରବନ୍ଧକ ପ୍ରବୀଣ କୁମାର ସିଂ, କଲେଜ ଅଧ୍ୟକ୍ଷ ବିନୋଦ ବିହାରୀ ନାଏକ, ଅଧ୍ୟାପକ ସନ୍ତୋଷ ନାଏକ ଓ ସୁଶିଲ ନାଏକ ଯୋଗ ଦେଇଥିଲେ । ଅଧ୍ୟାପକ ପ୍ରଦୀପ୍ତ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି ଅବସରରେ ଦୁର୍ନୀତି ନିବାରଣ ଉପରେ ୪ଟି ଗ୍ରୁପର ୧୬ଜଣ ଛାତ୍ରୀଛାତ୍ରଙ୍କୁ ନେଇ ଏକ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ପ୍ରଥମ ସ୍ଥାନ ଶିବାଙ୍ଗି ରାଏ, ଦ୍ୱିତୀୟ ଶିଖା ଦୁବେ ଓ ତୃତୀୟ ସ୍ଥାନ ସୁକୃତୀ ଲାଠ ଅଧିକାର କରିଥିଲେ । ଛାତ୍ରୀ ଅନୁରାଧା ଓଝାଙ୍କୁ ସାନ୍ତ୍ୱନା ମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା । ସମସ୍ତ ଛାତ୍ରୀଛାତ୍ରଙ୍କୁ ଟ୍ରଫି ସହ ପୁରସ୍କାର ଦେଇ ସମ୍ମାନୀତ କରାଯାଇଥିଲା । ପରେ ଉପସ୍ଥିତ ସମସ୍ତ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକ ଦୁର୍ନୀତି ନିବାରଣ ପାଇଁ ଶପଥ ନେଇଥିଲେ । ଶେଷରେ ଅଧ୍ୟାପକ ହରିଶଚନ୍ଦ୍ର ପୃଷ୍ଟି ଧନ୍ୟବାଦ ପ୍ରଦାନ କରିଥିଲେ।

ମଦ ବିକ୍ରି ବନ୍ଦ କରାଯାଉ

ରେଢ଼ାଖୋଲ, ୨।୧୧ (ଡି.ଏନ.ଏ.)

ରେଢ଼ାଖୋଲ ଉପଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ସମ୍ମୁଖରେ ମହିଳାମାନେ ଧାରଣାରେ ବସିଛନ୍ତି।

ସରକାର ଅଧିକ ରାଜସ୍ୱ ଆଦାୟ ପାଇଁ ଦେଶୀ ଓ ବିଦେଶୀ ମଦ ଦୋକାନ ଖୋଲିବା ପାଇଁ ଲାଇସନ୍ସ ପ୍ରଦାନ କରୁଛନ୍ତି। ଲାଇସନ୍ସପ୍ରାପ୍ତ ମଦଭାଟି ମାଲିକମାନେ ଗାଁ ଗାଁରେ ଦେଶୀ ବିଦେଶୀ ମଦ ସହ କୁଟିଆ ଭାଟି ଖୋଲି ଅନାୟସରେ ଖୋଲା ଖୋଲି ଭାବେ ମଦ ବିକ୍ରୀ କରୁଛନ୍ତି। ଫଳରେ ଗାଁ ରୁ ସହର ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଇବା ସହିତ ମହିଳା ମାନଙ୍କ ଉପରେ ଅତ୍ୟାଚାର ବୃଦ୍ଧି ପାଉଛି। ଏଥିସହିତ ମହିଳାମାନେ ଆର୍ଥିକ ସଂକଟର ସମ୍ମୁଖୀନ ହେଉଛନ୍ତି। ଏଣୁ ରେଢ଼ାଖୋଲ ଉପଖଣ୍ଡରୁ ସମ୍ପୂର୍ଣ୍ଣ ଭାବେ ବେଆଇନ ମଦ ବିକ୍ରି ବନ୍ଦ କରାଯାଉ। ଏହି ଦାବି ନେଇ ଶୁକ୍ରବାର ଉପଖଣ୍ଡର ବହୁ ମହିଳା ସଂଘର କର୍ମକର୍ତ୍ତା ରେଢ଼ାଖୋଲ ଉପଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ସମ୍ମୁଖରେ ଦିନ ୧୧ଟାରୁ ୨ ଟା ପର୍ଯ୍ୟନ୍ତ ଧାରଣା ଦେଇଥିଲେ। ଏ ନେଇ ଏକ ଦାବିପତ୍ର ଉପଜିଲାପାଳ ବିଶିକେସନ ଦେହୁରୀଙ୍କୁ ପ୍ରଦାନ କରି ଆସନ୍ତା ୨୬ ତାରିଖ ମଧ୍ୟରେ ଏ ଦିଗରେ ପଦକ୍ଷେପ ନିଆ ନ ଗଲେ ପୁନର୍ବାର ଆନ୍ଦୋଳନ କରିବାକୁ ବାଧ ହେବୁ ବୋଲି ଜଣାଇଛନ୍ତି। ରେଢ଼ାଖୋଲ ବିକାଶ ମଞ୍ଚର ସଭାପତି ଲକ୍ଷ୍ମୀନାରାୟଣ ଖିଲାରୀ, ମଦମୁକ୍ତି ଅଭିଯାନର ସୁବାସ ନାଏକ, କରୁଣାକର କିସାନ, ଶ୍ରମିକ ନେତା ବିନୋଦ ପ୍ରଧାନ, ନାକ୍ସିଦେଉଳ ମହିଳା ବିକାଶ ମଞ୍ଚର ସଭାନେତ୍ରୀ ସସ୍ମିତା ମହାନ୍ତି, ସମ୍ପାଦିକା ସଂଯୁକ୍ତା ଶତପଥୀ, ଆଦିଶକ୍ତି ମହିଳା ସଂଘର ପ୍ରିୟଦର୍ଶନୀ ସାହୁ, ପୁଷ୍ପାଞ୍ଜଳି ପ୍ରଧାନ, ଆଳତି ସାହୁ, ସ୍ୱଦେଶ ପ୍ରଧାନ, ପ୍ରଭାତି ସାହୁଙ୍କ ସମେତ ଉପଖଣ୍ଡର ଶତାଧିକ ମହିଳା ଧାରଣାରେ ବସିବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଉଜିଲାପାଳ ଧାରଣାସ୍ଥଳକୁ ଆସି ଦାବିପତ୍ର ଗ୍ରହଣ କରିବା ସହିତ ଏ ଦିଗରେ ପଦକ୍ଷେପ ନେବାର ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

ଘରକୁ ଘର ବୁଲିଲେ ବିଜେଡି ନେତା

ଶୁକ୍ରବାର ସମ୍ବଲପୁର ଜିଲା ରେଙ୍ଗାଲି ନିର୍ବାଚନ ମଣ୍ଡଳୀରେ ବିଜେଡି ନେତାମାନେ ପଦଯାତ୍ରାରେ ସାମିଲ୍ ହୋଇଛନ୍ତି।

ସମ୍ବଲପୁର, ୨।୧୧ (ବ୍ୟୁରୋ)

ସମ୍ବଲପୁର ଜିଲା ରେଙ୍ଗାଲି ବିଧାନସଭା ମଣ୍ଡଳୀ ଅନ୍ତର୍ଗତ ତବତାବାହାଲ ଓ ଟାମ୍ପର କେଲାରେ ବିଜେଡିର ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ବିଜେଡି ନେତା ଓ କର୍ମୀମାନଙ୍କୁ ଗ୍ରାମବାସୀ ସ୍ୱାଗତ କରିଥିଲେ। ଏହାପରେ ଦଳୀୟ ନେତାମାନେ ନବୀନ ପଟ୍ଟନାୟକଙ୍କ ଜନହିତକର ଯୋଜନା ଉପରେ ଜନସାଧାରଣଙ୍କ ସହ ଆଲୋଚନା କରିଥିଲେ । ଜିଲା ସଭାପତି ପ୍ରମୋଦ ରଥ ପଦଯାତ୍ରାରେ ସାମିଲ ହୋଇ ଦଳୀୟ କର୍ମୀମାନଙ୍କୁ ଉତ୍ସାହିତ କରିଥିଲେ । ସେହିପରି ତବତାବାହାଲରେ କିରଣ ବେହେରା, ଗାନ୍ଧୀ ବେହେରା, ହରିଶଙ୍କର ବେହେରା, ମନୋଜ ଦାଶ, ଅଶୋକ ବଗର୍ତ୍ତି, ପ୍ରଫୁଲ୍ଲ ପାତ୍ର, ଗଜିନ୍ଦ୍ର ଓରାମ, ସ୍ୱାଗତିକା ମହାନ୍ତି, ବୈଦେବୀ ପାଣ୍ଡେ ବକ୍ତବ୍ୟ ପ୍ରଦାନ କରିଥିଲେ । ଏଠାରେ ଶତାଧିକ ମହିଳା ଓ ପୁରୁଷ ସାମିଲ ହୋଇଥିଲେ ।

ଲକ୍ଷ୍ମୀପୂଜା କପ୍ ଫୁଟବଲ
ହିନ୍ଦୁସ୍ତାନ କ୍ଲବ ଚାମ୍ପିୟନ

ବାରକୋଟ, ୨।୧୧ (ଡି.ଏନ.ଏ)

ଦେବଗଡ ଜିଲା କଣ୍ଢଳରେ ଅଗ୍ରଗତି ସଂଘ ଗଜଲକ୍ଷ୍ମୀ ପୂଜା କମିଟି ଆନୁକୂଲ୍ୟରେ ଚାଲିଥିବା ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ଉଦଯାପିତ ହୋଇଯାଇଛି । ଖେଳପ୍ରେମୀଙ୍କୁ ଆକୃଷ୍ଟ କରିବା ପାଇଁ କମିଟି ପକ୍ଷରୁ ଚାଲିଥିବା ଫୁଟବଲ ଟୁର୍ନାମେଣ୍ଟରେ ହିନ୍ଦୁସ୍ତାନ କ୍ଲବ କେଲୋ (ବଣେଇଁ) କେଜେ ସ୍ପୋର୍ଟିଂ ରାଉରକେଲାକୁ ପରାସ୍ତ କରି ଚାମ୍ପିୟନ ହୋଇଥିଲା । ଉଦଯାପନୀ ଉତ୍ସବର ମୁଖ୍ୟ ଅତିଥି ଭାବେ ତୁଳସୀ କନଷ୍ଟ୍ରକସନ୍‌ର ଏମ ପ୍ରଶନ୍ନ ବେହେରା, ସମ୍ମାନିତ ଅତିଥି ଭାବେ କଣ୍ଢଳ ସରପଞ୍ଚ ତଥା ପୂଜା କମିଟିର ସଭାପତି ବିରଞ୍ଚି ବେହେରା, ପୂର୍ବତନ ସରପଞ୍ଚ ତଥା ପୂଜା କମିଟିର ସମ୍ପାଦକ ପ୍ରଶନ୍ନ ନାଏକ, ବସାଲଇ ଗ୍ରାମ ପଞ୍ଚାୟତର ସମିତି ସଭ୍ୟ ଭୁବନେଶ୍ୱର ପ୍ରଧାନ ଏବଂ ଅବସରପ୍ରାପ୍ତ ଶିକ୍ଷକ ସୁଦର୍ଶନ ନାଏକ ମଞ୍ଚାସୀନ ଥିଲେ। ଖେଳ ଆୟୋଜନରେ ହୀରାଲାଲ ସାହୁ, ରାଜକିଶୋର ପ୍ରଧାନ, ଦୟାନିଧି ବେହେରା, ସନ୍ତୋଷ ସାହୁଙ୍କ ସହିତ ସ୍ପୋର୍ଟିଂ କ୍ଲବ କଣ୍ଢଳର ସଦସ୍ୟମାନେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ।

ତିଲେଇବଣି ବ୍ଲକ ଅଫିସ ଘେରିଲା ଭାଜପା

ଦେବଗଡ଼,୨।୧୧ (ସ୍ୱ.ପ୍ର.)

ରାଜ୍ୟ ସରକାରଙ୍କ ବିଫଳତା ଓ ସ୍ଥାନୀୟ ସମସ୍ୟା ପ୍ରତିବାଦରେ ଭାଜପା ତରଫରୁ ଦେବଗଡ ଜିଲା ତିଲେଇବଣି ବ୍ଲକରେ ଆନ୍ଦୋଳନ କରାଯାଇଛି। ଶୁକ୍ରବାର ବ୍ଲକ କାର୍ଯ୍ୟାଳୟକୁ ଘେରାଉ କରାଯାଇଛି। ବିଧାୟକ ନିତେଶ ଗଙ୍ଗଦେବ ଓ ପୂର୍ବତନ ବିଧାୟକ ସୁବାସଚନ୍ଦ୍ର ପାଣିଗ୍ରାହୀଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଜିଲା ପରିଷଦ ଅଧକ୍ଷା ସୁଧାମୟୀ ପଟେଲ, ବ୍ଲକ ଅଧକ୍ଷା ସୁବାସିନୀ ଦେହୁରୀ, ଜିଲା ପରିଷଦ ସଭ୍ୟା ବୃନ୍ଦାବତୀ ଭୋଇ, ରଂଜିତ ପଟେଲ, ଯୋଗେଶ ପ୍ରଧାନ, ସନ୍ତୋଷ ଭୂତିୟା, ରମଣି ଦାଶ, ପୁରୁଷୋତ୍ତମ ସାହୁ, କ୍ରୀଷ୍ଣା ଯାଦବ, ଉମେଶଚନ୍ଦ୍ର ନାୟକ, ଚନ୍ଦ୍ରଶେଖର ମହାପାତ୍ର, ପ୍ରସନ୍ନ ପାତ୍ରଙ୍କ ସମେତ ବହୁସଂଖ୍ୟକ ଦଳୀୟ କର୍ମୀ ଉପସ୍ଥିତ ରହିଥିଲେ। ତିଲେଇବଣି ବ୍ଲକକୁ ମରୁଡି ଘୋଷଣା, ଆଇଟିଡିଏ ଅଫିସ ସ୍ଥାନାନ୍ତର, ଶୋଚନୀୟ ହୋଇଥିବା ଜାତୀୟ ରାଜପଥ ମରାମତି ଦାବି କରିଥିଲେ। ବ୍ଲକରେ ମରୁଡି ସମସ୍ୟା ତଥା ଚୋକଡା ପୋକ ଯୋଗୁ ଉଜୁଡା ଧାନ କେଣ୍ଡା ଧରି ଏକ ବିରାଟ ରାଲିରେ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ରାଜ୍ୟ ତଥା ବିଜେଡି ସରକାରଙ୍କ ଅମଳରେ ପିସି, ଦୁର୍ନୀତି, ଭ୍ରଷ୍ଟାଚାର, ପ୍ରୀୟାପ୍ରୀତି ଶୋଷଣ ବିରୁଦ୍ଧରେ ଗର୍ଜିବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । କାର୍ଯ୍ୟକ୍ରମରେ ବ୍ଲକର ୨୦ ଟି ପଞ୍ଚାୟତର ବହୁସଂଖ୍ୟକ କର୍ମୀ, ସରପଞ୍ଚ, ସମିତି ସଭ୍ୟାସଭ୍ୟଙ୍କ ସମେତ ବହୁସଂଖ୍ୟକ ଚାଷୀ ପ୍ରମୁଖ ଯୋଗଦାନ କରିଥିଲେ। ତିଲେଇବଣି ବିଡିଓ କୃଷ୍ଣଚନ୍ଦ୍ର ଦଳପତିଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ।

ବିଜେଡି ସରକାର ବିରୋଧରେ ଗର୍ଜନ

ମାନେଶ୍ୱର,୨।୧୧(ଡି.ଏନ.ଏ)

ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ ଭାଜପା ପକ୍ଷରୁ ଯୁଯୁମୁରା ବ୍ଲକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପ୍ରଥମେ ସ୍କୁଲ ପଡିଆରୁ ଏକ ରାଲି ବାହାରିଥିଲା। ପରେ ଯୁଯୁମୁରା ବ୍ଲକ ମଣ୍ଡଳ ସଭାପତି ଓମପ୍ରକାଶ ବିଶ୍ୱାଳଙ୍କ ସଭାପତିତ୍ୱରେ ଏକ ବିକ୍ଷୋଭ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଜିଲା ଭାଜପା ସଭାପତି ରାମଚନ୍ଦ୍ର ମେହେର, ସାଧାରଣ ସମ୍ପାଦକ ଦାମୋଦର କର, ସୀମାଞ୍ଚଳ ଖଟେଇ, ଗୋବିନ୍ଦ ଅଗ୍ରୱାଲ, ଦେବେନ୍ଦ୍ର ମହାପାତ୍ର, ଡାକ୍ତର ରାଜକୁମାର ବଡପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ । ରାଜ୍ୟ ସରକାରଙ୍କ ଦୁର୍ନୀତି ଓ ଅପରାଗତା ବିରୋଧରେ ଭାଜପା ନେତୃମଣ୍ଡଳୀ ବର୍ଷିଥିଲେ । ବିଜେଡି ସରକାର ବିରୋଧରେ ସ୍ୱର ଉତ୍ତୋଳନ କରିବା ସହ ରାଜ୍ୟରେ ଏକ ଅପାରଗ ଅଣଓଡିଆ ଏବଂ ପିସି ସରକାର ଚାଲିଛି ବୋଲି କହିଥିଲେ । କେନ୍ଦ୍ର ସରକାରଙ୍କ ଅନୁଦାନ ଗୁଡିକ ଅପହରଣ କରି ରାଜ୍ୟ ସକାରାର ନିଜ ନାମରେ ଯୋଜନାକୁ ନାମିତ କରୁଛନ୍ତି । ଓଡିଶାର ଜନ ସାଧାରଣଙ୍କଠାରୁ ପ୍ରସଂସା ନେଉଛନ୍ତି ବୋଲି ଅଭିଯୋଗ ହୋଇଛି। ଆଗାମୀ ନିର୍ବାଚନରେ ଜନସାଧାରଣ ବିଜେଡିକୁ ଉପଯୁକ୍ତ ଜବାବ ଦେବାର ସମୟ ଆସିଛି ବୋଲି ଏହି ଅବସରରେ ନେତାମାନେ କହିଥିଲେ । କୃଷି ଋଣ ସମ୍ପୂର୍ଣ୍ଣ ଛାଡ, ଭୂମିହୀନଙ୍କୁ ଜମିପଟ୍ଟା ପ୍ରଦାନ, ସମସ୍ତ ଚାଷ ଜମିକୁ ଜଳ ସେଚନ ବ୍ୟବସ୍ଥା, ଚାଷୀମାନଙ୍କୁ ପେନସନ ପ୍ରଦାନ, ଚାଷୀନେତା ପର୍ଶୁରାମ ପ୍ରଧାନଙ୍କ ହତ୍ୟାକାରୀଙ୍କୁ ତୁରନ୍ତ ଗିରଫ, ସମସ୍ତ ବୃଦ୍ଧ ବୃଦ୍ଧାମାନଙ୍କୁ ଭତ୍ତା ପ୍ରଦାନ, ଚାଷୀ ଋଣ ଟଙ୍କା ହଡପକାରୀଙ୍କ ବିରୋଧରେ ସିବିଆଇ ତଦନ୍ତ, ଆୟୁଷ୍ମାନ ଯୋଜନା ଓଡିଶାରେ ଲାଗୁ କରାଯାଉ ବୋଲି ଦାବି କରାଯାଇଛି।

ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକରେ ଭାଜପା ପକ୍ଷରୁ ଆୟୋଜିତ ରାଲିରେ ନେତା ଓ କର୍ମୀ।

ଭିମ୍‌ସାର ନିର୍ଦ୍ଦେଶକଙ୍କୁ ଘେରିଲା ସମ୍ବଳ

ସମ୍ବଲପୁର, ୨।୧୧ (ବ୍ୟୁରୋ)

ବୁର୍ଲା ଭିମସାରରେ ଥିବା ୪ଟି ଫ୍ରିଜର ଅଚଳ ହୋଇ ପଡି ରହିଛି । ଏହାକୁ ସଜାଡିବା ପାଇଁ ଦାବିହୋଇ ଆସୁଛି। କିନ୍ତୁ କର୍ତ୍ତୃପକ୍ଷ ନିଦାବିଷ୍ଟ ସାଜିଛନ୍ତି । ତେବେ ଶୁକ୍ରବାର ସମ୍ବଲପୁର ସମ୍ବଳ ଅନୁଷ୍ଠାନ ନିର୍ଦ୍ଦେଶକ ପ୍ରଫେସର ଅଶ୍ୱିନୀ କୁମାର ପୂଜାହାରୀଙ୍କୁ ଘେରାଉ କରିଥିଲା। ହେଲେ ଆନ୍ଦୋଳନକାରୀଙ୍କୁ ନିର୍ଦ୍ଦେଶକ କହିଥିଲେ ଯେ, ୧୧ଟି ଫ୍ରିଜରର ବ୍ୟବସ୍ଥା ବିଷୟରେ ଚିନ୍ତା କରାଯାଇଛି । ଖୁବ ଶୀଘ୍ର ଏହାର ସମାଧାନ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟପକ୍ଷେ ଆନ୍ଦୋଳନକାରୀ ଡାକ୍ତରଖାନା ପ୍ରିନ୍ସିପାଲ ବ୍ରଜମାହନ ମିଶ୍ରଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ । ଗୋଟିଏ ଦିନ ଭିତରେ ଆନାଟୋମି ବିଭାଗର ଫ୍ରିଜର ଚାଲୁ କରାଯିବ ବୋଲି ମିଶ୍ର ସ୍ପଷ୍ଟ କରିଥିଲେ ।

ଶୁକ୍ରବାର ସମ୍ବଳ ପ୍ରତିନିଧିମାନେ ଭୀମସାର ନିର୍ଦ୍ଦେଶକଙ୍କ ସହ ଆଲୋଚନା କରୁଛନ୍ତି ।

ବିଭିନ୍ନ ଦାବି ନେଇ ଭାଜପାର ବ୍ଲକ ଘେରାଉ
ତାଲା ପକେଇ ଦେଲେ, କର୍ମଚାରୀ ୪ ଘଣ୍ଟା ବନ୍ଦୀ

ବାମରା, ୨।୧୧ (ସ୍ୱ.ପ୍ର.)

କୁଚିଣ୍ଡା ବିଧାୟକ ରବି ନାରାୟଣ ନାଏକ ଉଦ୍‌ବୋଧନ ଦେଉଛନ୍ତି।

ସମ୍ବଲପୁର ଜିଲା ବାମରା ବ୍ଲକ ଅଞ୍ଚଳରେ ଲାଗି ରହିଥିବା ବିଭିନ୍ନ ସମସ୍ୟା ସମାଧାନ ଦାବିରେ ଶୁକ୍ରବାର ବାମରା ବ୍ଲକ ଭାଜପା ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା । କୁଚିଣ୍ଡା ବିଧାୟକ ରବି ନାରାୟଣ ନାଏକଙ୍କ ନେତୃତ୍ୱରେ ଶତାଧିକ ଭାଜପା କର୍ମୀ ଗୋବିନ୍ଦପୁର ଜଗନ୍ନାଥ ମନ୍ଦିର ପଡିଆଠାରେ ଏକ ସଭା କରିଥିଲେ । ପରେ ଏକ ରାଲି କରି ବାମରା ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଏଥିରେ ପୂର୍ବତନ ମନ୍ତ୍ରୀ ଜୟନାରାୟଣ ମିଶ୍ର ଯୋଗ ଦେଇ ଥିଲେ। ବାମରା ଅଞ୍ଚଳକୁ ସଂପୂର୍ଣ୍ଣ ମରୁଡି ଘୋଷଣା, ଗତ ବର୍ଷ ଓ ଚଳିତ ବର୍ଷର ବକେୟା ଥିବା ପ୍ରଧାନମନ୍ତ୍ରୀ କୃଷି ବିମା ଋଣ ପ୍ରଦାନ, ଇନପୁଟ ସବସିଡି, ବାଦ ପଡିଥିବା ହିତାଧିକାରୀଙ୍କୁ ରାସନ କାର୍ଡ ଯୋଗାଇବା, କୃଷି ଋଣ ଛାଡ, ବାମରା ବ୍ଲକକୁ ସଂପୂର୍ଣ୍ଣ ଜଳ ସେଚନ ବ୍ୟବସ୍ଥା, ଜଙ୍ଗଲ ଜମି ପଟ୍ଟା ପ୍ରଦାନ, ବାଦ ପଡିଥିବା ହିତାଧିକାରୀଙ୍କୁ ଆବାସ ଯୋଜନାରେ ଘର ପ୍ରଦାନ, ହାତି ଉପଦ୍ରବରେ କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ, ଏମଜିଏନଆରଇଜିଏସ ଅର୍ଥ ପ୍ରଦାନ, ଯୋଗ୍ୟ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ, ଅଚଳ ଗଭୀର ନଳକୂଅ ଓ ଏଲଆଇ ପଏଣ୍ଟକୁ ସଚଳ କରିବା, ସୌଭାଗ୍ୟ ଯୋଜନାରେ ବିଜୁଳି ପ୍ରଦାନ କରିବାକୁ ଦାବି ହୋଇଛି। ଆମ ଗାଁ ଆମ ବିକାଶରେ ରାଜ୍ୟ ସରକାର ପେସା ଆଇନକୁ ଅଣଦେଖା କରି ମନଇଚ୍ଛା ପ୍ରକଳ୍ପ କରୁଛନ୍ତି। ଏଣୁ ଏହାକୁ ବିରୋଧ କରାଯାଇଛି। ତେବେ ଆଲୋଚନା ଲାଗି କୌଣସି ପ୍ରଶାସନିକ ଅଧିକାରୀ ନ ଆସିବା



ଚାଷୀ ମୂଲିଆଙ୍କ ସ୍ୱାର୍ଥ ପାଇଁ ଲଢ଼େଇ କରିବା ଅର୍ଥ ସାମ୍ରାଜ୍ୟବାଦ ବିରୋଧରେ ଲଢ଼େଇ କରିବା ସଙ୍ଗେ ସମାନ।
- ଭଗବତୀ ଚରଣ ପାଣିଗ୍ରାହୀ

ସଂକ୍ଷେପରେ

ପର୍ଶୁରାମ ପ୍ରଧାନ ହତ୍ୟା ମାମଲାରେ ୨ ଫେରାର ଅଭିଯୁକ୍ତ ଗିରଫ

ନାକଟିଦେଉଳ, ୨।୧୧ (ଡି.ଏନ.ଏ)- ସମ୍ବଲପୁର ଜିଲା ନାକଟିଦେଉଳ ଥାନା ଅନ୍ତର୍ଗତ ସାଲେଭଟା ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ଚେମେର୍ଡା ଗ୍ରାମର ସୂଚନା ଅଧିକାରୀ କର୍ମୀ ପର୍ଶୁରାମ ପ୍ରଧାନଙ୍କ ହତ୍ୟା ମାମଲାରେ ପୋଲିସ ଶୁକ୍ରବାର ସକାଳୁ ଫେରାର ଥିବା ଅନ୍ୟ ୪ ଅଭିଯୁକ୍ତଙ୍କ ମଧ୍ୟରୁ ୨ ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ କେଉଟବେର୍ଣ୍ଣା ଗ୍ରାମର ଦଶରଥ ଧଳ ଏବଂ ଋଷିନ୍ଦ୍ର ଧଳ। ଉଭୟ ଦଶରଥ ଏବଂ ଋଷିନ୍ଦ୍ର ଶୁକ୍ରବାର ସକାଳ ପ୍ରାୟ ସାଢ଼େ ୭ଟାରେ ସମ୍ବଲପୁରରୁ ଅନୁଗୋଳକୁ ବସରେ ଯାଉଥିଲେ। କୌଣସି ସୂତ୍ରରୁ ଖବର ପାଇ ରେଢ଼ାଖୋଲ ଏସଡିପିଓ ହାଡିବନ୍ଧୁ ସ୍ୱାଇଁଙ୍କ ନେତୃତ୍ୱରେ ନାକଟିଦେଉଳ ଥାନା ଆଇଆଇସି ବିନୋଦ ଲାକ୍ରା ସଦଳବଳେ ରେଢ଼ାଖୋଲ ବସଷ୍ଟାଣ୍ଡରେ ଚଢ଼ାଉ କରି ଉଭୟଙ୍କୁ ଗିରଫ କରିଥିଲେ। ଘଟଣାର ଦୀର୍ଘ ୬୬ ଦିନ ପରେ ଫେରାର ଅଭିଯୁକ୍ତଙ୍କ ମଧ୍ୟରୁ ୨ ଜଣଙ୍କୁ ଗିରଫ କରିଥିବାରୁ ପୋଲିସ କିଛି ମାତ୍ରାରେ ଆଶ୍ୱସ୍ତି ଲାଭ କରିଛି । ଅଗଷ୍ଟ ୨୭ ତାରିଖ ସନ୍ଧ୍ୟାରେ ପଲସାବୁରା ଗ୍ରାମରେ ଦଶରଥ ଧଳ, ଋଷିନ୍ଦ୍ର ଧଳ, ଗୋବିନ୍ଦ ଧଳ, ରତିଶ ଧଳ, ରାକେଶ ଧଳ ଏବଂ ହାସ୍ୟ ନାଏକ ପ୍ରମୁଖ ମିଳିତ ଭାବେ ଟାଙ୍ଗିଆ ଏବଂ ଲୁହା ପାଇପରେ ଆକ୍ରମଣ କରି ପର୍ଶୁରାମଙ୍କୁ ନିର୍ମମ ଭାବେ ହତ୍ୟା କରିଥିଲେ । ଏ ନେଇ ପର୍ଶୁରାମଙ୍କ ମଝିଆଁ ପୁଅ ଟୁନା ପ୍ରଧାନ ୨୮ ତାରିଖ ସକାଳୁ ନାକଟିଦେଉଳ ଥାନାରେ ଅଭିଯୋଗ କରିଥିଲେ । ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ଗୋବିନ୍ଦ ଧଳ ଏବଂ ହାସ୍ୟ ନାଏକଙ୍କୁ ଗିରଫ କରିଥିଲେ । ଅନ୍ୟ ୪ଜଣ ସହଯୋଗୀ ସେହି ଦିନଠାରୁ ଫେରାର ଥିଲେ । ଫେରାର ଅଭିଯୁକ୍ତମାନଙ୍କୁ ଗିରଫ କରିବା ଦାବିରେ ବିଭିନ୍ନ ସମୟରେ ଅଞ୍ଚଳବାସୀଙ୍କ ସମେତ କଂଗ୍ରେସ ଓ ଭାଜପା ପକ୍ଷରୁ ଥାନା ଘେରାଉ କରାଯାଇ ଆନ୍ଦୋଳନ କରାଯାଇଥିଲା । ଏପରିକି ଫେରାର ଅଭିଯୁକ୍ତମାନଙ୍କୁ ଶୀଘ୍ର ଗିରଫ କରା ନ ଗଲେ ନାକଟିଦେଉଳ ଥାନା ସମ୍ମୁଖରେ ଅନଶନ କରାଯିବାକୁ ଚେତାବନୀ ଦିଆଯାଇଥିଲା। ଏ ନେଇ ଡିଆଇଜି, ଏସପି, ଜିଲାପାଳଙ୍କୁ ସ୍ମାରକପତ୍ର ବି ଦିଆଯାଇଛି।

ବାଣ ଫୁଟିବ, କିନ୍ତୁ ସୀମା ଡେଇଁବନି

ସମ୍ବଲପୁର,୨।୧୧(ବ୍ୟୁରୋ)

ସମ୍ବଲପୁର ଏସ୍‌ପିଙ୍କ ଅଫିସ ସମ୍ମିଳନୀ କକ୍ଷରେ ଦୀପାବଳି ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏସ୍‌ପି ସଞ୍ଜୀବ ଅରୋରାଙ୍କ ସମେତ ସବୁ ଥାନାର ଅଧିକାରୀମାନେ ଏଥିରେ ଉପସ୍ଥିତ ଥିଲେ। ଖବରଦାତାମାନଙ୍କୁ ସୂଚନା ଦେଇ ଏସ୍‌ପି କହିଛନ୍ତି ଯେ, ସୁପ୍ରିମକୋର୍ଟଙ୍କ ଅନୁମତି ଅନୁସାରେ ଲୋକେ କେବଳ ରାତି ୮ଟାରୁ ୧୦ ପର୍ଯ୍ୟନ୍ତ ବାଣ ଫୁଟାଇ ପାରିବେ। ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ସମାନ ନିୟମ ରହିଛି । ନିୟମ ପାଳନ ନ କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅନ୍ୟପଟେ ପୋଲିସର ସ୍ୱତନ୍ତ୍ର ସ୍କ୍ୱାଡ କରା ଯାଇଛି। ସେମାନେ ବିଭିନ୍ନ ସ୍ଥାନରେ ଚଢାଉ କରିବେ। ବେଆଇନ ବାଣ ଦୋକନ ଉପରେ ମଧ୍ୟ ଚଢାଉ କରାଯିବ। ପିଏଚଡି ପଡିଆ, ଚାରଭାଟିରେ ବାଣ ଦୋକାନ ଖୋଲା ଯିବ । ବାଣ ବିକ୍ରି ଲାଗି ୪ ଜଣଙ୍କୁ ସ୍ଥାୟୀ ଲାଇସନ୍ସ ଦିଆଯାଇଛି । ଟେମ୍ପରାରୀ ଲାଇସନ୍ସ ପାଇଁ ଆବେଦନ କରି କେହି ବାଣ ଦୋକାନ କରିପାରିବେ ବୋଲି ବୋଲି ଏସ୍‌ପି ଅରୋରା ସୂଚନା ଦେଇଛନ୍ତି ।

ସମ୍ବଲପୁର ଏସ୍‌ପି ଅଫିସ ସମ୍ମଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ପୋଲିସ ଅଧିକାରୀମାନେ।

ଦୀପାବଳି ପାଇଁ ପ୍ରସ୍ତୁତି ବୈଠକ

- ରାତି ୮ରୁ ୧୦ଟା ପର୍ଯ୍ୟନ୍ତ ସମୟ
- ଗାଁ, ସହର ସବୁଠି ନିୟମ ସମାନ୍
- ନିୟମ ପାଳନ ନ କଲେ କାର୍ଯ୍ୟାନୁଷ୍ଠାନ
- ପିଏଚ୍‌ଡି ପଡିଆ, ଚାରଭାଟିରେ ଦୋକାନ ହେବ

ବନ୍ଦ ଥିବା ରେଙ୍ଗାଲି ସମବାୟ ବ୍ୟାଙ୍କ ଖୋଲିବାକୁ ଦାବି କରି ଶୁକ୍ରବାର ଜନସାଧାରଣ ବ୍ୟାଙ୍କ ଆଗରେ ଠିଆ ହୋଇଛନ୍ତି।

ସମବାୟ ବ୍ୟାଙ୍କ ବନ୍ଦ: ଜମାକାରୀ, ଚାଷୀ ହଇରାଣ

ରେଙ୍ଗାଲି, ୨।୧୧ (ଡି.ଏନ.ଏ)

ରେଙ୍ଗାଲିଠାରେ ଥିବା କେନ୍ଦ୍ର ସମବାୟ ବ୍ୟାଙ୍କ ଶାଖା ଦୀର୍ଘ ୫ଦିନ ହେବ ବନ୍ଦ ଅଛି। ଗତ ୨୯ ତାରିଖ ଦିନ ଫସଲ ବୀମା ଦାବିରେ ଲଇଡା ମାଁ ସମଲେଶ୍ୱରୀ କୃଷକ ସୁରକ୍ଷା ସଂଗଠନ ପକ୍ଷରୁ ତାଲା ମରାଯାଇଥିଲା । ସେ ଦିନଠାରୁ ଆଜି ପର୍ଯ୍ୟନ୍ତ ୫ ଦିନ ହେବ ସମବାୟ ବ୍ୟାଙ୍କ ବନ୍ଦ ରହିଛି । ଜମାକାରୀ ଏବଂ ଚାଷୀମାନେ ଜମା ରାଶି ଉଠାଇ ନ ପାରି ବ୍ୟାଙ୍କକୁ ଆସି ହତାସ ଓ ନିରାଶ ହୋଇ ଫେରି ଯାଉଛନ୍ତି। ଜରୁରୀ ଚିକିତ୍ସା, ଶିକ୍ଷା, ଆବଶ୍ୟକୀୟ ସାମଗ୍ରୀ ପାଇଁ ଅର୍ଥ ଉଠାଣ ହୋଇ ପାରୁ ନ ଥିବାରୁ ଚାଷୀ ଏବଂ

- ରେଙ୍ଗାଲି ସମବାୟ ବ୍ୟାଙ୍କ
- ୫ ଦିନ ହେବ ତାଲା ଝୁଲୁଛି

ହିତାଧିକାରୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖା ଦେବାରେ ଲାଗିଲାଣି । ସମବାୟ ବ୍ୟାଙ୍କ କର୍ତ୍ତୃପକ୍ଷ ଏବଂ ଜିଲା ପ୍ରଶାସନ ସମବାୟ ବ୍ୟାଙ୍କ ଖୋଲିବା ଦିଗରେ ଆଦୌ ତତ୍ପରତା ଦେଖାଉ ନାହାନ୍ତି । ଶୀଘ୍ର ସମବାୟ ବ୍ୟାଙ୍କ ଖୋଲିବା ପାଇଁ ରେଙ୍ଗାଲି ବରିଷ୍ଠ ନାଗରିକ ପରିକ୍ଷଦର ସଭାପତି ତୁଳସୀ ଦାସ ମାହାଣା, ଉପସଭାପତି ପୂର୍ବତନ ବିଧାୟକ ଦୁର୍ଯ୍ୟୋଧନ ଗର୍ଡିଆ, ସମ୍ପାଦକ ଅନନ୍ତ୍ୟାମୀ ପାଣି, ଦିବ୍ୟକିଶୋର ବେହେରାଙ୍କ ସହ ପରିକ୍ଷଦର କର୍ମକର୍ତ୍ତା ଏବଂ ଚାଷୀ, ହିତାଧିକାରୀମାନେ ଦାବି କରିଛନ୍ତି। ତୁରନ୍ତ ଖୋଲିବା ପାଇଁ କେନ୍ଦ୍ର ସମବାୟ ବ୍ୟାଙ୍କ ସମ୍ପାଦକ, ଉପଜିଲାପାଳ, ଶାଖା ପରିଚାଳକ ଦୃଷ୍ଟିଦେବାକୁ ଦାବି କରାଯାଇଛି।

ତଲାବିରା, ଖିଣ୍ଡା ଗାଁକୁ ଜିଲାପାଳଙ୍କ ଗସ୍ତ

ରେଙ୍ଗାଲି, ୨।୧୧(ଡି.ଏନ.ଏ)

ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ଖିଣ୍ଡା ପଞ୍ଚାୟତର ତଲାବିରା ଏବଂ ଖିଣ୍ଡା ଗ୍ରାମକୁ ସମ୍ବଲପୁର ଜିଲାପାଳ କ୍ଷେତ୍ର ପରିଦର୍ଶନରେ ଆସିଛନ୍ତି। ତଲାବିରା ଗ୍ରାମରେ ହେବାକୁ ଥିବା ଏନଏଲସି କମ୍ପାନୀକୁ ଅଞ୍ଚଳବାସୀ ଜମି ଚିହ୍ନଟଠାରୁ ଭୂମିପୂଜା ପର୍ଯ୍ୟନ୍ତ ପ୍ରତ୍ୟେକ କ୍ଷେତ୍ରରେ ଅଞ୍ଚଳବାସୀ ବିରୋଧ କରି ଆସୁଛନ୍ତି। ଏନଏଲସି କମ୍ପାନୀର ବିସ୍ଥାପିତ ନୀତିକୁ ବିରୋଧ କରି ଚାଲିଛନ୍ତି ଅଞ୍ଚଳବାସୀ। ଶୁକ୍ରବାର ଜିଲାପାଳ ସମର୍ଥ ବର୍ମା, ଉପଜିଲାପାଳ ପ୍ରଦୀପ ସାହୁ, ଭୂଅର୍ଜନ ଅଧିକାରୀ ସିତାଂଶୁ ତ୍ରିପାଠୀ ତଲାବିରା ଗ୍ରାମରେ ଏନଏଲସି କର୍ତ୍ତୃପକ୍ଷ, ଗ୍ରାମବାସୀଙ୍କ ସହ ଆଲୋଚନା କରିଛନ୍ତି। ଖିଣ୍ଡା ଗ୍ରାମକୁ ମଧ୍ୟ ଜିଲାପାଳ ଯାଇ କ୍ଷେତ୍ର ପରିଦର୍ଶନ କରିବା ସହ ଅଞ୍ଚଳର ସମସ୍ୟା ବୁଝିଥିଲେ ।

ବିଜେଡିର ଜନସମ୍ପର୍କ ପଦଯାତ୍ରା

ନାକଟିଦେଉଳ, ୨।୧୧ (ଡି.ଏନ.ଏ)

ପାଣିମୁରା ପଞ୍ଚାୟତରେ ଶୁକ୍ରବାର ନାକଟିଦେଉଳ ବ୍ଲକ ବିଜେଡି ପକ୍ଷରୁ ଜନ ସମ୍ପର୍କ ପଦଯାତ୍ରା ଆୟୋଜିତ ହୋଇଯାଇଛି । ଏଥିସହିତ ଏକ କର୍ମୀ ସମ୍ମିଳନୀ ସହିତ ଦଳ ପକ୍ଷରୁ ନୂଆଁଖାଇ ଭେଟଘାଟ ମଧ୍ୟ ଅନୁଷ୍ଠିତ ହୋଇଯାଇଛି । ରେଢ଼ାଖୋଲ ବିଧାୟକ ରୋହିତ ପୂଜାରୀଙ୍କ ନେତୃତ୍ୱରେ କର୍ମୀ ଫୁଲକୁସୁମ କେନ୍ଦୁପତ୍ର ଫଡି ସାହିଠାରୁ ଏକ ବିରାଟ ଶୋଭାଯାତ୍ରାରେ ବାହାରିଥିଲେ। ପଦଯାତ୍ରାରେ ଗ୍ରାମ ପରିକ୍ରମା କରି ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଗୁଡିକ ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇଥିଲେ । ଏହି ଅବସରରେ ପାଣିମୁରା ଆମ୍ବତୋଟାଠାରେ ବ୍ଲକ ବିଜେଡି ସଭାପତି ମୂଳିଆ ରାଉଲଙ୍କ ଅଧ୍ୟକ୍ଷତାରେ ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଅନ୍ୟ ପକ୍ଷରେ ବିଧାୟକ ଅନୁଦାନ ପାଣ୍ଠିରୁ ପାଣିମୁରା ପଞ୍ଚାୟତକୁ ଯୋଗାଇ ଦିଆଯାଇଥିବା ଏକ ପାନୀୟ ଜଳ ଟ୍ୟାଙ୍କରକୁ ବିଧାୟକ ଲୋକାର୍ପିତ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧକ୍ଷା ମନ୍ଦାକିନୀ ରାଉଳ, ପାଣିମୁରା ଗ୍ରାମ ପଞ୍ଚାୟତର ସରପଞ୍ଚ ସନ୍ତୋଷିନୀ ସାହୁ, ସମିତି ସଭ୍ୟା ମାମୁନି ଦେହୁରୀ, ପୂର୍ବତନ ସରପଞ୍ଚ ମାର୍ଥା ଲାକ୍ରା, ପୂର୍ବତନ ସମିତି ସଭ୍ୟ ଛବିନ ପ୍ରଧାନ, ମହେନ୍ଦ୍ର କୁଅଁର, ରାମଚନ୍ଦ୍ର ନାଏକ, ବୃଷଭ ସାହୁ, ଅର୍ଜୁନ ଦେହୁରୀ, ରୀନା ସାହୁ, ନିମାସ ଲାକ୍ରା, କିଶୋର ଖାଖା, ଲଲିତ କୁଜୁରଙ୍କ ସମେତ ସହସ୍ରାଧିକ ଦଳୀୟ କର୍ମୀ ଉପସ୍ଥିତ ଥିଲେ ।

ଜଗନ୍ନାଥପ୍ରସାଦରେ ପାନୀୟଜଳ ପ୍ରକଳ୍ପ ଶିଳାନ୍ୟାସ

ନାକଟିଦେଉଳ, ୨।୧୧ (ଡି.ଏନ.ଏ)

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଅନ୍ତର୍ଗତ ଜଗନ୍ନାଥ ପ୍ରସାଦ ଗ୍ରାମରେ ପାଇପ ଯୋଗେ ପାନୀୟ ଜଳ ଯୋଗାଣ ହେବ। ଏଥି ପାଇଁ ରେଢ଼ାଖୋଲ ବିଧାୟକ ରୋହିତ ପୂଜାରୀ ଶିଳାନ୍ୟାସ କରିଛନ୍ତି। ଏହି ପ୍ରକଳ୍ପ ପାଇଁ ସରକାର ୨୮ ଲକ୍ଷ ଟଙ୍କା ଅର୍ଥ ମଞ୍ଜୁର କରିଛନ୍ତି । ୬ ମାସ ମଧ୍ୟରେ କାମ ଶେଷ କରାଯିବାକୁ ସମୟ ଧାର୍ଯ୍ୟ ହୋଇଛି । ଏଥିରୁ ଜଗନ୍ନାଥ ପ୍ରସାଦ ଏବଂ ପୁଷାକାନି ଗ୍ରାମର ପ୍ରତ୍ୟେକ ଘରକୁ ପାଇପ ଯୋଗେ ପାନୀୟ ଜଳ ଯୋଗାଇ ଦିଆଯିବ । ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗର କନିଷ୍ଠ ଯନ୍ତ୍ରୀ ଶ୍ୟାମ କୁମାର ହରିଜନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶିଳାନ୍ୟାସ କାର୍ଯ୍ୟକ୍ରମରେ ବିଧାୟକ ପୂଜାରୀ ଯୋଗଦେଇ ଏହି ପ୍ରକଳ୍ପ ଦ୍ୱାରା ଗ୍ରାମବାସୀଙ୍କ ଦୀର୍ଘ ଦିନର ପାନୀୟ ଜଳ କଷ୍ଟ ଦୂର ହେବ ବୋଲି କହିଥିଲେ । ଅପରପକ୍ଷରେ ଆଗାମୀ ଦିନରେ ବ୍ଲକର ସମସ୍ତ ଗ୍ରାମ ଏବଂ ଘରକୁ ପିଇବା ପାଣି ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା ଗୁଡିକ ସମ୍ପର୍କରେ ଆଲୋକପାତ କରିଥିଲେ । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ବିଡିଓ ମେଥୋଡିୟସ ଲାକ୍ରା, ପୂର୍ବତନ ସରପଞ୍ଚ ଦେବକୀ ମେହେର, କନିଷ୍ଠ ଯନ୍ତ୍ରୀ ଅଶୋକ କୁମାର ମହାନନ୍ଦିଆ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜୁ ଯୁବ ବାହିନୀର ବ୍ଲକ ସଂଯୋଜକ ଜିତେନ୍ଦ୍ରିୟ ସାହୁ, ହରକୃଷ୍ଣ ମେହେର, ଅରୁଣ କୁମାର ବିଶ୍ୱାଳ, ଗୌତମ ବିଶ୍ୱାଳଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ ।

ଜଗନ୍ନାଥ ପ୍ରସାଦରେ ପାନୀୟଜଳ ପ୍ରକଳ୍ପ ପାଇଁ ବିଧାୟକ ଶିଳାନ୍ୟାସ କରୁଛନ୍ତି।

କୃଷି ଉପନିର୍ଦ୍ଦେଶକଙ୍କୁ ଭେଟିଲା କଂଗ୍ରେସ

ସମ୍ବଲପୁର,୨।୧୧(ବ୍ୟୁରୋ)

ଚଳିତ ଖରିଫ ଋତୁରେ ସମ୍ବଲପୁର ଜିଲାର ୭ଟି ବ୍ଲକରେ ମରୁଡି ହୋଇଥିବା ପ୍ରାଥମିକ ରିପୋର୍ଟରେ ଦର୍ଶାଯାଇଛି । ରେଢାଖୋଲ, ନାକଟିଦେଉଳ ଓ ଯୁଗୁମୁରା ବ୍ଲକର କିଛି ଅଞ୍ଚଳକୁ ଏହି ତାଲିକାରୁ ବାଦ୍ ଦିଆଯାଇଛି। ତେଣୁ ବାଦ୍ ପଡିଥିବା ଅଞ୍ଚଳକୁ ମଧ୍ୟ ମରୁଡି ଅଞ୍ଚଳ ଭାବେ ଘୋଷଣା କରାଯାଉ। ଏହି ଦାବି କରି ଶୁକ୍ରବାର କଂଗ୍ରେସ ପକ୍ଷରୁ କୃଷି ଉପନିର୍ଦ୍ଦେଶକଙ୍କ ଅଫିସ ଘେରାଉ କରାଯାଇଛି। ଆଶଫ ଅଲ୍ଲିଖାନଙ୍କ ନେତୃତ୍ୱରେ କୃଷି ଉପନିର୍ଦ୍ଦେଶକ ଖଗେନ୍ଦ୍ରନାଥ ଜେନାଙ୍କୁ ଭେଟି ମରୁଡି କ୍ଷୟକ୍ଷତି ଆକଳନ କରିବା ପାଇଁ ଦାବି କରିରାଯାଇଛି। ବର୍ଷା ଅଭାବରୁ ଫସଲ ନଷ୍ଟ ହୋଇ ଯାଇଛି।ଏଣୁ ଚାଷୀମାନେ ଜମିରେ ଗୋରୁ ଗାଈ ଛାଡି ଦେଇଛନ୍ତି । ହେଲେ କୃଷି ଅଧିକାରୀମାନେ ଠିକ ଆକଳନ ନ କରି ରିପୋର୍ଟ ପ୍ରସ୍ତୁତି କରିଛନ୍ତି । ସେମାନେ ଗୋଟି ସ୍ଥାନରେ ରହି ରିପୋର୍ଟ ତିଆରି କରିଛନ୍ତି । ତେଣୁ ମରୁଡି ଆକଳନରେ ବ୍ୟାପକ ତ୍ରୁଟି ରହିଛି। ପୁଣି ଥରେ ଆକଳନ କଲେ ଏହି ଅଞ୍ଚଳଗୁଡିକରେ ମଧ୍ୟ ହଜାର ହଜାର ହେକ୍ଟର ଜମି ମରୁଡି ହୋଇଥିବା ବିଭାଗ ଜାଣିପାରିବ ବୋଲି କୁହା ଯାଇଛି।

ସମ୍ବଲପୁର କୃଷି ଉପ ନିର୍ଦ୍ଦେଶକଙ୍କ ସହ କଂଗ୍ରେସ ନେତା ଓ କର୍ମୀ ଆଲୋଚନା କରୁଛନ୍ତି।

ରେଢାଖୋଲରେ ଅନୁଷ୍ଠିତ ବ୍ଲକ ସ୍ତରୀୟ ଖେଳାଳି ଚୟନ ଶିବିରରେ ଅତିଥିମାନେ।

ବ୍ଲକସ୍ତରୀୟ ଖେଳାଳି ଚୟନ ଶିବିର

ଭାଗ ନେଲେ ୧୮ ସ୍କୁଲର ୧୨୫ ପ୍ରତିଯୋଗୀ

ରେଢ଼ାଖୋଲ,୨।୧୧(ଡି.ଏନ.ଏ.)

ରେଢ଼ାଖୋଲ ମିନି ଷ୍ଟାଡିୟମରେ ଶୁକ୍ରବାର ବ୍ଲକସ୍ତରୀୟ ଖେଳାଳି ଚୟନ ଶିବିର ଅନୁଷ୍ଠିତ ହୋଇଛି। ବ୍ଲକର ୧୮ଟି ସ୍କୁଲର ୧୨୫ଜଣ ଖେଳାଳି ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଏମାନଙ୍କ ମଧ୍ୟରୁ ୮ଜଣଙ୍କୁ

- ୮ ଖେଳାଳି ଜିଲାସ୍ତରକୁ ମନୋନୀତ

୮ ତାରିଖରେ ଅନୁଷ୍ଠିତ ହେବାକୁ ଜିଲାସ୍ତରୀୟ ଖେଳାଳି ଚୟନ ଶିବିରକୁ ମନୋନୀତ କରାଯାଇଛି। ଖେଳ ଶିକ୍ଷକ ପ୍ରକାଶଚନ୍ଦ୍ର ପଣ୍ଡା, ସୁକାନ୍ତ ପ୍ରଧାନ, ନାରାୟଣ ପ୍ରଧାନ, ପ୍ରେମାନନ୍ଦ ପ୍ରଧାନ, ଜଳଧର ପ୍ରଧାନ, ଅମୂଲ୍ୟ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ। ଏହି ଅବସରରେ ଆୟୋଜିତ ସଭାରେ ଉପଜିଲାପାଳ ବିଶିକେସନ ଦେହୁରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଏନଏସି ଉପାଧକ୍ଷ ସୁନିଲ କୁମାର ପ୍ରଧାନ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ତ୍ରିନାଥ ଧଳ ଅତିଥି ଭାବେ ଯୋଗ ଦେଇଥିଲେ। ରାଣୀ ଅନ୍ନପୂର୍ଣ୍ଣା ସରକାରୀ ବାଳିକା ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପଦ୍ମଶ୍ରୀ ଦାସ ସଭାରେ ଅଧ୍ୟକ୍ଷତା କରିଥିବା ବେଳେ ଶିକ୍ଷକ ବିଜୟାନନ୍ଦ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। କ୍ରୀଡା ଜୋନର ସମ୍ପାଦକ ନରେନ୍ଦ୍ର ଦେହୁରୀ ଧନ୍ୟବାଦ ଦେଇଥିଲେ।

ରେଙ୍ଗାଲିରେ ପାର୍କ ନିର୍ମାଣ ପାଇଁ ଶିଳାନ୍ୟାସ

ରେଙ୍ଗାଲି, ୨।୧୧ (ଡି.ଏନ.ଏ)

ସମ୍ବଲପୁର ଜିଲା ରେଙ୍ଗାଲିଠାରେ ବିଜୁ ଏକ୍ସପ୍ରେସ ୱେ ପାର୍ଶ୍ୱରେ ସମ୍ବଲପୁର ଜିଲା ଉନ୍ନୟନ କର୍ତ୍ତୃପକ୍ଷ ବିଭାଗ ପକ୍ଷରୁ ପ୍ରାୟ ୧ କୋଟି ଟଙ୍କାର ପାର୍କ ନିର୍ମାଣ ପାଇଁ ଶୁକ୍ରବାର ଶିଳାନ୍ୟାସ କରାଯାଇଛି। ନୂତନ ଧରଣର ମଡର୍ଣ୍ଣ ପାର୍କ ନିର୍ମାଣ କରାଯିବା ସହ ସମ୍ବଲପୁର-ଝାରସୁଗୁଡା ମଝିରେ ବିଜୁ ଏକ୍ସପ୍ରେସ ୱେ ପାର୍ଶ୍ୱରେ ଥିବାରୁ ସ୍ୱତନ୍ତ୍ର ଭାବରେ ସୌନ୍ଦର୍ଯ୍ୟ କରଣ କରାଯିବ ବୋଲି ଏସଡିଏ ଅଧକ୍ଷ ବିଜୟ ମହାନ୍ତି ପ୍ରକାଶ କରିଛନ୍ତି। ଏସଡିଏ ଅଧକ୍ଷ ବିଜୟ ମହାନ୍ତିଙ୍କ କରକମଳରେ ପାର୍କର ଶିଳାନ୍ୟାସ କରାଯାଇଥିଲା । ସମ୍ବଲପୁର ଜିଲାପାଳ ସମର୍ଥ ବର୍ମା, ଏସଡିଏ ସଚିବ ରାଜେଶ ଅଗ୍ରୱାଲ, ଇଏମ ବିଦ୍ୟୁତ କୁମାର ପାଣିଗ୍ରାହୀ, ଉପଜିଲାପାଳ ପ୍ରଦୀପ ସାହୁ, ରେଙ୍ଗାଲି ବ୍ଲକ ଅଧକ୍ଷା ସାଇବାନି ସେଠ, ଉପାଧକ୍ଷ ସତ୍ୟନାରାୟଣ ଅଗ୍ରୱାଲ, ବିଧାୟକ ପ୍ରତିନିଧି ନାରାୟଣ ଶର୍ମା, ବିଡିଓ ବେର୍ଣ୍ଣାଦେତ ଲାକ୍ରା, ତହସିଲଦାର ଲିନା କୁମାରୀ ଖେସଙ୍କ ସହ ଅଞ୍ଚଳର ବିଜେଡି କର୍ମୀ, ବିଜୁ ଯୁବ ବାହିନୀର କର୍ମକର୍ତ୍ତା ଶିଳାନ୍ୟାସ ଉତ୍ସବରେ ଯୋଗ ଦେଇଥିଲେ । ଏହି ପାର୍କ ପାଇଁ ମୋଟ ୪.୬୫୦ ଏକର ଜମିରେ ପ୍ରାୟ ୨୧ ଲକ୍ଷ ଟଙ୍କାର ପାଚେରି ନିର୍ମାଣ କାମ ଶେଷ ହୋଇ ସାରିଲାଣି । ପାର୍କ ନିର୍ମାଣ ପାଇଁ ୭୧ ଲକ୍ଷ ୭୫ ହଜାର ଟଙ୍କାର ଟେଣ୍ଡର ହୋଇ ସାରିଲାଣି । ଆଗାମୀ ୧୫ ତାରିଖ ଦିନ ଟେଣ୍ଡର ଖୋଲିବ। ରାସ୍ତା ଏବଂ ଯାନବାହାନ ରଖିବା ପାଇଁ ୨୫ ଲକ୍ଷ ଟଙ୍କା ଏବଂ ସମ୍ବଲପୁର ଝାରସୁଗୁଡା ଜିଲା ମଝିରେ ବିଜୁ ଏକ୍ସପ୍ରେସ ୱେ ପାର୍ଶ୍ୱରେ ଥିବାରୁ ସୌନ୍ଦର୍ଯ୍ୟକରଣ ପାଇଁ ୧୫ ଲକ୍ଷ ଟଙ୍କା ସ୍ୱତନ୍ତ୍ର ଅନୁମୋଦନ କରାଯାଇଛି । ଆଗାମୀ ୪ ମାସ ମଧ୍ୟରେ ସଂପୂର୍ଣ୍ଣ କରଣ ପାଇଁ ସମୟ ସୀମା ଧାର୍ଯ୍ୟ କରାଯାଇଛି ବୋଲି ଅଧକ୍ଷ ବିଜୟ ମହାନ୍ତି ପ୍ରକାଶ କରିଛନ୍ତି ।

ରେଙ୍ଗାଲିରେ ପାର୍କ ପାଇଁ ଜିଲାପାଳ, ଏସ୍‌ଡିଏ ଅଧକ୍ଷ ଶିଳାନ୍ୟାସ କରୁଛନ୍ତି।

ବଡମାଳ ପଞ୍ଚାୟତରେ ମରୁଡି ପରିସ୍ଥିତି

ରେଢ଼ାଖୋଲ,୨।୧୧(ଡି.ଏନ.ଏ.)

ଚଳିତ ଖରିଫ ଋତୁରେ ବର୍ଷାର ଅନିୟମିତତା ଯୋଗୁ ସମ୍ବଲପୁର ଜିଲା ରେଢ଼ାଖୋଲ ବ୍ଲକର ବଡମାଳ ପଞ୍ଚାୟତରେ

ଏମିତି ଏମିତି ଏମିତି ଏମିତି ଏମିତି, ପ୍ରତିଥର ଏମିତି ଏମିତି ଏମିତି ଏମିତି

ଏହାପରେ ଆମ ଦଳର ଖେଳାଳିମାନେ ଏକାଠି ମିଳିତଭାବେ ଏକ ସେଲ୍ଫି ନେଇଥିଲେ ।

ଏହି ଫଟୋରେ ଦେଖିବାକୁ ମିଳୁଛି ଯେ, ଏମିତି ଏମିତି (ବାମ) ଜିତୁ ମିଶ୍ର ଏବଂ ଏମିତି ଏମିତି ଏମିତି ଏମିତି ଏମିତି

ভাষা, ভাষ্কর্য, ভাস্কর্য ও ভাবনার ভাস্বর ভাষ্যকার

‘ভাষা, ভাস্কর্য ও ভাবনার ভাস্বর ভাষ্যকার’

ভাষা, ভাস্কর্য ও ভাবনার ভাস্বর ভাষ্যকার

ভুবনেশ্বর, ৭ ফেব্রুয়ারি (বার্তা)।

ভাষা, ভাস্কর্য ও ভাবনার ভাস্বর ভাষ্যকার

ভুবনেশ্বর, ৭ ফেব্রুয়ারি (বার্তা)।

ସବୁ ଧର୍ମ ସମାନ। ଯେ ଯାହା ଧର୍ମରେ ଥାଇ ବ୍ୟାକୁଳ ଭାବେ ଈଶ୍ୱରଙ୍କୁ ଡାକିଲେ ସେ ନିଶ୍ଚୟ ମନୋବାଞ୍ଛା ପୂର୍ଣ୍ଣ କରିବେ। ଭଗବାନ ଶିଶୁ ପରି ସରଳ, କୌଣସି କପଟ ମନରେ ଥିଲେ ତାଙ୍କୁ ପାଇବା ଅସମ୍ଭବ।

- ରାମକୃଷ୍ଣ ପରମହଂସ

ସଂକ୍ଷେପରେ

ପରିଣୟ ପୂର୍ବରୁ ଉତ୍ସବ ପାଳିଲେ ଦୀପିକା

ବେଙ୍ଗାଲୁରୁ, ୨।୧୧-ବଲିଉଡ୍ ଅଭିନେତ୍ରୀ ଦୀପିକା ପାଦୁକୋନ ଅଭିନେତା ରଣବୀର ସିଂଙ୍କୁ ବିବାହ କରିବାକୁ ଯାଉଥିବା ବେଳେ ଏଠାରେ ତାଙ୍କର ପ୍ରାକ୍-ପରିଣୟ ଉତ୍ସବ ପାଳିତ ହୋଇଛି। ପାରମ୍ପରିକ ରୀତିରେ ଏହି ଉତ୍ସବ ପାଳନ କରାଯାଇଥିଲା। କମଳାରଙ୍ଗର ବସ୍ତ୍ର ପରିଧାନ କରିବା ସହିତ ସ୍ୱର୍ଣ୍ଣ କୁଣ୍ଡଳ ପିନ୍ଧି ବେଶ୍ ହସହସ

ମୁହଁରେ ଶୋଭାମୟ ଦେଖାଯାଉଥିଲେ ଦୀପିକା। ତାଙ୍କ ଶାଢ଼ିର ଡିଜାଇନ୍ ପ୍ରସ୍ତୁତ କରିଥିଲେ ଡିଜାଇନର ସବ୍ୟସାଚୀ ମୁଖାର୍ଜୀ। ଦୀପିକା ଉକ୍ତ ଶାଢ଼ି ପିନ୍ଧି ଏକ ନୂଆ ଜୀବନ ଆରମ୍ଭ କରିଥିବା ପ୍ରକାଶ କରିଛନ୍ତି ସବ୍ୟସାଚୀ। 'ଆପଣଙ୍କର ଏକ ନୂତନ ଏବଂ ଉଚ୍ଛ୍ୱାସଭରା ଜୀବନଯାତ୍ରା ଏହି ମାତ୍ର ଆରମ୍ଭ ହୋଇଛି। ଆମେ ସମସ୍ତେ ଆପଣଙ୍କ ଶୁଭ କାମନା କରୁଛୁ' ବୋଲି ମୁଖାର୍ଜୀ ଇନ୍‌ଷ୍ଟାଗ୍ରାମ୍‌ରେ ପୋଷ୍ଟ କରିଛନ୍ତି। ଦୀପିକା ଦୀର୍ଘ ୬ବର୍ଷ ହେଲା ଅଭିନେତା ରଣବୀରଙ୍କ ସହିତ ଡେଟିଂ କରି ଆସୁଛନ୍ତି। ତେବେ ଏହି ପ୍ରେମୀଯୁଗଳଙ୍କ ବିବାହ ନଭେମ୍ବର ୧୪-୧୫ ଦୁଇଦିନ ଧରି ଅନୁଷ୍ଠିତ ହେବ ବୋଲି କିଛିଦିନ ତଳେ ସେମାନେ ଘୋଷଣା କରିଥିଲେ।

ଜିଲାସ୍ତରୀୟ ଯୁବ ଉତ୍ସବ ୨୦୧୮ ଉଦ୍‌ଯାପନୀ ସନ୍ଧ୍ୟାରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ।

ଜିଲାସ୍ତରୀୟ ଯୁବ ଉତ୍ସବ ଉଦ୍‌ଯାପିତ

ଲୋକନୃତ୍ୟ, ସଙ୍ଗୀତର ମଜା ଉଠାଇଲେ ଦର୍ଶକ

ଭବାନୀପାଟଣା, ୨।୧୧(ଡି.ଏନ.ଏ.)

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ୍‌ଠାରେ ଚାଲିଥିବା ୨୪ ତମ ଜିଲା ଯୁବ ଉତ୍ସବ–୨୦୧୮ ଶୁକ୍ରବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି । ଏହି ଅବସରରେ ବିଭିନ୍ନ ଲୋକନୃତ୍ୟ, ଲୋକସଙ୍ଗୀତ, ବକ୍ତୃତା, ଓଡ଼ିଶୀ, ତବଲା, ବଂଶୀ, ମୃଦଙ୍ଗ, ହାରମୋନିୟମ, ଗିଟାର, ହିନ୍ଦୁସ୍ଥାନୀ କଣ୍ଠ ସଙ୍ଗୀତ, ଲଘୁ ନାଟକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିରେ ଜିଲାର ୧୩ଟି ବ୍ଲକ, ଗୋଟିଏ ପୌରପାଳିକା, ୩ଟି ଏନଏସସିରୁ ବହୁ କଳାକାର ଯୋଗଦେଇଥିଲେ । ଦର୍ଶକମାନେ କଳାକାରଙ୍କ ନୃତ୍ୟଗୀତର ମଜା ଉଠାଇଥିଲେ ।

ଉଦ୍‌ଯାପନୀ ଉତ୍ସବରେ ଜିଲା ଦୌରା ଜଜ୍ ଶିଶିର କୁମାର ରଥ ମୁଖ୍ୟଅତିଥି, ଜିଲାପାଳ ଡ. ଗାଭାଲି ପରାଗ ହର୍ଷଦ୍, ଏସ୍‌ପି ବାଡୁଲା ଗଙ୍ଗାଧର, ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ଚନ୍ଦନ, ପିଡି ଡିଆରଡିଏ ପ୍ରସନ୍ନ କୁମାର ଷଡଙ୍ଗୀ, ଭବାନୀପାଟଣା ଉପଜିଲାପାଳ ମିର୍ଦ୍ଧା ଟପ୍ପୋ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ । ଏହି ଉତ୍ସବରେ ଯେଉଁ ପ୍ରତିଯୋଗୀମାନେ ପ୍ରଥମ ସ୍ଥାନ ଗ୍ରହଣ କରୁଛନ୍ତି ସେମାନେ ଆସନ୍ତା ୧୩ ରୁ ୧୮ ପର୍ଯ୍ୟନ୍ତ ଯାଜପୁରଠାରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟ ଯୁବ ଉତ୍ସବ ପାଇଁ ମନୋନୀତ ହୋଇଛନ୍ତି । ଓଡିଶୀ ନୃତ୍ୟ ପ୍ରତିଯୋଗିତାରେ ଜୁନାଗଡ଼ର ପ୍ରିୟଙ୍କା ପ୍ରଧାନ ପ୍ରଥମ, ଭବାନୀପାଟଣାର ଆଦିତି ମେହେର ଦ୍ୱିତୀୟ ଓ ରୁପଜ୍ୟୋତି ପାଣିଗ୍ରାହୀ ତୃତୀୟ, ହାରମୋନିୟମରେ ଭବାନୀପାଟଣାର ପ୍ରଭୁରଞ୍ଜନ ନାଏକ ପ୍ରଥମ, ଶିବାଙ୍ଗ ପଟ୍ଟନାୟକ ୨ୟ, ପଙ୍କଜ ତାଣ୍ଡି ୩ୟ, ଗିଟାରରେ ଭବାନୀପାଟଣାର ଆୟୁଷ ଝା ୧ମ, ଫିରୋଜ ବାଗ ୨ୟ, ବିପ୍ଳବ ବାଗ ୩ୟ ସ୍ଥାନ ଗ୍ରହଣ କରିଛନ୍ତି । ସେହିପରି ବଂଶୀରେ ଭବାନୀପାଟଣାର ଆକାଶ ପଟ୍ଟନାୟକ ୧ମ, ତବଲାରେ ଭବାନୀପାଟଣାର ସୁବାସ ପଟ୍ଟନାୟକ ୧ମ, ମୃଦଙ୍ଗରେ ନର୍ଲାର ମାନସ ସାହୁ ୧ମ, ଶିବୁ ପଟ୍ଟନାୟକ ୨ୟ, ହିନ୍ଦୁସ୍ଥାନୀ ସଙ୍ଗୀତରେ ଭବାନୀପାଟଣାର ଅନ୍ତରା ପଟ୍ଟନାୟକ ୧ ମ ଓ ସୋମ୍ୟ ସୁଚିତ୍ରା ମହାନ୍ତି ୨ୟ ସ୍ଥାନ ଗ୍ରହଣ କରିଛନ୍ତି । ଏକକ ଅଭିନୟରେ ଜୁନାଗଡର ସଞ୍ଜୀବ କୁମାର ସାହୁ ୧ମ, ଭବାନୀପାଟଣାର ଚସମିତ ଖୋର ୨ୟ, ଅଲିମୋର ରେହେମାନ ୩ୟ, ଲଘୁନାଟକରେ ଭବାନୀପାଟଣାର କାରୁଣ୍ଡ କଳାକେନ୍ଦ୍ର ୧ମ, ନର୍ଲାର ଦେବଗିରି ସାଂସ୍କୃତିକ ଅନୁଷ୍ଠାନ ୨ୟ ଓ ମୁଖିଗୁଡା ୩ୟ ସ୍ଥାନ ଅଧିକାର କରିଛି । ଲୋକସଙ୍ଗୀତରେ ଭବାନୀପାଟଣାର ଶ୍ରୀ ଜଗନ୍ନାଥ କଳାବିଦ୍ୟାଳୟ ୧ମ, ସଂସ୍କୃତିକ ଅନୁଷ୍ଠାନ ୨ୟ, ଲୋକନୃତ୍ୟରେ ଭବାନୀପାଟଣାର ନୃତ୍ୟାଙ୍ଗନା ୧ମ, କାରୁଣ୍ଡ କଳାକେନ୍ଦ୍ର ୨ୟ ଓ ଥୁଆମୂଳ ରାମପୁର ଶୁଭଗ୍ର ଗ୍ରୁପ ୩ୟ ସ୍ଥାନ ଗ୍ରହଣ କରିଛନ୍ତି। ଜିଲା କ୍ରୀଡା ଅଧିକାରୀ ଶୁଭାଶିଷ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

ଚାଷୀ କ୍ଷେତରେ ନିଆଁ ଲଗାଇ ଦେଇଛନ୍ତି।

ଚକଡା ରୋଗ ପୋକରେ ଚାଷୀ ଅତିଷ୍ଟ

ପୁଣି କ୍ଷେତରେ ନିଆଁ ଲଗାଇଲେ ଚାଷୀ

ପଲମ, ୨।୧୧(ଡି.ଏନ.ଏ.)

କଳାହାଣ୍ଡି ଜିଲାରେ ଚକଡା ରୋଗ ପୋକରେ ଅତିଷ୍ଟ ହୋଇ ଚାଷୀ କ୍ଷେତରେ ନିଆଁ ଲଗାଇ ଘଟଣା ପୁଣି ଥରେ ସାମ୍ନାକୁ ଆସିଛି। କର୍ଲାମୁଣ୍ଡା ବ୍ଲକ ରିଷିଡା ପଞ୍ଚାୟତ ରିଷିଡା ଗ୍ରାମର ଚାଷୀ ହିମାଂଶୁ ରଣା ତାଙ୍କ ୧ ଏକର ଉର୍ଦ୍ଧ୍ୱ ଧାନ ଫସଲରେ ଚକଡା ପୋକ ଲାଗି ନଷ୍ଟ ହୋଇଥିବାରୁ ଜମିରେ ନିଆଁ ଲଗାଇ ପରେ ଏବେ ପୁଣି ନର୍ଲା ବ୍ଲକ୍ ଅଧୀନ ରୁପ୍ରା ପଞ୍ଚାୟତସ୍ଥିତ ରୁପ୍ରା ଗ୍ରାମରେ ଏଭଳି ଘଟଣା ନଜରକୁ ଆସିଛି । ରୁପ୍ରା ଗ୍ରାମର ଅନେକ ଜମିରେ ଚକଡା ପୋକ ଲାଗିଥିବା ଯୋଗୁ ଚାଷୀ ନିରୁପାୟ ହୋଇ ଅମଳ ହେବାକୁ ଥିବା ଧାନ କ୍ଷେତରେ ନିଆଁ ଲଗାଇ ପୋଡି ଦେଇଛନ୍ତି। ସେହିପରି ଭାବେ ଗିଗିନା, ମସ୍ତୁଟି, କର୍ମେ, ପଲମ, ଟକର୍ଲା ଇତ୍ୟାଦି ପଞ୍ଚାୟତରେ ମଧ୍ୟ ଅମଳ ହୋଇଥିବା ଧାନ କ୍ଷେତରେ ଶହ ଶହ ଏକର ଜମିରେ କ୍ଷତି ହୋଇଥିବା ଦେଖି ସେହି ଜାଗାମାନେ ମଧ୍ୟ ଚାଷୀ ନିରାଶ ହୋଇ ପୋଡି ଦେଇଛନ୍ତି । ଏ ନେଇ ଅନେକ ଥର କୃଷି କର୍ମଚାରୀଙ୍କୁ ଅଭିଯୋଗ କରିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କୌଣସି କର୍ମଚାରୀଙ୍କ ଦେଖା ନାହିଁ । ଭିଏଡବ୍ଲ୍ୟୁ ରୀତିମତ ଦେଖି ତାଙ୍କ ନିର୍ଦ୍ଦେଶ କ୍ରମେ ଅନେକ ପ୍ରକାର ଔଷଧ ପ୍ରୟୋଗ କରି ମଧ୍ୟ କୌଣସି ସୁଫଳ ମିଳୁ ନାହିଁ । କ୍ଷତି ହୋଇଥିବା ଚାଷ ଜମିକୁ ସରକାର ଉଚିତ ତଦନ୍ତ ଚାଷୀଙ୍କୁ ସହାୟତା ପ୍ରଦାନ କରିବା ପାଇଁ ଚାଷୀଙ୍କ ପକ୍ଷରୁ ଦାବି ହେଉଛି ।

ଫାଶରେ ପଡ଼ି ଚାଷୀ ମୃତ

ମହାକାଳପଡ଼ା, ୨।୧୧ (ଡି.ଏନ୍.ଏ.)-

ବାର୍‌ହା ଧରିବା ପାଇଁ ଚାଷ ଜମିରେ ନିଜେ ବସାଇଥିବା ଫାଶରେ ପଡ଼ି ଗୁରୁବାର ରାତିରେ ଜଣେ ଚାଷୀଙ୍କର ମୃତ୍ୟୁ ଘଟିଛି। ସେ ହେଲେ ମହାକାଳପଡ଼ା ବ୍ଲକ ଜମୁ ଗ୍ରାମ ପୂର୍ବପଡ଼ାର ବିଜୟ ମିର୍ଦ୍ଧା(୪୦)। ମହାକାଳପଡ଼ା ବ୍ଲକର ବିଭିନ୍ନ ଅଞ୍ଚଳରେ ଜଙ୍ଗଲୀ ବାର୍‌ହା ଚାଷ ଜମିରେ ପଶି ଫସଲ ନଷ୍ଟ କରୁଛନ୍ତି। ତେବେ ବାର୍‌ହା ଶିକାର ପାଇଁ ବିଜୟ ନିଜ ଚାଷ ଜମିରେ ଏକ ଫାଶ ବସାଇବା ସହ ସେଥିରେ ବିଦ୍ୟୁତ୍ ଚାର୍ଜ କରିଥିଲେ। ଗୁରୁବାର ବିଳମ୍ବିତ ରାତିରେ ସେହି ଫାଶରେ ପଡ଼ି ଏକ ଜଙ୍ଗଲୀ ବାର୍‌ହା ମରିଥିବା ବେଳେ ବିଜୟ ମୃତ ବାର୍‌ହାକୁ ଦେଖିବାକୁ ଯାଇଥିଲେ। ଏହି ସମୟରେ ଅସାବଧାନତା ବଶତଃ ଉକ୍ତ ଫାଶ ତାଙ୍କ ଦେହରେ ଲାଗିବାରୁ ଘଟଣାସ୍ଥଳରେ ବିଜୟଙ୍କର ମୃତ୍ୟୁ ଘଟିଥିଲା। ଶୁକ୍ରବାର ସକାଳୁ ଚାଷ ଜମିରୁ ବାର୍‌ହାର ମୃତଦେହ ଉଦ୍ଧାର କରାଯିବା ସହ ଏହାର ୩ ଫୁଟ ଦୂରରୁ ବିଜୟଙ୍କ ଶବ ଉଦ୍ଧାର କରାଯାଇଛି। ଖବରପାଇ ବନ ବିଭାଗ ଓ ମେରାଇନ ଥାନା ଅଧିକାରୀ ପ୍ରିୟବ୍ରତ ଦାଶ ଘଟଣାସ୍ଥଳରେ ପହଞ୍ଚି ଶବ ବ୍ୟବଚ୍ଛେଦ ପାଇଁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ତେବେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ବିଜୟଙ୍କ ମୃତ୍ୟୁ ଘଟିଥିବା ତାଙ୍କ ଭାଇ ବସନ୍ତ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ପୋଲିସ ୧୬/୧୮ ନଂ.ରେ ଏକ ମାମଲା ରୁଜୁ କରିଛି। ଅପରପକ୍ଷେ ମହାକାଳପଡ଼ା ବ୍ଲକ ପ୍ରାଣୀ ଚିକିତ୍ସକ ଡା. ଚନ୍ଦନ କୁମାର ମହାନ୍ତି ଘଟଣାସ୍ଥଳରେ ପହଞ୍ଚି ମୃତ ବାର୍‌ହାର ଶବ ବ୍ୟବଚ୍ଛେଦ କରିଛନ୍ତି।

ବିବାଦ ଉପରେ ନଜର

ରିଜର୍ଭ ବ୍ୟାଙ୍କର ସ୍ୱାୟତ୍ତତାକୁ ଆଇଏମ୍‌ଏଫ୍‌ର ସମର୍ଥନ

ନୂଆଦିଲ୍ଲୀ, ୨।୧୧

ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ଏବଂ କେନ୍ଦ୍ର ସରକାରଙ୍କ ମଧ୍ୟରେ ସ୍ୱାୟତ୍ତତାକୁ ନେଇ ଆରମ୍ଭ ହୋଇଥିବା ବିବାଦକୁ ନେଇ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି(ଆଇଏମ୍‌ଏଫ୍) ପ୍ରତିକ୍ରିୟା ପ୍ରକାଶ କରିଛି। ଏହି ବିବାଦ ଉପରେ ନଜର ରଖାଯାଇଛି ଏବଂ କେନ୍ଦ୍ରୀୟ ବ୍ୟାଙ୍କର ସ୍ୱାୟତ୍ତତାକୁ ସୀମିତ କରିବା ଲାଗି ସାରା ବିଶ୍ୱରେ ହେଉଥିବା ଉଦ୍ୟମକୁ ଏହା ବିରୋଧ କରି ଆସୁଛି ବୋଲି ଆଇଏମ୍‌ଏଫ୍ ପକ୍ଷରୁ କୁହାଯାଇଛି। ଆଇଏମ୍‌ଏଫର କମ୍ୟୁନିକେଶନ ଡାଇରେକ୍ଟର ଗ୍ୟାରୀ ରାଇସ କହିଛନ୍ତି ଯେ,ଅନ୍ତଃରାଷ୍ଟ୍ରୀୟ ସ୍ତରରେ କେନ୍ଦ୍ରୀୟ ବ୍ୟାଙ୍କର କାର୍ଯ୍ୟକଳାପ ଉପରେ କୌଣସି ପ୍ରକାର ହସ୍ତକ୍ଷେପ କରିବା ଆଦର୍ଶ ସ୍ଥିତି ନୁହେଁ। ଭାରତରେ ଆରମ୍ଭ ହୋଇଥିବା ବିବାଦ ଉପରେ ସେ କହିଛନ୍ତି ଯେ, ଏ କ୍ଷେତ୍ରରେ କେନ୍ଦ୍ର ସରକାର ବିବାଦଠାରୁ ଦୂରେଇ ଯିବା ଉଚିତ୍। କାରଣ ଆଇଏମ୍‌ଏଫ୍ ମନେ କରେ ଯେ, କେନ୍ଦ୍ରୀୟ ବ୍ୟାଙ୍କ ଏବଂ କେନ୍ଦ୍ର ସରକାରଙ୍କ ମଧ୍ୟରେ ଦାୟିତ୍ୱ ଏବଂ ଉତ୍ତରଦାୟୀତ୍ୱ ସ୍ପଷ୍ଟ ହେବା ଉଚିତ୍। ଏହି ସ୍ଥିତି ବିଶ୍ୱର ସମସ୍ତ ଦେଶ ଲାଗି ମାନ୍ୟ ହୋଇଥାଏ। କାରଣ ଆର୍ଥିକ ନିୟନ୍ତ୍ରକ କୁହାଯାଉଥିବା କେନ୍ଦ୍ରୀୟ ବ୍ୟାଙ୍କଙ୍କୁ ନିଜର କାମ କରିବା ଲାଗି ସମ୍ପୂର୍ଣ୍ଣ ସ୍ୱାୟତ୍ତତା ମିଳିବା ଉଚିତ୍।

ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

ମୋତେ ଯେତେ ମାଠିବୁ ମାଠ
ମୁଁ ସେଇ ଦରପୋଡ଼ା କାଠ ।

ଅଯୋଗ୍ୟ ଓ ଅପଦାର୍ଥ ବ୍ୟକ୍ତିଙ୍କୁ ବାଟକୁ ଆଣିବା କାଠିକର ପାଠ ହୋଇଥାଏ। କାହାରି କଥା ଓ ବୋଲକୁ ସେମାନଙ୍କର ଡର କି ଭୟ ରହୁ ନ ଥିବା ବେଳେ କୌଣସି ଆକଟ ଅଥବା ଶାସ୍ତି କାଟୁ କରି ନ ଥାଏ। ତେଣୁ ଯିଏ ବଦଳିବାର ନ ଥାଏ ତାକୁ ଯେତେ ଚେଷ୍ଟାକଲେ ମଧ ବଦଳାଇବା ସମ୍ଭବପର ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ମର୍ତ୍ତ୍ୟ ମଣ୍ଡଳେ ଦେହ ବହି,
ଦେବତା ହେଲେ ବି ମରଇ ।

ମୃତ୍ୟୁ ଅନିବାର୍ଯ୍ୟ, ତେଣୁ ପୃଥିବୀକୁ ମୃତ୍ୟୁଲୋକ କୁହାଯାଇଛି। ଯଦି କିଛି ସତ୍ୟ ଥାଏ ତାହା ହିଁ ମୃତ୍ୟୁ । ବୀର, ବଳବାନ, ଶକ୍ତିମାନ ଅଥବା ସୈତାନ ସମସ୍ତେ ମୃତ୍ୟୁ ଆଗରେ ପରାଜିତ। ଯେପରି ଆଲୋକ ସାମ୍ନାରେ ଅନ୍ଧକାରର ସ୍ଥିତି ଅସମ୍ଭାଳ, ସେପରି ମୃତ୍ୟୁଲୋକରେ ଅମରତ୍ୱ ଅସମ୍ଭବ। ଜନ୍ମ ଅଛି ମାନେ ମୃତ୍ୟୁ ଅଛି। ଧରାପୃଷ୍ଠରେ ଜନ୍ମିତ ସକଳ ପ୍ରାଣୀ ମୃତ୍ୟୁମୁଖରେ ପଡ଼ିବା ଅବଶ୍ୟମ୍ଭାବୀ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୁଢ଼ି ପ୍ରୟୋଗ
–ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

ଧରିତ୍ରୀ DHARITRI
CAREER APPOINTMENT
every Wednesday & Saturday

MNC JOB VACANCY
Female - 12Nos & Male - 8Nos
Qualification-10th to Graduation
Age : 18-28Yrs
MONTHLY SALARY :
Rs.7500/- To 17000/- + Free Hostel
9937172198, 9937042198

HDFC BANK
We understand your world
OM FINANCE Authorized DSA of HDFC Bank Ltd.
We are the leading DSA of HDFC BANK Ltd requires following staffs in odisha for PERSONAL LOANS AND BUSINESS LOANS
Locations - Bhubaneswar,Cuttack,Puri,Khordha,Jatni,Paradip,Jagatsinghpur,Berhampur, Jajpur,Balasore,Bhadrak,Rourkela,Jharsuguda,Sambalpur,Bolangir,Sonepur.
1. Team Manager - Male /Female - Minimum Graduate - Salary up to 15000 pm
2. Sales Officer - Male / Female - Minimum Graduate - Salary up to 12000 pm
3. Office assistant - Female - Commerce Graduate - Salary up to 12000 - 15000
4. Office Co ordinator - Female - Any Graduate - Salary up to 10000 - 12000
Post No 3 & 4 only for Bhubaneswar and Cuttack Location.
We are also providing attractive incentive and bonus for all posts with salary
For Assistant Phone/Call ..
Bolangir/Sambalpur/Sonepur - 8457853731,7381003731
Jajpur/Balasore/Bhadrak - 7788900434,9658987215
Others - 9238326748,9348117069,9853428171
Come with Resume and one colour passport size photo for walk in interview dated 2nd, 3rd, 4th November 2018 between 11am to 2 pm
OM FINANCE, PLOT NO - 270, KHARVEL NAGAR, BHUBANESWAR
Web site-www.omfinance.co.in, Email - omfn@rediffmail.com

ବ୍ଲକସ୍ତରୀୟ ନିଯୁକ୍ତି
ନିଜ ବ୍ଲକ ଓ ପଞ୍ଚାୟତ ସ୍ତରରେ କାମ କରିବା ପାଇଁ ପ୍ରତ୍ୟେକ ଜିଲ୍ଲାରୁ Candidate ଆବଶ୍ୟକ।
ଦରମା: 7,000/- to 42,000/-.
ଯୋଗାଯୋଗ: 8598856282

TEACHERS REQUIRED
Teachers Required Male/ Female for Odia Medium & English Medium School at Bhubaneswar.
Contact:
9337119851
9658118866

WALK-IN-INTERVIEW
Required DTP Designer (knows Photoshop & Coreldraw) & Accountant having one year experience.
At: A/68, Industrial Area, Unit-3, Bhubaneswar.
Mobile: 9090963364

Required The Following Personnel
1) ACCOUNTANT - 1 Nos
2) MARKETING - 2 Nos
PERSONS WITH EXPERIENCE ONLY CONTACT WITH DETAILS
AURO ENTERPRISERS
28A, Kharvela Nagar, Unit 3, Near Hotel Nandan, Bhubaneswar. Mail your CV at :
auro.akc@gmail.com

URGENTLY REQUIRED
One Laboratory Attendant.
Apply with Bio-Data to the Principal before Dt. 17.11.2018.
Principal, B.J.B. (Jr.) College, Gadarodang, Brahmagiri, Puri

MÖBEL FURNITURE
Eastern India's most Admired Furniture Brand
BHUBANESWAR REQUIRES
• SHOWROOM MANAGER
• INTERIOR CUM KITCHEN DESIGNER
• CORPORATE SALES EXECUTIVE
• CUSTOMER CARE EXECUTIVE
• ACCOUNTANT
• SALES GIRLS
• FITTERS
90739 87973
www.MobelHomeStore.com
jobs@mobelindia.com

Required
MARKETING EXECUTIVE experience or fresher
TELECALLER : Must have computer knowledge
Fresher Also Contact
Mob.: 9439778365, 8327747035
Bhubaneswar

URGENTLY REQUIRED
ADINATH TECHNO SERVICES BHUBANESWAR
Sales / Marketing Exe.
For - CCTV, BIOMETRIC & IT
Fresher / Experience
Basic Salary + Allowance + Incentive
Mob : 7205071008 / 7205041008
Email : adinathtech.bbsr@gmail.com

ସୁବର୍ଣ୍ଣ ଅବସର ''ଭୁବନେଶ୍ୱର''
ବାଇକ ଚାଳକ ପାଇଁ ଚାକିରି
(ପାର୍ଟ ଟାଇମ ଆଉ ଫୁଲ ଟାଇମ ଚାକିରି ଉପଲବ୍ଧ)
Rs. 18000/- ପର୍ଯ୍ୟନ୍ତ ପ୍ରତି ମାସ କମାନ୍ତୁ
ଆବଶ୍ୟକ: Bike / Scooter, RC, DL ଆଉ Android ମୋବାଇଲ
Call: 0113589422
Plot No. 40, Lane: L-4, Near ITER College, Jagmohan Nagar, Bhubaneswar - 751030
(Only for Bhubaneswar)

ଏକ SNACKS ଦୋକାନରେ DATA ENTRY OPERATOR
ଆବଶ୍ୟକ । କମ୍ପ୍ୟୁଟର ସମ୍ପୂର୍ଣ୍ଣ ଜ୍ଞାନଥିବା ପୁଅ/ଝିଅ ଯୋଗାଯୋଗ କରନ୍ତୁ ।
SHIVASHAKTI DRY FOODS
P.D MARKET, CRP SQUARE
BHUBANESWAR
Mob : 9040036116

ସବୁ ଏୟାର ପୋର୍ଟ ହେତୁ ଡାଇରେକ୍ଟ ଭର୍ତ୍ତି ପକ୍କା ଜଏନିଂ । ଶାସକୀୟ, ଅର୍ଦ୍ଧଶାସକୀୟ, ଅପାଠୁଆରୁ ଗ୍ରାଜୁଏଟ 45,500/- ରୁ 85,500/- । ଗ୍ରାଉଣ୍ଡ ଷ୍ଟାଫ, ସୁପରଭାଇଜର, ଏୟାରହୋଷ୍ଟେସ୍, ଲୋଡର, ହେଲପର, ଡ୍ରାଇଭର । ରହିବା + ଖାଇବା + ଟ୍ରାନ୍ସପୋର୍ଟ
CONSULTANT
09319945331

ALL INDIA NETWORK PROGRAMME ON 'GASTRO-INTESTINAL PARASITISM', ICAR-IVRI
DEPARTMENT OF VETERINARY PARASITOLOGY
COLLEGE OF VETERINARY SCIENCE & ANIMAL HUSBANDRY
O.U.A.T., BHUBANESWAR - 03
Tel No. : 9437011510 Email : vetpara2013@gmail.com

WALK IN INTERVIEW

Candidates interested in contractual engagement in the "All India Network Programme on Gastro Intestinal Parasitism" (AINP-GIP) operating in the Department of Veterinary Parasitology, College of Veterinary Science & Animal Husbandry, Odisha University of Agriculture and Technology, Bhubaneswar for a period upto March 2020 may avail of the opportunity through walk-in-interview. The activities of the post relate to various field works as well as laboratory analysis of the samples. The essential educational qualification, remuneration and time of interview are specified below. This post is purely temporary and co-terminus with completion of the project period i.e. March, 2020. The candidates having experience and exposure to laboratories and / or field activities on parasitic disease of animals would be added advantages. No T.A. and D.A. will be provided for appearing the interview.
Candidates appearing interview are to produce a set of attested photocopies of the original certificates indicating educational qualification and experience at the time of interview which will be held in the committee room of the Dean of Research, Odisha University of Agriculture & Technology, Bhubaneswar - 751003 as detailed below. Authority reserves the right to cancel the interview without assigning any reason thereof.

Sl. No.	Name of Post (Number)	Essential Educational Qualification	Remuneration (per month)	Date and Time of Interview
1	Senior Research Fellow (1)	Post Graduate Degree in Veterinary Parasitology / Veterinary Pathology / Veterinary Microbiology	Rs. 25,000/-	19.11.2018 10.30AM

N.B. : These contents will be published on University Website and two Local News Papers (Dharitri & Samaj).
Sd./- Principal Investigator AINP-GIP

ଆବଶ୍ୟକ
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary upto Rs.25000/-.
Contact: 9938676412

OFFICIALLY JOB
ଯୋଗ୍ୟତା: 10th Pass/Fail, ବୟସ: (18-35) yrs. Monthly Salary upto Rs.25000/-.
Contact Immediately
Mob: 8763257042

J.K. Trust, Bombay
WANTED RURAL DEVELOPMENT OFFICERS
J.K. Trust, Bombay a renowned NGO is carrying out "Cattle Breed Improvement Programme" through establishment of "Integrated Livestock Development (ILD) Centers" across various states of India. For the monitoring of this programme, we are looking for Rural Development officers in Odisha state.
Candidates with graduation/post-graduation in Agriculture, Social Science, Sociology & Rural Development with at least 3 years of relevant or similar experience should apply.
The candidate should mention his mobile no. so that they can be informed about date of interview telephonically.
The last date for receiving application at our office will be 15th November, 2018.
Please forward your resume by post or e-mail to following address.
J. K. Trust
Padmalaya, Ground Floor, Plot No: 166/2152/3368,
Near Udaygiri Vihar, Patrapada,Bhubaneswar
Dist: Khurda, Pin: 751019, Odisha. E-mail : odisha@jktrust.org
www.jktrust.org
www.jkbovagenix.org
JK BovaGenix Improving Bovine Genetics

A Play and Pre-School in Tankapani Road area of Bhubaneswar Requires
Teacher for Nursery: Graduate, trained, Strong English speaking ability (Rs.5000-10000 per month).
Teachers for CBSE school level Science, Social Studies, Mathematics, English (payment negotiable).
Arts and Crafts Teacher: Experience in teaching arts, painting, crafts (salary negotiable).
Song Teachers: Odissi and Hindustani classical singing teachers (salary negotiable).
Please apply with bio-data to
ngorecruitment@gmail.com

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ

ସଂକ୍ଷେପରେ

ସଲାହୁଦ୍ଦିନ୍, ହାଫିଜ୍‌ଙ୍କ ନାଁରେ ଏନ୍‌ବିଡବ୍ଲ୍ୟୁ

ନୂଆଦିଲ୍ଲୀ,୨।୧୧(ପି.ଟି.): ଭାରତରେ ଆତଙ୍କବାଦର କାୟାବିସ୍ତାର କରୁଥିବା ପାକିସ୍ତାନସ୍ଥିତ ଲଶ୍କର-ଇ-ତୋଇବା ପ୍ରତିଷ୍ଠାତା ତଥା ଜେୟୁଡି ମୁଖ୍ୟ ହାଫିଜ୍ ସଇଦ ଏବଂ ହିଜବୁଲ୍ ମୁଜାହିଦ୍ଦିନ୍ ମୁଖ୍ୟ ସୟିଦ ସଲାହୁଦ୍ଦିନ୍‌ଙ୍କ ମୁଣ୍ଡରେ ଶକ୍ତ ପ୍ରହାର ବାଜିଛି। ସ୍ୱତନ୍ତ୍ର ଏନ୍‌ଆଇଏ କୋର୍ଟ ଏମାନଙ୍କ ବିରୋଧରେ ଜାମିନବିହୀନ ଗିରଫ ପରୱାନା (ଏନ୍‌ବିଡବ୍ଲ୍ୟୁ) ଜାରି କରିଛନ୍ତି। କଶ୍ମୀରରେ ଅସ୍ଥିରତା ସୃଷ୍ଟି କରିବା ସହ ଭାରତ ବିଭିନ୍ନ ସ୍ଥାନରେ ଅନେକ ଆତଙ୍କବାଦୀ ଆକ୍ରମଣ ଘଟାଇଛନ୍ତି ହାଫିଜ୍ ଏବଂ ସଲାହୁଦ୍ଦିନ୍। ଆତଙ୍କବାଦୀଙ୍କୁ ଏମାନେ ଅର୍ଥ ମଧ୍ୟ ଯୋଗାଉଛନ୍ତି। ଏନ୍‌ଆଇଏ ଏଭଳି ଅଭିଯୋଗ ଆଣିବା ସହ ଦୁହିଁଙ୍କ ନାଁରେ ଏନ୍‌ବିଡବ୍ଲ୍ୟୁ ଜାରି କରିବାକୁ ଆବେଦନ କରିଥିଲା।

ଇତିହାସର ଆଇନାରେ

ନଭେମ୍ବର ୩ର ପ୍ରମୁଖ ଘଟଣା

୧୯୫୬ ନଭେମ୍ବର ୩ରେ ସୁଏଜ ସଙ୍କଟ ବେଳେ ଗାଜାର ଖାନ୍ ୟୁନିସ୍‌ରେ ଇସ୍ରାଏଲ ସୈନିକ ୨୭୫ଜଣ ପାଲେଷ୍ଟିନୀୟଙ୍କୁ ହତ୍ୟା କରିଥିଲେ। ଇଜିପ୍ଟ ବିରୋଧରେ ଇସ୍ରାଏଲ, ବ୍ରିଟେନ୍ ଓ ଫ୍ରାନ୍ସ ସୁଏଜ କେନାଲକୁ ପାଶ୍ଚାତ୍ୟ ଦେଶରେ ସ୍ଥାପିତ କରିବା ଏବଂ ଇଜିପ୍ଟ ରାଷ୍ଟ୍ରପତି ନାସିରଙ୍କୁ କ୍ଷମତାଚ୍ୟୁତ କରିବା ପାଇଁ କରାଯାଇଥିଲା।

୧୯୮୨ ନଭେମ୍ବର ୩ରେ ଆଫଗାନିସ୍ତାନର ସାଲଙ୍ଗ ସୁଡଙ୍ଗରେ ଅଗ୍ନିକାଣ୍ଡ ଘଟି ୨୦୦୦ ଲୋକଙ୍କର ପ୍ରାଣହାନି ଘଟିଥିଲା। ଆଫଗାନିସ୍ତାନ ଗୃହଯୁଦ୍ଧ ସମୟରେ ଏହି ଟନେଲରେ ଅଗ୍ନିକାଣ୍ଡ ଘଟିଥିଲା।

ଆକବରଙ୍କ ମୁଣ୍ଡରେ ଖଣ୍ଡା

ୱାଶିଂଟନ୍/ନୂଆଦିଲ୍ଲୀ,୨।୧୧(ପି.ଟି.)

ଥପୁଡି '# ମିଟ�ୁ' ଝଡ଼

- ବଳାତ୍କାର ଅଭିଯୋଗ ଆଣିଲେ ଆମେରିକାର ସାମ୍ବାଦିକା
- ୨୩ ବର୍ଷ ପୂର୍ବେ ଆକବରଙ୍କ ଦ୍ୱାରା ହୋଇଥିଲେ ନିର୍ଯାତିତା
- ସହମତି ଭିତ୍ତିରେ ସମ୍ପର୍କ ଥିଲା ବୋଲି କହିଲେ ଆକବର
- ସମର୍ଥନରେ ବାହାରିଲେ ସ୍ତ୍ରୀ

'# ମିଟୁ' ଝଡ଼ର ଶିକାର ହୋଇଥିବା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଏମ୍.ଜେ. ଆକବରଙ୍କ ମୁଣ୍ଡରେ ପୁଣି ଖଣ୍ଡା। ଦେଶରେ ଅନେକ ସାମ୍ବାଦିକା ତାଙ୍କ ବିରୋଧରେ ଯୌନ ନିର୍ଯାତନା ଅଭିଯୋଗ ଆଣିବା ପରେ ଏବେ ବିଦେଶ ମାଟିରୁ ମଧ୍ୟ ତାଙ୍କ ବିରୋଧରେ ଉଠିଛି ସ୍ୱର। ଆମେରିକାର ଏକ ପ୍ରମୁଖ ଗଣମାଧ୍ୟମ ସଂସ୍ଥାର ସମ୍ପାଦକ ଭାବେ କାର୍ଯ୍ୟରତ ଜଣେ ମହିଳା ଆକବରଙ୍କ ନାଁରେ ଆଣିଛନ୍ତି ସଙ୍ଗିନ ଅଭିଯୋଗ। ଦୁଇ ଦଶନ୍ଧି ପୂର୍ବେ ଭାରତରେ ଥିବାବେଳେ ଆକବର ତାଙ୍କୁ ବଳାତ୍କାର କରିଥିଲେ ବୋଲି ପଲ୍ଲବୀ ଗୋଗୋଇ ଅଭିଯୋଗ କରିଛନ୍ତି। ତେବେ ଅଭିଯୋଗକୁ ଖଣ୍ଡନ କରିଛନ୍ତି ଆକବର। ସ୍ତ୍ରୀ ମଲ୍ଲିକା ଆକବର ମଧ୍ୟ ତାଙ୍କ ସମର୍ଥନରେ ବାହାରିପଡ଼ିଛନ୍ତି।

୨୩ ବର୍ଷ ପୂର୍ବର କଥା। ସେତେବେଳେ 'ଦ ଏସିଆନ୍ ଏଜ୍' ଖବରକାଗଜର ସମ୍ପାଦକ ଥିଲେ ୬୭ ବର୍ଷୀୟ ଆକବର। ଏହି ବିଚକ୍ଷଣ ସାମ୍ବାଦିକ ଜଣକ ନିଜ ପଦବୀର ଅପବ୍ୟବହାର କରି ଅନେକ ମହିଳାଙ୍କୁ ଯୌନ ଶୋଷଣ କରିଥିଲେ। ସେ ମଧ୍ୟ ବଳାତ୍କାରର ଶିକାର ହୋଇଥିଲେ ବୋଲି ପୀଡ଼ିତା ପଲ୍ଲବୀ ଗୋଗୋଇ କହିଛନ୍ତି। ପଲ୍ଲବୀ ଏବେ ୱାଶିଂଟନ୍‌ସ୍ଥିତ ଆମେରିକୀୟ ଗଣମାଧ୍ୟମ ସଂସ୍ଥା ନ୍ୟାଶନାଲ ପବ୍ଲିକ୍ ରେଡିଓ (ଏନ୍‌ପିଆର୍)ରେ କାର୍ଯ୍ୟରତ ଅଛନ୍ତି। ଅନେକ ମହିଳା ଆକବରଙ୍କ ବିରୋଧରେ ମୁହଁ ଖୋଲିବା ପରେ ଗୋଗୋଇ ମଧ୍ୟ ନିଜ ସହ ବିତିଥିବା ସେହି ବର୍ବରତାର ପର୍ଦ୍ଦାଫାଶ କରିଛନ୍ତି। 'ଦ ୱାଶିଂଟନ୍ ପୋଷ୍ଟ'ରେ ତାଙ୍କର ଏକ ଲେଖା ପ୍ରକାଶ ପାଇଛି। ସେଥିରେ ସେ ଆକବରଙ୍କ ଦ୍ୱାରା ଯୌନ ଶୋଷଣର ଶିକାର ହୋଇଥିବା ଦର୍ଶାଇଛନ୍ତି। ୨୨ ବର୍ଷ ବୟସରେ ଏଭଳି ନିର୍ଯାତନା ପାଇବା ତାଙ୍କ ଜୀବନର ସବୁଠାରୁ ଯନ୍ତ୍ରଣାଦାୟକ ସ୍ମୃତି ବୋଲି ଗୋଗୋଇ ଲେଖିଛନ୍ତି। ସେ କହିଛନ୍ତି, ୨୩ ବର୍ଷ ବେଳକୁ ଅର୍ଥାତ୍ ଖୁବ୍ କମ୍ ବୟସରେ ତାଙ୍କୁ ସମ୍ପାଦକୀୟ ପୃଷ୍ଠାର ସମ୍ପାଦକ ଦାୟିତ୍ୱ ମିଳିଥିଲା। କିନ୍ତୁ ଏଥିପାଇଁ ତାଙ୍କୁ ବହୁମୂଲ୍ୟ ଦେବାକୁ ପଡ଼ିବ ବୋଲି ତାଙ୍କ ଧାରଣା ବାହାରେ ଥିଲା। କିଛି ମାସ ପରେ ଏକ କାର୍ଯ୍ୟକ୍ରମରେ ଯୋଗଦେବା ଲାଗି ମୁମ୍ବାଇକୁ ଯାଇଥିବାବେଳେ ତାଜ ହୋଟେଲ ଭିତରେ ସେ ପୁଣି ବ୍ୟଭିଚାରର ଶିକାର ହୋଇଥିଲେ। ପାଟି ଖୋଲିଲେ ଚାକିରିରୁ ବିଦା କରିଦେବାକୁ ଆକବର ଧମକ ଦେଉଥିଲେ ବୋଲି ଆମେରିକାରେ ନାଗରିକତ୍ୱ ଗ୍ରହଣ କରିଥିବା ଗୋଗୋଇ ଅଭିଯୋଗ କରିଛନ୍ତି।

ଅନ୍ୟପକ୍ଷେ ଆକବରଙ୍କ ଓକିଲ ସନ୍ଦୀପ କୌର ତାଙ୍କ ତରଫରୁ ସଫେଇ ଦେଇଛନ୍ତି। ଆକବରଙ୍କ ନାଁରେ ଆସିଥିବା ସମସ୍ତ ଅଭିଯୋଗ ମିଥ୍ୟା ବୋଲି ସେ କହିଛନ୍ତି। ଆକବର କହିଛନ୍ତି, ଗୋଗୋଇଙ୍କ ସହ ତାଙ୍କର ସହମତି ଭିତ୍ତିରେ ସମ୍ପର୍କ ଥିଲା। କିନ୍ତୁ ପରେ ତାହା ତୁଟିଗଲା। ସେହିପରି ଆକବରଙ୍କ ସ୍ତ୍ରୀ ମଲ୍ଲିକା ମଧ୍ୟ କହିଛନ୍ତି, ତାଙ୍କ ସ୍ୱାମୀଙ୍କ ବିରୋଧରେ ଗୋଗୋଇ ମିଛ ଆରୋପ ଲଗାଉଛନ୍ତି। ତେବେ ଗୋଗୋଇଙ୍କ ସହ ତାଙ୍କର ସମ୍ପର୍କ ଥିଲା ବୋଲି ସେ ମଧ୍ୟ ସ୍ୱୀକାର କରିଛନ୍ତି। ପ୍ରକାଶ ଯେ, ଏକାଧିକ ସାମ୍ବାଦିକା ତାଙ୍କ ବିରୋଧରେ ଯୌନ ନିର୍ଯାତନା ଅଭିଯୋଗ ଆଣିବା ପରେ ଆକବରଙ୍କ ମନ୍ତ୍ରୀପଦ ଯାଇଛି। ନରେନ୍ଦ୍ର ମୋଦି ସରକାରଙ୍କ ଉପରେ ଚାରିଆଡୁ ଚାପ ପଡ଼ିବାରୁ ନିକଟରେ ବହିର୍ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ପଦରୁ ସେ ଇସ୍ତଫା ଦେଇଛନ୍ତି। ଏବେ ସଦ୍ୟ ଅଭିଯୋଗ ଆଣିଛନ୍ତି ଗୋଗୋଇ।

ଟ୍ରିପଲ୍ ତଲାକ ଅଧ୍ୟାଦେଶକୁ ଚ୍ୟାଲେଞ୍ଜ

ହସ୍ତକ୍ଷେପ କରିବେନି ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୨।୧୧(ପି.ଟି.)

ମୁସଲମାନ ପୁରୁଷମାନେ ସ୍ତ୍ରୀଙ୍କୁ ତତ୍‌କ୍ଷଣାତ୍ ତିନିଥର 'ତଲାକ୍' କହି ବୈବାହିକ ସମ୍ପର୍କ ଛିନ୍ନ କରିବା ଏକ ଦଣ୍ଡନୀୟ ଅପରାଧ। ଏଭଳି ଆଇନଗତ ପରିବର୍ତ୍ତନ ଆଣିବା ସହ ସେପ୍ଟେମ୍ବର ୧୯ରେ କେନ୍ଦ୍ର ସରକାର ଏକ ଅଧ୍ୟାଦେଶ ଜାରି କରିଥିଲେ। ଏହାକୁ ଅସାମ୍ବିଧାନିକ ଦର୍ଶାଇ ସୁପ୍ରିମକୋର୍ଟରେ ଏକାଧିକ ଆବେଦନ ହୋଇଛି। ମୁସଲମାନ ମହିଳା (ବିବାହ ସମ୍ପର୍କିତ ଅଧିକାର ସୁରକ୍ଷା) ଅଧ୍ୟାଦେଶକୁ ବିରୋଧ କରି ଦାଏର ହୋଇଥିବା ଆବେଦନ ଉପରେ ହସ୍ତକ୍ଷେପ କରିବାକୁ ସର୍ବୋଚ୍ଚ ଅଦାଲତ ଅରାଜି ହୋଇଛନ୍ତି। ସେପ୍ଟେମ୍ବର ୧୯ରେ କେନ୍ଦ୍ର କ୍ୟାବିନେଟ ଟ୍ରିପଲ୍ ତଲାକ୍ ସଂକ୍ରାନ୍ତୀୟ ଅଧ୍ୟାଦେଶକୁ ମୋହର ମାରିଥିଲେ। ଏହାର କିଛି ଘଣ୍ଟା ପରେ ଏହା ରାଷ୍ଟ୍ରପତିଙ୍କ ଅନୁମୋଦନ ମଧ୍ୟ ଲାଭ କରିଥିଲା। ସଂଶୋଧିତ ଆଇନ ଅନୁଯାୟୀ ଟ୍ରିପଲ୍ ତଲାକ୍ ବା 'ତଲାକ୍-ଇ-ବିଦ୍ଦତ୍' ଏକ ବେଆଇନ କାର୍ଯ୍ୟ। ଏହା ଦଣ୍ଡନୀୟ ଅପରାଧ। ତେଣୁ ସ୍ତ୍ରୀଙ୍କୁ ଅଚାନକ ଛାଡ଼ପତ୍ର ଦେଉଥିବା ମୁସଲମାନ ପୁରୁଷଙ୍କୁ ୩ ବର୍ଷ ପର୍ଯ୍ୟନ୍ତ ଜେଲ୍ ଦଣ୍ଡ ମିଳିବ। ଆଇନକୁ ନିରପେକ୍ଷ କରିବା ପାଇଁ ମଧ୍ୟ ବ୍ୟବସ୍ଥା ହୋଇଛି। ଏଥି ଅନୁଯାୟୀ ମାମଲାର ବିଚାର ଆରମ୍ଭ ହେବା ପୂର୍ବରୁ ଅଭିଯୁକ୍ତ ସ୍ୱାମୀ ଜାମିନ ଆବେଦନ କରିପାରିବେ। ତେବେ ଟ୍ରିପଲ୍ ତଲାକ୍ ଅଧ୍ୟାଦେଶ ଅସାମ୍ବିଧାନିକ ବୋଲି ଅନେକେ ଆବେଦନକାରୀ ଦର୍ଶାଇଛନ୍ତି। ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇ, ଜଷ୍ଟିସ୍ କେ.ଏମ୍. ଯୋସେଫ୍ ଏବଂ ହେମନ୍ତ ଗୁପ୍ତାଙ୍କୁ ନେଇ ଗଠିତ ଖଣ୍ଡପୀଠ ଶୁକ୍ରବାର ଏସବୁ ଆବେଦନର ଶୁଣାଣି କରିଛନ୍ତି। ଅଧ୍ୟାଦେଶର ଅବଧି ୬ ମାସ ପର୍ଯ୍ୟନ୍ତ ରହିବ। ତା'ଛଡ଼ା ଡିସେମ୍ବରରେ ପାର୍ଲାମେଣ୍ଟର ଶୀତକାଳୀନ ଅଧିବେଶନ ବସିବାକୁ ଥିବାରୁ ତିନି ତଲାକ୍ ବିଲ୍ ରାଜ୍ୟ ସଭାରେ ଉପସ୍ଥାପନ ହେବ। ଏହାପରେ ଚିତ୍ର ସ୍ପଷ୍ଟ ହୋଇଯିବ ବୋଲି ଖଣ୍ଡପୀଠ କହିଛନ୍ତି।

ବୋଫର୍ସ ଦୁର୍ନୀତି ମାମଲା: ସିବିଆଇକୁ ଅଦାଲତୀ ଝଟକା

ନୂଆଦିଲ୍ଲୀ,୨।୧୧(ପି.ଟି.)

- ଆବେଦନ ଖାରଜ କରିବା ସହ ବର୍ଷିଲେ ସୁପ୍ରିମକୋର୍ଟ
- ବିଳମ୍ବର କାରଣ ସନ୍ତୋଷଜନକ ନୁହେଁ: ଖଣ୍ଡପୀଠ

ବହୁ ଚର୍ଚ୍ଚିତ ବୋଫର୍ସ ଦୁର୍ନୀତିକୁ ନେଇ ପୁଣି ଜୋର୍ ଧରିଛି ଚର୍ଚ୍ଚା। ଏହି ମାମଲାର ସମସ୍ତ ଅଭିଯୁକ୍ତଙ୍କୁ ଦୋଷମୁକ୍ତ କରି ଦିଲ୍ଲୀ ହାଇକୋର୍ଟ ଦେଇଥିବା ରାୟକୁ ଦୀର୍ଘଦିନ ପରେ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଛି କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)। କିନ୍ତୁ ବିଳମ୍ବ କାରଣ ଦର୍ଶାଇ ତଦନ୍ତ ସଂସ୍ଥାର ଆବେଦନକୁ ଶୁକ୍ରବାର ଅଦାଲତ ଖାରଜ କରିଦେଇଛନ୍ତି। ଏଥିସହିତ ଆବେଦନକାରୀଙ୍କ ଉପରେ କୋର୍ଟ ପ୍ରବଳ ବର୍ଷିଛନ୍ତି।

୬୪ କୋଟି ଟଙ୍କାର ବୋଫର୍ସ ଦୁର୍ନୀତିରେ ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ସମ୍ପୃକ୍ତି ଅଭିଯୋଗ ଆସିଥିବାରୁ ରାଜନୈତିକ ଦୃଷ୍ଟିରୁ ଏହା ଅତି ସମ୍ବେଦନଶୀଳ ମାମଲା। ୨୦୦୫ ମେ ୩୧ରେ ହାଇକୋର୍ଟ ରାୟ ପ୍ରକାଶ କରିବାର ୧୩ ବର୍ଷ ପରେ ସିବିଆଇ ଏହାକୁ ବିରୋଧ କରି ସୁପ୍ରିମକୋର୍ଟରେ ଆବେଦନ କରିଛି। ଏତେ ବିଳମ୍ବ ହୋଇଥିବାରୁ ତଦନ୍ତ ସଂସ୍ଥା ଅଦାଲତଙ୍କୁ କ୍ଷମା ପ୍ରାର୍ଥନା କରିଛି। ତେବେ ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ସିବିଆଇର ଆବେଦନ ଖାରଜ କରିଦେଇଛନ୍ତି।

'ତାଲିବାନ୍‌ର ଜନକ'ଙ୍କୁ ହତ୍ୟା

ଇସ୍‌ଲାମାବାଦ,୨।୧୧(ପି.ଟି.)

ଦୁର୍ଦ୍ଦାନ୍ତ ଆତଙ୍କବାଦୀ ସଙ୍ଗଠନ ତାଲିବାନର 'ଜନକ' ଭାବେ ପରିଚିତ ପାକିସ୍ତାନର ପ୍ରମୁଖ ଧର୍ମଗୁରୁ ମୌଲାନା ସାମିଉଲ୍ ହକ୍ ହତ୍ୟାର ଶିକାର ହୋଇଛନ୍ତି। ରାୱଲ୍‌ପିଣ୍ଡି ସହରରେ ଶୁକ୍ରବାର ତାଙ୍କ ଉପରକୁ ଗୁଳିମାଡ଼ ହୋଇଥିଲା। ସେଠାରେ ପ୍ରାଣ ହରାଇଛନ୍ତି ବୋଲି ଗଣମାଧ୍ୟମ ରିପୋର୍ଟରୁ ଜଣାପଡ଼ିଛି। ଖିବର ପାଖ୍‌ତୁନ୍‌ଖ୍ୱା ଅନ୍ତର୍ଗତ ଅକୋରା ଖଟ୍ଟକ୍ ଟାଉନ୍‌ରେ ଥିବା ଇସ୍‌ଲାମୀୟ ଧର୍ମୀୟ ସଙ୍ଗଠନ ଦାରୁଲ୍ ଉଲୁମ୍ ହକ୍କାନୀର ମୁଖ୍ୟ ଥିଲେ ହକ୍ (୮୨)। କଠୋରପନ୍ଥୀ ରାଜନୈତିକ ଦଳ ଉଲେମା-ଇ-ଇସ୍‌ଲାମ-ସାମୀ (ଜେୟୁଆଇ-ଏସ୍)ର ସେ ମଧ୍ୟ ସୁପ୍ରିମୋ ଥିଲେ ବୋଲି ଜିଓ ନ୍ୟୁଜ୍ ଏବଂ ଡନ୍ ରିପୋର୍ଟରୁ ପ୍ରକାଶ। ପାକିସ୍ତାନର ସାଧାରଣ ନିର୍ବାଚନ ଲାଗି ସେ ଇମ୍ରାନ୍ ଖାନ୍‌ଙ୍କ ନେତୃତ୍ୱାଧୀନ ପାକିସ୍ତାନ ତେହରିକ୍-ଇ-ଇନ୍‌ସାଫ୍ (ପିଟିଆଇ) ସହ ମେଣ୍ଟ କରିଥିଲେ। ସାମିଉଲ୍ ହକ୍ ରହୁଥିବା ବାସଭବନକୁ ପ୍ରବେଶ କରି ବନ୍ଧୁକଧାରୀ ଆଖୁବୁଜା ଗୁଳିଚାଳନା କରିଥିଲେ ବୋଲି ତାଙ୍କ ପୁଅ କହିଛନ୍ତି।

ପ୍ରଥମ ପୃଷ୍ଠାରୁ...

୭ ପ୍ରସ୍ତାବକୁ କ୍ୟାବିନେଟ...

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବସିଥିବା କ୍ୟାନିନେଟ ବୈଠକରେ ମୋଟ ୭ଟି ପ୍ରସ୍ତାବକୁ ଅନୁମୋଦନ କରାଯାଇଛି।

ବୈଠକ ଶେଷରେ ସୂଚନା ଦେଇ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀ କହିଛନ୍ତି ଯେ, ଏସ୍‌ସି/ଏସ୍‌ଟି ଉନ୍ନୟନ ବିଭାଗ ଅଧୀନରେ ଅନ୍ୱେଷା ଯୋଜନାରେ ନିର୍ମାଣ କରାଯାଇଥିବା ଛାତ୍ରୀନିବାସ ଓ ଛାତ୍ରାବାସଗୁଡିକ ଦାୟିତ୍ୱରେ ଜଣେ ଲେଖାଏ ୱେଲଫେୟାର ଏକ୍ସଟେନଶନ ଅଫିସର(ଡବ୍ଲ୍ୟୁଇଓ) ରହିବେ। ସେହି ଅଧିକାରୀମାନେ ଛାତ୍ରୀନିବାସ ଓ ଛାତ୍ରାବାସର ସମସ୍ତ ସମସ୍ୟା ବୁଝିବେ। ଗତ ଦୁଇ ଦଶନ୍ଧି ଧରି ରାଜ୍ୟରେ ଏହି ବିଭାଗ ଅଧୀନରେ ଆବାସିକ ବିଦ୍ୟାଳୟ ଓ ଛାତ୍ରାବାସ ସଂଖ୍ୟା ବହୁ ପରିମାଣରେ ବୃଦ୍ଧି ପାଇଛି। ଏଗୁଡିକର ପରିଚାଳନା ପାଇଁ ଜଣେ ଅଧିକାରୀ ନିଯୁକ୍ତି ପାଇବେ। ଏହାଛଡା ରାଜ୍ୟସ୍ତରୀୟ ଆନୁଷ୍ଠାନିକ ବ୍ୟବସ୍ଥାକୁ ସୁଦୃଢ କରିବାକୁ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଏବଂ ଅତିରିକ୍ତ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସୃଷ୍ଟି କରାଯିବ। ସେହିପରି ସମନ୍ୱିତ ଜନଜାତି ଉନ୍ନୟନ ପ୍ରକଳ୍ପ(ଆଇଟିଡିଏ) ଏବଂ ଉପଖଣ୍ଡଗୁଡିକରେ ଜଣେ ଲେଖାଏ ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀଙ୍କୁ ନିଯୁକ୍ତି ଦିଆଯିବ। ଏତଦ୍‌ବ୍ୟତୀତ ଉପନିର୍ଦ୍ଦେଶକ, ଯୁଗ୍ମ ନିର୍ଦ୍ଦେଶକ ଏବଂ ଅତିରିକ୍ତ ନିର୍ଦ୍ଦେଶକ ପଦବୀଗୁଡିକ ମଧ୍ୟ ସୃଷ୍ଟି କରାଯାଇଛି। ଏଥିପାଇଁ ଏସସି/ଏସଟି ୱେଲଫେୟାର ସର୍ଭିସ କ୍ୟାଡର ପୁନର୍ଗଠନ କରାଯାଇଛି। ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ ଅନୁମୋଦନ କରିଛି। କ୍ୟାଡର ପୁନର୍ଗଠନ ଫଳରେ ୭୧ ଅତିରିକ୍ତ ଜିଲା ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ, ୯ ଜିଲା ମଙ୍ଗଳ ଅଧିକାରୀ, ୮ ଉପନିର୍ଦ୍ଦେଶକ, ୩ ଯୁଗ୍ମ ଉପନିର୍ଦ୍ଦେଶକ ଏବଂ ୧ ଅତିରିକ୍ତ ନିର୍ଦ୍ଦେଶକ ପଦବୀ ସୃଷ୍ଟି କରାଯାଇଛି।

ରାଜ୍ୟରେ ଗ୍ରାମାଞ୍ଚଳ ଲୋକଙ୍କୁ ଦୀର୍ଘ ମିଆଦୀ ସୂତ୍ରରେ ସ୍ୱଚ୍ଛ ଓ ନିରାପଦ ପାନୀୟ ଜଳ ଯୋଗାଇ ଦେବାକୁ ପ୍ରତିଶ୍ରୁତିବଦ୍ଧ। ମାତ୍ର ଏହି କାର୍ଯ୍ୟ ପରିଚାଳନା କରିବା ପାଇଁ ଉପଯୁକ୍ତ ବୈଜ୍ଞାନିକ ଜ୍ଞାନକୌଶଳଯୁକ୍ତ ଅଧିକାରୀଙ୍କର ଅଭାବ ରହିଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଉପଯୁକ୍ତ ଜଳ ଉତ୍ସ ଅନୁସନ୍ଧାନ, ଆକଳନ ତଥା ପରିଚାଳନା ନିମନ୍ତେ ପଞ୍ଚାୟତିରାଜ ବିଭାଗରେ ଭୂ ବୈଜ୍ଞାନିକ (ଜିଓଲୋଜିଷ୍ଟ) କ୍ୟାଡର ପୁନର୍ଗଠନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ କ୍ୟାବିନେଟ ମୋହର ମାରିଛି। ମେଧାବୀ ତଥା କୁଶଳୀ ଜିଓଲୋଜିଷ୍ଟମାନଙ୍କୁ ଆକୃଷ୍ଟ କରିବାକୁ ଏଣିକି ମୂଳସ୍ତରରେ ଥିବା କ୍ଲସ-୨(ଗ୍ରୁପ-ବି) ପଦବୀଗୁଡିକ ଜୁନିୟର କ୍ଲାସ-୧କୁ ଉନ୍ନୀତ କରାଯାଇଛି। କ୍ୟାଡର ପୁନର୍ଗଠନ ପରେ ଏହି ପଦବୀ ସଂଖ୍ୟା ୩୯କୁ ବୃଦ୍ଧି ପାଇଛି। କ୍ୟାଡର ପୁନର୍ଗଠନ ପରେ ୧ ଅତିରିକ୍ତ ନିର୍ଦ୍ଦେଶକ (ଜିଓଲୋଜି) ପଦବୀ ସୃଷ୍ଟି ହୋଇଥିବା ବେଳେ ଯୁଗ୍ମ ନିର୍ଦ୍ଦେଶକ (ଜିଓଲୋଜି) ୨, ଡେପୁଟି ନିର୍ଦ୍ଦେଶକ (ଜିଓଲୋଜି) ୬ ଏବଂ ଜିଓଲୋଜିଷ୍ଟ /ଜିଓଫିଜିଷ୍ଟ ୩୦ଟି ପଦବୀ ସୃଷ୍ଟି କରାଯାଇଛି।

ଏହାକୁ ଦୃଷ୍ଟିରେ ରଖି ଓଡିଶା ଉଦ୍ୟାନ କୃଷି ସେବା(ନବ ନିଯୁକ୍ତି ପଦ୍ଧତି ଓ ସେବା ସର୍ତ୍ତ) ନିୟମ ୨୦୧୪ର ୫ମ ନିୟମର ଧାରା ୨(ଗ)ସଂଶୋଧନ ପ୍ରସ୍ତାବକୁ ମଧ୍ୟ କ୍ୟାବିନେଟ ମଞ୍ଜୁରୀ ମିଳିଛି । ଉଦ୍ୟାନ କୃଷି ଉପଦର୍ଶକଙ୍କ ଯୋଗ୍ୟତା ୧୦ମ ପରିବର୍ତ୍ତେ ଯୁକ୍ତ ଦୁଇ ବିଜ୍ଞାନ ରହିବ। ଖାଲି ଥିବା ୧୪ଟି ପଦବୀରେ ଯୁକ୍ତ ଦୁଇ ବିଜ୍ଞାନ ଯୋଗ୍ୟତାଧାରୀ ନିଯୁକ୍ତି ପାଇବେ। ପୂର୍ବରୁ ନିଯୁକ୍ତି ହୋଇଥିବା ଉଦ୍ୟାନ କୃଷି ଉପଦର୍ଶକ ଓ ପ୍ରଦର୍ଶନ ସହାୟକଙ୍କ ମଧ୍ୟରୁ ମାତ୍ର ୨ ଜଣଙ୍କୁ ବାଦ ଦେଲେ ଅନ୍ୟ କାହାର ଯୁକ୍ତ ଦୁଇ ବିଜ୍ଞାନ ଯୋଗ୍ୟତା ନାହିଁ। ଫଳରେ ସେହି କର୍ମଚାରୀମାନେ ପଦୋନ୍ନତିର ସୁଯୋଗ ପାଇବାରୁ ବଞ୍ଚିତ ହୋଇଛନ୍ତି। କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ କରିଛି।

ହାତୀକୁ ମାରି...

ତାରିଖରେ ଏକ ହାତୀକୁ ହତ୍ୟା କରି ଖାଲରେ ପକାଇ ଦିଆଯାଇଥିଲା। ୨୦ ଦିନ ପରେ ଗୁରୁବାର ଏହି ଖବର ବନ ବିଭାଗ ପାଇଥିଲା। ଖବର ପାଇବା ପରେ ଫରେଷ୍ଟର ହରିଶଚନ୍ଦ୍ର ଜେନା ଓ ଫରେଷ୍ଟ ଗାର୍ଡ ସବିତା କିଷାନ ଘଟଣାସ୍ଥଳ ଅନୁଧ୍ୟାନ କରି ଏ ସମ୍ପର୍କରେ ରାଜଗାଙ୍ଗପୁର ରେଞ୍ଜ ଅଧିକାରୀଙ୍କୁ ରିପୋର୍ଟ କରିଥିଲେ। ବନ ବିଭାଗ କର୍ମଚାରୀ ଘଟଣାସ୍ଥଳ ପରିଦର୍ଶନ କରିଥିବା ଜାଣିବା ପରେ ଅଭିଯୁକ୍ତମାନେ ଭୟଭୀତ ହୋଇ ପ୍ରମାଣ ନଷ୍ଟ କରିବାକୁ ଉଦ୍ୟମ କରିଥିଲେ। ତେଣୁ ସେମାନେ ଶୁକ୍ରବାର ସକାଳେ ହାତୀର ଗଳିତ ମୃତଦେହକୁ ପୋଡ଼ି ଦେଇଥିଲେ। ଏହି ଖବର ପାଇ

PLEDGE 'PLASTIC-FREE' ODISHA

Siddhanta Mahapatra
Actor

#PlasticFreeOdisha

ଧରିତ୍ରୀ DHARITRI TEAM

ସଂକ୍ଷେପରେ

କଂଗ୍ରେସ ଛାଡ଼ିଲେ ଖଡ଼ିଆଳ ରାଣୀ ରାଜଶ୍ରୀ ଦେବୀ

ଖଡ଼ିଆଳ,୨।୧୧(ଡି.ଏନ.ଏ.)- ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ଖଡ଼ିଆଳ ରାଜା ସ୍ୱର୍ଗତ ଅନୁପ ସିଂଦେଓଙ୍କ ବଡ ବୋହୂ ରାଜଶ୍ରୀ ଦେବୀ କଂଗ୍ରେସର ପ୍ରାଥମିକ ସଦସ୍ୟ ପଦରୁ ଶୁକ୍ରବାର ଇସ୍ତଫା ଦେଇଛନ୍ତି। ଏନେଇ ସେ ଇସ୍ତଫା ପତ୍ର ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ପାଖକୁ ପଠାଇ ଦେଇଥିବା କହିଛନ୍ତି । ଦଳରେ ବରିଷ୍ଠ କର୍ମକର୍ତ୍ତାଙ୍କୁ ଅଣଦେଖା କରାଯାଉଛି। କୌଣସି ଦଳୀୟ କାର୍ଯ୍ୟକ୍ରମ ହେଲେ ସେମାନଙ୍କୁ ସୂଚନା ମିଳୁନାହିଁ। ଦଳୀୟ କର୍ମକର୍ତ୍ତାଙ୍କ ଏପରି ନୀତି ଯୋଗୁ ସେ ଦଳ ଛାଡିଥିବା କହିଛନ୍ତି। ଆପଣ ଅନ୍ୟ କୌଣସି ଦଳରେ ଯୋଗଦେବେ କି ବୋଲି ପଚାରିବାରୁ ଏନେଇ ବର୍ତ୍ତମାନ କୌଣସି ଚିନ୍ତା କରିନାହିଁ। ଆଗକୁ ବିଚାର କରି ନିଷ୍ପତ୍ତି ନେବି ବୋଲି ସେ କହିଛନ୍ତି। ମୁଁ ରାଜନୀତିକୁ ଆସିବା ପରେ ଲୋକଙ୍କ ସମସ୍ୟା ଏବଂ ତାର ସମାଧାନ ପାଇଁ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରି ଆସୁଥିଲି। ବର୍ତ୍ତମାନ ମଧ୍ୟ ଲୋକଙ୍କ ସହ ରହି କାମ କରିବି ବୋଲି ରାଜଶ୍ରୀ ଦେବୀ କହିଛନ୍ତି। ସୂଚନାଯୋଗ୍ୟ, ୧୯୮୫ରେ ରାଜଶ୍ରୀ ଦେବୀ କଂଗ୍ରେସରେ ଯୋଗ ଦେଇଥିଲେ । ୧୯୮୯ରୁ ୧୯୯୧ ପର୍ଯ୍ୟନ୍ତ ଅବିଭକ୍ତ କଳାହାଣ୍ଡି ଜିଲ୍ଲା କଂଗ୍ରେସ କମିଟିର ସାଧାରଣ ସମ୍ପାଦକ, ୨୦୦୧ରୁ ୨୦୦୯ ପର୍ଯ୍ୟନ୍ତ ଅଖିଳ ଭାରତୀୟ କଂଗ୍ରେସ କମିଟିର ସଦସ୍ୟା, ୨୦୦୨ରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ଉପସଭାପତି, ୨୦୦୩ରେ ସାଧାରଣ ସମ୍ପାଦକ ପଦବୀ ସମେତ ୧୯୯୭ରୁ ୨୦୦୮ ପର୍ଯ୍ୟନ୍ତ ପ୍ରଦେଶ କଂଗ୍ରେସ କମିଟିର ସଦସ୍ୟ ଥିଲେ।

■ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି

କ୍ୟାମ୍ପ କୋର୍ଟ କରାଇ ଦେଲେନି ଆଇନଜୀବୀ

ସମ୍ବଲପୁର ମଣ୍ଡଳ କାରାଗାର ମୁଖ୍ୟ ଗେଟ ଆଗରେ ଓକିଲମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ସମ୍ବଲପୁର,୨।୧୧(ବ୍ୟୁରୋ)

ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବିରେ ଓକିଲଙ୍କ ଆନ୍ଦୋଳନ ଉଗ୍ର ରୂପ ନେଇଛି। ହାଇକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ସମ୍ବଲପୁର ମଣ୍ଡଳ କାରାଗାର ପରିସରରେ ସୋମବାରଠାରୁ ଚାଲିଥିବା କ୍ୟାମ୍ପ କୋର୍ଟକୁ ଶୁକ୍ରବାର ଆଇନଜୀବୀମାନେ କରାଇ ଦେଇ ନାହାନ୍ତି। ଓକିଲଙ୍କ ବିରୋଧ ଯୋଗୁ କ୍ୟାମ୍ପ କୋର୍ଟ ବସି ପାରିନାହିଁ। କ୍ୟାମ୍ପ କୋର୍ଟକୁ ଆସିଥିବା ବିଚାରପତିମାନଙ୍କୁ ଫେରିଯିବାକୁ ଓକିଲମାନେ ଅନୁରୋଧ କରିଥିଲେ। ଏଣୁ ବିଚାରପତିମାନେ ଫେରି ଯିବାକୁ ବାଧ ହୋଇଥିଲେ । ସୁରକ୍ଷା ଦୃଷ୍ଟିରୁ ଜେଲ ଆଗରେ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା। ପୂର୍ବାହ୍ନ ୧୦ଟାରୁ ଜିଲ୍ଲା ଓକିଲ ସଂଘର ସଦସ୍ୟମାନେ ଗତ ମଙ୍ଗଳବାର ଜଲା ଜରିଆରେ ହାଇକୋର୍ଟ ବିଚାରପତିଙ୍କ ନିକଟକୁ ମୁଖ୍ୟ ପ୍ରତିଷ୍ଠା ଦାବିରେ ସ୍ଲୋଗାନ ଦେଇଥିଲେ । ବେଞ୍ଚ ପ୍ରତିଷ୍ଠା ନ ହେବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରି ରହିବ ବୋଲି ଓକିଲମାନେ ଚେତାବନୀ ଦେଇଥିଲେ । ଏପରି ଆନ୍ଦୋଳନ ଯୋଗୁ ଜେଲ୍ ଗେଟ ସମ୍ମୁଖରେ କିଛି ସମୟ ଛିଡା ହେବା ପରେ ବିଚାରପତିମାନେ ଫେରି ଯାଇଥିଲେ। ଓକିଲ ସଂଘ ସଭାପତି ବିଜିତେନ୍ଦ୍ରୀୟ ପ୍ରଧାନ, ଉପ ସଭାପତି ବେଦବ୍ୟାସ ସାଥୁଆ, ସାଧାରଣ ସମ୍ପାଦକ ପ୍ରବୀଣ କୁମାର ସିଂଦେଓ, ସତ୍ୟନାରାୟଣ ପଣ୍ଡା ପ୍ରମୁଖ ଶତାଧିକ ଓକିଲ ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ।

ଜେଲ ଫାଟକ ଆଗରେ ହୋହଲ୍ଲା, ଫେରିଗଲେ ବିଚାରପତି

ଓଡିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ନେଇ ଆନ୍ଦୋଳନ ଚାଲିଛି । ଏଥିରେ ପଶ୍ଚିମ ଓଡିଶାର ସାଧାରଣ ଜନତା ହଇରାଣ ହେଉଛନ୍ତି । ତେଣୁ ହାଇକୋର୍ଟର ଏକ ସ୍ଥାୟୀ ବେଞ୍ଚ ଦାବି ପ୍ରସଙ୍ଗରେ ନିଜ ମତ କେନ୍ଦ୍ର ସରକାରଙ୍କୁ ଦିଅନ୍ତୁ । ଯଦି ୭୨ ଘଣ୍ଟା ଭିତରେ ମୁଖ୍ୟ ବିଚାରପତି ଚିଠି ନ ଦିଅନ୍ତି ତାହା ହେଲେ କ୍ୟାମ୍ପ କୋର୍ଟ ବନ୍ଦ କରିଦିଆଯିବ ବେଲି ଉକ୍ତ ପତ୍ରରେ ଉଲ୍ଲେଖ କରାଯାଇଥିଲା। ଓକିଲ ସଂଘ ଦେଇଥିବା ସମୟସୀମା ଶୁକ୍ରବାର ଶେଷ ହୋଇଥିଲା। ହେଲେ କିଛି ଉତ୍ତର ମିଳି ନ ଥିଲା। ତେଣୁ ଶୁକ୍ରବାର ସକାଳ ୧୦ଟାରେ ଓକିଲମାନେ ଜେଲ ଆଗରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ସକାଳ ସାଢ଼େ ୧୦ଟାରେ ଜେଲ ଆଗରେ ବିଚାରପତିମାନଙ୍କ ଗାଡି ପହଞ୍ଚି ଥିଲା। ହେଲେ ଓକିଲମାନେ କ୍ୟାମ୍ପକୋର୍ଟକୁ ବିରୋଧ କରିବା ସହ ଫେରିଯିବାକୁ ବିଚାରପତିମାନଙ୍କୁ ଅନୁରୋଧ କରିଥିଲେ।

ସୂଚନାଯୋଗ୍ୟ, ସୋମବାର କ୍ୟାମ୍ପ କୋର୍ଟର ପ୍ରଥମ ଦିନରେ ୬୭ ଜଣ କଏଦୀଙ୍କୁ ଜାମିନ ମିଳିଥିଲା। ମଙ୍ଗଳବାର ଦ୍ୱିତୀୟ ଦିନରେ ୪୮, ବୁଧବାର ତୃତୀୟ ଦିନରେ ୨୮, ଗୁରୁବାର ଚତୁର୍ଥ ଦିନରେ ୩୩ ଜଣଙ୍କୁ ଜାମିନ ମିଳିଛି। ଏହିଭଳି ସମ୍ବଲପୁର ମଣ୍ଡଳ କାରାଗାରରୁ ମୋଟ ୧୭୬ ଜଣ ଜାମିନ ପାଇଛନ୍ତ । କ୍ୟାମ୍ପ କୋର୍ଟ ଯଦି ନ ହୁଏ ପୁଣି ଜେଲରେ କଏଦୀ ସଂଖ୍ୟା ବୃଦ୍ଧି ପାଇବ ବୋଲି କୁହାଯାଇଛି।

କଳାହାଣ୍ଡି: ଧାନ ସଂଗ୍ରହ ପ୍ରକିୟା ଆରମ୍ଭ

■ ପ୍ରଥମ ଦିନରେ ଟୋକନ୍ ନେଲେ ନାହିଁ ଚାଷୀ

ଭବାନୀପାଟଣା,୨।୧୧ (ଡି.ଏନ.ଏ.)

କଳାହାଣ୍ଡି ଜିଲ୍ଲାରେ ନଭେମ୍ବର ୧ ତାରିଖ ଗୁରୁବାରଠାରୁ ଖରିଫ ଧାନ ସଂଗ୍ରହ ଆରମ୍ଭ ହେବା ନେଇ ନିଷ୍ପତ୍ତି ହୋଇଥିଲା । ହେଲେ ବିଧ୍ୱଂସ ଧାନ ସଂଗ୍ରହ ଆରମ୍ଭ ହୋଇପାରିନାହିଁ । ଗୁରୁବାର ପ୍ରଥମ ଦିନରେ ସମସ୍ତ ପ୍ୟାକ୍ସ ଜରିଆରେ ଚାଷୀଙ୍କୁ ଟୋକନ ଦେବା ପାଇଁ ନିର୍ଦ୍ଦେଶ ଥିଲେ ମଧ୍ୟ କୌଣସି ଚାଷୀ ଟୋକନ ନେଇ ନ ଥିବା ବିଭାଗୀୟ ସୂତ୍ରରୁ ପ୍ରକାଶ । ଗତବର୍ଷ ମଧ୍ୟ ନଭେମ୍ବର ୧ରୁ ଧାନ ସଂଗ୍ରହ କରାଯିବ ବୋଲି ଘୋଷଣା ହୋଇଥିଲା । କିନ୍ତୁ ନଭେମ୍ବର ୨୩ରୁ ଧାନ କ୍ରୟ ଆରମ୍ଭ ହୋଇଥିଲା । ଚଳିତବର୍ଷ ମଧ୍ୟ ଏହାର ପୁନରାବୃତ୍ତି ହେବାର ଆଶଙ୍କା ଦେଖାଦେଇଛି । ଏଥର ବି ଚାଷୀମାନେ ଅଭାବୀ ବିକ୍ରିର ଶିକାର ହୋଇ ପାରନ୍ତି ବୋଲି ଚାଷୀ ମହଲରେ ଆଲୋଚନା ହେଉଛି । କଳାହାଣ୍ଡି ଜିଲ୍ଲାର ବହୁ ଅଞ୍ଚଳରେ କେନାଲରେ ପାଣି ନ ଆସିବା ଓ ଅତ୍ୟଧିକ ବର୍ଷା ଯୋଗୁ ଧାନ ଚାଷରେ ବିଳମ୍ବ ଘଟିଛି । ଅନ୍ୟପକ୍ଷରେ ଯେଉଁଠି ଧାନ ଅମଳ ଆରମ୍ଭ ହୋଇଛି, ସେଠାରେ ଚାଷୀ ମଣ୍ଡିକୁ ନ ଯାଇ ଅଣ୍ଡର ରେଟରେ ଦଲାଲଙ୍କୁ ବିକ୍ରି କରୁଥିବା ଦେଖିବାକୁ ମିଳିଛି। ଏ ନେଇ ଜିଲ୍ଲା ଯୋଗାଣ ଅଧିକାରୀ ଶିବପ୍ରସାଦ ଦୋରାଙ୍କୁ ପଚାରିବାରୁ ଶୁକ୍ରବାର ସମସ୍ତ ପ୍ୟାକ୍ସ ଖୋଲା ଯାଇଥିଲେ ବି କୌଣସି ଚାଷୀ ଟୋକନ ନେବାକୁ ଆସି ନ ଥିଲେ ବୋଲି କହିଥିଲେ । ଚାଷୀମାନେ କିପରି ସୁରୁଖୁରୁରେ ଧାନ ବିକ୍ରି କରି ପାରିବେ ସେଥିପ୍ରତି ବିଭାଗ ଦୃଷ୍ଟି ଦେବାକୁ ଦାବି ହେଉଛି।

ପୁଣି ଜଣେ ଚାଷୀଙ୍କ ଆତ୍ମହତ୍ୟା ଅଭିଯୋଗ

■ସ୍ତ୍ରୀ କହିଲେ ମୋତେ ବଞ୍ଚାଇବାକୁ ଯାଇ ପୋଖରୀରେ ବୁଡ଼ିଗଲେ

କୋକସରା,୨।୧୧(ଡି.ଏନ.ଏ.)

କୋକସରା ବ୍ଲକ

କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକରେ ଚାଷୀ ଆତ୍ମହତ୍ୟା ଘଟଣା ଥମିବାର ନାଁ ଧରୁନି । ଗତ ୨୫ ତାରିଖରେ ଗୟାରୀଗୁଡାର ଚାଷୀ ପରମାନ୍ଦ ଲହଜଲ ଓ ୨୬ ତାରିଖରେ ସୁନାମାଲ ଗ୍ରାମର ଗଣେଶ ସାହୁ ଆତ୍ମହତ୍ୟା କରିଥିଲେ। ଶୁକ୍ରବାର ଭୋରୁ ଏହି ବ୍ଲକ ଅଧୀନ କନ୍ଦାବୁଟୁରା ପଞ୍ଚାୟତ ତୁନଗାଁ ଗ୍ରାମର ଚାଷୀ ସୁଦର୍ଶନ ମାଝି (୬୫) ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି । ଭୋରୁ ଘର ପାଖରେ ଥିବା ଏକ ପରିତ୍ୟକ୍ତ ପୋଖରୀରେ ଡେଇଁପଡି ସୁଦର୍ଶନ ଜୀବନ ହାରିଛନ୍ତି । ସ୍ତ୍ରୀ ଡମେନ ମାଝି ପୋଖରୀକୁ ଯାଇ ସ୍ୱାମୀଙ୍କୁ ବଞ୍ଚାଇବା ପାଇଁ ଉଦ୍ୟମ କରିଥିଲେ । ହେଲେ ସେ ସେଥିରେ ବିଫଳ ହୋଇଥିଲେ । ଶେଷକୁ ସେ ପାଣି ଭିତରେ ଥିବା ଏକ ଅମରି ଗଛକୁ ଧରି ରକ୍ଷା ପାଇ ଯାଇଥିଲେ। ପରେ ଗ୍ରାମବାସୀ ତାଙ୍କୁ ଉଦ୍ଧାର କରିଥିଲେ।

ମିଳିଥିବା ସୂଚନା ଅନୁଯାୟୀ, ସୁଦର୍ଶନଙ୍କ ନିଜର ଜମି ନାହିଁ । ସେ ଶ୍ୱଶୁର ଘରୁ ଭାଗ ପାଇଥିବା ୪ ଏକର ଜମିରେ ଚଳିତବର୍ଷ ଧାନ ଚାଷ କରିଥିଲେ। ବର୍ଷା ଅଭାବରୁ ତାଙ୍କର ଫସଲ ଉଜୁଡ଼ି ଯାଇଥିଲା। ଭଲ ଫସଲ ଆଶାରେ ଥିବା ସୁଦର୍ଶନଙ୍କୁ ଏହା ବେଶି ବାଧି ଥିଲା । ଶେଷରେ ସେ ଶୁକ୍ରବାର ଭୋରୁ ଘର ପାଖରେ ଥିବା ପୋଖରୀକୁ ଡେଇଁ ଆତ୍ମହତ୍ୟା କରିଥିବା ତାଙ୍କ ଶାଳକ କମଳ ଲୋଚନ ନାଏକ ଓ ପୁଅ ପ୍ରମୋଦ ଅଭିଯୋଗ କରିଛନ୍ତି। ଖବର ପାଇ କୋକସରା ପୋଲିସ ସହ ଅଗ୍ନିଶମ କର୍ମଚାରୀ ପୋଖରୀରୁ ମୃତଦେହ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ । ହେଲେ ପରିବାର ଲୋକେ ଓ ଗ୍ରାମବାସୀ ଏହାକୁ ବାରଣ କରିଥିଲେ। ପ୍ରଶାସନ ପକ୍ଷରୁ ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ପାଇଁ ପ୍ରତିଶ୍ରୁତି ନ ମିଳିବା ପର୍ଯ୍ୟନ୍ତ ମୃତଦେହ କାଢିବାକୁ ଦିଆଯିବ ନାହିଁ ବୋଲି ସେମାନେ ଅଡି ବସିଥିଲେ। ଏହି ଖବର ପାଇବା ପରେ କୋକସରା ତହସିଲଦାର ମୌସୁମୀ ନାୟକ ଘଟଣାସ୍ଥଳରେ ପହଞ୍ଚି ଥିଲେ । ବ୍ୟବଚ୍ଛେଦ ରିପୋର୍ଟ ଓ ରାଜସ୍ୱ ନିରୀକ୍ଷକଙ୍କ ତଦନ୍ତ ରିପୋର୍ଟ ମିଳିବା ପରେ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ କ୍ଷତିପୂରଣ ମିଳିବ ବୋଲି ତହସିଲଦାର ପ୍ରତିଶ୍ରୁତି ଦେଇଥିଲେ। ଏହି ପ୍ରତିଶ୍ରୁତି ମିଳିବା ପରେ ମୃତଦେହକୁ ଉଦ ଧାର କରାଯାଇ ବ୍ୟବଚ୍ଛେଦ ପାଇଁ କୋକସରା ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇ ଥିଲା। ଅନ୍ୟପକ୍ଷେ ଭୋରୁରୁ ଶୌଚ ପାଇଁ ଆମେ ପୁଇଜଣ ପୋଖରୀକୁ ଯାଇଥିଲୁ। ଅସାବଧାନତା ଯୋଗୁ ପ୍ରଥମେ ମୁଁ ପୋଖରୀ ପାଣିରେ ପଡିଯାଇଥିଲି। ମୋତେ ବଞ୍ଚାଇବା ପାଇଁ ସ୍ୱାମୀ ମଧ୍ୟ ପୋଖରୀକୁ ଡେଇଁପଡି ଥିଲେ । ହେଲେ ସେ ପାଣିରେ ବୁଡିଯାଇଥିଲେ ବୋଲି ସୁଦର୍ଶନଙ୍କ ସ୍ତ୍ରୀ ଡମେନ ମାଝି କହିଥିବା କୋକସରା ଥାନା ଅଧିକାରୀ ଉତ୍ତମ କୁମାର ସାହୁ ସୂଚନା ଦେଇଛନ୍ତି। ଏ ନେଇ କୋକସରା ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧୯/୧୮) ରୁଜୁ ହୋଇଛି ।



ସଂକ୍ଷେପରେ

୫ବର୍ଷରେ ଟଙ୍କାର ସର୍ବାଧିକ ମୂଲ୍ୟ ବୃଦ୍ଧି

ଦିନକରେ ୧୦୦ ପଇସା ବଢ଼ିଲା

ମୁମ୍ବାଇ,୨-୧୧: କିଛି ମାସ ହେବ ଡଲାର ତୁଳନାରେ ଟଙ୍କାର ମୂଲ୍ୟ କ୍ରମାଗତ ହ୍ରାସ ପାଇଚାଲିଥିଲା। କାଁଭାଁ କେତେବେଳେ ଟଙ୍କାର ମୂଲ୍ୟ ସାମାନ୍ୟ ବୃଦ୍ଧି ପାଉଥିଲା। ତାହା ଥିଲା ଅତ୍ୟନ୍ତ ନଗଣ୍ୟ। କିନ୍ତୁ ଶୁକ୍ରବାର ବୃଦ୍ଧି ପାଇବାରେ ଟଙ୍କା ୫ ବର୍ଷର ରେକର୍ଡ ଭାଙ୍ଗିଛି। ଏଥିରେ ୧୦୦ ପଇସା ବୃଦ୍ଧି ପାଇବାରୁ କାରବାର ବନ୍ଦ ବେଳକୁ ଟଙ୍କାର ମୂଲ୍ୟ ୭୨.୪୫ଥିଲା। ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ହ୍ରାସ ପାଇବା ଏବଂ ଭାରତକୁ ଇରାନ ତେଲ କିଣିବା ଲାଗି ଆମେରିକା କଟକଣା କୋହଳ କରିବ ବୋଲି ମିଡିଆରେ ରିପୋର୍ଟ ପ୍ରକାଶ ପାଇଥିବାରୁ ଟଙ୍କାର ମୂଲ୍ୟ ବୃଦ୍ଧି ହୋଇଛି ବୋଲି କୁହାଯାଉଛି। ଏହାଛଡା ଷ୍ଟକ ମାର୍କେଟରେ ବୃଦ୍ଧି ସାଙ୍ଗକୁ ବିଦେଶୀ ନିବେଶକ ପୁନର୍ବାର ଦେଶକୁ ଫେରୁଥିବାରୁ ଟଙ୍କା ପ୍ରତି ଲୋକଙ୍କ ଆସ୍ଥା ଫେରୁଛି ବୋଲି କୁହାଯାଉଛି। ଶୁକ୍ରବାର ମୂଲ୍ୟ ବୃଦ୍ଧି ସହ ଟଙ୍କା ୭୩.୧୪ରେ କାରବାର ଆରମ୍ଭ କରିଥିଲା। ଦିନ ଭିତରେ ଏକ ସମୟର ଏହା ୭୨.୪୩ରେ ପହଞ୍ଚିଯାଇଥିଲା। ତେବେ ୭୨.୪୫ରେ ଏହାର କାରବାର ବନ୍ଦ ହୋଇଥିଲା। ଫଳରେ ଦିନକ ମଧ୍ୟରେ ଟଙ୍କାର ମୂଲ୍ୟ ୧୦୦ ପଇସା ବଢ଼ିଥିଲା। ଯାହାକି ୨୦୧୩ ସେପ୍ଟେମ୍ବର ପରେ ଦେଖାଯାଇଛି।

> ଦେଶର ସମୁଦାୟ ଶ୍ରମ ଶକ୍ତିରେ ମହିଳାଙ୍କ ଯୋଗଦାନ ଜିଡିପିରେ ଅତିରିକ୍ତ ୭୦୦ ବିଲିୟନ ଡଲାର ସଂଯୋଗ କରିବ।
>
> – ଅମିତାଭ କାନ୍ତ, ସିଇଓ, ନୀତି ଆୟୋଗ

> ଏମ୍ଏସ୍ଏମ୍ଇଗୁଡିକୁ ସହଜ ଋଣ ପ୍ରଦାନ ଲାଗି ସରକାର ଗ୍ରହଣ କରିଥିବା ପଦକ୍ଷେପ ସଂସ୍ଥାଗୁଡିକ ଲାଗି ଲାଭକାରୀ ହେବ।
>
> – ଉଦୟ କୁମାର ବର୍ମା, ମହାସଚିବ,ଆସୋଚାମ

ଏମ୍ଏସ୍ଏମ୍ଇଙ୍କୁ ଦୀପାବଳି ଉପହାର

୫୯ ମିନିଟରେ ୧ କୋଟି ଋଣ

ନୂଆଦିଲ୍ଲୀ,୨-୧୧

ଦେଶରେ ଏବେ ସୂକ୍ଷ୍ମ,ଲଘୁ ଓ ମଧ୍ୟମ ଉଦ୍ୟୋଗ(ଏମ୍ଏସ୍ଏମ୍ଇ) ପ୍ରବଳ ଆର୍ଥିକ ସଙ୍କଟ ଦେଇ ଗତି କରୁଛନ୍ତି। ଏଭଳି ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ଏକ ଋଣ ପୋର୍ଟାଲ ଉନ୍ମୋଚନ କରିଛନ୍ତି। ଏହା ଜରିଆରେ ଏମ୍ଏସ୍ଏମ୍ଇ ଉଦ୍ୟୋଗ ମାତ୍ର ୫୯ ମିନିଟରେ ୧ କୋଟି ଟଙ୍କା ଋଣ ପାଇପାରିବେ।

ଦିଲ୍ଲୀର ବିଜ୍ଞାନ ଭବନରେ ଏମ୍ଏସ୍ଏମ୍ଇଙ୍କ ଲାଗି ସରକାରଙ୍କ ସପୋର୍ଟ ଆଣ୍ଡ ଆଉଟରିଚ୍ ଇନିସିଏଟିଭ୍‌ର ଉନ୍ମୋଚନ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଯୋଗଦେଇ କହିଛନ୍ତି ଯେ, କେନ୍ଦ୍ର ସରକାର ଏମ୍ଏସ୍ଏମ୍ଇକୁ ଶକ୍ତିଶାଳୀ କରିବା ଲାଗି ୧୨ଟି ନୀତି ଗ୍ରହଣ କରିଛନ୍ତି। ଏହାକୁ ଦୀପାବଳି ଉପହାର ବୋଲି ସେ ଉଲ୍ଲେଖ କରି କହିଛନ୍ତି ଯେ, ଏହି ନୀତିଗୁଡିକ ଯୋଗୁ ଏମ୍ଏସ୍ଏମ୍ଇ ଉଦ୍ୟୋଗକୁ ପୁଞ୍ଜି ପହଞ୍ଚିବ। ଏହି ନୀତିଗୁଡିକ ଯୋଗୁ ଏହି ଉଦ୍ୟୋଗକୁ ପ୍ରୋତ୍ସାହନ ମିଳିବ ଏବଂ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଅଦ୍ୟାବଧି ସରକାର ୭୨୦୦୦ ଏମ୍ଏସ୍ଏମ୍ଇଙ୍କୁ ପାଇଲଟ ଭିତ୍ତିରେ ଋଣ ପ୍ରଦାନ ଲାଗି ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ। ଆଜି ସୁଦ୍ଧା ୭୨,୬୮୦ ଉଦ୍ୟୋଗକୁ ଋଣ ପ୍ରଦାନ କରାଯାଇପାରିଛି ବୋଲି ସେ କହିଛନ୍ତି। ଏଥିସହ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଜିଏସ୍‌ଟି ଅଧୀନରେ ପଞ୍ଜୀକୃତ ଉଦ୍ୟୋଗଗୁଡିକୁ ସିଧାସଳଖ ଜିଏସ୍‌ଟି ପୋର୍ଟାଲରୁ ଋଣ ମିଳିବ। ଜିଏସ୍‌ଟି ରିଟର୍ନ ଦାଖଲ କଲା ବେଳେ ଋଣ ଆବଶ୍ୟକ କି ବୋଲି ଟିକସଦାତାଙ୍କୁ ପୋର୍ଟାଲ ଜରିଆରେ ପ୍ରଶ୍ନ କରାଯିବ। ଜିଏସଟିରେ ପଞ୍ଜୀକୃତ କମ୍ପାନୀମାନେ ଋଣର ସୁଧ ଉପରେ ୨% ଛାଡ଼ ପାଇବେ। ସେହିପରି ରପ୍ତାନିକାରୀଙ୍କ ଲାଗି ରପ୍ତାନି କରିବା ପୂର୍ବରୁ ଏବଂ ମାଲ୍ ପଠାଇବା ପରେ ପାଇବାକୁ ଥିବା ରିବେଟ୍‌କୁ ୩ରୁ ୫%କୁ ବୃଦ୍ଧି କରାଯାଇଛି। ବାର୍ଷିକ ୫୦୦ କୋଟି ଟଙ୍କାର କାରବାର କରୁଥିବା କମ୍ପାନୀମାନେ ବାଧ୍ୟତାମୂଳକ ଭାବେ ଟିଆରଇଡିଏସ୍‌ରେ ସାମିଲ ହେବେ। ଉଲ୍ଲେଖଥାଉ କି, ଦେଶରେ ଏବେ ୬.୩ କୋଟିରୁ ଅଧିକ ଏମ୍ଏସ୍ଏମ୍ଇ ୟୁନିଟ ରହିଛି ଏବଂ ଏଥିରେ ପ୍ରାୟ ୧୧.୧ କୋଟି ଲୋକେ ନିଯୁକ୍ତି ପାଇଛନ୍ତି। ଦେଶର ଜିଡିପିରେ ଏମ୍ଏସ୍ଏମ୍ଇର ଯୋଗଦାନ ପ୍ରାୟ ୩୦%। ଦେଶର ମୋଟ୍ ରପ୍ତାନିର ୪୦ ପ୍ରତିଶତ ଏହି ସେକ୍ଟରରୁ ହୋଇଥାଏ। ସେହିପରି ମାନୁଫାକ୍‌ଚରିଂ ସେକ୍ଟରରେ ଏମ୍ଏସ୍ଏମ୍ଇର ଯୋଗଦାନ ୪୫% ରହିଛି।

ପୋର୍ଟାଲ ଉନ୍ମୋଚନ କଲେ ମୋଦି

- ୧୨ ନୀତି ଗୃହୀତ
- ପାଇଲଟ ଭିତ୍ତିରେ ୭୨,୬୮୦ ଏମ୍ଏସ୍ଏମ୍ଇ ସାମିଲ ହୋଇଥିଲେ
- ଜିଏସ୍‌ଟିରେ ପଞ୍ଜୀକୃତଙ୍କୁ ମିଳିବ ୨% ସୁଧ ରିହାତି



ଏଲ୍‌ଜି ୱାଟର ପ୍ୟୁରିଫାୟରକୁ ହାର୍ଟ କେୟାର ଫାଉଣ୍ଡେଶନ ପ୍ରମାଣପତ୍ର

ଭୁବନେଶ୍ୱର,୨-୧୧

ପ୍ରମୁଖ କମ୍ପାନୀ ଏଲ୍‌ଜି ପକ୍ଷରୁ ପ୍ରସ୍ତୁତ ଏହାର ୱାଟର ପ୍ୟୁରିଫାୟର ରେଞ୍ଜ ହାର୍ଟ କେୟାର ଫାଉଣ୍ଡେଶନ ଅଫ୍ ଇଣ୍ଡିଆର ପ୍ରମାଣପତ୍ର ଲାଭ କରିଛି। ସ୍ୱାସ୍ଥ୍ୟପ୍ରଦ ପାନୀୟ ଜଳ ଯୋଗାଣର ସମସ୍ତ ମାନକକୁ କମ୍ପାନୀର ଏହି ପ୍ରଡକ୍ଟଗୁଡିକ ପୂରଣ କରୁଥିବାରୁ ଏଭଳି ମାନ୍ୟତା ପ୍ରଦାନ କରାଯାଇଛି। କମ୍ପାନୀର ପ୍ରଡକ୍ଟ ଜଳର ଶୁଦ୍ଧତା, ସଂରକ୍ଷଣ ଏବଂ ଉନ୍ନତ ପରିଚାଳନା ବୈଶିଷ୍ଟ୍ୟ ସହ ଆସୁଛି। ଏ ନେଇ ସ୍ଥାନୀୟ ଆଞ୍ଚଳିକ କାର୍ଯ୍ୟାଳୟଠାରେ ଖବରଦାତା ସମ୍ମିଳନୀରେ ଏଲ୍‌ଜି ଇଲେକଟ୍ରୋନିକ୍ସ ଇଣ୍ଡିଆ ପ୍ରାଇଭେଟ ଲିମିଟେଡର ଆଞ୍ଚଳିକ ବାଣିଜ୍ୟ ମୁଖ୍ୟ ପ୍ରବଳ ସକ୍ସେନା ଏହି ସୂଚନା ଦେଇଛନ୍ତି। ଶୁଦ୍ଧ ପାନୀୟ ଜଳ ଯୋଗାଣକୁ ଧ୍ୟାନରେ ରଖି କମ୍ପାନୀ ଏହାର ୱାଟର ପ୍ୟୁରିଫାୟର ଶୃଙ୍ଖଳା ଏଲ୍‌ଜି ପ୍ୟୁରିକେୟାରକୁ ସମ୍ପ୍ରସାରଣ କରିଛି। ଏଥିରେ ନୂତନ, ସ୍ୱଚ୍ଛତା ବର୍ଦ୍ଧକ ବୈଶିଷ୍ଟ୍ୟ, ଡୁଆଲ ପ୍ରୋଟେକ୍ସନ ଷ୍ଟେନଲେସ ଷ୍ଟିଲ ଟ୍ୟାଙ୍କ, ଡିଜିଟାଲ ଷ୍ଟେରଲାଇଜିଂ କେୟାର, ସଦ୍ୟତମ ପ୍ୟୁରିଫିକେଶନ ସଲ୍ୟୁଶନ, ୫ ଷ୍ଟେଜ୍ ଧାରାରେ ଆର୍ଓ ଫିଲଟ୍ରେଶନ ଭଳି ସୁବିଧା ରହିଛି। ଗ୍ରାହକଙ୍କ ସୁରକ୍ଷାକୁ ଧ୍ୟାନରେ ରଖି ପ୍ରଡକ୍ଟଗୁଡିକ ବଜାରକୁ ଆସିଥିବା କମ୍ପାନୀ ପ୍ରକାଶ କରିଛି।

ଏନ୍‌ବିଏଫ୍‌ସିଙ୍କୁ ମିଳିବ ଋଣ

ବ୍ୟାଙ୍କଗୁଡ଼ିକୁ ଆର୍‌ବିଆଇର ଅନୁମତି

ମୁମ୍ବାଇ,୨-୧୧

ଅଣବ୍ୟାଙ୍କିଙ୍ଗ ଆର୍ଥିକ ସଂସ୍ଥା (ଏନ୍‌ବିଏଫ୍‌ସି)ଗୁଡିକ ଗଭୀର ଆର୍ଥିକ ସଙ୍କଟର ସାମ୍ନା କରୁଥିବା ସ୍ୱୀକାର କରି ଭାରତୀୟ ରିଜର୍ଭ ବ୍ୟାଙ୍କ ଶୁକ୍ରବାର ବ୍ୟାଙ୍କଗୁଡିକୁ ଋଣ ପ୍ରଦାନ ଲାଗି ଅନୁମତି ଦେଇଛନ୍ତି। ଏନ୍‌ବିଏଫସିମାନେ ବଣ୍ଡ ଜରିଆରେ ଋଣ ନେଲେ ବ୍ୟାଙ୍କଗୁଡିକ ଆଂଶିକ ଭାବେ ଗ୍ୟାରେଣ୍ଟର ହୋଇପାରିବେ ବୋଲି ଆର୍‌ବିଆଇ ପକ୍ଷରୁ କୁହାଯାଇଛି। କେନ୍ଦ୍ରୀୟ ବ୍ୟାଙ୍କର ଏହି ପଦକ୍ଷେପ ଦ୍ୱାରା ଏନ୍‌ବିଏଫସିଗୁଡିକ ସମ୍ମୁଖୀନ ହେଉଥିବା ଆର୍ଥିକ ସଙ୍କଟ ଅନେକାଂଶରେ ଦୂର ହୋଇଯିବ। ବଜାରରେ ପୁଞ୍ଜି ପ୍ରବାହ ବଢ଼ିବ। ଉଲ୍ଲେଖଥାଉ କି, କେନ୍ଦ୍ର ସରକାର ଓ ରିଜର୍ଭ ବ୍ୟାଙ୍କ ମଧ୍ୟରେ ଗତ କିଛି ଦିନ ହେଲା ସୃଷ୍ଟି ହୋଇଥିବା ବିବାଦର ଏହା ଅନ୍ୟତମ କାରଣ ଥିଲା। ଏନ୍‌ବିଏଫ୍‌ସିଙ୍କୁ ଋଣ ନ ଦେବା ଲାଗି ଆର୍‌ବିଆଇ ଜିଦ୍ ଧରିଥିଲା ବେଳେ କେନ୍ଦ୍ର ସରକାର ବାଧ ହୋଇ ରିଜର୍ଭ ବ୍ୟାଙ୍କ ଆଇନର ଧାରା ୭ ଲାଗୁ କରିଥିଲେ।

ରିଲାଏନ୍ସ ଜୁଏଲ୍‌ସ ପକ୍ଷରୁ ଧନତେରସ ଅଫର

ନୂଆଦିଲ୍ଲୀ,୨-୧୧

ପ୍ରମୁଖ ଜୁଏଲେରୀ ବ୍ରାଣ୍ଡ ରିଲାଏନ୍ସ ଜୁଏଲ୍‌ସ ପକ୍ଷରୁ ଧନତେରସ ଅଫର ସମ୍ପର୍କରେ ଘୋଷଣା କରାଯାଇଛି। ଏହି ଅବସରରେ ଗ୍ରାହକଙ୍କୁ ୭୫,୦୦୦ ଟଙ୍କାରୁ ଅଧିକ ସୁନା ଗହଣା କ୍ରୟରେ ଗଢା ମୂଲ୍ୟରେ ଫ୍ଲାଟ୍ ୫୦% ରିହାତି ପ୍ରଦାନ କରାଯାଉଛି। ସେହିଭଳି ୭୫,୦୦୦ ଟଙ୍କାର ହୀରା ଗହଣା ଇନ୍‌ଭଏସ ଉପରେ ୦% ମେକିଂ ଚାର୍ଜ ରହିଛି। ୫୦ ଗ୍ରାମ ଏବଂ ଏହାଠାରୁ ଅଧିକ ଗୋଲ୍ଡ କଏନ ପ୍ରସ୍ତୁତିରେ ଫ୍ଲାଟ ୭୫% ରିହାତି ସୁବିଧା ମିଳୁଛି। ପୁରୁଣା ଗହଣା ଏକ୍ସଚେଞ୍ଜ ଉପରେ ଫୁଲ୍ ଭାଲ୍ୟୁ, ମାଗଣା ଗହଣା ବୀମା ସୁବିଧା କମ୍ପାନୀ ପ୍ରଦାନ କରୁଛି। ଉକ୍ତ ଅଫର ୧୧ ନଭେମ୍ବର ଯାଏ ରହିଛି। ପାରମ୍ପରିକ ଏବଂ ସଦ୍ୟତମ ଗହଣା ଶୋ'ରୁମରେ ଉପଲବ୍ଧ ହେଉଛି। ଗୁଣବତ୍ତା ବିଶିଷ୍ଟ ପ୍ରଡକ୍ଟ ଦ୍ୱାରା ଗ୍ରାହକଙ୍କୁ ଉନ୍ନତ କ୍ରୟ ଅଭିଜ୍ଞତା ପ୍ରଦାନ ଦିଗରେ କାର୍ଯ୍ୟ କରୁଛୁ ବୋଲି ରିଲାଏନ୍ସ ଜୁଏଲ୍‌ସର ସିଇଓ ସୁନୀଲ ନାୟକ ସୂଚନା ଦେଇଛନ୍ତି।

Reliance Jewels
BE THE MOMENT

ଏଚ୍-୧ବି ଭିଜା ନିୟମ କଡ଼ାକଡ଼ି କଲେ ଟ୍ରମ୍ପ

ୱାଶିଂଟନ,୨-୧୧: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏଚ୍-୧ବି ଭିଜା ନିୟମକୁ ଆହୁରି କଡ଼ାକଡ଼ି କରିଛନ୍ତି। ଏଥିରେ ଆହୁରି କିଛି ନିୟମ ଯୋଡ଼ା ଯାଇଛି। ଏଣିକି ଆମେରିକାର ସମସ୍ତ କମ୍ପାନୀ ସେମାନଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ କରୁଥିବା ସମସ୍ତ ବିଦେଶୀଙ୍କ ସମ୍ପର୍କରେ ସରକାରଙ୍କୁ ତଥ୍ୟ ଦେବେ। ଏହାଦ୍ୱାରା ବିଦେଶୀଙ୍କ ନୂଆ ନିଯୁକ୍ତି ପ୍ରଭାବିତ ହେବ ବୋଲି କୁହାଯାଉଛି। ଟ୍ରମ୍ପ ପ୍ରଶାସନର ଉକ୍ତ ନିଷ୍ପତ୍ତି ଯୋଗୁ ଭାରତୀୟ ପେସାଦାରମାନେ ଅଧିକ ସଂଖ୍ୟାରେ ପ୍ରଭାବିତ ହେବେ। କାରଣ ଆମେରିକାରେ କାମ କରିବା ପାଇଁ ସେମାନେ ଏହି ଭିଜାର ପ୍ରୟୋଗ କରିଥାନ୍ତି। ଉଲ୍ଲେଖଥାଉ କି, ଏଚ୍-୧ବି ଭିଜା ପାଇବା ଲାଗି କମ୍ପାନୀଙ୍କୁ ଶ୍ରମ ବିଭାଗରେ ଆବେଦନ କରିବାକୁ ପଡିଥାଏ। ତଥ୍ୟ ପ୍ରଦାନ ପରେ ନୂଆ ଭିଜା ପାଇବା କଷ୍ଟକର ହେବ।

GOVERNMENT OF ODISHA
HEALTH & FAMILY WELFARE DEPARTMENT
OFFICE OF THE SUPERINTENDENT, VSS INSTITUTE OF MEDICAL SCIENCES & RESEARCH
BURLA (SAMBALPUR), ODISHA - 768017
E-mail: superintendent.vssmch@gmail.com
Telephone No.: 0663-2430738, Fax: 0663-2430435
No.: 14292/VIMSAR Dated, Burla, the 02nd November, 2018

QUOTATION CALL NOTICE

No.: 543-E: Quotations are hereby invited by the undersigned from the intending firms having GST holders for **Comprehensive Annual Maintenance Contract** of 70 (Seventy) Nos. of Water Purifier System (Aquaguard) of this hospital so as to reach this office on or before **Dtd.15.11.2018 upto 5.00 P.M.** which will be opened on **Dtd.16.11.2018 at 03.30 P.M**. The quotation should be enclosed with the following documents mentioned below.

1. GST Registration Certificate
2. A Certificate to the effect that the rates quoted do not exceed the prevailing market price.
3. Photostat copy of PAN Card.
4. Experience of maintaining such type of water purifier system in public sector Institution.
5. An undertaking regarding availability of spares during the maintenance period at hand.
6. Rs.5000/- in shape of Bank Draft pledged in favour of Superintendent, VSS, IMSAR, Burla as EMD. The EMD will be refunded.

Terms & Conditions:

1. The quotation must be in a sealed cover and should be superscribed as **"QUOTATION FOR MAINTENANCE OF WATER PURIFIER SYSTEM AND DUE DATE IS DT.15.11.2018.**
2. The CAMC amount should be clearly mentioned along with GST.
3. Number of attending times should also be mentioned.
4. If the system can not be repaired during the CAMC period than that should be with proper certification of user authority.
5. The repair of the effective items should be done in the hospital premises only. If required outside repair than that should be taken with proper permission from head of the Unit/Authorized representative.
6. The periodical service with proper signature of the concerned departments should be furnished for record centrally.

The undersigned reserves the full right to accept or reject any or all quotations assigning any reason therefore.

10012/11/0049/1819 **Sd./- Dean & Principal VIMSAR, Burla**

DISTRICT RURAL DEVELOPMENT AGENCY, DEOGARH
(E-mail: ori-ddeogarh@nic.in, Phone No.: 06641-226330)

ADVERTISEMENT

No.: 3512/DRDA/Estt. **Date: 01.11.2018**

Applications in prescribed format are invited from the eligible candidates along with attested copies of all relevant certificates and mark sheets for engagement of 1 (One) Post of **Asst. Project Director (Livelihood)-cum-Project Executive (Micro Finance)** in DRDA, Deogarh of Deogarh district on **Contractual Basis**. The district website **"www.deogarh.nic.in"** may be visited about the details of Age, Qualification, Selection Process, Remuneration & other criterion.

The last date of receipt of application is by **22.11.2018 by 5.00 P.M. by Speed Post/Regd. Post** only.

Sl. No.	Name of the District	Name of the Post	No. of Post	Category	Monthly Consolidated Remuneration
01	Deogarh	Asst. Project Director (Livelihood)-cum-Project Executive (Micro Finance) in DRDA, Deogarh	01 (One)	Open	Rs.25,000.00

Sd./- Collector-cum-CEO DRDA, Deogarh

OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, SAMBALPUR
Tender Call Notice for purchase of New Mahindra Bolero Ambulance (Full Fitted)

No. 542-E:- Tender call notices are invited from authorized dealers of Mahindra & Mahindra Ltd. for sale/supply of new Mahindra Bolero Ambulance under Critical Gap funds and MP LADS Funs for use in different health institutions of Sambalpur district as per following specification.

Sl. No.	Type of vehicle	Make & Model	No of vehicle
1.	Mahindra Bolero Ambulance a) Foldable stretcher cum trolley b) 2 seats for relatives/attendants c) Stainless steel wash basin d) One oxygen cylinder stand	BS-4	03 nos.

The vehicle should be supplied after completion of Regd. Fees, Road tax & insurance Policy etc. the cost of the same will be included in the Ambulance cost.

The sealed tender papers should be submitted in closed envelopes through Speed Post. / Regd. Post only on or before **15.11.2018** to the office of the CDM & PHO, Sambalpur. The date of opening of tender will be intimated to the concerned dealer later on. The tender committee has been formed and the committee headed by the CDM & PHO, Sambalpur, RTO, Sambalpur & APD (finance), DRDA, Sambalpur. The authority has reserved the right to cancel all the whole process without any notice.

10049/11/0055/1819 **Sd/- Chief District Medical & Public Health Officer, Sambalpur**

TENDER CALL NOTICE

No.95-MM: Sealed tenders are invited from the intending bidders for disposal of the following confiscated vehicles, seized in commission of forest offence cases in this division as is where is basis, superscribed as Tender for Auction Sale of Vehicles, as furnished below.

List of vehicles to be auctioned

Sl. No.	O.R. Case No.	Vehicle No.	Make/ Model.	Location where the vehicle is now available for inspection.
1	OR No.213 (A) of 2013-14	OR23A-4971	Tractor fitted with compressor & Power tiller	Hemgir Range Office Campus at Kanika
2	OR No.189 of 2013-14	OR16D-9884	Tata Magic	Hemgir Range Office Campus at Kanika
3	OR No.202 of 2015-16	TR NO. MH-12TR-BSY- 772 Ch No.MAT524001GRE034 73	TATA Pick Up	Hemgir Range Office Campus at Kanika
4	OR No.351 of 2015-16	OD16-1664/1667	Tractor & Trolley	Hemgir Range Office Campus at Kanika
5	OR No.331 of 2015-16 UDC 73 of 2015-16	CG-13A-6176	207 DI ex Pick up	Hemgir Range Office Campus at Kanika
6	OR No.73 of 2011-12	RJ-06RA-2940	Tractor fitted with compressor & Drilling Machine etc.	Hemgir Range Office Campus at Kanika
7	OR No.180 of 2005-06	OR23-2909	Mahindra Maxx Pick up	Hemgir Range Office Campus at Kanika

The tender will be received up to 12.00 Noon of dt. 20.11.2018 by Regd. Post or speed post in the office of the undersigned with EMD of Rs. 5,000/- (Rupees five thousand) only for each vehicle in shape of Demand Draft drawn on any Nationalized Bank payable at Sundargarh in favour of the Divisional Forest Officer, Sundargarh Forest Division. Tenders shall be opened on 20.11.2018 in the office of the undersigned at 03.00 P.M. in the presence of tenderers or their authorized representatives. Tenders without E.M.D. and beyond the stipulated time shall be rejected. The vehicles can be inspected at the places as mentioned above against each vehicle on any working day from 11.00 A.M.to 4.00 P.M.

Successful bidder has to deposit 25% of the bid amount then and there and balance amount within 7 (seven) days failing which the deposit including EMD shall be forfeited. EMD can be adjusted with the total bid amount at the time of final payment of bid amount. The bidder must remove the vehicle from the site within 7 (seven) days from the date of final deposit of the full bid amount failing which ground rent @1% of the bid amount shall be charged for each day or part till removal of the vehicle from the site. The custody and safeguard of the vehicle beyond the date of deposit of full bid amount shall be the responsibility of the bidder and no claim or complaint on that account shall be entertained. In case the ground rent so charged exceeds the sale price deposited the bidder shall cease to have any right on the vehicle. The amount deposited by him towards the sale price shall be adjusted towards the ground rent and the vehicle shall become absolute property of Orissa Forest Department free from encumbrances. The authority reserves the right to reject any or all the tenders without assigning any reason thereof. The bidders are requested to mention clearly on the sealed envelope **"Tender for Auction Sale of Confiscated Vehicles"** as per the proforma mentioned below.

Proforma

Name and address of bidder	Sl No. of the vehicle	Vehicle No.	Place in which vehicle is available	Bid Amount (in Rs.)	Details of EMD (D.D. No./ Date/ Amount)
1	2	3	4	5	6

08034/11/0003/1819 **Divisional Forest Officer, Sundargarh Forest Division**

ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିମିଟେଡ୍
ODISHA POWER TRANSMISSION CORPORATION LIMITED
(A Government of Odisha Undertaking)
O/o the Sr. General Manager (S&S) Janpath, Bhubaneswar-751022. CIN: U40102OR2004SGC007553

TENDER NOTICE NO. SRGMS - 15/2018-19

For and on behalf of Odisha Power Transmission Corporation Ltd., Sr. G.M. (S&S), OPTCL, BBSR invites sealed Tenders from reputed Manufacturers / Authorised Dealers for supply of various types of LED light fittings (Philips/CG/Havells/PAC) to OPTCL Headqrs office duly superscribed on the cover as : **"Tender for Supply of different types of LED light fitting to OPTCL Headqrs office, Bhubaneswar".** Tender papers can be downloaded from the OPTCL website from dt.**02.11.2018** to dt.**24.11.2018**. The tender will be opened on dt.**24.11.2018** at **4:00 PM**. Interested firms may visit OPTCL's official website **www.optcl.co.in** for detail specifications. Sd/-
Sr. General Manager (S&S)

Please connect us: optcl.odisha optcl_odisha energyodisha

ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
ବିଜ୍ଞାପନ ସଂଖ୍ୟା: 11995 ତାରିଖ: 15.10.18
H-119/2018

ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧, ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧, ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: www.oshb.org

ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ନିମ୍ନଲିଖିତ ସ୍ଥାବର ସମ୍ପତ୍ତି ଆବଣ୍ଟନ ଗ୍ରହୀତାଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମ ଦରଜ କରିବା ପାଇଁ ଆବେଦନ କରିଅଛନ୍ତି। ଏଥିରେ ଯଦି କାହାର କିଛି ଆପତ୍ତି ଥାଏ ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫(ପନ୍ଦର) ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ। ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ନୁହେଁ।

କ୍ର.ନଂ	ଆବଣ୍ଟନ ଗ୍ରହୀତାଙ୍କ ନାମ ଓ ଠିକଣା	ଗୃହର ବିବରଣୀ	ଉତ୍ତରାଧିକାରୀଙ୍କ ନାମ
୧.	ସ୍ୱର୍ଗତ ଅଞ୍ଜନା ଆଚର୍ଯ୍ୟ, ସ୍ୱାମୀ: ବ୍ରହ୍ମାନନ୍ଦ ପତି, ସା: ଡମରପା, ପୋ: ବିରିବାଟି, ଥାନା: କଟକ ସଦର, ଜିଲ୍ଲା: କଟକ	ଜି.ଏଲ୍.-୪୬, ଭି.ଏସ୍.ଏସ୍. ନଗର, ଭୁବନେଶ୍ୱର	୧. ବ୍ରହ୍ମାନନ୍ଦ ପତି (ସ୍ୱାମୀ) ୨. ସାରସ୍ୱତ ପତି (ପୁଅ)
			ସ୍ୱା./- ସହ ପ୍ରଶାସନିକ ଅଧିକାରୀ ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

ADVERTISEMENT

ODISHA CONSTRUCTION CORPORATION LTD.
(A Government of Odisha Undertaking)
REGD. OFFICE: UNIT – VIII, GOPABANDHUNAGAR BHUBANESWAR – 751 012 (ODISHA)
E-mail: theoccltd@odishaconstruction.com
Web: www.odishaconstruction.com

REQUIRES

1) Manager, Human Resources - 1 No.
2) Manager, Legal - 1 No.

Odisha Construction Corporation Limited, a state PSU invites applications from eligible applicants for filling up the above vacancies in the regular establishment of the Corporation.

1) **Scale of Pay :** Level-11 in the Pay Matrix of the ORSP Rules, 2017 shall be applicable to both the posts.
2) **Eligibility :**

a) **Qualification :**
For the post of Manager, Human Resources, the applicant should be an MBA/PGDM in Personnel or HR or Industrial Relation from recognized institute approved by AICTE or Masters / Post Graduation in Social welfare or Industrial Relation or Personnel Management from recognized Institute approved by AICTE.
For the post of

ଯୁବତୀଙ୍କ ଉଲଗ୍ନ ଫଟୋ ଭାଇରାଲ ପାଟଣାଗଡ଼ରୁ ଅଭିଯୁକ୍ତ ଗିରଫ

ବିଜେପୁର, ୨।୧୧ (ଡି.ଏନ.ଏ)

ବରଗଡ ଜିଲା ବିଜେପୁର ଥାନା ଅନ୍ତର୍ଗତ ଏକ ଗ୍ରାମର ଜଣେ ଯୁବତୀଙ୍କ ନଗ୍ନ ଫଟୋ ଭାଇରାଲ କରିବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ପ୍ରଧାନମାଳ ଗ୍ରାମର ବୀରେନ୍ଦ୍ର ଗଡତିଆ (୨୮)। ଅଭିଯୁକ୍ତଙ୍କୁ ଶନିବାର ସୋହେଲା କୋର୍ଟକୁ ଚାଲାଣ କରାଯିବ ବୋଲି ତଦନ୍ତକାରୀ ଅଧିକାରୀ ଆଇଆଇସି ରାଜେନ୍ଦ୍ର ଶିଆଳ କହିଛନ୍ତି ।

ପୋଲିସର ସୂଚନା ଅନୁସାରେ, ପ୍ରଧାନମାଳ ଗ୍ରାମର ବୀରେନ୍ଦ୍ର ଜଣେ ଯୁବତୀଙ୍କ ଏକାଧିକ ନଗ୍ନଫଟୋ ଏକ ହ୍ୱାଟ୍ସ ଆପ୍ ଗ୍ରୁପ୍‌ରେ ପୋଷ୍ଟ କରି ଦେଇଥିଲେ । ଉକ୍ତ ଘଟଣା ପ୍ରଘଟ ହେବା ପରେ ସମ୍ପୃକ୍ତ ଯୁବକ ଘରୁ ଫେରାର ହୋଇଯାଇଥିଲେ। ଏ ନେଇ ଯୁବତୀଙ୍କ ବାପା ବୁଧବାର ବିଜେପୁର ଥାନାରେ ଏତଲା ଦେଇଥିଲେ । ଏତଲାକୁ ଭିତ୍ତି କରି ପୋଲିସ ଏକ ମାମଲା (ନଂ. ୧୭୯/୧୮) ରୁଜୁ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଥିଲା । ପୋଲିସ ଅଭିଯୁକ୍ତ ଯୁବକଙ୍କ ମୋବାଇଲ ଟ୍ରାକିଂ କରି ତାଙ୍କୁ ବଲାଙ୍ଗୀର ଜିଲା ପାଟଣାଗଡ ଅଞ୍ଚଳରୁ ଗିରଫ କରିଛି ।

ବାଘ ମୃତ୍ୟୁ ଘଟଣା,୩ ଅଟକ

ବରଗଡ଼ ଅଫିସ/ଭଟଲି,୨।୧୧

ଡେବ୍ରିଗଡ଼ ଅଭୟାରଣ୍ୟର ପାଦଦେଶ ବରଗଡ଼ ଜିଲା ଭଟଲି ବ୍ଲକ ଖଜୁରିଆ ଗ୍ରାମ ନିକଟ ଦାମୋଦରପଡ଼ା ଜଙ୍ଗଲରୁ ବାଘର ମୃତଦେହ ଉଦ୍ଧାର ଘଟଣାକୁ ଶୁକ୍ରବାର ୫ଦିନ ବିତି ଯାଇଛି। ମାତ୍ର ବନ ବିଭାଗ ଏହି ଘଟଣାର ଅଭିଯୁକ୍ତଙ୍କ ଟେର୍ ପାଇ ନାହିଁ । ଅନ୍ୟପଟେ ବନ ଅଧିକାରୀମାନେ ଶୁକ୍ରବାର ସନ୍ଦେହରେ ଖଜୁରିଆ ଗ୍ରାମର ୩ ଜଣଙ୍କୁ ଆଣି ଏକ ଗୋପନୀୟ ସ୍ଥାନରେ ପଚରାଉଚୁରା କରୁଥିବା ସୂଚନା ମିଳିଛି । ଏ ସମ୍ପର୍କରେ ଘଟଣାର ତଦନ୍ତ ଅଧିକାରୀ ଏସିଏଫ ମଦନଲାଲ ଶର୍ମାଙ୍କୁ ପଚାରିବାରୁ ସେମାନଙ୍କୁ ଘଟଣା ସମ୍ପର୍କରେ କେବଳ ପଚରାଉଚୁରା ପାଇଁ ଅଣାଯାଇଛି ବୋଲି କହିଥିଲେ। ମାତ୍ର ବର୍ତ୍ତମାନ ସୁଦ୍ଧା କାହାରିକୁ ଗିରଫ କରାଯାଇନାହିଁ ବୋଲି ଏସିଏଫ ଶର୍ମା କହିଛନ୍ତି । ଗତ ୨୮ତାରିଖରେ ମାତିଲୁ ବାଘର ମୃତଦେହ ଉଦ୍ଧାର କରାଯାଇଥିଲା। ବ୍ୟବଚ୍ଛେଦ ପରେ ମୃତବାଘର ନମୁନାକୁ ପରୀକ୍ଷା ପାଇଁ ଭାରତୀୟ ବନ୍ୟପ୍ରାଣୀ ସଂସ୍ଥାନ, ଡେରାଡୁନ ଏବଂ ବାଙ୍ଗାଲୋରସ୍ଥିତ ନ୍ୟାଶନାଲ ଟାଇଗର କନଜରଭେଶନ ଅଥରିଟିକୁ ପଠାଯାଇଛି ।

POST REQUIRED

One of the leading Bajaj 2 Wheeler dealership requires the below mentioned posts:

1. Command Area Manager (Male): Graduation with DCA
2. Show Room Manager (Sales): Graduation with minimum 2 years experience in Automobile.
3. Sales Executive (2 nos) (Male/ Female): +2 Pass with DCA
4. Workshop Floor Incharge: ITI Mechanical.
5. Two Wheeler Mechanic
6. Computer Date Entry (Workshop) (Male/Female): 1 years experience in Automobile

Interested candidates may Apply Directly/ Mail in the below mentioned Address.

UJJWAL BAJAJ
Pardhiapali, Sambalpur - 768006
7377626939, 7008842012
Email: d10863@baldealer.com

ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର, ହତ୍ୟା ଅଭିଯୋଗ

ସୋହେଲା,୨।୧୧(ଡି.ଏନ.ଏ.)

ବରଗଡ଼ ଜିଲା ସୋହେଲା ଥାନା ଜଟଲା ଗ୍ରାମରେ ଶୁକ୍ରବାର ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ପୋଲିସ ଉଦ୍ଧାର କରିଛି । ମୃତା ମହିଳା ହେଲେ ମାମି ସରାଫ । ଯୌତୁକ ପାଇଁ ମାମିଙ୍କୁ ହତ୍ୟା କରାଯାଇଥିବା ବାପଘର ଲୋକେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ. ୧୯୧/୧୮) ରୁଜୁ କରିଛି। ବରଗଡ଼ ଅତିରିକ୍ତ ତହସିଲଦାର ନିରୁପମା ବୁଡେକଙ୍କ ଉପସ୍ଥିତିରେ ମୃତଦେହର ମାଇନା କରାଯାଇଥିଲା । ଏହି ଘଟଣାରେ ମୃତା ମହିଳାଙ୍କ ସ୍ୱାମୀଙ୍କୁ ଅଟକ ରଖି ପୋଲିସ ପଚରାଉଚରା କରୁଛି । ପୋଲିସ ସୂଚନା ଅନୁସାରେ, ୨୦୧୫ ମସିହାରେ ସୋହେଲା ଥାନା ଜଟଲା ଗ୍ରାମର କଳାଚାନ୍ଦ ସରାଫଙ୍କ ପୁଅ ମାନସ ସରାଫ ଭେଡେନ ଥାନା ଅଧୀନ ଖଣ୍ଡଲିପାଲି ଗ୍ରାମର ଷଡାନନ ସେଣଙ୍କ ଝିଅ ମାମିଙ୍କୁ ବିବାହ କରିଥିଲେ । ବିବାହର ୧୫ଦିନ ପରେ ଶ୍ୱଶୁରଘର ଲୋକେ ସୁନା ହାର ଓ ନଗଦ ୧ଲକ୍ଷ ଟଙ୍କା ଆଣିବା ପାଇଁ ମାମିଙ୍କୁ କହିଥିଲେ । ଏଥିରେ ଝିଅଘର ଲୋକେ ଅକ୍ଷମତା ପ୍ରକାଶ କରିବାରୁ ଶ୍ୱଶୁର ଘର ଲୋକେ ମାମିଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଇଆସୁଥିଲେ । ଏବେ ତାଙ୍କର ୧୦ ମାସର ଯମଜ ପୁତ୍ର ସନ୍ତାନ ଅଛନ୍ତି । ଗୁରୁବାର ରାତିରେ ଉଭୟ ସ୍ୱାମୀ ସ୍ତ୍ରୀ ଖିଆପିଆ ସାରି ଘରେ ଶୋଇଥିଲେ । ବିଳମ୍ବିତ ରାତିରେ ଛୁଆ କାନ୍ଦିବାରୁ ମାନସ ନିଦରୁ ଉଠିଥିଲେ । ଶୋଇବା ସ୍ଥାନରେ ମାମି ନ ଥିବା ଦେଖି ଘର ବାହାରକୁ ଆସିବାକୁ ଚେଷ୍ଟା କରିଥିଲେ । ହେଲେ ଘର କବାଟ ବାହାର ପଟୁ ବନ୍ଦ ଥିଲା। କୌଣସି ପ୍ରକାରେ ସେ ଘର ବାହାରକୁ ଆସିବା ପରେ ବାରଣ୍ଡାରେ ମାମି ଏକ ଗାମୁଛାକୁ ଗଳାରେ ବାନ୍ଧି ଝୁଲୁଥିବା ଦେଖିଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାରକରି ଭୋର୍ ପ୍ରାୟ ୪ଟା ସମୟରେ ବରଗଡ ଡାକ୍ତରଖାନାକୁ ନେଇଥିଲେ । ଡାକ୍ତର ମାମିଙ୍କୁ ମୃତ ଘୋଷଣା କରିଥିଲେ ।

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ

100 100th Anniversary

Panasonic

ପାଳନ କରୁଛୁ
100 ବର୍ଷ
100+ ଦିନର
ଉତ୍ସବକାଳ ସହିତ

#ସବୁଠାରୁ ବଡ଼ ଉତ୍ସବ

7 ସେପ୍ଟେମ୍ବର, 2018 – 25 ଡିସେମ୍ବର, 2018

4K TV

Fabulous viewing with Super Bright Picture Quality

FX730

4 YEAR WARRANTY*

EMI starts at ₹4 940

• 6 Colour Management • Super Bright Picture • Bluetooth Audio

Model	MRP	Offer Price	4 Year Warranty Worth	Savings
TH-55FX730D*	₹1 59 900	₹1 29 900	₹25 040	₹72 530
TH-49FX730D#	₹1 39 900	₹98 900	₹16 960	₹71 450

*Combo Offer-HTB250 Home Theatre worth ₹19 990 at ₹2 500
#Combo Offer-HTB200 Home Theatre worth ₹15 990 at ₹2 500

ମେଗା ଫେଷ୍ଟିଭ୍ ଅଫର୍

ସ୍ପେଶିଆଲ୍ ଫେଷ୍ଟିଭ୍ କୟୋ ପାଇଁ ଶପ୍ କରନ୍ତୁ ଏବଂ

– ବଞ୍ଚାନ୍ତୁ ଟ. 2 ଲକ୍ଷ! –

ଟ. 47 200 ମୂଲ୍ୟର ୱାରେଣ୍ଟି ସାମିଲ

Product	Model	MRP	Offer Price	Savings
Tv Model	TH-65FX800D	₹3 39 900	₹2 69 900	₹70 000
Freebie 1	TH-43FS630D	₹62 900	Free	₹62 900
Freebie 2	HTB250	₹19 990	₹2 500	₹17 490
Warranty	NA	NA	NA	₹47 200
Total	NA	₹4 22 790	₹2 72 400	₹1 97 590

10% Additional Cashback upto ₹5 000

SMART TV

Convenient and easy-to-use Smart Features



FS630

2 YEAR WARRANTY*

EMI starts at ₹3 628

• 6 Colour Management • Bluetooth Audio • Built-in Woofer

Model	MRP	Offer Price	2 Year Warranty Worth	Savings
TH-49FS630D	₹75 900	₹64 900	₹6 640	₹22 030
TH-43FS630D	₹62 900	₹50 900	₹4 240	₹20 630

Combo Offer - Get HT30 Home Theatre Worth ₹6 890 at ₹2 500

FX650

4 YEAR WARRANTY*

EMI starts at ₹3 290

• 6 Colour Management • Super Bright Picture • Bluetooth Audio

Model	MRP	Offer Price	4 Year Warranty Worth	Savings
TH-55FX650D*	₹1 29 900	₹1 05 900	₹25 040	₹61 530
TH-49FX650D#	₹1 09 900	₹85 900	₹16 960	₹54 450
TH-43FX650D	₹84 900	₹65 900	₹10 400	₹29 400

*Combo Offer-UX100 Speakers worth ₹14 990 at ₹2 500
#Combo Offer-HTB200 Home Theatre worth ₹15 990 at ₹2 500

FX600

4 YEAR WARRANTY*

EMI starts at ₹2 990

• 6 Colour Management • Super Bright Picture

Model	MRP	Offer Price	4 Year Warranty Worth	Savings
TH-65FX600D*	₹1 79 900	₹1 64 900	₹47 200	₹1 22 590
TH-55FX600D#	₹1 09 900	₹92 900	₹25 040	₹55 530
TH-49FX600D##	₹99 900	₹76 900	₹16 960	₹44 350
TH-43FX600D	₹79 900	₹59 900	₹10 400	₹30 400

*Combo Offer-43F200 LED TV & HTB200 Home Theatre worth ₹62 890 at ₹2 500
#Combo Offer-HTB200 Home Theatre worth ₹15 990 at ₹2 500
##Combo Offer-HT30 Home Theatre worth ₹6 890 at ₹2 500

LED TV

Immerse yourself in amazing picture quality

F200

2 YEAR WARRANTY*

EMI starts at ₹2 311

• IPS LED

Model	MRP	Offer Price	2 Year Warranty Worth	Savings
TH-40F200DX	₹41 900	₹32 900	₹4 240	₹13 240
TH-43F200DX	₹46 900	₹39 900	₹4 240	₹11 240
TH-32F200DX	₹25 900	₹20 900	₹2 800	₹7 800

FS600

2 YEAR WARRANTY*

EMI starts at ₹3 266

• 6 Colour Management • Bright Pictures • Bluetooth Audio

Model	MRP	Offer Price	2 Year Warranty Worth	Savings
TH-43FS600D	₹55 900	₹47 900	₹4 240	₹12 240
TH-50FS600D	₹67 900	₹62 900	₹6 640	₹11 640
TH-32FS600D	₹32 900	₹29 500	₹2 800	₹6 200

makani

ସାଉଣ୍ଡ ସିଷ୍ଟମ୍ସର ଆକର୍ଷକ ରେଞ୍ଜ୍ ଟ.4 290 ରୁ ଆରମ୍ଭ

ଫାଇନାନ୍ସ ଅଫର୍ସ

EASY FINANCE OFFER 100 ON 100 YEARS

*PAY ₹100 DOWN PAYMENT AND BALANCE IN 15 EQUAL INSTALLMENTS

AVAILABLE ON EASY EMIs BAJAJ FINSERV EMI NETWORK

HDB FINANCIAL SERVICES

Get 10%* cashback on Credit Card EMI

ICICI Bank Credit Cards saving worth ₹3 000 | AXIS BANK Max. cashback ₹5 000

Your ONE EMI is on us CAPITAL FIRST CONSUMER DURABLES

Available at: Panasonic BRANDSHOP Panasonic Premium Partner For further details, please visit the nearest Panasonic authorised dealer.

*Terms & Conditions: Panasonic India Private Limited ("Panasonic") shall not be responsible for customer purchases from any unauthorized dealer. MRP (inclusive of all taxes) listed above is for one unit, wherever applicable. Product features, specifications, warranty, pricing, components or options available are all subject to change without prior notice. The images are for representation purpose only and the actual products may vary. **Attractive Finance Offers.** Finance Offer is available at the sole discretion of finance/ dealer/ Bank. Processing fee is at the sole discretion of the financier/ dealer/ bank. Offer valid at select locations, at select dealers under select credit documents. EMI will vary from model to model. **100 on 100 years:** Finance indicated after considering Rs. 100 down payment and balance at 8/10/12/15 equal EMI's for select models of TVs. **AXIS BANK Cashback Offer** –This offer is applicable from 1st Oct 2018 - 30th Nov 2018. Customers are eligible to get 10% cashback up to maximum of Rs. 5000 on per transaction processed through Axis Bank credit cards. The cashback can only be availed for a minimum transaction of Rs. 15000 on the purchase of TV. **Capital first one EMI off Offer:** Applicable to only new CFL customer (swipe of 1 re on credit card required). This offer is applicable only on purchase of TVs of MRP more than or equal to INR 40000. Capital First Last EMI waiver is subject to max of Rs. 7500 on Panel category only. Offer will be applicable for 12/3 scheme only. Applicable for cases logged in between 15th Sep and 15th November and disbursed before 30th November. Cash back would be credited in customer's bank account post completion of all successful EMIs without any bounce. In case there are more than one offers from CFL, customer will be eligible only for one in which benefit to customer is maximum. For further details, kindly visit https://www.capitalfirst.com/cd-offer. **ICICI cash back offer** - Offer available till 30th Nov'18. 10% Cash back on purchase of all Panasonic Products. Cashback offer available on minimum purchase of Rs. 8000 per Transaction on card swipe under Brand EMI option on Pinelabs / Plutus POS terminal. Cash Back is maximum up to 3000/- per Transaction. **HDB Offer Period:** 10th Oct'18 - 15th Nov'18. Flat 5% Cashback upto a maximum amount of Rs.10,000/-. Cashback will be calculated on the loan amount. Applicable on all existing schemes and models of Panasonic currently being financed by HDB. Customer to be sourced as Credit Card Customer and should pay the down payment from his/her Credit Card. For Zero down payment scheme, 999/- to be swiped to avail the offer. Cash back to be credited back to customer bank account post successful completion of 3 EMIs of the loan availed under the offer. **WARRANTY** - 2 Year Warranty includes 1 Year Comprehensive + 1 Year Additional on Panel Component, 4 Year Warranty includes 1 Year Comprehensive + 3 Year Additional on Panel Component. For detailed terms and conditions, kindly visit https://www.panasonic.com/in/tv-offer-2018.html

Registered Office: Panasonic India Pvt. Ltd., 12th Floor, Ambience Tower, Ambience Island, NH-8, Gurugram -122002, Haryana, India. Tel.: +91-124-4871300. | www.facebook.com/panasonicindia | www.twitter.com/panasonicindia Service Helpline: 1800 103 0373 | 1800 108 0373 www.panasonic.com/in | helpline@in.panasonic.com Insist on a Panasonic India Warranty Card

ଏକ ଶୁଭାରମ୍ଭ, ଭେଟିର ସହିତ।

ଶୀଘ୍ର ! ହିରୋ ସ୍କୁଟର୍ସ ଉପରେ ସୀମିତ ଅବଧି ଅଫର୍ 31 ଅକ୍ଟୋବରରୁ ଆରମ୍ଭ

Hero

85 crore HEROES

ଅଗଣିତ ସମ୍ପର୍କ

ଅନ୍ ରୋଡ୍ ମୂଲ୍ୟ ~~₹66,430~~*

ବିଶେଷ ଦୀପାବଳି ମୂଲ୍ୟ ₹62,333*

ଅନ୍ ରୋଡ୍ ମୂଲ୍ୟ ~~₹66,107~~*

ବିଶେଷ ଦୀପାବଳି ମୂଲ୍ୟ ₹62,111*

ଅନ୍ ରୋଡ୍ ମୂଲ୍ୟ ~~₹59,722~~*

ବିଶେଷ ଦୀପାବଳି ମୂଲ୍ୟ ₹55,777*

କମ ଡାଉନ ପେମେଣ୍ଟ ₹4999/-##

ସମସ୍ତ ସରକାରୀ କର୍ମଚାରୀମାନଙ୍କ ପାଇଁ ଅତିରିକ୍ତ ଧନ ଲାଭ। ₹1000*

INDIA'S FIRST 5 YEAR WARRANTY* *Conditions apply

Regd. Office: Hero MotoCorp Ltd., 34, Community Centre, Basant Lok, Vasant Vihar, New Delhi - 110057,India. **CIN: L35911DL1984PLC017354.** Phone No.: 011 - 46044100. For further information, contact nearest Hero MotoCorp authorised outlet or call our toll free no.: **1800 - 266 - 0018** or visit us on **www.HeroMotoCorp.com.** Accessories and features shown may not be part of standard fitment. Always wear a helmet while riding a two wheeler. Offer valid only in Odisha. *Terms & conditions apply. #Finance at the sole discretion of financiers. Customers have to provide all relevant documents desired by financiers to avail the loan.

HeroMotoCorpIndia HeroMotoCorpLimited heromotocorp.com @HeroMotoCorp TheHeroMotoCorp

Hero GoodLife Hero MILEAGE HONDA EXTRA KILOMETERS PER LITRE Paytm mall ₹5000/- ର ଲାଭ HeroFinCorp.

For Institutional and Bulk Sales please write to Kolkata@heromotocorp.com

ଅଥରାଇଜ୍ଡ ଡିଲର: **ବରଗଡ଼:** ଆକାଶ ହୀରୋ – 7799766396. **ବଲାଙ୍ଗିର:** ଅରୁଣ୍ଡତୀ ହୀରୋ – 7799766385. **ବଲାଙ୍ଗିର:** ଅରୁଣ୍ଡତୀ ହୀରୋ – 7799766327. **ଝାରସୁଗୁଡ଼ା:** ବିଜୟଲକ୍ଷ୍ମୀ ହୀରୋ – 7799766368. **ରାଇରକେଲା:** ଦୁଆ ହୀରୋ – 7799766391. **ସମ୍ବଲପୁର:** **ଶ୍ରୀ** ଶ୍ୟାମ ହୀରୋ – 7799766356. **ବୋଲପୁର:** ଜୟ ଜ୍ଞାନ ହୀରୋ – 7799766419. **ସୁନ୍ଦରଗଡ଼:** ରୋଡୋଟେକ୍ ହୀରୋ – 8448183659. **ଅଥରାଇଜ୍ଡ ସର୍ଭିସ୍ ସେଣ୍ଟର:** **ବାମରା:** ଗୌଧୁରି ହୀରୋ – (06642) 229045, 9437247739. **ବରପାଲି:** ଦୁର୍ଗା ମୋଟର୍ସ- 256278. **ବେଲପାହାଡ଼:** ବର୍ଷା ମୋଟର୍ସ – 250417. **ବୌଧ:** ବତ୍ସଲ ଅଟୋ – 22948. **ବ୍ରହ୍ମପୁର:** ବୀଣା ମୋଟର୍ସ – 240695. **ବେରହମପୁର:** ଜିନାଲ ମୋଟର୍ସ – 9437056659. **ଝାରସୁଗୁଡ଼ା:** ବିଦ୍ୟା ଅଟୋମୋବାଇଲ୍ସ – 272465. **ଭୁବନେଶ୍ୱର:** ଶ୍ରୀ ବିମଳା ମୋଟର୍ସ – 243679. **ଭାରତପୁର:** ଆଶୀର୍ବାଦ ମୋଟର୍ସ – (06657) 220033. **ନୂଆପଡ଼ା:** ମାରୁତି ଅଟୋ – 9237099660, 9937928818. **ପଦ୍ମପୁର:** ଦେବେଶ ମୋଟର୍ସ – 223880. **ରାଜଖରିଆଳ:** ଜଗବନ୍ଧୁ ଅଟୋ କ୍ୟାଜନ – 9937302262. **ରାଜଗାଙ୍ଗପୁର:** କେଜିଆ ଆଣ୍ଡ କେଜିଆ – 220181. **ସୁନ୍ଦରଗଡ଼:** ଯମୁନା ମୋଟର୍ସ – 275341. **ଟିଟିଲାଗଡ଼:** ପ୍ରେମ ମୋଟର୍ସ – 221073. **ଡିଲରର ଅନୁମୋଦିତ ପ୍ରତିନିଧି:** ବଙ୍ଗମୁଣ୍ଡା – ବାବା ଅଟୋମୋବାଇଲ୍ସ – 9937626216. **ଭବାନୀପଟ୍ଟଣ:** ବିଶ୍ୱ ଅଟୋମୋବାଇଲ୍ସ – 7894767744. **ପାଟଣାଗଡ଼:** ଚନ୍ଦନ ଅଟୋମୋବାଇଲ୍ସ – 9708962543. **ସାଲେଭାଟା:** ମା ମଙ୍ଗଳା ମୋଟର୍ସ – 9556924110. **ଦୁଷୁରା:** ମାତା ଅଟୋମୋବାଇଲ୍ସ – 7606001133. **ଭାଟୋର:** ରାଧାରାଣୀ ମୋଟର୍ସ- 8457978797. **ଆଳପୁର:** ଏସ.କେ. ମୋଟର୍ସ – 9776886751. **ସଇଁତଳା:** ବିନଧେଶ୍ୱରୀ ମୋଟର୍ସ – 9178138893. **ଡୁବୁରିପାଲି:** ସମଲେଶ୍ୱରୀ ମୋଟର୍ସ – 9437158433. **ରାମପୁର:** କାନ୍ହା ମୋଟର୍ସ – 9437319101. **ବିଂଝା:** ବାପଜ ମୋଟର୍ସ – 9583354141. **ବୀରମହାରାଜପୁର:** ପୃଷ୍ଟି ମୋଟର୍ସ – 7605928594. **ବାଲିପୁରି:** ଜୟ ଜଗନ୍ନାଥ ମୋଟର୍ସ – 8249258726. **ପୁରୁଣାକଟକ:** ଅମାନ ମୋଟର୍ସ – 7008416244. **ତରଲା:** ସିଂଘଲ ମୋଟର୍ସ – 9937220523. **ନରଲା:** ଶ୍ରୀ ଗଣେଶ ମୋଟର୍ସ – 8249378978, **ଏମ ରାମପୁର:** ସପ୍ତମ ମୋଟର୍ସ – 7077788809. **କେସିଙ୍ଗା:** ଶ୍ରୀ ଶ୍ୟାମ ମୋଟର୍ସ – 9437992920. **ଜୟପାଟଣା:** ରୟ୍ୟାଲ ମୋଟର୍ସ – 801821819. **ଛାତରପାଲ:** ଇଣ୍ଡିୟାନ ମୋଟର୍ସ – 9938607678, **ଧର୍ମଗଡ଼:** ଶ୍ରୀ ରାୟଗ୍ରୀ ମୋଟର୍ସ – 8328869765. **ବିନାପାଲି:** ବରଜଙ୍ଗବଳୀ ମୋଟର୍ସ – 8018926518. **ରେଙ୍ଗାଲି:** ରେଙ୍ଗାଲି ମୋଟର୍ସ – 9437881075. **କେଶଭବାହାଲ:** ଶ୍ରୀ ଅଟୋମୋବାଇଲ୍ସ – 9438258055. **କଣ୍ଡମାଳ:** ମହାଲକ୍ଷ୍ମୀ ମୋଟର୍ସ – 9437243262.

କ୍ରୋଧ ଏ ସଂସାରରେ ସୁଖରୂପୀ ବୃକ୍ଷର ମୂଳକୁ ସମୟେ ସମୟେ ଦୋହଲାଇ ଦୁର୍ବଳ କରିଦିଏ।

- ପ୍ରଜାପିତା ବ୍ରହ୍ମାକୁମାରୀ

ସଂକ୍ଷେପରେ

ହସ୍ତତନ୍ତ ଶିଳ୍ପ ଉପରେ କର୍ମଶାଳା

ବରଗଡ଼ ଅଫିସ୍,୨।୧୧: ବରଗଡ଼ସ୍ଥିତ ସମ୍ବଲପୁରୀ ବସ୍ତ୍ରାଳୟ ରଙ୍ଗଘରଠାରେ ଶୁକ୍ରବାର କେନ୍ଦ୍ରୀୟ ମାଲ ଏବଂ ସେବା କର(ଜିଏସଟି) ସମ୍ବଲପୁର ମଣ୍ଡଳ ଅଧୀନ ବରଗଡ଼ ରେଞ୍ଜ ଦ୍ୱାରା ଏମଏସଏମଇ (ହସ୍ତତନ୍ତ ଶିଳ୍ପ) ସମ୍ବନ୍ଧୀୟ ଏକ କର୍ମଶାଳା ଏବଂ ସେବାକେନ୍ଦ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଖପାଖ ଅଞ୍ଚଳର ବହୁ ବ୍ୟବସାୟୀ, ବୁଣାକାର ଓ ହସ୍ତତନ୍ତ ଶିଳ୍ପ ସହିତ ଜଡ଼ିତ ବ୍ୟକ୍ତି ବିଶେଷ ଯୋଗ ଦେଇଥିଲେ । ଏଠାରେ ଜିଏସଟି ସମ୍ବନ୍ଧରେ ଆଲୋଚନା ସହିତ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ହୋଇଥିଲା। ସମ୍ବଲପୁର ମଣ୍ଡଳର ସହାୟକ ଆୟୁକ୍ତ ଗୌତମ ବିଶ୍ୱାସ, ସମ୍ବଲପୁରୀ ବସ୍ତ୍ରାଳୟର ସମ୍ପାଦକ ହେମନ୍ତ କୁମାର ମିଶ୍ର କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଅଧୀକ୍ଷକ ଲଳିତ ସ୍ୱର୍ଣ୍ଣକାର, ଅନୀଲ ତିର୍କୀ, ଧରମବୀର କୁମାର, ନିରୀକ୍ଷକ ହିମାଂଶୁ ଦାଶ, ରମେଶ ପ୍ରଧାନ, ସୁଶାନ୍ତ ସରାଫ, ମନୋରଞ୍ଜନ ସାହୁ ପ୍ରମୁଖ ସହଯୋଗ କରିଥିଲେ । ରାଜ୍ୟ କର ବିଭାଗର କୈଳାଶ ଚନ୍ଦ୍ର ଭୋଇ ଏବଂ ହରେକୃଷ୍ଣ ନାୟକ ଉପସ୍ଥିତ ଥିଲେ ।

ଫୁଟବଲ: କଦଳୀପାଲି ଫାଇନାଲରେ

ବରଗଡ଼ ଅଫିସ୍,୨।୧୧: ବରଗଡ଼ ଲେଙ୍ଗୁ ମିଶ୍ର ଷ୍ଟାଡ଼ିୟମରେ ଚାଲିଥିବା ସୁପ୍ରିୟା ସ୍ମାରକୀ ଜିଲାସ୍ତରୀୟ ନକ୍ ଆଉଟ୍ ଫୁଟବଲ ପ୍ରତିଯୋଗିତାର ଶୁକ୍ରବାର ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲରେ କଦଲୀପାଲି ପ୍ରତିପକ୍ଷ ବରଗଡ଼କୁ ହରାଇ ଫାଇନାଲରେ ପ୍ରବେଶ କରିଛି । ମ୍ୟାଚ୍‌ର ନିର୍ଦ୍ଧାରିତ ସମୟ ସୁଦ୍ଧା କୌଣସି ଦଳ ଗୋଲ ସ୍କୋର କରି ପାରି ନ ଥିଲେ। ଫଳରେ ଟାଇବ୍ରେକରର ସହାୟତା ନିଆଯାଇଥିଲା ଏବଂ ଏଥିରେ କଦଳୀପାଲି ୪-୨ ଗୋଲରେ ବିଜୟୀ ହୋଇଥିଲା । ସନ୍ତୋଷ ପ୍ରଧାନ, ପଞ୍ଚାନନ ପାତ୍ର, ଗୋପାଳ ନାୟକ, ମନୋଜ ଭୂୟାଁ ମ୍ୟାଚ୍ ପରିଚାଳନା କରିଥିଲେ । ଏହା ପୂର୍ବରୁ ଧୀରପୁର ଫାଇନାଲରେ ପ୍ରବେଶ କରି ସାରିଛି । ଶନିବାର ବରଗଡ଼ ଓ ସମ୍ବଲପୁର ଜିଲାର ୩୫ରୁ ୪୦ବର୍ଷ ପର୍ଯ୍ୟନ୍ତ ଖେଳାଳିଙ୍କ ମଧ୍ୟରେ ଏକ ପ୍ରଦର୍ଶନୀ ମ୍ୟାଚ୍ ଅନୁଷ୍ଠିତ ହେବ । ରବିବାର କଦଳୀପାଲି ଓ ଧୀରପୁର ମଧ୍ୟରେ ଫାଇନାଲ ମ୍ୟାଚ୍ ହେବ ବୋଲି ଜଣାପଡିଛି ।

ରାଜମିସ୍ତ୍ରି ତାଲିମ ଶିବିର

ବିଜେପୁର, ୨।୧୧ (ଡି.ଏନ.ଏ): ବିଜେପୁର ବ୍ଲକ ରାଜୀବ ସେବା କେନ୍ଦ୍ରରେ ଏକ ଦିବସୀୟ ରାଜମିସ୍ତ୍ରୀ ତାଲିମ ଶିବିର ଗୁରୁବାର ଅନୁଷ୍ଠିତ ହୋଇଛି । ବିଡିଓ ପଦ୍ମନାଭ ସାମନ୍ତରାୟ ଶିବିରକୁ ଉଦ୍‌ଘାଟନ କରିଥିଲେ । କମ୍ ଖର୍ଚ୍ଚ ଓ ସ୍ୱଳ୍প ସମୟ ମଧ୍ୟରେ ପ୍ରଧାନମନ୍ତ୍ରୀ ଆବାସ, ଶୌଚାଳୟ ନିର୍ମାଣ କରିବାର କୌଶଳ ଏବଂ ଅଣକୁଶଳୀ ଶ୍ରମିକମାନଙ୍କୁ କିଭଳି କୁଶଳୀ ଶ୍ରମିକରେ ପରିଣତ କରି ସରକାରୀ ଯୋଜନାରେ ସେମାନଙ୍କୁ ସାମିଲ କରାହେବ ସେ ବିଷୟରେ ତାଲିମ ପ୍ରଦାନ କରାଯାଇଥିଲା । କନିଷ୍ଠ ଯନ୍ତ୍ରୀ ସରୋଜ ମହାପାତ୍ର ପ୍ରଶିକ୍ଷକ ଭାବେ ଯୋଗ ଦେଇଥିଲେ । ଏଥିରେ ବ୍ଲକର ବିଭିନ୍ନ ଅଞ୍ଚଳର ୭୦ ଜଣ ରାଜମିସ୍ତ୍ରୀ ପ୍ରଶିକ୍ଷଣ ନେଇଥିଲେ ।

ଯାଦବ ସମାଜର ବୈଠକ

ପଦ୍ମପୁର, ୨।୧୧ (ଡି.ଏନ.ଏ): ପଦ୍ମପୁର ଗୋରୁ ବଜାର ପ୍ରାଙ୍ଗଣରେ ଯାଦବ ସମାଜର ନିର୍ବାଚନ ମଣ୍ଡଳୀସ୍ତରୀୟ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଛି । ପଦ୍ମପୁର ବ୍ଲକ ସଭାପତି କେଶବ ଜାଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବରଗଡ ଜିଲା କାର୍ଯ୍ୟକାରୀ ସଦସ୍ୟ ଅମୃତଲାଲ ବନଛୋର, ଭାଗେଶ୍ୱର ବନଛୋର ଅତିଥି ଭାବେ ଉପସ୍ଥିତ ଥିଲେ। ପାଇକମାଳ ଯାଦବ ସମାଜର ବନମାଳି ଚନ୍ଦନ, ବିଦ୍ୟାଧର ଥାପା, ଝାରବନ୍ଧ ବ୍ଲକର ଧ୍ରୁବରାଜ ହାତୀ, ଶତ୍ରୁଘ୍ନ ବାଗ, ପଦ୍ମପୁର ବ୍ଲକର ଧନମାଳି ହାତୀ, ଆର୍ତ୍ତତ୍ରାଣ ପାଣ୍ଡେ ପ୍ରମୁଖ ବକ୍ତା ଭାବେ ଯୋଗଦେଇ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ଉକ୍ତ ବୈଠକରେ ଝରିଆ ଯାଦବ ସମାଜର ଜିଲା ସଭାପତି ପୁରନ୍ଦର ଖର୍ସେଲ, ପଦ୍ମପୁର ବ୍ଲକ ଭରତ ଚନ୍ଦ୍ର ଲହରିଆ, ସମ୍ପାଦକ ପବିତ୍ର ବାଗ, ଯାଦବ ସମାଜର ସମସ୍ତ ପଞ୍ଚାୟତ ସ୍ତରୀୟ ସଭାପତି, ସମ୍ପାଦକଙ୍କ ସମେତ ଶତାଧିକ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ । ଓମ୍ ପ୍ରକାଶ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ ।

୬୭୮ ଗାଁକୁ ମରୁଡ଼ି ସହାୟତା

ବରଗଡ଼ ଅଫିସ୍,୧।୧୧

ରାଜ୍ୟ ସରକାର ଗୁରୁବାର ମରୁଡ଼ି ଘୋଷଣା କରିଛନ୍ତି । ସେହିପରି କ୍ଷତିଗ୍ରସ୍ତ ଚାଷୀଙ୍କ ପାଇଁ ମରୁଡ଼ି ସହାୟତା ତଥା ଇନପୁଟ୍ ସବସିଡ଼ି ମଧ୍ୟ ଧାର୍ଯ୍ୟ କରାଯାଇଛି। ଏହି କ୍ରମରେ ଅଣଜଳସେଚିତ ଜମି ପାଇଁ ହେକ୍ଟର ପ୍ରତି ୬, ୮୦୦ ଟଙ୍କା, ଜଳସେଚିତ ଜମି ପାଇଁ ୧୩, ୫୦୦ ଏବଂ ସବୁଦିନିଆଁ ଫସଲ ପାଇଁ ୧୮ହଜାର ଟଙ୍କା ଇନପୁଟ୍ ସବ୍‌ସିଡ଼ି ପ୍ରଦାନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ସରକାରଙ୍କ ମରୁଡ଼ି ଘୋଷଣା ପରେ ସହାୟତା ପାଇ ଫସଲକ୍ଷତିର କିଛି ଭରଣା ହେବ ବୋଲି ଚାଷୀମାନେ ଆଶା ବାନ୍ଧିଛନ୍ତି। ତେବେ ସରକାରଙ୍କ ଏହି ମରୁଡ଼ି ଘୋଷଣାରେ ଜିଲାର ଯେଉଁ ଅଞ୍ଚଳ ବାଦ୍ ପଡ଼ିଛି, ସମ୍ପୃକ୍ତ ଅଞ୍ଚଳରେ ଚାଷୀ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏହା ଆଗକୁ ଆନ୍ଦୋଳନ ରୂପ ନେଇପାରେ ।

ସୂଚନା ଅନୁଯାୟୀ, ଜିଲାର ୧୨ଟି ବ୍ଲକ ମଧ୍ୟରୁ ମରୁଡ଼ି ଘୋଷଣାରୁ ଅତାବିରା ବ୍ଲକ, ଏନଏସି ଓ ଭେଡ଼େନ ବ୍ଲକ ବାଦ୍ ପଡ଼ିଛି । ଏହି ଅଞ୍ଚଳକୁ ହୀରାକୁଦ ଜଳସେଚିତ କୁହାଯାଉଥିଲେ ମଧ୍ୟ ଅଞ୍ଚଳରେ ଅନେକ ଗ୍ରାମକୁ ଏପର୍ଯ୍ୟନ୍ତ କେନାଲ ପାଣି ମାଡ଼ି ପାରିନାହିଁ। ଅନ୍ୟପଟେ ଜିଲାର ଅନ୍ୟ ୧୦ଟି ବ୍ଲକ ମରୁଡ଼ି ଘୋଷଣାରେ ସାମିଲ ହୋଇଛି। କିନ୍ତୁ ସମ୍ପୃକ୍ତ ବ୍ଲକର ଅନେକ ପଞ୍ଚାୟତ ଓ ଗ୍ରାମ ମରୁଡ଼ି ତାଲିକାରୁ ବାଦ୍ ପଡ଼ିଥିବା ସୂଚନା ମିଳିଛି । ଜିଲାର ୨୫୪ଟି ପଞ୍ଚାୟତ ମଧ୍ୟରୁ କେବଳ ୧୩୪ଟି ପଞ୍ଚାୟତକୁ ମରୁଡ଼ି ତାଲିକାରେ ଅନ୍ତର୍ଭୁକ୍ତ କରାଯାଇଛି। କିନ୍ତୁ ସେହି ପଞ୍ଚାୟତର ଅନେକ ଗ୍ରାମର ଚାଷୀଙ୍କୁ ଏପର୍ଯ୍ୟନ୍ତ ମରୁଡ଼ି ତାଲିକାଭୁକ୍ତ କରାଯାଇନାହିଁ । କେବଳ ୬୭୮ଟି ଗ୍ରାମ ବର୍ତ୍ତମାନ ସୁଦ୍ଧା ମରୁଡ଼ି ତାଲିକାଭୁକ୍ତ ହୋଇଛି। ଫଳରେ ମରୁଡ଼ି ଘୋଷଣାରୁ କେଉଁ ପଞ୍ଚାୟତ, ଏନଏସି, ବ୍ଲକ ଓ ଗ୍ରାମ ବଞ୍ଚିତ ହୋଇଛି, ତାକୁ ନେଇ ଏବେ ଚର୍ଚ୍ଚା ଆରମ୍ଭ ହୋଇଛି ।

ଉଲ୍ଲେଖନୀୟ, କୃଷି ବିଭାଗର ରିପୋର୍ଟରେ ବରଗଡ଼ ବ୍ଲକର ୭ଟି ପଞ୍ଚାୟତର ୧୮, ବରପାଲିର ୧୦ଟି ପଞ୍ଚାୟତର ୩୭, ଅମ୍ବାଭୋନାର ୧୧ଟି ପଞ୍ଚାୟତର ୫୬, ରାଜବୋଡ଼ାସମ୍ବରର ୧୫ଟି ପଞ୍ଚାୟତର ୯୨, ପାଇକମାଳର ୧୬ଟି ପଞ୍ଚାୟତର ୮୨, ଗାଇସିଲେଟ୍‌ର ୧୪ଟି ପଞ୍ଚାୟତର ୭୮, ବିଜେପୁରର ୧୫ଟି ପଞ୍ଚାୟତର ୬୯, ଝାରବନ୍ଧର ୧୪ଟି ପଞ୍ଚାୟତର ୮୩ ଏବଂ ସୋହେଲା ବ୍ଲକର ୨୦ଟି ପଞ୍ଚାୟତର ୯୮ଟି ଗ୍ରାମ ଏବେସୁଦ୍ଧା ମରୁଡ଼ି ତାଲିକାଭୁକ୍ତ ହୋଇ ସାରିଛି । ସେହିପରି ବରପାଲି ପୌରାଞ୍ଚଳର ୨ଟି ଏବଂ ପଦ୍ମପୁର ପୌରାଞ୍ଚଳର ଗୋଟିଏ ୱାର୍ଡ଼ ମଧ୍ୟ ଏଥିରେ ଅନ୍ତର୍ଭୁକ୍ତ ରହିଛି। ଅନ୍ୟ ଗ୍ରାମ, ପଞ୍ଚାୟତ ଏବଂ ୱାର୍ଡ଼ ଗୁଡ଼ିକ ବାଦ୍ ପଡ଼ିଛି । ଏ ସମ୍ପର୍କରେ ଜିଲା କୃଷି ଉପନିର୍ଦ୍ଦେଶକ ଦୀନବନ୍ଧୁ ଗାନ୍ଧୀଙ୍କୁ ପଚାରିବାରୁ ବର୍ତ୍ତମାନ ସୁଦ୍ଧା ଯାହା ଆକଳନ ହୋଇଛି, ତାକୁ ନେଇ ତାଲିକା ପ୍ରସ୍ତୁତ ହୋଇଛି। ଆଗକୁ ମରୁଡ଼ି ପ୍ରଭାବିତ ଗ୍ରାମ ସଂଖ୍ୟା ଆହୁରି ବଢ଼ିପାରେ ବୋଲି ସେ କହିଥିଲେ ।

ଏଗାଜେ ଯାହା କୁହନ୍ତି...

ମୁଁ ସମୁଦାୟ ୧୪ଏକର ଜମିରେ ଧାନଚାଷ କରିଥିଲି। ପାଣି ଅଭାବରୁ ୪ଏକର ଜମିର ଫସଲ ନଷ୍ଟ ହୋଇଗଲା । । ଅନ୍ୟ ୪ଏକର ଧାନ ଫସଲ ଗତ ବର୍ଷା ବିପ୍ଳାତରେ ଉଜୁଡ଼ିଗଲା । । ବାକି ଫସଲ ରୋଗ ପୋକ ପ୍ରଭାବିତ । ସରକାର ଆମକୁ କ୍ଷତିପୂରଣ ଦେବେ ବୋଲି ଆଶା ରଖିଛୁ ।

-ବୃନ୍ଦାବନ ପଣ୍ଡା, ଦେଶଭଟଲି

ମୁଁ ଜଣେ ଭାଗଚାଷୀ । ୮ଏକର ଜମି ଭାଗଚାଷରେ ନେଇ ଧାନ ଫସଲ କରିଛି । ସେଥିମଧ୍ୟରୁ ୩ଏକର ଜମିର ଫସଲ ପାଣି ଅଭାବରୁ ନଷ୍ଟ ହୋଇଗଲା । ଆଉ ଯେଉଁ ୫ଏକର ଜମିର ଫସଲ ବଞ୍ଚିଛି, ତାହା ସମ୍ପୂର୍ଣ୍ଣ ଅଣଜଳସେଚିତ ଅଞ୍ଚଳରେ ରହିଛି । ସେଠାରେ ଲିଫ୍ଟ ପଏଣ୍ଟ ମାଧ୍ୟମରେ ଚାଷବାସ କରୁଛି ।

-ଅଜୟ ସାହୁ, ଉଦେପୁର

ଚାଷୀଙ୍କୁ ଚକଡ଼ା ଚଡ଼କ

ଅତାବିରା ଅଞ୍ଚଳରେ ଚକଡା ପୋକ ଲାଗି ଧାନ ଫସଲ ନଷ୍ଟ ହୋଇଛି ।

ଅତାବିରା, ୨।୧୧ (ଡି.ଏନ.ଏ)

ବରଗଡ ଜିଲା ଅତାବିରା ଓ ଭେଡେନ ବ୍ଲକ ଅଞ୍ଚଳରେ ପାଟିଲା ଧାନରେ ଚକଡା ପୋକର ପ୍ରାଦୁର୍ଭାବ ଯୋଗୁ ବ୍ୟାପକ ଫସଲ ନଷ୍ଟ ହୋଇଛି । ପ୍ରତିବର୍ଷ ଧାନ ଫସଲରେ ରୋଗପୋକଙ୍କ ପ୍ରାଦୁର୍ଭାବ ଚାଷୀମାନଙ୍କ ମେରୁଦଣ୍ଡକୁ ଦୋହଲାଇ ଦେଇଛି । ଚକଡା ପୋକ ଲାଗିଥିବା ଧାନ ଫସଲରେ ବିଭିନ୍ନ କମ୍ପାନୀର କୀଟନାଶକ ପ୍ରୟୋଗ କରୁଥିଲେ ମଧ୍ୟ ତାହା କାମକୁ ଆସୁନି । କୃଷି ବିଭାଗ ପର୍ଯ୍ୟାପ୍ତ ପରିମାଣର କୀଟନାଶକ ସବସିଡି ଆକାରରେ ଯୋଗାଇ ଦେଉ ନ ଥିବାରୁ ଚାଷୀମାନେ ବାହାରୁ ଔଷଧ କିଣି ବ୍ୟବହାର କରୁଛନ୍ତି। ତେବେ ବାହାରେ ବିକ୍ରି ହେଉଥିବା କୀଟନାଶକର ମାନ ପରୀକ୍ଷା କରାଯାଉ ନ ଥିବାରୁ ଗାଁ ଗଳିକନ୍ଦିରେ ଛତୁ ପୁଟିଲା ପରି ବ୍ଲକ ଅଞ୍ଚଳରେ ପାଟିଲା ଧାନରେ ଚକଡା ପୋକର ପ୍ରାଦୁର୍ଭାବ ଯୋଗୁ ବ୍ୟାପକ ଫସଲ ନଷ୍ଟ ହୋଇଛି । ପ୍ରତିବର୍ଷ ଧାନ ଫସଲରେ ରୋଗପୋକଙ୍କ ପ୍ରାଦୁର୍ଭାବ ଚାଷୀମାନଙ୍କ ମେରୁଦଣ୍ଡକୁ ଦୋହଲାଇ ଦେଇଛି । ଚକଡା ପୋକ ଲାଗିଥିବା ଧାନ ଫସଲରେ ବିଭିନ୍ନ କମ୍ପାନୀର କୀଟନାଶକ ପ୍ରୟୋଗ କରୁଥିଲେ ମଧ୍ୟ ତାହା କାମକୁ ଆସୁନି । କୃଷି ବିଭାଗ ପର୍ଯ୍ୟାପ୍ତ ପରିମାଣର କୀଟନାଶକ ସବସିଡି ଆକାରରେ ଯୋଗାଇ ଦେଉ ନ ଥିବାରୁ ଚାଷୀମାନେ ବାହାରୁ ଔଷଧ କିଣି ବ୍ୟବହାର କରୁଛନ୍ତି। ତେବେ ବାହାରେ ବିକ୍ରି ହେଉଥିବା କୀଟନାଶକର ମାନ ପରୀକ୍ଷା କରାଯାଉ ନ ଥିବାରୁ ଗାଁ ଗଳିକନ୍ଦିରେ ଛତୁ ପୁଟିଲା ପରି କୀଟନାଶକ ବିକ୍ରେତା ଦୋକାନ ଖୋଲି ମାଲେମାଲ ହେଉଛନ୍ତି । ଏ ନେଇ ଚାଷୀ ଏନ. ଭେଙ୍କଟରାଓ କୁହନ୍ତି, ମୁଁ କୀଟନାଶକ ଆଣି ଧାନ ଫସଲରେ ପ୍ରୟୋଗ କରୁଥିଲେ ମଧ୍ୟ କାମକୁ ଆସୁନାହିଁ। ଏ ସମ୍ପର୍କରେ ସହକାରୀ କୃଷି ଅଧିକାରୀ ପ୍ରମୋଦିନୀ ପ୍ରଧାନଙ୍କୁ ପଚରାଯିବାରୁ କହିଲେ, ଅତାବିରା ବ୍ଲକ ଅଞ୍ଚଳରେ ୮୦ରୁ ଉର୍ଦ୍ଧ୍ୱ କୀଟନାଶକ ଡିଲର, ସବ୍‌ଡିଲର ଅଛନ୍ତି । ସିଜିନ ଆରମ୍ଭରୁ ସାମ୍ପଲ ଗୁଡିକ ସଂଗ୍ରହ କରି ପରୀକ୍ଷାଗାରକୁ ପଠାଯାଇଥିଲା । ସବୁ ରିପୋର୍ଟ ପଜିଟିଭ ଆସିଛି ।

ଜମିକୁ ମିଳୁନି କେନାଲ ପାଣି, ରାସ୍ତାରେ ବହୁଛି

ମାଣ୍ଡୋସିଲ ବଜାର ରାସ୍ତାରେ କେନାଲ ପାଣି ବହୁଛି ।

ପାଇକମାଳ, ୨।୧୧(ଡି.ଏନ.ଏ)

ନୂଆଖାଇ ଦିନ ଠାରୁ ପାଇକମାଳ ଅଞ୍ଚଳରେ ବର୍ଷା ନ ହେବାରୁ ଅଧିକାଂଶ ଚାଷ ଜମି ଫାଟି ଆଁ କରିଥିବା ବେଳେ ଧାନଗଛ ମରିଗଲାଣି । ସାଇପଲା ଡ୍ୟାମରୁ ମାଣ୍ଡୋସିଲ ରାସ୍ତା ଦେଇ ଆସୁଥିବା ଏକ କେନାଲରେ ଘାଇ ହୋଇ ରାସ୍ତାରେ ପାଣି ସୁଅ ଛୁଟୁଥିଲେ ମଧ୍ୟ ତାହା କାର୍ଯ୍ୟକ୍ଷମ ହୋଇପାରୁନାହିଁ। ଅଥଚ ମାଣ୍ଡୋସିଲ କେନାଲରେ ଘାଇ ହୋଇ ରାସ୍ତାରେ ପାଣି ସୁଅ ଛୁଟୁଥିଲେ ମଧ୍ୟ ଏଥିପ୍ରତି କାହାର ନଜର ନାହିଁ। ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ କେନାଲ ମରାମତି କରିବା ପାଇଁ ସାଧାରଣରେ ଦାବି ହେଉଛି ।

ବରଗଡ଼ରେ ଜଣେ ଦିବ୍ୟାଙ୍ଗ ସେବାରଥର ଶୁଭାରମ୍ଭ କରୁଛନ୍ତି ।

ଫୁଟବଲ ଟୁର୍ନାମେଣ୍ଟ: ଚେରୁପାଲି ଚାମ୍ପିୟନ

ଗଣ୍ଡତୁରୁମ, ୨।୧୧ (ଡି.ଏନ.ଏ)

ଭେଡେନ ବ୍ଲକ ଅନ୍ତର୍ଗତ ଗଣ୍ଡତୁରୁମର ମାଁ ବାଉତି ୟୁନାଇଟେଡ ସ୍ପୋର୍ଟଂ ଆନୁକୂଲ୍ୟରେ ଶୁକ୍ରବାର ଅନୁଷ୍ଠିତ ଏକ ଦିବସୀୟ ଫୁଟବଲ ଟୁର୍ନାମେଣ୍ଟରେ କେଶ୍ରିପାଲିକୁ ହରାଇ ଚେରୁପାଲି ଦଳ ଚାମ୍ପିୟନ ହୋଇଛି । ସେମିଫାଇନାଲ ମ୍ୟାଚ୍‌ରେ ଭେଡେନକୁ ହରାଇ କେଶ୍ରିପାଲି ଦଳ ଏବଂ ଅମସ୍ତଲାକୁ ୨-୦ ଗୋଲରେ ପରାସ୍ତ କରି ଚେରୁପାଲି ଫାଇନାଲକୁ ପ୍ରବେଶ କରିଥିଲେ । କେଶ୍ରିପାଲି ଏବଂ ଚେରୁପାଲି ମଧ୍ୟରେ ଅନୁଷ୍ଠିତ ଫାଇନାଲ ମ୍ୟାଚ ନିର୍ଦ୍ଧାରିତ ସମୟରେ ଅମୀମାଂସିତ ରହିବାରୁ ଟାଇବ୍ରେକର ସହାୟତା ନିଆଯାଇଥିଲା । ଏଥିରେ ଚେରୁପାଲି ଦଳ ୫-୪ ଗୋଲରେ ବିଜୟୀ ହୋଇଥିଲା । ଉଦ୍‌ଯାପନୀ ଉତ୍ସବରେ ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ ମୁଖ୍ୟଅତିଥି, ଜିଲା ପରିଷଦ ସଭ୍ୟ ସୁବାଷ ହୋତା, ବରିଷ୍ଠ ବିଜେଡି କର୍ମୀ ଗୁପ୍ତେଶ୍ୱର ପୁରୋହିତ, ସୁରଥ ସାହୁ, ଲୋକନାଥ ଭୋଇ, ମନବୋଧ ସାହୁ, ନିରଞ୍ଜନ ତ୍ରିପାଠୀ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଉଭୟ ଦଳଙ୍କୁ ପୁରସ୍କୃତ କରିଥିଲେ । ନୀଳରଞ୍ଜନ ପଣ୍ଡା, ଅକ୍ଷୟ ମହାକୁର, କିରଣ ପଧାନ, ତୋଫାନ ଭୋଇ ଖେଳ ପରିଚାଳନା କରିଥିଲେ ।

ସୋହେଲା, ଝାରବନ୍ଧ ବ୍ଲକ ଘେରିଲା ଭାଜପା

ସୋହେଲା/ଝାରବନ୍ଧ, ୨।୧୧(ଡି.ଏନ.ଏ)

ରାଜ୍ୟରେ କ୍ଷମତାସୀନ ବିଜେଡି ସରକାରର ବ୍ୟାପକ ଦୁର୍ନୀତ, ପିସି କାରବାର, ସୋହେଲା ବ୍ଲକକୁ ମରୁଡି ଘୋଷଣା ସହିତ ରଣଛାଡ ଦାବି କରି ଶୁକ୍ରବାର ଭାଜପା ପକ୍ଷରୁ ବ୍ଲକ ଘେରାଉ କରାଯାଇଥିଲା । ଏହି ଅବସରରେ ଭାଜପା କୃଷକ ମୋର୍ଚ୍ଚା ସଭାପତି ଦିବ୍ୟକିଶୋର ଭୋଇଙ୍କ ସଂଯୋଜନାରେ ବ୍ଲକ ସମ୍ମୁଖରେ ଅନୁଷ୍ଠିତ ସଭାରେ ଜିଲା ସଭାପତି ଡ. ଅରୂପାନନ୍ଦ ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ମହମ୍ମଦ ରଫିକ, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଗିରିଜେଶ ଖାଡଙ୍ଗା, ସୌରୀଚରଣ ବାରିକ, ସୁଶାନ୍ତ ମିଶ୍ର, ବାବୁ ନାୟକ, ଉତ୍ତର ନାୟକ ଓ ସୁଶାନ୍ତ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ । ଜିଲା କୃଷକ ମୋର୍ଚ୍ଚା ସଭାପତି ଦିବ୍ୟ କିଶୋର ଭୋଇ ସଭା ସଞ୍ଚାଳନ କରିଥିଲେ । ପର୍ଯ୍ୟବେକ୍ଷକ ଭାବେ ପ୍ରୀତମ ସିଂ ଯୋଗ ଦେଇଥିଲେ । ସୁଶାନ୍ତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

ଝାରବନ୍ଧ, (ଡି.ଏନ.ଏ): ଝାରବନ୍ଧ ବ୍ଲକ ଭାଜପା ତରଫରୁ ଶୁକ୍ରବାର ବିଭିନ୍ନ ଦାବି ନେଇ ବ୍ଲକ ଘେରାଉ କରାଯାଇଛି। ଏହି ଉପଲକ୍ଷେ ବିଧାୟକ ପ୍ରଦୀପ ପୁରୋହିତଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ଝାରବନ୍ଧ ପରିକ୍ରମା କରିଥିଲା । ପରେ ବ୍ଲକ ସମ୍ମୁଖରେ ହରିହର ସାହୁଙ୍କ ସଭାପତିତ୍ୱରେ ଏକ ସଭା ଆୟୋଜନ ହୋଇଥିଲା। ସରକାରୀ କାର୍ଯ୍ୟରେ ଦୁର୍ନୀତି, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନିୟମିତତା ତଥା ପିସି କାରବାର ଉପରେ ନେତାମାନେ ତଥ୍ୟ ଉପସ୍ଥାପନ କରିଥିଲେ। ଏହିକାର୍ଯ୍ୟକ୍ରମରେ ସୁବାଷ ଚୌହାନ, ଗୋବର୍ଦ୍ଧନ ଭୁଏ, ପ୍ରିତେଶ ବହିଦାର, ମୋହନ ପ୍ରସାଦ ନାୟକ, ଲମ୍ବୋଦର ପଣ୍ଡା ପ୍ରମୁଖ ସାମିଲ ହୋଇଥିଲେ । ବିଡିଓ ଟିକେଶ୍ୱର ପଟେଲ, ଅତିରିକ୍ତ ତହସିଲଦାର ପର୍ଶୁରାମ ପଣ୍ଡା, ଜିପିଇଓ ସନ୍ତୋଷ କୁମାର ଭୋଇ, କୃଷି ଅଧିକାରୀ ପ୍ରଣୟ ମନ୍ତ୍ରୀ, ଯୋଗାଣ ଅଧିକାରୀ, ଏସବିଆଇ ଶାଖା ପରିଚାଳକ ଯଶୋବନ୍ତ ବରିହା ପ୍ରମୁଖ ଉପସ୍ଥିତ ରଖି ଦାବି ଉପରେ ଉତ୍ତର ରଖିଥିଲେ । ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ କେତେକ ଦାବିର ସନ୍ତୋଷଜନକ ଉତ୍ତର ନ ମିଳିବାରୁ ବ୍ଲକ ସମ୍ମୁଖରେ ଧାରଣା ଜାରି ରହିଥିଲା ।

ଭାଜପା ନେତା ଓ କର୍ମୀମାନେ ବ୍ଲକ ଘେରାଉ ପାଇଁ ଶୋଭାଯାତ୍ରାରେ ଯାଉଛନ୍ତି ।

ଦିବ୍ୟାଙ୍ଗ କଲେ ସେବାରଥର ଶୁଭାରମ୍ଭ

ବରଗଡ଼ ଅଫିସ୍,୨।୧୧

ବରଗଡ଼ରେ ସେବାରଥର ଶୁଭାରମ୍ଭ କରାଯାଇଛି । ସ୍ଥାନୀୟ ସାମାଜିକ କର୍ମୀ ରାଜକିଶୋର ପାଣିଗ୍ରାହୀଙ୍କ ଉଦ୍ୟମରେ ହୋଇଥିବା ଏହି ଅଭିଯାନରେ ଜଣେ ଦିବ୍ୟାଙ୍ଗ କମଳ ସାହୁ ଅତିଥି ଭାବେ ଯୋଗ ଦେଇଥିଲେ । ସେ ସବୁଜ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ । ସେବାରଥ ଦ୍ୱାରା ଆଖପାଖ ଅଞ୍ଚଳର

ଯେତେବେଳେ ଧର୍ମର ହାନି ହୁଏ, ଅଧର୍ମ ପ୍ରବଳ ହୁଏ, ସେତେବେଳେ ଭଗବାନ ସ୍ୱୟଂ ଶରୀର ଧାରଣ କରି ଧର୍ମରକ୍ଷା ନିମିତ୍ତ ପୃଥିବୀରେ ଜନ୍ମଗ୍ରହଣ କରନ୍ତି।
- ବ୍ୟାସଦେବ

ସଂକ୍ଷେପରେ

ଗାଡ଼ି ଧକ୍କାରେ ୪ ଗୋରୁ ମୃତ

ବୌଦ୍ଧ,୨।୧୧(ସ୍ୱ.ପ୍ର.): ବୌଦ୍ଧ ସହର ମହାନଦୀ ବ୍ରିଜ ନିକଟରେ ଏକ ଗାଡି ଧକ୍କାରେ ୪ଟି ଗୋରୁ ମରି ପଡିଥିବା ବେଳେ ଗୋଟିଏ ଗୁରୁତର ହୋଇଥିବା ଜଣାପଡିଛି। ମିଳିଥିବା ସୂଚନା ମୁତାବକ କିଛି ବୁଲା ଗୋରୁ ମହାନଦୀ ବ୍ରିଜ ନିକଟରେ ଶୋଇଥିବା ବେଳେ ଏକ ଗାଡି ଧକ୍କା ଦେଇ ଫେରାର ହୋଇଯାଇଥିବା ଜଣାପଡିଛି। ଏହି ଘଟଣା ଶୁକ୍ରବାର ଭୋରରେ ଘଟିଥିବା ସ୍ଥାନୀୟ ଲୋକେ କହିଛନ୍ତି। ଅନ୍ୟପକ୍ଷେ ସ୍ଥାନୀୟ ଲୋକେ ଗୁରୁତର ହୋଇଥିବା ଗୋରୁକୁ ଉଦ୍ଧାର କରି ବୌଦ୍ଧ ପ୍ରାଣି ଚିକିତ୍ସାଳୟ ଆଣି ଚିକିତ୍ସା କରାଇଛନ୍ତି। ପୋଲିସ ପ୍ରଶାସନ ଘଟଣାର ତଦନ୍ତ କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି କରିଛନ୍ତି।

ସୁରକ୍ଷିତ ଦୀପାବଳି ପାଳନ ପାଇଁ ବୈଠକ

ବୀରମହାରାଜପୁର, ୨।୧୧ (ଡି.ଏନ.ଏ):
ହସଖୁସିର ପର୍ବ ଦୀପାବଳିକୁ ଏଥର ଅଧିକ ସୁରକ୍ଷିତ ଭାବେ ପାଳନ କରାଯିବ। ଏକ୍ଷେତ୍ରରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶରେ କଡାକଡି ଅନୁପାଳନ କରାଯିବ ବୋଲି ବୀରମହାରାଜପୁର ପୋଲିସ ପକ୍ଷରୁ ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ବୀରମହାରାଜପୁର ଥାନା ପରିସରରେ ଆୟୋଜିତ ବୈଠକରେ ଏସଡିପିଓ ଧିରଜ ଚୌପଦାର ଅଧ୍ୟକ୍ଷତା କରିଥିବା ବେଳେ ଆଇଆଇସି କୁଶ ପାଣିଗ୍ରାହୀ ଓ ଫାୟାର ଷ୍ଟେସନ ଅଫିସର କବି ସେଠ ଉପସ୍ଥିତ ଥିଲେ। ଏଥିରେ ବାଣ ବ୍ୟବସାୟୀ, ପୋଲିସ ଷ୍ଟାଫ ଏବଂ ଗଣମାଧ୍ୟମ ପ୍ରତିନିଧିଙ୍କ ସହ ବୁଦ୍ଧିଜୀବୀ ଯୋଗଦେଇ ମତ ରଖିଥିଲେ। ସୁପ୍ରିମକୋର୍ଟଙ୍କ ଗାଇଡଲାଇନ ଆଧାରରେ ଜିଲା ଆରକ୍ଷୀ ଅଧିକ୍ଷକଙ୍କ ନିର୍ଦ୍ଦେଶକ୍ରମେ ଆହୁତି ବୈଠକରେ ଏ ସଂକ୍ରାନ୍ତୀୟ ନୀତିନିୟମ ସମ୍ପର୍କିତ ସୂଚନା ପ୍ରଦାନ କରାଯାଇଥିଲା। ଆଲୋଚନା ଶେଷରେ ଗୃହୀତ ନିର୍ଦ୍ଧାରଣ ଅନୁଯାୟୀ ଏଥର ଦୀପାବଳୀ ରାତି ୮ ଟାଠାରୁ ୧୦ଟା ମଧ୍ୟରେ ବାଣ ଫୁଟାଇବା ପ୍ରକ୍ରିୟାକୁ ସୀମିତ ରଖାଯିବ। କେହିବି ଉଚ୍ଚ ଶବ୍ଦକାରୀ ଓ ପ୍ରଦୂଷଣ ଯୁକ୍ତ ବାଣ ବ୍ୟବହାର କରି ପାରିବେ ନାହିଁ। ସେହିପରି ପ୍ରଶାସନ ଦ୍ୱାରା ସ୍ଥିରୀକୃତ ନିର୍ଦ୍ଦିଷ୍ଟ ସ୍ଥାନରେ ଅସ୍ଥାୟୀ ବାଣ ଦୋକାନ ଖୋଲାଯିବ ଏବଂ ସଂପୃକ୍ତ ଷ୍ଟଲ ଅଗ୍ନି ନିରୋଧକ ନିୟମାବଳୀ ମଧ୍ୟରେ ବିକ୍ରିବଟା କରିପାରିବେ ବିଶେଷତଃ ଫୁଲଝରି ବାଣ ବ୍ୟବହାର ଉପରେ ସମସ୍ତ ଗୁରୁତ୍ୱ ଦେବାକୁ ଅନୁରୋଧ କରାଯାଇଛି। ଏ ସମ୍ପର୍କରେ ସଚେତନତା ସୃଷ୍ଟି ସହ ସତର୍କ ସୂଚନା ଦେବା ପାଇଁ ପୋଲିସ ପକ୍ଷରୁ ଡାକବାଜି ଯନ୍ତ୍ର ସାହାଯ୍ୟରେ ଘୋଷଣା କରାଯିବାକୁ ମଧ୍ୟ ବୈଠକରେ ସ୍ଥିରୀକୃତ ହୋଇଥିଲା।

ଆଜି କ'ଣ କେଉଁଠି
ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

ବରିଷ୍ଠ ନାଗରିକ ସମାଜର ମାର୍ଗଦର୍ଶକ

ସୋନପୁର,୨।୧୧(ନି.ପ୍ର.)

ବରିଷ୍ଠ ନାଗରିକ ସଚେତନତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

ବରିଷ୍ଠମାନେ ପୂଜ୍ୟ। ସେମାନଙ୍କ ପରାମର୍ଶକୁ ମାନି ଚଳିଲେ କାର୍ଯ୍ୟରେ ବାଧା ବିଘ୍ନ ସହଜରେ ଆସେନି। ବରିଷ୍ଠ ନାଗରିକ ସମାଜର ମାର୍ଗଦର୍ଶକ ବୋଲି ସୋନପୁର ଟାଉନ ହଲଠାରେ ଜିଲାସ୍ତରୀୟ ବରିଷ୍ଠ ନାଗରିକ ସଚେତନତା କାର୍ଯ୍ୟକ୍ରମ ଓ ସ୍ୱାସ୍ଥ୍ୟ ଶିବିରରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଜିଲାପାଳ ମଧୁସୂଦନ ମିଶ୍ର ଏହି ମତବ୍ୟକ୍ତ କରିଛନ୍ତି। ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ବିଜୟଲକ୍ଷ୍ମୀ ଗୁରୁ ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ବରିଷ୍ଠଙ୍କୁ ସମ୍ମାନ ପ୍ରଦର୍ଶନ ଉପରେ ଗୁରୁତ୍ୱାରୋପ କରିଥିଲେ। ଡାକ୍ତର ପ୍ରଦୀପ ଗୁରୁ ଓ ଏନଏଚଏମ ଡିପିଏମ ମୌସୁମୀ ମିଶ୍ର ଅନ୍ୟତମ ସମ୍ମାନିତ ଅତିଥିଭାବେ ଯୋଗଦେଇ ବରିଷ୍ଠ ନାଗରିକଙ୍କ ମାନସିକ ଓ ଶାରୀରିକ ସୁସ୍ଥତା କାମନା କରିଥିଲେ। ବିଦ୍ୟାପତି ପଣ୍ଡା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲା ବେଳେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁନିଲ କୁମାର ଦାଶ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଜିଲାର ୬ଟି ବ୍ଲକରୁ ଶତାଧିକ ବୃଦ୍ଧା ଓ ବୃଦ୍ଧ ଅଂଶଗ୍ରହଣ କରିଥିଲେ। ଶିବିରରେ ୨୫୪ ଜଣ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ପଞ୍ଜୀକୃତ ହୋଇଥିଲେ। ୧୭୯ ଜଣଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ମାଗଣାରେ ଔଷଧ ପ୍ରଦାନ କରାଯାଇଥିଲା। ଜିଲା ସ୍ୱାସ୍ଥ୍ୟ ବିଭାଗ ସମସ୍ତ ପ୍ରକାର ସହଯୋଗ ଦେଇଥିଲା। ଅପରାହ୍ନରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ଜିଲାପାଳ ମିଶ୍ର ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଡାକ୍ତର ଗୁରୁ, ଜିଲା ଆଇନ ସେବା ପ୍ରାଧିକରଣର ସଚିବ ସୁନିତା ପଟ୍ଟନାୟକ, ଓଏଲଏମର ଆର୍ଥିକ ପରାମର୍ଶଦାତା ସୋମନାଥ ପୁରୋହିତ, ଡିଏସପି ମନୋରଞ୍ଜନ ପ୍ରଧାନ, ଜିଲା ବରିଷ୍ଠ ନାଗରିକ କମିଟିର ସଭ୍ୟା ସୌଭାଗିନୀ ସିଂହଦେଓ ଓ ରେଣୁକା ଓଡା ଯୋଗଦାନ କରିଥିଲେ। ବରିଷ୍ଠ ନାଗରିକଙ୍କ ପୋଲିସ ନିରାପତ୍ତା, ବରିଷ୍ଠ ନାଗରିକ ଆଇନ ୨୦୦୭, ନିୟମ ୨୦୦୯ ଓ ବରିଷ୍ଠ ନାଗରିକ ନୀତି ୨୦୧୬ ସମ୍ପର୍କରେ ବିଶଦ ଆଲୋଚନା କରିଥିଲେ। ବରିଷ୍ଠ ନାଗରିକଙ୍କ ପାଇଁ କଣ କରାଯିବା ଉଚିତ ଓ ଅନୁଚିତ ସେ ସମ୍ପର୍କରେ ଡିଏସପି ପ୍ରଧାନ ବୁଝାଇଥିଲେ। ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ସହଯୋଗରେ ଜିଲା ପ୍ରଶାସନ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

ଆମ୍ବଗାଁ ସାପ୍ତାହିକ ସତସଙ୍ଗ ଉଦ୍‌ଯାପିତ

ଘଣ୍ଟାପଡା,୨।୧୧(ଡି.ଏନ୍.ଏ.)

କଣ୍ଟାମାଳ ବ୍ଲକ ଆମ୍ବଗାଁ ଶିବ ମନ୍ଦିର ପ୍ରାଙ୍ଗଣରେ ସପ୍ତାହ ଧରି ଚଳିଥିବା ସତସଙ୍ଗ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ବରଗଡ ଜିଲା ଦେବଦର୍ଶୀ ସ୍ୱଧର୍ମ ଚେତନା ଆଶ୍ରମର ବାବା ଅନନ୍ତ ଚରଣ ମହାରାଜ ପ୍ରବଚକ ଭାବେ ଯୋଗଦେଇ ଶ୍ରୀହରି କଥା ପ୍ରବଚନ ଦେଇଥିଲେ। ଏପରି କି ମଣିଷ ଜୀବନର ଅତ୍ୟାବଶ୍ୟକ ପଞ୍ଚଯଜ୍ଞର ସାରମର୍ମ ବିଷୟରେ ଶ୍ରୋତାମାନଙ୍କୁ ଦିବ୍ୟ ପ୍ରେରଣା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁ ଯୋଗଦେଇ ଶ୍ରୀହରି କଥାମୃତ ଶ୍ରବଣ କରିଥିଲେ। ଫଳରେ ଗାଁରେ ଏକ ଆଧ୍ୟତ୍ମିକ ବାତାବରଣ ସୃଷ୍ଟି ହୋଇଥିଲା। କାର୍ଯ୍ୟକ୍ରମକୁ ସଫଳ କରିବାରେ ଆମ୍ବଗାଁ ସଂକ୍ରାନ୍ତି କମିଟି ସଦସ୍ୟ ତଥା ଗ୍ରାମବାସୀ ସହଯୋଗ କରିଥିଲେ।

ଜିଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି

ଲୁକ୍କାୟିତ ପ୍ରତିଭାର ବିକାଶ

ବୌଦ୍ଧ,୨।୧୧(ସ୍ୱ.ପ୍ର.)

ବୌଦ୍ଧ ଜିଲା ସର୍ବଶିକ୍ଷା ଅଭିଯାନ ପକ୍ଷରୁଶୁକ୍ରବାର ଟାଉନ୍‌ହଲଠାରେ ଜିଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି। ମହୋତ୍ସବ ପୂର୍ବାହ୍ନ ୧୦ଟାରୁ ଆରମ୍ଭ ହୋଇ ଅପରାହ୍ନ ୩ଟାରେ ଉଦ୍‌ଯାପିତ ହୋଇଥିଲା। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ତଥା ଜିଲା ସର୍ବଶିକ୍ଷା ଅଭିଯାନ ପ୍ରକଳ୍ପ ସଂଯୋଜକ ରାଜେନ୍ଦ୍ର କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବାଚସ୍ପତି ପ୍ରଦୀପ କୁମାର ଅମାତ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଜିଲାପରିଷଦ ଅଧ୍ୟକ୍ଷା ଜ୍ୟୋସ୍ନା ଭୋଇ, ଜିଲା ଶିକ୍ଷା ଅଧିକାରୀ କରୁଣାକର ଭୁଏ, ହରଭଙ୍ଗା ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ସନାତନ ଗାହାଣ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଖଲିଆ ବଗିଚା ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ଦେଶାତ୍ମବୋଧକ ସଂଗୀତ ପରିବେଷଣ କରିଥିଲେ। ବୌଦ୍ଧ ବ୍ଲକ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କମଳାକାନ୍ତ ଦଳବେହେରା ସୁରଭି ମହୋତ୍ସବ ସରକାରଙ୍କ ଏକ ବଡ ପଦକ୍ଷେପ ବୋଲି କହିଥିଲେ। ଏପରି କି ଶିଶୁ ମହୋତ୍ସବ ସୁରଭି ମାଧ୍ୟମରେ ଛାତ୍ରୀଛାତ୍ରମାନଙ୍କ ସାମଗ୍ରିକ ବିକାଶର ମୂଲ୍ୟାଙ୍କନ ହୋଇପାରୁଥିବା କହିଥିଲେ। ଅତିଥିମାନେ ମହୋତ୍ସବ ସୁରଭି ଦ୍ୱାରା ଛାତ୍ରୀଛାତ୍ର ତାଙ୍କ ଲୁକ୍କାୟିତ ପ୍ରତିଭା ପରିଦର୍ଶନ କରିପାରୁଥିବା କହିଥିଲେ। ଏଥିରେ ଜିଲାର ବିଭିନ୍ନ କ୍ଲଷ୍ଟର ତଥା ବ୍ଲକସ୍ତରରେ କୃତକାର୍ଯ୍ୟ ହୋଇଥିବା ୩୦୦ କୃତୀ ପ୍ରତିଯୋଗୀ ବକ୍ତୃତା, ସଙ୍ଗୀତ, ଦଳଗତ ନୃତ୍ୟ, ସୃଜନଶୀଳ ଲିଖନ, କୁଇଜ୍, ଚିତ୍ରାଙ୍କନ ଆଦି ପ୍ରତିଯୋଗିତାରେ ଭାଗ ନେଇଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ମାନପତ୍ର ସହ ପୁରସ୍କାର ପ୍ରଦାନ କରାଯାଇଥିଲା। ଜିଲାସ୍ତରରେ ପ୍ରଥମ ସ୍ଥାନ ହାସଲ କରିଥିବା ପ୍ରତିଯୋଗୀମାନେ ଆସନ୍ତା ୧୪ତାରିଖରେ ହେବାକୁ ଥିବା ରାଜ୍ୟସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଭାଗନେବାକୁ ମନୋନୀତ ହୋଇଛନ୍ତି। ଶିକ୍ଷକ ବସନ୍ତ କୁମାର ସାହ ମଞ୍ଚ ପରିଚାଳନା କରିଥିବା ବେଳେ ସଂଯୋଜକ ହରିଶଙ୍କର ଦଣ୍ଡସେନାଙ୍କ ସମେତ ସର୍ବଶିକ୍ଷା ଅଭିଯାନର କର୍ମଚାରୀ ଏବଂ ଶିକ୍ଷକମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ଜିଲାର ଶିକ୍ଷକ, ଶିକ୍ଷୟିତ୍ରୀ, ଅଭିଭାବକ ଯୋଗ ଦେଇଥିଲେ।

ଶିଶୁ ମହୋତ୍ସବ ସୁରଭି ଅବସରରେ ମଞ୍ଚାସୀନ ଅତିଥି।

ଭାଜପା ପକ୍ଷରୁ ସୋନପୁର ବ୍ଲକ ଘେରାଉ

ସୋନପୁର,୨।୧୧(ନି.ପ୍ର.)

ଭାରତୀୟ ଜନତା ପାର୍ଟି ସୁବର୍ଣ୍ଣପୁର ଜିଲା ଶାଖା ପକ୍ଷରୁ ଶୁକ୍ରବାର ସୋନପୁର ବ୍ଲକ ଘେରାଉ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଜେଡି ଶାସନରେ ପିସି, ଦୁର୍ନୀତି, ଭ୍ରଷ୍ଟାଚାର ଓ ପ୍ରିୟାପ୍ରୀତି ତୋଷଣ ବିରୋଧରେ ଭାଜପା ପକ୍ଷରୁ ଏହି ଆନ୍ଦୋଳନ ହୋଇଥିଲା। ଦଳୀୟ ନେତୃବୃନ୍ଦ ଓ କର୍ମକର୍ତ୍ତାମାନେ ସ୍ଥାନୀୟ ରୟାଲ ପଡିଆଠାରୁ ଏକ ଶୋଭାଯାତ୍ରାରେ ଆସି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ସରକାରୀ ବିରୋଧି ନାରା ଦେଇଥିଲେ। ସେଠାରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଜିଲା ସଭାପତି ବିଜୟ ମହାକୁର ଅଧ୍ୟକ୍ଷତା କରିଥିଲେ। ବରିଷ୍ଠ ନେତା ପ୍ରମୋଦ ମହାପାତ୍ର, ଅଶୋକ ପୂଜାରୀ, ବଳଦେବ ପ୍ରସାଦ ବେଦ୍‌ବାକ, ପ୍ରାକ୍ତନ ବିଧାୟକ ଅଚ୍ୟୁତ ବିଶ୍ୱାଳ ପ୍ରମୁଖ ବକ୍ତବ୍ୟରେ ୧୯ ବର୍ଷ ଧରି ବିଜେଡି ସରକାର ଚିଟ୍‌ଫଣ୍ଡ, ଖଣି, ଡାଲି, ସାର, ବିହନ, ଚାରା, ବାଲିଘାଟ, ଓମଫେଡ, ଧାନକିଣା, ଆଳୁମିଶନ, ସମବାୟ, ଜଳସେଚନ ଓ ଅଙ୍ଗନୱାଡି ଛୁଆ ଦୁର୍ନୀତି ସମ୍ପର୍କରେ ଅଭିଯୋଗ କରିଥିଲେ। ଡାକ୍ତରଖାନାରେ ଡାକ୍ତର ଅଭାବ, ବିଦ୍ୟାଳୟରେ ଶିକ୍ଷକ ଅଭାବ, ଜଳସେଚନ ସମସ୍ୟା, ଅଙ୍ଗ କେନାଲ ସମ୍ପ୍ରସାରଣ କାର୍ଯ୍ୟ ସମ୍ପୂର୍ଣ୍ଣ ନ ହେବା ସମ୍ପର୍କରେ ସରକାରଙ୍କୁ ଦାୟୀ କରିଥିଲେ। ଜିଲା ପରିଷଦ ସଭ୍ୟ ଜୟନାରାୟଣ ନେଗୀ, ପୂର୍ଣ୍ଣଚନ୍ଦ୍ର ବିଶି, କୃଷକ ମୋର୍ଚ୍ଚା ଜିଲା ସଭାପତି କରମଚାନ୍ଦ ମହାନ୍ତି, ଅଶୋକ ପୃଷ୍ଟି, ରାମଶଙ୍କର ଭୋଇ, ଶିବରାମ ମିଶ୍ର, ନିରଞ୍ଜନ ତ୍ରିପାଠୀ, ଶ୍ରଦ୍ଧାଞ୍ଜଳୀ ମିଶ୍ର, ସୁରେଶ ମିଶ୍ର, କୃଷ୍ଣଚନ୍ଦ୍ର ମିଶ୍ର , ଗଣେଷ ସାହୁ, ଶ୍ୟାମସୁନ୍ଦର ଶତପଥୀ, ବୀଣା ବାଗ, ଜ୍ୟୋତି ତ୍ରିପାଠୀ, ସୁନାସିରା ତରିଆ ଓ ରମାକାନ୍ତ ପୂଜାରୀ ପ୍ରମୁଖ ଆନ୍ଦୋଳନରେ ନେତୃତ୍ୱ ନେଇଥିଲେ । ଏ ସମ୍ପର୍କରେ ବିଭିନ୍ନ ଦାବି ନେଇ ଏକ ସ୍ମାରକପତ୍ର ରାଜ୍ୟପାଳ ଗଣେଷି ଲାଲଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ପ୍ରଦାନ କରା ଯାଇଥିଲା ।

ଭାଜପା ପକ୍ଷରୁ ସୋନପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟ ଘେରାଉ କରାଯାଉଛି ।

ମୋମୋ ଖେଳରୁ ଦୂରେଇ ରହିବାକୁ ପରାମର୍ଶ

ବୀରମହାରାଜପୁର, ୨।୧୧ (ଡି.ଏନ୍.ଏ.)

ବୀରମହାରାଜପୁର ଜୁନିୟର ମହିଳା ଜାତୀୟ ସେବା ସଂସ୍ଥା ତରଫରୁ ମୋମୋ ଖେଳ ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଶୁକ୍ରବାର କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ମରାତ୍ମକ ଖେଳପ୍ରତି ସତର୍କ ରହିବା ପାଇଁ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆୟୋଜିତ ସଚେତନତା ସଭାରେ ଅଧ୍ୟକ୍ଷ ଅନୀଲ କୁମାର ଦାନି ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ଅଧ୍ୟାପକ ଆଶୁତୋଶ ହୋତା। ସଭାରେ ସୁବର୍ଣ୍ଣପୁର ଜିଲା ଉଚ୍ଚଶିକ୍ଷା ପରାମର୍ଶଦାତା ଡ. ପ୍ରଫୁଲ୍ଲ କୁମାର ରଥ ମୁଖ୍ୟଅତିଥିଭାବେ ଯୋଗଦେଇ ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଉଥିବା ମୋମୋ ଖେଳଠାରୁ ଯୁବପିଢି ଦୂରେଇ ରହିବାକୁ ପରାମର୍ଶ ଦେଇଥିଲେ। ଛାତ୍ରୀ ପ୍ରିୟଙ୍କା ସିଂ ଏହି ପ୍ରସଙ୍ଗରେ ନିଜର ମତାମତ ପ୍ରକାଶ କରିଥିଲେ। ଶେଷରେ ଅଧ୍ୟାପିକା ଗୀତାଞ୍ଜଳି ପଧାନ ଧନ୍ୟବାଦ ଅର୍ପଣ ଅର୍ପଣ କରିଥିଲେ। ଉକ୍ତ ସଚେତନତା କାର୍ଯ୍ୟକ୍ରମରେ କଲେଜର ସମସ୍ତ ଛାତ୍ରୀମାନଙ୍କ ସହ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀ ବୃନ୍ଦ ଉପସ୍ଥିତ ଥିଲେ।

ଦ୍ୱିତୀୟ ଗଡଜାତ ଲୋକ ମହୋତ୍ସବ ପ୍ରସ୍ତୁତି ବୈଠକ

ଡିସେମ୍ବର ୧୫ରୁ ମହୋତ୍ସବ ଆରମ୍ଭ

ବୌଦ୍ଧ,୨।୧୧(ସ୍ୱ.ପ୍ର.)

ହରଭଙ୍ଗା ବ୍ଲକ ବୀରନରସିଂହପୁରଠାରେ ଗଡଜାତ ମହୋତ୍ସବ ପରିଷଦ ପକ୍ଷରୁ ହେବାକୁ ଥିବା ଦ୍ୱିତୀୟ ଗଡଜାତ ଲୋକ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ ଶୁକ୍ରବାର ବନବିଭାଗ ଡାକବଙ୍ଗଳାଠାରେ ଅନୁଷ୍ଠିତ ହୋଇଯାଇଛି। ବୀରନରସିଂହପୁର ସରପଞ୍ଚ ସୁବର୍ଣ୍ଣ ମଲିକଙ୍କ ଅଧ୍ୟକ୍ଷତାରେ ପ୍ରଥମ ବୈଠକ ହୋଇଥିଲା। ବୈଠକରେ ସର୍ବସ୍ମତିକ୍ରମେ ମହୋତ୍ସବ ଆସନ୍ତା ଡିସେମ୍ବର ୧୫ ତାରିଖରୁ ଆରମ୍ଭ ହୋଇ ୧୯ତାରିଖରେ ଶେଷ ହେବାକୁ ସ୍ଥିର ହୋଇଛି। ମହୋତ୍ସବ ସମୟରେ ୫ ଦିନ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହେବା ସହ ରାଜ୍ୟସ୍ତରୀୟ ସାଂସ୍କୃତିକ ଦଳ, ଜିଲାସ୍ତରୀୟ ସାଂସ୍କୃତିକ ଦଳ, ପୂର୍ବାଞ୍ଚଳ ସାଂସ୍କୃତିକ କେନ୍ଦ୍ର ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବାର କାର୍ଯ୍ୟକ୍ରମ ରହିଛି। ଏପରି କି ୧୦୦ରୁ ଊର୍ଦ୍ଧ୍ୱ ପ୍ରଦର୍ଶନୀ ମଣ୍ଡପ ଖୋଲାଯିବା ସହ ପ୍ରଦର୍ଶନୀ ମଣ୍ଡପ ମାଧ୍ୟମରେ ସ୍ଥାନୀୟ ଉତ୍ପାଦିତ ଦ୍ରବ୍ୟର ପ୍ରଦର୍ଶନ ଓ ବିକ୍ରୟ କରିବାକୁ ବୈଠକରେ ସ୍ଥିର କରାଯାଇଛି। ଏଥିରେ ହରଭଙ୍ଗା ବ୍ଲକ ଅଧ୍ୟକ୍ଷ ବିଶ୍ୱଜିତ ମିଶ୍ର, ନରେନ୍ଦ୍ର ସାହୁ, ଦେବାଶିଷ ମହାକୁଳ, ବସନ୍ତ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ଗାଇଗୋରିଆ, ଜୟକୁମାର ମିଶ୍ର, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ପୁରନ୍ଦର ଠେଲାଙ୍କ ସମେତ ବହୁ ସ୍ଥାନୀୟ ଜନସାଧାରଣ ଯୋଗ ଦେଇଥିଲେ। ପ୍ରକାଶ ଥାଉକି ଏହିମହୋତ୍ସବ ୨୦୧୭ରେ ଆରମ୍ଭ ହୋଇଥିଲା।

ଭାଜପାର ୧୦ଦଫା ଦାବିପତ୍ର ପ୍ରଦାନ

ସିଂଘିଯୁବା, ୨।୧୧(ଡି.ଏନ.ଏ.)

ରାଜ୍ୟର ବିଜେଡି ସରକାର ନାନା ଦୁର୍ନୀତିରେ ବୁଡି ରହିଛି। କୃଷି ଓ କୃଷକର ସ୍ୱାର୍ଥ ଭୁଲୁଣ୍ଠିତ ହୋଇଛି। କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ପ୍ରଣୟନରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି। ଏହି ସବୁ ଅଭିଯୋଗ କରି ଗୁରୁବାର ବିନିକା ଭାଜପା ତରଫରୁ ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଜିଲା ଭାଜପା ସଭାପତି ବିଜୟ ମହାକୁର, ନଗର ସଭାପତି ପୂର୍ଣଚନ୍ଦ୍ର ବହିଦାର, ରାଜକିଶୋର ପଟ୍ଟନାୟକ, ଜିଲା ପରିଷଦ ସଭ୍ୟ ସୁଶାନ୍ତ ପଣ୍ଡା ଓ ରୋହିଣୀ ଡାଙ୍ଗ, ତରଦେଇ ମଣ୍ଡଳର ସଭାପତି ତ୍ରିଲୋଚନ ବିଶି, ଉପସଭାପତି ବିଶ୍ୱଦେବ ବଡପଣ୍ଡା, ଅଶୋକ ପୂଜାରୀ, ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ଗାୟତ୍ରୀ ପାଣିଗ୍ରାହୀ, ଜିଲା ପରିଷଦ ଅଧ୍ୟକ୍ଷା ଉଷା କୁମାରୀ, ଅଶୋକ ପୃଷ

ସଂକ୍ଷେପରେ

ଚିକ୍ରାପଡା, ଝିଙ୍କିଡୁଙ୍ଗୁରି, ଯୁରାବନ୍ଧ ପଞ୍ଚାୟତକୁ ମରୁଡି ଘୋଷଣା ଦାବି

ଚିକ୍ରାପଡା, ୨।୧୧(ଡି.ଏନ.ଏ.): ବଲାଙ୍ଗୀର ଜିଲା ସଇଁନ୍ତଲା ବ୍ଲକ ଚିକ୍ରାପଡା, ଝିଙ୍କିଡୁଙ୍ଗୁରି, ଯୁରାବନ୍ଧ ପଞ୍ଚାୟତ ଅଞ୍ଚଳକୁ ମରୁଡି ଘୋଷଣା କରାଯିବାକୁ ଚାଷୀ ମହଲରେ ଦାବି ହେଉଛି । ଉକ୍ତ ଅଞ୍ଚଳରେ ଗତ ଦୁଇ ମାସ ହେବ ବର୍ଷା ହୋଇନାହିଁ । ଜମିମାନଙ୍କର ମାଟିସବୁ ଫାଟି ଆଁ କଲାଣି। ଜଳର ଉତ୍ସସବୁ ଶୁଖିଯାଇଛି । ଏହି ଅଞ୍ଚଳ ଅଣ ଜଳସେଚିତ ରହିଛି । ଧାନ, କପା ସମେତ ଅନ୍ୟାନ୍ୟ ଫସଲ ନଷ୍ଟ ହୋଇଯାଇଛି। ଫଳରେ ଚାଷୀ ମହଲରେ ନିରାଶା ପ୍ରକାଶ ପାଇଛି । ଉକ୍ତ ପଞ୍ଚାୟତ ଅଞ୍ଚଳକୁ ମରୁଡି ଘୋଷଣା କରାଯିବାକୁ ସାଧାରଣରେ ଦାବି ହେଉଛି ।

ନିର୍ମାଣ ଶ୍ରମିକଙ୍କୁ ସାଇକେଲ ବଣ୍ଟନ

ବଙ୍ଗୋମୁଣ୍ଡା, ୨।୧୧(ଡି.ଏନ.ଏ.): ବଙ୍ଗୋମୁଣ୍ଡା ଖେଳପଡିଆରେ ଓଡିଶା କୋଠାବାଡି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଓଡିଶାଙ୍କ ତରଫରୁ ସହାୟତା ବଣ୍ଟନ ମେଳା ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥିଭାବେ କଣ୍ଟାବାଞ୍ଜି ବିଧାୟକ ଆୟୁବ ଖାଁ, ସମ୍ମାନୀତ ଅତିଥି ବଙ୍ଗୋମୁଣ୍ଡା ବ୍ଲକ ଅଧକ୍ଷ ରଞ୍ଜୁବାଲା ବେହେରା, ଲେବର ଇନ୍ସପେକ୍ଟର ଦେବପ୍ରସାଦ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ମୁଖ୍ୟ ଅତିଥି ଖାଁ ନିର୍ମାଣ ଶ୍ରମିକଙ୍କୁ ସାଇକେଲ ବଣ୍ଟନ କରିଥିଲେ। ମେଳାରେ ବଙ୍ଗୋମୁଣ୍ଡା, ମୁରିବାହାଲ, ଟୁରେକେଲା, ସଇଁନ୍ତଲା ଓ ଟିଟିଲାଗଡ ବ୍ଲକର ନିର୍ମାଣ ଶ୍ରମିକମାନେ ଉପସ୍ଥିତ ଥିଲେ । ୪୧ଜଣଙ୍କୁ ସାଇକେଲ ବଣ୍ଟନ ଓ ୫୦୦ ଜଣଙ୍କୁ ଟୋକନ ପ୍ରଦାନ କରାଯାଇଥିଲା। ଏହି ଟୋକନ ଜରିଆରେ ସାଇକେଲ ନିର୍ଦ୍ଧାରିତ ଶୋରୁମ୍‌ରୁ ନେବା ପାଇଁ ଶ୍ରମିକଙ୍କୁ ସୂଚନା ଦିଆଯାଇଥିଲା ।

ଋତୁକାଳୀନ ଛାତ୍ରାବାସ ଆରମ୍ଭ

ବଙ୍ଗୋମୁଣ୍ଡା, ୨।୧୧(ଡି.ଏନ.ଏ.): ବଙ୍ଗୋମୁଣ୍ଡା ଗୋଷ୍ଠୀ ଶିକ୍ଷା ଅନ୍ତର୍ଗତ ଡୁମେରପଡା ପ୍ରାଥମିକ ବିଦ୍ୟାଳୟରେ ଋତୁକାଳୀନ ଆବାସ କେନ୍ଦ୍ରର ଶୁଭାରମ୍ଭ ହୋଇଛି । ସିଆର୍‌ସିସି ସଞ୍ଜୟ ପ୍ରଧାନୀଙ୍କ ସଭାପତିତ୍ୱରେ ହୋଇଥିବା ବେଳେ ମୁଖ୍ୟ ଅତିଥିଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ହେମସାଗର ଭୋଇ, ସମ୍ମାନୀତ ଅତିଥିଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜୟନ୍ତ ପ୍ରଧାନ, ପ୍ରଧାନଶିକ୍ଷକ କୃଷ୍ଣଚନ୍ଦ୍ର ଜେନା, ଶିକ୍ଷକ ଯୁଧିଷ୍ଠିର ବିହାରୀ, ଏସ୍‌ଏମ୍‌ସି ଚେୟାର ପର୍ସନ ବୁଟୁଲୁ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ । ସଭ୍ୟ ଭାସ୍କର ମାଝୀ, ଭୁଲେ ହଂସ, ୱାର୍ଡ ସଭ୍ୟ ବୈଦେହି ହଂସ ଓ ସତ୍ୟଭାମା ବାଗ ପ୍ରମୁଖ ଉପସ୍ଥିତ ଥିଲେ । ଛାତ୍ରୀଛାତ୍ରଙ୍କୁ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭୋଇ ଶୃଙ୍ଖଳିତ ଜୀବନ ଜାପନ ସହିତ ଉତ୍ତମ ଶିକ୍ଷା ଗ୍ରହଣ କରି ଜୀବନରେ ସଫଳ ହେବାର ବାର୍ତ୍ତା ଦେଇଥିଲେ ।

ଜିଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ

ଅଧିକାର ପ୍ରତି ସଚେତନ ହେଲେ ଦୁର୍ନୀତି ହଟିବ

ବଲାଙ୍ଗୀର ଅଫିସ, ୨।୧୧

ବଲାଙ୍ଗୀର ଜିଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଶୁକ୍ରବାର ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା । ଅନୁଷ୍ଠିତ କର୍ମଶାଳାରେ ଦୁର୍ନୀତି ଦୂରୀକରଣ–ନବଭାରତ ନିର୍ମାଣ ପ୍ରସଙ୍ଗରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଏହି ଆଲୋଚନାଚକ୍ରରେ ଅତିରିକ୍ତ ଜିଲାପାଳ ଲକ୍ଷ୍ମୀକାନ୍ତ ପ୍ୟାରେଲାଲ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ । ସମ୍ମାନିତ ଅତିଥି ଭାବେ ଉପଜିଲାପାଳ ଭୈରବ ସିଂ ପଟେଲ, ଡିଏସପି ପୁରୁଷୋତ୍ତମ ସେଠୀ, ପ୍ରଶାନ୍ତ ପଟ୍ଟନାୟକ ଯୋଗଦାନ କରିଥିଲେ । ସଭା ପ୍ରାରମ୍ଭରେ ଭିଜିଲାନ୍ସ ଡିଏସ୍‌ପି କାଦମ୍ବିନୀ ସାମଲ ବଲାଙ୍ଗୀର ଦୁର୍ନୀତି ନିବାରଣ ବିଭାଗର କାର୍ଯ୍ୟାବଳୀ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ମୁଖ୍ୟଅତିଥି ଏଡିଏମ୍ ପ୍ରଧାନ ଜନସାଧାରଣ ନିଜର ଦାୟିତ୍ୱ, କର୍ତ୍ତବ୍ୟ ଓ ଅଧିକାର ପ୍ରତି ସଚେତନ ହେଲେ ସମାଜରୁ ଦୁର୍ନୀତି ରୋକାଯାଇପାରିବ ବୋଲି ସେ କହିଥିଲେ । ଉପଜିଲାପାଳ ପଟେଲ ତାଙ୍କ ବକ୍ତବ୍ୟରେ ଦୁର୍ନୀତି ରୋକିବାକୁ ହେଲେ ବ୍ୟାପକ ଜନସଚେତନତା ଲୋଡା ବୋଲି କହିଥିଲେ । ଡିଏସ୍‌ପି ସେଠୀ ତାଙ୍କ ବକ୍ତବ୍ୟରେ ଦୁର୍ନୀତି ଓ ଦୁର୍ନୀତି ନିବାରଣର ପାର୍ଥକ୍ୟ ବୁଝାଇ ପରିବାରସ୍ତରରୁ ସଚେତନତା ଆରମ୍ଭ ହେଲେ ଆମେ ସଫଳ ହୋଇପାରିବ ବୋଲି କହିଥିଲେ । ଡିଏସପି ପଟ୍ଟନାୟକ ତାଙ୍କ ଅଭିଭାଷଣରେ ଛାତ୍ର ଜୀବନରୁ ନୈତିକତା ଓ ମୂଲ୍ୟବୋଧଭିତ୍ତିକ ଶିକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ନାଗରିକ କମିଟି ସଭାପତି ଭବାନୀ ଶଙ୍କର ଶତପଥୀ, ସାଧାରଣ ସମ୍ପାଦକ ବିଷ୍ଣୁପ୍ରସାଦ କେଡିଆ, ସ୍ୱେଶାଲ ପବ୍ଲିକ୍ ପ୍ରସିକ୍ୟୁଟର ଜୟରାମ ମିଶ୍ର, ସମାଜ କର୍ମୀ ସରସ୍ୱତୀ ନନ୍ଦ, ସିନିଅର ସିଟିଜନ୍ ଫୋରମ୍ ସଭାପତି ନାରାୟଣ ପାଢ଼ୀ, ଉପସଭାପତି ପ୍ରଫୁଲ୍ଲ କୁମାର ସାହୁ, ଆଇନଜୀବୀ ଶୁଭ୍ରାଂଶ ଶେଖର ପଣ୍ଡା, ସିଭିଲ ସୋସାଇଟି ସଭାପତି ନୀଳମଣି ମିଶ୍ର, ବୀରେନ୍ଦ୍ର କୁମାର ଝାଙ୍କର ବକ୍ତବ୍ୟ ରଖିଥିଲେ । ଦୁର୍ନୀତି ରୋକାଯାଇପାରିଲେ ଆମର ବିକାଶ ଆହୁରି କ୍ଷୀପ୍ରତର ହେବ ଓ ସମାଜ ସୁସ୍ଥ ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ହୋଇପାରିବ ବୋଲି ବକ୍ତାମାନେ କହିଥିଲେ । ଦୁର୍ନୀତିକୁ ରୋକିବାକୁ ହେଲେ ପାରିବାରିକସ୍ତରରୁ ଉଦ୍ୟମ ହେବା ଆବଶ୍ୟକ ବୋଲି ମତପ୍ରକାଶ ପାଇଥିଲା । ଏହି ସଭାରେ ଦୁର୍ନୀତି ଦୂରୀକରଣ–ନବଭାରତ ନିର୍ମାଣ ପ୍ରସଙ୍ଗରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଲିଟିଲ ଫ୍ଲାୱାର ସ୍କୁଲ ଛାତ୍ରୀ ଆୟୁଷୀ ନନ୍ଦ, ବିଶ୍ୱାତ୍ମା ବିଦ୍ୟାମନ୍ଦିର ଛାତ୍ରୀ ଅନୁଷ୍କା ରାଉତ୍ ତଥ୍ୟାତ୍ମକ ଆଲୋଚନା କରି ଉପସ୍ଥିତ ସୁଧିଜନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଦୁର୍ନୀତି ନିବାରଣ ସପ୍ତାହ ପାଳନ ଉପଲକ୍ଷେ ପୂର୍ବରୁ ଅନୁଷ୍ଠିତ ହାଇସ୍କୁଲ ଓ କଲେଜ ସ୍ତରୀୟ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ମାନପତ୍ର ଓ ଟ୍ରଫି ଦେଇ ପୁରସ୍କୃତ କରିଥିଲେ । କର୍ମଶାଳା ପ୍ରାରମ୍ଭରେ ଦୁର୍ନୀତି ନିବାରଣ ଶପଥ ପାଠ କରାଯାଇଥିଲା । ଏହି ସଚେତନତା କର୍ମଶାଳାକୁ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜୟଦେବ ପାଣିଗ୍ରାହୀ ପରିଚାଳନା କରିଥିଲେ । ଶେଷରେ ଭିଜିଲାନ୍ସ ଇନ୍ସପେକ୍ଟର ସଦାନନ୍ଦ ପାଣି ଧନ୍ୟବାଦ ଦେଇଥିଲେ । ଏହି କର୍ମଶାଳାରେ ସ୍କୁଲ, କଲେଜ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକ, ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ ଯୋଗଦାନ କରିଥିଲେ ।

ବଲାଙ୍ଗୀର ଡିଇଓ ଅଫିସ ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ସଭା ପାଳନ କରାଯାଉଛି ।

ଏବିଭିପି ପକ୍ଷରୁ ମିଶନ ସାହାସୀ କାର୍ଯ୍ୟକ୍ରମ

ଖପ୍ରାଖୋଲ/ଲାଠୋର ୨।୧୧(ଡି.ଏନ.ଏ)

ଖପ୍ରାଖୋଲ ବ୍ଲକ ଲାଠୋର ପଞ୍ଚାୟତ କଲେଜ ପରିସରରେ ଏବିଭିପି ତରଫରୁ ମିଶନ ସାହାସୀ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ବ୍ଲକ ସଂଯୋଜକ ଶିଜ ଗଡତିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମହବିଦ୍ୟାଳୟ ଅଧ୍ୟକ୍ଷ ଡ. ନାରାୟଣ ପଧାନ, ପିଇଟି ଅଧ୍ୟାପକ ଗୁଣସାଗର, ବଲାଙ୍ଗୀର ଜିଲା ସମ୍ପାଦକ ଦେବାଶିଷ ଶତପଥୀ, ସଂଯୋଜକ ନିକୁଞ୍ଜ ବିହାରୀ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ । ଛାତ୍ରୀମାନେ କିଭଳି ନିଜର ଆତ୍ମରକ୍ଷା କରିପାରିବେ ସେନେଇ ଏବିଭିପି ତରଫରୁ ମିଶନ ସାହାସୀ କାର୍ଯ୍ୟକ୍ରମ ଆୟୋଜିତ ହେଉଥିବା ନେଇ ଆୟୋଜକମାନେ ମତପୋଷଣ କରିଥିଲେ। ବିଭିନ୍ନ ଆତ୍ମରକ୍ଷା କୌଶଳ ଛାତ୍ରୀଙ୍କୁ ପ୍ରଶିକ୍ଷିକା ମାନସୀ ବିଶ୍ୱାଳ ତାଲିମ ପ୍ରଦାନ କରିଥିଲେ। ଏହି ଅବସରରେ ଛାତ୍ରୀମାନଙ୍କୁ ମିଶନ ସାହାସୀ ତରଫରୁ ତାଲିମ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା । ପ୍ରସନ୍ନ କୁମାର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସ୍ୱାଗତ କୁମାର ପଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

ରେଙ୍ଗାଲିରେ କଂଗ୍ରେସର କର୍ମୀ ସମ୍ମିଳନୀ

ଖପ୍ରାଖୋଲ, ୨।୧୧(ଡି.ଏନ.ଏ)

ଖପ୍ରାଖୋଲ ବ୍ଲକ ରେଙ୍ଗାଲିଠାରେ ଘୁନସର, ରେଙ୍ଗାଲି, ତେଲେନପାଲି ପଞ୍ଚାୟତର କଂଗ୍ରେସ କର୍ମୀଙ୍କୁ ନେଇ ଏକ ସମ୍ମିଳନୀ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପାଟଣାଗଡ ନିର୍ବାଚନ ମଣ୍ଡଳୀ ଯୁବକଂଗ୍ରେସ ସଭାପତି ଚନ୍ଦ ସାହୁଙ୍କ ଅଧ୍ୟକ୍ଷତାରେ ହୋଇଥିବା ସଭାରେ ପିସିସି ସଭ୍ୟ ଅନୀଲ ମେହେର, ପତିତପାବନ ପଧାନ, ମହେନ୍ଦ୍ର ମେହେର, ଯୁବନେତା ଗୋବିନ୍ଦ କଲେତ, ଲକ୍ଷ୍ମୀ ଶବର, ଭରତ ସାହୁ ପ୍ରମୁଖ ଯୋଗଦେଇଥିଲେ। ଆଗାମୀ ୨୦୧୯ ସାଧାରଣ ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ କିଭଳି ଏମପି ଓ ବିଧାୟକ ହୋଇପାରିବେ ସେ ନେଇ ସଂଗଠନକୁ ସୁଦୃଢ କରିବାକୁ ଆଲୋଚନା ହୋଇଥିଲା। ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ଉଦାସୀନତା ଯୋଗୁଁ ବେକାରୀ ସମସ୍ୟା, ଦାଦନ ସମସ୍ୟା, ଚାଷୀମାନଙ୍କ ସମସ୍ୟା ଦେଖାଦେଇଛି। ଜନସାଧାରଣକୁ ସଚେତନ କରି କଂଗ୍ରେସ ସପକ୍ଷରେ ନେବା ପାଇଁ ରଣନୀତି ସ୍ଥିର କରିବାକୁ ଆଲୋଚନା ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଦଲଗଞ୍ଜନ ପଧାନ, ଦୀନବନ୍ଧୁ ରାଓ, ମୌସୁମୀ ଦୀପ, ହର୍ଷ ନିଆଲ, ରଷିରାଜ ନାଗ , ବିଦ୍ୟାଧର ପୁଟେଲ, ମାନଚନ ଦାଶ, ରାଜକୁମାର କୁମ୍ଭାର, ଗୋରେଖ ବାଗ, ଯୋଗେଶ୍ୱର ଦାଶ, ବିରାଟ ନାଏକ ପ୍ରମୁଖ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

ଧର୍ମ ଜାଗରନ୍ ପଦ୍‌ଯାତ୍ରାକେ ସ୍ୱାଗତ୍

ଟିକ୍ରାପଡାରେ ଅନୁଷ୍ଠିତ୍ ବିଶ୍ୱ ହିନ୍ଦୁ ପରିଷଦର କେନ୍ଦ୍ରୀୟ ମାର୍ଗଦର୍ଶକ ମଣ୍ଡଳ ସଦସ୍ୟ ସ୍ୱାମୀ ଜୀବନମୁକ୍ତାନନ୍ଦ ପଦ୍‌ଯାତ୍ରା କରୁଛନ୍।

ଟିକ୍ରାପଡା, ୨।୧୧(ଡି.ଏନ.ଏ.)

ବଲାଙ୍ଗୀର ଜିଲା ସଇଁନ୍ତଳା ବ୍ଲକ୍ ଟିକ୍ରାପଡାରେ ଧର୍ମ ଜାଗରନ୍ ପଦ୍‌ଯାତ୍ରା କାଯ୍‌କରମ ଶୁକୁରବାର ଅନୁଷ୍ଠିତ୍ ହେଇଯାଇଛେ। ଧର୍ମ ଜାଗରନ୍ ଉଦେଶ୍‌ରେ ଧର୍ମ ଜାଗରନ୍ ପଦ୍‌ଯାତ୍ରାରେ ବାହାରିଥିବାର ବିଶ୍ୱ ହିନ୍ଦୁ ପରିଷଦର କେନ୍ଦ୍ରୀୟ ମାର୍ଗଦର୍ଶକ ମଣ୍ଡଳ ସଦସ୍ୟ ସଚ୍ଚ ସ୍ୱାମୀ ଜୀବନ ମୁକ୍ତାନନ୍ଦପୁରୀ ମହାରାଜଙ୍କୁ ଶୁକୁରବାର ସକାଲେ ସ୍ୱାଗତ୍ ସମର୍‌ଧନା ଦିଆଯାଇଛେ। ଗାଁବାସୀ ସମକର ଘରେ କଲ୍‌ସି ଥାପନ କରି ସଚ୍ଚଙ୍କୁ ସ୍ୱାଗତ୍ କରିଥିଲେ। ପଦ୍‌ଯାତ୍ରାକେ କେନ୍ଦ୍ରୀୟ ରଥ ଯୋଜ୍‌ନା ପର୍‌ମୁଖ ଲୋକନାଥ ବେହେରା, ପଶ୍ଚିମ ଓଡ଼ିଶା ଗତିବିଧି ପର୍‌ମୁଖ ନୃତମଣି ନାଗ ସଂଯୋଜନା କରିଥିଲେ। ଇ ଅବ୍‌ଚ୍ଛରରେ ଥାନୀୟ ଜଗନ୍ନାଥ ଗୁଡିରେ ସଚ୍ଚ ପ୍ରବଚନ ଦେଇଥିଲେ। ଗୋରକ୍ଷା, ଗୋସେବା, ଧରମ ପରିବର୍‌ତନ ନାଇଁ ହେବା, ହିନ୍ଦୁତ୍ୱକେ ବଜାୟ ରଖିବା, ବିଦେଶୀ ସଭିଅତା ଉପ୍‌ରେ ଝୁଁକ୍ ନାଇଁ ରଖିବାକେ ସେ ପରାମଶ୍ ଦେଇଥିଲେ। ଇ ପଦ୍‌ଯାତ୍ରା ୨୦୧୯ ଜୁନ ୧ ତାରିଖ୍‌ରେ ରାଉରକେଲା ପାସର ବେଦବ୍ୟାସରେ ସର୍‌ବା ବଲି ସୂଚନା ଦିଆଯାଇଥିଲା। ଲକ୍ଷପତି କୁଦେଇ, ପୀତବାସ ମହାକୁର, ସୁବାସ କୁମାର ମିଶ୍ର, ଲକ୍ଷ୍ମଣ ଚନ୍ଦନ, ସନ୍ତୋଷ ଥପା, ପ୍ରେମଲତା ପ୍ରଧାନ, ଅନା ନଗରିଆ, ସଙ୍ଗୀତା ଡାଙ୍ଗ, ଇନ୍ଦ୍ରମଣି ବନଛୋର, ଆଶିଷ ବଗର୍ତ୍ତୀ ପର୍‌ମୁଖ କାଯ୍‌କରମ ପରିଚାଳନାରେ ସହଯୋଗ୍ କରିଥିଲେ।

ବସ୍ ପଛରେ ପିଟି ହୋଇ ବାଇକ୍ ଆରୋହୀ ମୃତ

ବେଲପଡା, ୨।୧୧(ଡି.ଏନ.ଏ.)

ବଲାଙ୍ଗୀର ଜିଲା ବେଲପଡା ଥାନା ଅଧିନ ମୁଣ୍ଡଦର୍ହ ଛକଠାରେ ବଲାଙ୍ଗୀରୁ ଖରିଆର ଯାଉଥିବା ବୈଦ୍ୟନାଥ ଯାତ୍ରୀବାହୀ ବସ୍ ପଛରେ ପିଟି ହୋଇ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ମାନସ ମହାନନ୍ଦ(୨୩)। ତାଙ୍କ ଘର ବରଗଡ ଜିଲା ବିଜେପୁର ଅନ୍ତର୍ଗତ ମାଟୁପାଲି ଗ୍ରାମରେ। ବାଇକରେ ଥିବା ଅନ୍ୟ ଦୁଇ ଜଣ ଦିଲୀପ ମହାନନ୍ଦ(୨୫) ଓ ବଲାଙ୍ଗୀର ତାଲପାଲି ପଡାର ବୀରୁ କୁମ୍ଭାର(୨୮) ଗୁରୁତର ହୋଇଛନ୍ତି। ବାଇକ ଓଡି୧୭ଜେ ୯୫୨୩ ବାଇକରେ ଏହି ୩ଜଣ ଯାଉଥିବା ବେଳେ ମୁଣ୍ଡଦର୍ହ ଛକ ନିକଟରେ ଏକ ବସ୍‌କୁ ଓଭରଟେକ କରିବାକୁ ଯାଇ ଉକ୍ତ ଯାନ ପଛରେ ପିଟି ହୋଇଯାଇଥିଲେ। ଦୁର୍ଘଟଣା ଏତେ ଯୋରରେ ଥିଲା ଯେ, ବାଇକରେ ବସିଥିବା ୩ଜଣ ଯାକ ରାସ୍ତାରୁ ୫୦ମିଟର ଦୂରକୁ ଛିଟିକି ପଡିଥିଲେ। ଦୁର୍ଘଟଣା ପରେ ବସ୍ ଡ୍ରାଇଭର ବେଲପଡା ଥାନାରେ ଆତ୍ମସମର୍ପଣ କରିଛନ୍ତି। ସ୍ଥାନୀୟ ଲୋକେ ଗୁରୁତରଙ୍କୁ ଉଦ୍ଧାର କରି ୧୦୮ଆମ୍ବୁଲାନ୍ସ ଯୋଗ ଉପଖଣ୍ଡ ଡାକ୍ତରଖାନାକୁ ପଠାଇଥିଲେ। ହେଲେ ସେଠାରେ ଡାକ୍ତର ମାନସଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟ ୨ଜଣଙ୍କୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। । ସୂଚନାଯୋଗ୍ୟ ଯେ, ଦୁର୍ଘଟଣାଗ୍ରସ୍ତ ବସ୍‌ରେ ବାଇକରେ ବସିଥିବା ୩ଜଣଙ୍କ ସମ୍ପର୍କୀୟମାନେ ବସିଥିଲେ। ଏମାନେ ଦାଦନ ଖଟିଯିବା ପାଇଁ କପାଣି ଗ୍ରାମର ଜଣେ ଦଲାଲ ପାଖକୁ ଯାଉଥିଲେ ବୋଲି ଜଣାପଡିଛି ।

ଖବରଦାତା ସମ୍ମିଳନୀରେ ଅଭିଯୁକ୍ତଙ୍କୁ ହାଜର କରାଯାଇଛି।

ଲୁଟ୍ ଘଟଣା: ଅଟକ ଅଭିଯୁକ୍ତ କୋର୍ଟ ଚାଲାଣ

ଲୋଇସିଂହା, ୨।୧୧(ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ତଥା ଆଗଲପୁର ବ୍ଲକ ସାଲେଭଟା–କୁଟାସିଂହା ରାସ୍ତାର ସେମେଲମୁଣ୍ଡା ନିକଟରେ ମାସକ ତଳେ ଜଣେ ଫାଇନାନ୍ସ କର୍ମଚାରୀଙ୍କୁ ଲୁଟ୍‌ପାଟ୍ ହୋଇଥିଲା। ଏହି ଘଟଣାର ମୁଖ୍ୟ ଅଭିଯୁକ୍ତଙ୍କୁ ଲୋଇସିଂହା ପୋଲିସ ଗିରଫ କରିବାରେ ବିଫଳ ହୋଇଛି । ଅନ୍ୟପକ୍ଷରେ ଏହି ଘଟଣାରେ ସମ୍ପୃକ୍ତ ଥାଇ ଲୋଇସିଂହା ଥାନାରେ ଅଟକ ଥିବା ଅଭିଯୁକ୍ତଙ୍କୁ ଲୋଇସିଂହା ପୋଲିସ ଶୁକ୍ରବାର କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଲେ ମେଣ୍ଢା ନିକଟସ୍ଥ ସାନକଦଦଳିପାଲୀ ଗ୍ରାମର କୀର୍ତ୍ତନ ବିଶ୍ୱାଳ(୨୪)। ଏ ସମ୍ପର୍କରେ ଲୋଇସିଂହା ଥାନା ପରିସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଥାନା ଅଧିକାରିଣୀ ଏଲ.ଏଲ. ବାର୍ଲା ଏବଂ ଏସଆଇ ଜେ.କେ ମହାନ୍ତି ସୂଚନା ଦେଇଛନ୍ତି। ଗତମାସ ୧୦ ତାରିଖ ସୁବର୍ଣ୍ଣପୁର ଜିଲା ଡୁଙ୍ଗରିପାଲିସ୍ଥିତ ଭାରତ ମାଇକ୍ରୋଫାଇନାନ୍ସର ଶାଖା ପରିଚାଳକ ନିର୍ମାଲ୍ୟ ପଧାନ ଲୋଇସିଂହା ଥାନା ତଥା ଆଗଲପୁର ବ୍ଲକର କୁଟାସିଂହା ପଞ୍ଚାୟତର ଅଞ୍ଚଳର ସ୍ୱୟଂ ସହାୟକ ଗୋଷ୍ଠୀକୁ ଦେଇଥିବା ଋଣଟଙ୍କା ଆସୁଲ କରି ଆସିଥିଲେ । ୧ଲକ୍ଷ ୧୮ହଜାର ୯୧୧ଟଙ୍କା ଅସୁଲ କରି ଫେରୁଥିବାବେଳେ ଦୁଇଜଣ ଦୁର୍ବୃତ୍ତ ଡୁଙ୍ଗରିପାଲି–ସେମେଲମୁଣ୍ଡା ରାସ୍ତାର ମଝିରେ ତାଙ୍କୁ ଅଟକାଇ ବନ୍ଧୁକ ଦେଖାଇ ଭୟଭୀତ କରି ଟଙ୍କା ବ୍ୟାଗ, ମୋବାଇଲ ଟାବଲାଟ ଛଡାଇ ଫେରାର ହୋଇଯାଇଥିଲେ। ନିର୍ମାଲ୍ୟଙ୍କ ଅଭିଯୋଗକୁ ଭିତ୍ତି କରି ଲୋଇସିଂହା ଥାନାରେ ଏଓକ ମାମଲା(ନଂ.୧୭୨/୧୮)ରୁଜୁ କରି ପୋଲିସ ଛାନଭିନ କରିଥିଲେ। ଘଟଣାରେ କୀର୍ତ୍ତନଙ୍କ ସମ୍ପୃକ୍ତି ଥିବା ଜାଣି ଲୋଇସିଂହା ପୋଲିସ କଦଳିପାଲି ଗ୍ରାମରେ ଚଢାଉ କରି ଗିରଫ କରିଥିଲା। ଲୁଟ୍ ଘଟଣାରେ କୀର୍ତ୍ତନ ସମ୍ପୃକ୍ତ ଥିବା ପୋଲିସ ନିକଟରେ ସ୍ୱୀକାର କରିଛନ୍ତି। କେବଳ ସେତିକି ନୁହେଁ ଲୁଟ୍ ଟଙ୍କାରୁ ୪୦ହଜାର ଭାଗ ପାଇଥିବା ମଧ୍ୟ କହିଛନ୍ତି। ଲୁଟ୍ ସାମଗ୍ରୀକୁ ସୋନପୁରସ୍ଥିତ ମହାନଦୀରେ ଫିଙ୍ଗି ଦେଇଥିବା ପୋଲିସକୁ ସୂଚନା ଦେଇଥିବା ଖବରଦାତା ସମ୍ମିଳନୀରେ ପୋଲିସ ସୂଚନା ଦେଇଛି ।

ଟିଟିଲାଗଡ ଜିଲା ଦାବି: ସାମିଲ ହେଲା ସରପଞ୍ଚ ସଂଘ

ନିର୍ବାଚନ ମଣ୍ଡଳୀକୁ ସମ୍ପୂର୍ଣ୍ଣ ମରୁଡି ଘୋଷଣା ଦାବି

ଟିଟିଲାଗଡ଼, ୨।୧୧(ଡି.ଏନ.ଏ.)

ଟିଟିଲାଗଡ ଉପଖଣ୍ଡକୁ ଜିଲା ମାନ୍ୟତା ଦାବି ନେଇ ଜିଲା କ୍ରିୟାନୁଷ୍ଠାନ କମିଟି ଗଣଧାରଣା ଶୁକ୍ରବାର ଦ୍ୱିତୀୟ ଦିବସରେ ମଧ୍ୟ ଜାରି ରହିଛି। ଟିଟିଲାଗଡ ବ୍ଲକ ସରପଞ୍ଚ ସଂଘ ସଭାପତ



ଏ ସୁନ୍ଦର ପୃଥିବୀରେ ମୁଁ ମରିବାକୁ ଚାହେଁ ନାହିଁ,
ମଣିଷମାନଙ୍କ ମଧ୍ୟରେ ବଞ୍ଚି ରହିବାକୁ ଚାହେଁ।
- ରବୀନ୍ଦ୍ରନାଥ ଟାଗୋର

ସଂକ୍ଷେପରେ

ବରିଷ୍ଠ ନାଗରିକ ସମାଜର ମାର୍ଗଦର୍ଶକ

ସୋନପୁର,୨।୧୧(ନି.ପ୍ର.): ବରିଷ୍ଠମାନେ ପୂଜ୍ୟ। ସେମାନଙ୍କ ପରାମର୍ଶକୁ ମାନି ଚଳିଲେ କାର୍ଯ୍ୟରେ ବାଧା ବିଘ୍ନ ସହଜରେ ଆସେନି। ବରିଷ୍ଠ ନାଗରିକ ସମାଜର ମାର୍ଗଦର୍ଶକ ବୋଲି ସୋନପୁର ଟାଉନ ହଲଠାରେ ଜିଲାସ୍ତରୀୟ ବରିଷ୍ଠ ନାଗରିକ ସଚେତନତା କାର୍ଯ୍ୟକ୍ରମ ଓ ସ୍ୱାସ୍ଥ୍ୟ ଶିବିରରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଜିଲାପାଳ ମଧୁସୂଦନ ମିଶ୍ର ଏହି ମତବ୍ୟକ୍ତ କରିଛନ୍ତି । ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ବିଜୟଲକ୍ଷ୍ମୀ ଗୁରୁ ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ବରିଷ୍ଠଙ୍କୁ ସମ୍ମାନ ପ୍ରଦର୍ଶନ ଉପରେ ଗୁରୁତ୍ୱାରୋପ କରିଥିଲେ। ଡାକ୍ତର ପ୍ରତାପ ଗୁରୁ ଓ ଏନଏଚଏମ ଡିପିଏମ ମୌସୁମୀ ମିଶ୍ର ଅନ୍ୟତମ ସମ୍ମାନିତ ଅତିଥିଭାବେ ଯୋଗଦେଇ ବରିଷ୍ଠ ନାଗରିକଙ୍କ ମାନସିକ ଓ ଶାରୀରିକ ସୁସ୍ଥତା କାମନା କରିଥିଲେ। ବିଦ୍ୟାପତି ପଣ୍ଡା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲା ବେଳେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁନିଲ କୁମାର ଦାଶ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଜିଲାର ୬ଟି ବ୍ଲକରୁ ଶତାଧିକ ବୃଦ୍ଧା ଓ ବୃଦ୍ଧ ଅଂଶଗ୍ରହଣ କରିଥିଲେ। ଶିବିରରେ ୨୫୪ ଜଣ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ପଞ୍ଜୀକୃତ ହୋଇଥିଲେ। ୧୭୯ ଜଣଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ମାଗଣାରେ ଔଷଧ ପ୍ରଦାନ କରାଯାଇଥିଲା। ଜିଲା ସ୍ୱାସ୍ଥ୍ୟ ବିଭାଗ ସମସ୍ତ ପ୍ରକାର ସହଯୋଗ ଦେଇଥିଲା। ଅପରାହ୍ନରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ଜିଲାପାଳ ମିଶ୍ର ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଡାକ୍ତର ଗୁରୁ, ଜିଲା ଆଇନ ସେବା ପ୍ରାଧିକରଣର ସଚିବ ସୁନିତା ପଟ୍ଟନାୟକ, ଓଏଲଏମର ଆର୍ଥିକ ପରାମର୍ଶଦାତା ସୋମନାଥ ପୁରୋହିତ, ଡିଏସପି ମନୋରଞ୍ଜନ ପ୍ରଧାନ, ଜିଲା ବରିଷ୍ଠ ନାଗରିକ କମିଟିର ସଭ୍ୟା ସୌଭାଗିନୀ ସିଂହଦେଓ ଓ ରେଣୁକା ଓଡା ଯୋଗ ଦାନ କରିଥିଲେ। ବରିଷ୍ଠ ନାଗରିକଙ୍କ ପୋଲିସ ନିରାପତ୍ତା, ବରିଷ୍ଠ ନାଗରିକ ଆଇନ ୨୦୦୭, ନିୟମ ୨୦୦୯ ଓ ବରିଷ୍ଠ ନାଗରିକ ନୀତି ୨୦୧୬ ସମ୍ପର୍କରେ ବିଶଦ ଆଲୋଚନା କରିଥିଲେ। ବରିଷ୍ଠ ନାଗରିକଙ୍କ ପାଇଁ କଣ କରାଯିବା ଉଚିତ ଓ ଅନୁଚିତ ସେ ସମ୍ପର୍କରେ ଡିଏସପି ପ୍ରଧାନ ବୁଝାଇଥିଲେ। ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ସହଯୋଗରେ ଜିଲା ପ୍ରଶାସନ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

■ ବନ ବିଭାଗର ଦୁଇଟି ସ୍ଥାନରେ ଚଢ଼ାଉ

କାଠପଟା, ଗଣ୍ଡି ଜବତ: ୨ ଗିରଫ

ବଲାଙ୍ଗୀର ଅଫିସ, ୨।୧୧

ଜବତ ହୋଇଥିବା ଶାଗୁଆନ୍ କାଠ ଗଣ୍ଡି (ବାମ)। ଜବତ ଶାଗୁଆନ୍ ଓ ବିଜା କାଠପଟା (ମଝି)। ଘଟଣାସ୍ଥଳରୁ ଗିରଫ ହୋଇଥିବା ଦୁଇ କର୍ମଚାରୀଙ୍କୁ ବନ ବିଭାଗ ନେଇ ଯାଉଛନ୍ତି।

ବଲାଙ୍ଗୀର ବନବିଭାଗ ପକ୍ଷରୁ ଶୁକ୍ରବାର ବଲାଙ୍ଗୀର ଧୀବରପଡାର ଦୁଇଟି ସ୍ଥାନରେ ଚଢ଼ାଉ କରାଯାଇ ଶାଗୁଆନ୍ ଓ ବିଜା ପଟା ଏବଂ ଶାଗୁଆନ୍ ଗଣ୍ଡି ଜବତ କରାଯାଇଛି । ତେବେ ଘଟଣା ସମ୍ପର୍କରେ କୌଣସି ନିର୍ଦ୍ଦିଷ୍ଟ ସୂଚନା ଦେବାକୁ ବଲାଙ୍ଗୀର ବନବିଭାଗ ଅଧିକାରୀ ଅରାଜି ହେଉଥିବାରୁ ଘଟଣାକୁ ଲୁଚାଇ ଦିଆଯିବାକୁ ପ୍ରୟାସ ହେଉଥିବା ଚର୍ଚ୍ଚାର ବିଷୟ ହୋଇଛି। ଶୁକ୍ରବାର ପୂର୍ବାହ୍ନରେ ବଲାଙ୍ଗୀର ଧୀବରପଡାର ଜଣେ ବ୍ୟକ୍ତିଙ୍କ ଘରେ ବନବିଭାଗ ଟିମ୍ ଚଢ଼ାଉ କରିଥିଲା।। ସେଠାରେ ଏକ ନବନିର୍ମିତ ଘର ତିଆରି ହେଉଥିଲା । ଉକ୍ତ ଘର ଭିତରେ ଶାଗୁଆନ୍ ଓ ବିଜା କାଠର ପଟା ଏବଂ ଅନ୍ୟାନ୍ୟ ସାମଗ୍ରୀ ଥିବା ଦେଖିଥିଲେ। ବନବିଭାଗ ଉକ୍ତ କାଠପଟା ସମ୍ପର୍କିତ କାଗଜପତ୍ର ଦେଖାଇବାକୁ ସେଠାରେ କାର୍ଯ୍ୟରତ ଥିବା ଦୁଇ ଜଣ ବ୍ୟକ୍ତିଙ୍କୁ କହିଥିଲେ । ସେମାନେ ଉକ୍ତ କାଠପଟା ସମ୍ପର୍କରେ କିଛି ବି ଜାଣିନାହାନ୍ତି ବୋଲି କହିବାରୁ ଉଭୟ ବ୍ୟକ୍ତିଙ୍କୁ ବନବିଭାଗ ଟିମ୍ ଗିରଫ କରିବା ସହ ସେଠାରେ ଥିବା ପଟାକୁ ଜବତ୍ କରିଥିଲା । ଗିରଫ ଦୁଇ ବ୍ୟକ୍ତି ହେଲେ ମନୋରଞ୍ଜନ ମିଶ୍ର ଓ ହେମନ୍ତ ଭୋଇ । ଗିରଫ ହେବା ପରେ ସେମାନଙ୍କୁ ଜାମିନ୍‌ରେ ପରେ ଛଡାଯାଇଛି । ଏହାପରେ ବନବିଭାଗ ଟିମ୍ ପାଖରେ ଥିବା ଅନ୍ୟ ଏକ ଘରୁ ଏକ ଶାଗୁଆନ୍ କାଠ ଗଣ୍ଡି ଜବତ କରିଥିଲେ । ଉକ୍ତ ଶାଗୁଆନ୍ କାଠଗଣ୍ଡିକୁ ବେଆଇନ୍ ଭାବେ କାଟି ଲୁଚାଇଥିବା ନେଇ ବନବିଭାଗ ଖବର ପାଇବା ପରେ ଚଢ଼ାଉ କରିଥିଲା । ସେଠାରୁ ଉକ୍ତ କାଠଗଣ୍ଡିକୁ ଜବତ୍ କରାଯାଇଥିଲା । ବନବିଭାଗ ପକ୍ଷରୁ ଶୁକ୍ରବାର କରାଯାଇଥିବା ଦୁଇ ଚଢ଼ାଉ ସମ୍ପର୍କରେ ଗଣମାଧ୍ୟମକୁ କିଛି ବି ସୂଚନା ଦିଆଯାଇନାହିଁ । ଏହି ଘଟଣା ରେଞ୍ଜ ଅଫିସର ବିଜୟ ଖୁଣ୍ଟିଆକୁ ପଚାରିବାରୁ ସେ ମିଟିଂରେ ବସିଛନ୍ତି କିଛି କହିପାରିବେ ନାହିଁ ବଲାଙ୍ଗୀର ଫରେଷ୍ଟରଙ୍କୁ ପଚାରନ୍ତୁ ବୋଲି କହିଥିଲେ । ଏ ନେଇ ବଲାଙ୍ଗୀର ଫରେଷ୍ଟର ବ୍ୟାସଦେବ ସାହୁଙ୍କୁ ପଚାରିବାରୁ ଚଢ଼ାଉ କରାଯାଇଥିବା ଘର ମାଲିକମାନଙ୍କ ନାମ ମନେନାହିଁ ବୋଲି କହି ଯେଉଁମାନେ ଗିରଫ ହୋଇଛନ୍ତି ସେମାନଙ୍କ ସମ୍ପର୍କରେ ସୂଚନା ଦେଇଥିଲେ । ଏହାବାଦ୍ ଜବତ୍ କାଠପଟା ଓ ଗଣ୍ଡିର ପ୍ରକୃତ ମୂଲ୍ୟ କେତେହେବ ସେ ନେଇ କିଛି ନିର୍ଦ୍ଦିଷ୍ଟ ସୂଚନା ଦେଇନାହାନ୍ତି । ଏହି ଘଟଣା ନେଇ ବାରମ୍ବାର ପ୍ରଶ୍ନ କରାଯିବା ପରେ ମଧ୍ୟ କିଛି ଠୋସ୍ ତଥ୍ୟ ନଦେଇ ଘଟଣାକୁ ଏଡାଇବାକୁ ଚେଷ୍ଟା କରାଯାଇଥିବା ଜଣାପଡିଛି ।

ଭାଜପା ପକ୍ଷରୁ ବ୍ଲକ ଘେରାଉ

ସୋନପୁର,୨।୧୧(ନି.ପ୍ର.)

ଭାଜପା ସୁବର୍ଣ୍ଣପୁର ଜିଲା ଶାଖା ପକ୍ଷରୁ ଶୁକ୍ରବାର ସୋନପୁର ବ୍ଲକ ଘେରାଉ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଜେଡି ଶାସନରେ ପିସି, ଦୁର୍ନୀତି, ଭ୍ରଷ୍ଟାଚାର ଓ ପ୍ରିୟାପ୍ରୀତି ତୋଷଣ ବିରୋଧରେ ଦଳ ପକ୍ଷରୁ ଏହି ଆନ୍ଦୋଳନ ହୋଇଥିଲା। ଦଳୀୟ ନେତା ଓ କର୍ମୀ ସ୍ଥାନୀୟ ରୟାଲ ପଡିଆଠାରୁ ଏକ ଶୋଭାଯାତ୍ରାରେ ଆସି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଜିଲା ସଭାପତି ବିଜୟ ମହାକୁର ଅଧ୍ୟକ୍ଷତା କରିଥିଲେ। ବରିଷ୍ଠ ନେତା ପ୍ରମୋଦ ମହାପାତ୍ର, ଅଶୋକ ପୂଜାରୀ, ବଳଦେବ ପ୍ରସାଦ ବେଦ୍‌ବାକ, ପ୍ରାକ୍ତନ ବିଧାୟକ ଅଚ୍ୟୁତ ବିଶ୍ୱାଳ ପ୍ରମୁଖ ବିଜେଡି ସରକାର ଚିଟ୍‌ଫଣ୍ଡ, ଖଣି, ଡାଲି, ସାର, ବିହନ, ଚାରା, ବାଲିଘାଟ, ଓମଫେଡ, ଧାନକିଣା, ସମବାୟ, ଜଳସେଚନ ଓ ଅଙ୍ଗନୱାଡି ଛତୁଆ ଦୁର୍ନୀତି ସମ୍ପର୍କରେ ଅଭିଯୋଗ କରିଥିଲେ। ଜିଲା ପରିଷଦ ସଭ୍ୟ ଜୟନାରାୟଣ ନେଗୀ, ପୂର୍ଣ୍ଣଚନ୍ଦ୍ର ବିଶି, କରମଚାନ୍ଦ ମହାନ୍ତି, ସୁରେଶ ମିଶ୍ର ପ୍ରମୁଖ ଆନ୍ଦୋଳନରେ ନେତୃତ୍ୱ ନେଇଥିଲେ

କଂଗ୍ରେସର ମିଶନ ଶକ୍ତି, ମୋ ବୁଥ ମୋ ଗୌରବ କାର୍ଯ୍ୟକ୍ରମ

ବଙ୍ଗୋମୁଣ୍ଡା, ୨।୧୧(ଡି.ଏନ୍.ଏ.)

ବଙ୍ଗୋମୁଣ୍ଡା ବ୍ଲକ ଅନ୍ତର୍ଗତ ରାଣିପୁର ଝରିଆଲଠାରେ କଂଗ୍ରେସର ମିଶନ ଶକ୍ତି ତଥା ମୋ ବୁଥ ମୋ ଗୌରବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବଙ୍ଗୋମୁଣ୍ଡା ବ୍ଲକ ଜୋନ ୨୦ ସଭାପତି ଗୁରୁଚରଣ ବେହେରାଙ୍କ ସଭାପତିତ୍ୱରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ସନ୍ତୋଷ ସିଂ ସାଲୁଜା ଯୋଗ ଦେଇଥିଲେ । ସଂଗଠନକୁ ସୁଦୃଢ କରି ଆଗାମୀ ନିର୍ବାଚନରେ ଦଳର ବିଜୟ ସମ୍ଭାବନାକୁ ନିଶ୍ଚିତ କରିବାକୁ ସେ କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ। ପଞ୍ଚାୟତ ଏବଂ ଗ୍ରାମ୍ୟ ସ୍ତରରେ କଂଗ୍ରେସର ମିଶନ ଶକ୍ତି, ମୋ ବୁଥ ମୋ ଗୌରବ କାର୍ଯ୍ୟକ୍ରମକୁ ଆଗେଇ ନେବା ପାଇଁ ବୈଠକରେ ଆଲୋଚନା ହୋଇଥିଲା। ଏହି ଅବସରରେ କଣ୍ଟାବାଞ୍ଜି ଏନ୍‌ଏସି ଓ ମୁରିବାହାଲ, ତୁରେକେଲା ଓ ବଙ୍ଗୋମୁଣ୍ଡା ବ୍ଲକକୁ ଶତପ୍ରତିଶତ ମରୁଡି ଘୋଷଣା କରିବାକୁ ଦାବି କରାଯାଇଥିଲା। ଏଥିସହିତ ରାଶନକାର୍ଡ ପାଇବାରୁ ବଞ୍ଚିତ ହିତାଧିକାରୀଙ୍କୁ ଅବିଳମ୍ବେ କାର୍ଡ ପ୍ରଦାନ, ଚାଷୀଙ୍କୁ ଇନ୍‌ପୁଟ୍ ସବ୍‌ସିଡି ପ୍ରଦାନ, ଅନ୍‌ଲାଇନ୍ କୃଷିବୀମା କରିଥିବା ଚାଷୀଙ୍କୁ ବୀମା ଟଙ୍କା ତୁରନ୍ତ ପ୍ରଦାନ କରିବା ନେଇ ଜିଲାପାଳ ଓ ଟିଟିଲାଗଡ ଉପଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଆସନ୍ତା ୬ ତାରିଖ ଦିନ ଦାବିପତ୍ର ପ୍ରଦାନ କରାଯିବାର ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ପୂର୍ବତନ ଜିଲା ପରିଷଦ ସଦସ୍ୟ ଦେବଦତ୍ତ ସରାଫ, ବଙ୍ଗୋମୁଣ୍ଡା ସରପଞ୍ଚ ସୁଶାନ୍ତ ଯେଷୀ, ଭାଲୁମୁଣ୍ଡା ସରପଞ୍ଚ ଉପେନ୍ଦ୍ର ମେହେର, ଉପାଧକ୍ଷ ମାମରାଜ ଜୈନ, ମଂଜେସ ମେହେର, ଯୁବ କଂଗ୍ରେସ ସଭାପତି ସଞ୍ଜୟ ସିଂଦେଓ, ରୂପଧର ଯୁଗ୍ମିଆଁ, ପ୍ରମୁଖ ଉପସ୍ଥିତ ଥିଲେ।

ଅନ୍ତର୍ଲା ଗ୍ରାମ୍ୟ ଜଙ୍ଗଲ: ଶାଗୁଆନ ଗଛ କାଟିଦେଲେ ଦୁର୍ବୃତ୍ତ

ଦେଓଗାଁ, ୨।୧୧ (ଡି.ଏନ.ଏ.)

ଦୁର୍ବୃତ୍ତ କାଟିଥିବା ଶାବୁଆନ ଗଛକୁ ଜଙ୍ଗଲ ବିଭାଗ ଅଧିକାରୀମାନେ ଜବତ କରୁଛନ୍ତି।

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ତଥା ପାଟଣାଗଡ ଫରେଷ୍ଟ ରେଞ୍ଜ ଅଧିନ ଅନ୍ତର୍ଲା ଗାଁ ନିକଟକୁ ଲାଗି ରହିଥିବା ଗ୍ରାମ୍ୟ ଜଙ୍ଗଲରୁ ଶାଗୁଆନ ଗଛ ଚୋରି ଉଦ୍ୟମ ହୋଇଥିବା ଅଭିଯୋଗ ହୋଇଛି। ସୂଚନା ଅନୁସାରେ ଗୁରୁବାର ବିଳମ୍ବିତ ରାତିରେ ଏକ ବଡ ଶାଗୁଆନ ଗଛକୁ କେହି ଦୁର୍ବୃତ୍ତ କାଟି ପକାଇ ଦେଇଥିବା ବେଳେ ଅନ୍ୟଗଛର ୬୦ପ୍ରତିଶତ କରତରେ କଟା ହୋଇଥିବା ନଜରକୁ ଆସିଥିଲା। କୌଣସି ସୂତ୍ରରୁ ଖବରପାଇ ସମ୍ପୃକ୍ତ ରେଞ୍ଜର ଫରେଷ୍ଟର ସନ୍ଧ୍ୟାରାଣୀ ସେଠ୍ ଓ କର୍ମଚାରୀ ଶୁକ୍ରବାର ଘଟଣାସ୍ଥଳରେ ପହଞ୍ଚି ଥିଲେ। ହେଲେ ଉକ୍ତ ଜାଗାର ଦଖଲକାରୀ ଓ ଗାଁର କେତେକ ଲୋକ ସେଠାରେ ପହଞ୍ଚି କାହାକୁ ନଜଣାଇ କେମିତି ଏହି ଗଛକୁ ଜବତ କରିବାକୁ ଆସିଛନ୍ତି ବୋଲି ପ୍ରଶ୍ନ କରିବା ପରେ ବନ କର୍ମଚାରୀ ଉକ୍ତ ସ୍ଥାନ ଛାଡି ଚାଲିଯାଇଥିଲେ । ପରେ ରେଞ୍ଜର ବାସୁଦେବ ନାଥ ଓ କର୍ମଚାରୀମାନେ ଅପରାହ୍ନରେ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି କଟାଗଛକୁ ଜବତ କରି ନିକଟସ୍ଥ ସନ୍ଧିଯୋରର ଗ୍ରାମରକ୍ଷୀ ଚକ୍ରଧର ମହାନନ୍ଦଙ୍କ ଜିମା ଦେଇଥିଲେ। ଏହିସ୍ଥାନର ଦଖଲକାରୀ ବୋଲାଉଥିବା ହାଡି ଭୋଇ ଓ ବାଲମତି ଭୋଇଙ୍କ ମତ ଲୋଡିବାରୁ ଆମକୁ କେହି ନଜଣାଇ ଏହି ଶାଗୁଆନ ଗଛକୁ କାଟି ପକାଇ ଦେଇଥିଲେ। ହେଲେ ବିଭାଗୀୟ ଅଧିକାରୀମାନେ ମଧ୍ୟ ଜଣାଇ ଜବତ କରିବାକୁ ଆସିବାରୁ ଆମମାନଙ୍କ ମଧ୍ୟରେ ସନ୍ଦେହ ଜାତ ହୋଇଥିଲା। ଏହାର ନିରପେକ୍ଷ ତଦନ୍ତ କରି କିଏ ଗଛ କାଟିଛି ତାକୁ ଧରିବାକୁ ଦାବି କରିଛୁ ବୋଲି କହିଛନ୍ତି । ଫରେଷ୍ଟର ସନ୍ଧ୍ୟାରାଣୀ ସେଠ୍‌ଙ୍କୁ ପଚାରିବାରୁ ଆମେ ପୂର୍ବତନ ଜଗୁଆଳି ଚୌଧୁରୀ ମହାନନ୍ଦ ଓ ବାବୁଲାଲଙ୍କଠାରୁ ଖବରପାଇ ଗଛ ଜବତ କରିବାକୁ ଆସିଥିଲୁ ବୋଲି କହିଥିଲେ । ଏ ନେଇ ରେଞ୍ଜର ନାଥଙ୍କୁ ପଚାରିବାରୁ ଗଛ ଜବତ କରିବା ପରେ ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଆରମ୍ଭ ହୋଇଛି ବୋଲି କହିଛନ୍ତି । ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ ଜଙ୍ଗଲ ବିଭାଗର କର୍ମଚାରୀମାନେ ଠିକରୂପେ କାର୍ଯ୍ୟ ନିର୍ବାହ କରୁ ନ ଥିବାରୁ ପ୍ରତିବର୍ଷ ଏଭଳି ମୂଲ୍ୟବାନ ଗଛଗୁଡିକ ଚୋରାଚାଳାଣ ହେଉଥିବା ନଜରକୁ ଆସୁଛି । ଫଳରେଏହି ରାଏକେଟରେ ବିଭାଗୀୟ ଅଧିକାରୀଙ୍କ ସଲାସୁତୁରା ରହିଥିବା ସନ୍ଦେହ ସୃଷ୍ଟିହୋଇଛି ବୋଲି ଅଭିଯୋଗ କରିଛନ୍ତି । ଏଣୁ ଏହି ଘଟଣାର ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷଙ୍କ ଦ୍ୱାରା ନିରପେକ୍ଷ ତଦନ୍ତ କରାଯିବା ସହ ଜଙ୍ଗଲ ସୁରକ୍ଷା ଦିଗରେ ସ୍ୱତନ୍ତ୍ର ଧ୍ୟାନଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

ମୁରିବାହାଲ ବ୍ଲକ କଂଗ୍ରେସର ସାଂଗଠନିକ ସଭା

କଂଗ୍ରେସ ସାଂଗଠନିକ ସଭାରେ ମଞ୍ଚାସୀନ ଅତିଥି।

ମୁରିବାହାଲ, ୨।୧୧ (ଡି.ଏନ.ଏ)

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ କଂଗ୍ରେସ ପକ୍ଷରୁ ଶୁକ୍ରବାର ସ୍ଥାନୀୟ ଦୁର୍ଗାମଣ୍ଡପ ନିକଟ କଲ୍ୟାଣ ମଣ୍ଡପରେ ଏକ ସାଙ୍ଗଠନିକ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀକୁ ସମ୍ପୂର୍ଣ୍ଣ ମରୁଡି ଘୋଷଣା, କୃଷି ବୀମା ରାଶି ପ୍ରଦାନ, ରାଶନ କାର୍ଡ ହିତାଧିକାରୀ ଚୟନରେ ଅନିୟମିତତା ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା। ଏହିସବୁ ପ୍ରସଙ୍ଗକୁ ନେଇ ଆଗାମୀ ଦିନରେ ଟିଟିଲାଗଡ ଉପଜିଲାପାଳ ଓ ବଲାଙ୍ଗୀର ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ବ୍ଲକ କଂଗ୍ରେସ ସଭାପତି ପ୍ରଫୁଲ୍ଲ କୁମାର ବଘାରଙ୍କ ସଭାପିତ୍ୱରେ ଅନୁଷ୍ଠିତ ସାଂଗଠନିକ ସଭାରେ କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ସନ୍ତୋଷ ସଂ ସାଲୁଜା ମୁଖ୍ୟଅତିଥିଭାବେ ଯୋଗଦେଇ ତୃଣମୂଳସ୍ତରର କାର୍ଯ୍ୟକର୍ତ୍ତାମାନେ ଏକତ୍ରିତ ହୋଇ ଦଳକୁ ମଜଭୁତ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏହା ସାଙ୍ଗକୁ ମୋ ବୁଥ ମୋର ଗୌରବ, ମିଶନ ଶକ୍ତି କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ରୂପେଷ ବେହେରା, କାହ୍ନୁଚରଣ ବହିଦାର, ହଳଦୀ ଜୋନ ସଭାପତି ବିରାଜ ପୁଟେଲ, ବିଦ୍ୟାଧର ହାତୀ, ନାରାୟଣ କମ୍ପ, ରାହୁଲ ପ୍ରିୟଙ୍କା ପୋରମର ସଭାପତି ବିଭିଷଣ ମହାନନ୍ଦ, ଉମେଶ ସିଂ ବର୍ମା ଓ ତେକୁରାମ ଲୁହା ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ଜନବିରୋଧୀ କାର୍ଯ୍ୟର ସମାଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମ ପରିଚାଳନାରେ ଭୀମସେନ ପଧାନ, ଯଦୁମଣି ତାଣ୍ଡି, ଝଲମଲିଆ ତାଣ୍ଡି, ଘାସିରାମ ଅଗ୍ରୱାଲ, ଅଶୋକ କୁମାର ବଘାର, ଅନ୍ତରାମ ପଧାନ ପ୍ରମୁଖ ସହଯୋଗ କରିଥିଲେ।

ବଙ୍ଗୋମୁଣ୍ଡାରେ ଗ୍ରାମସଭା

ବଙ୍ଗୋମୁଣ୍ଡା, ୨।୧୧(ଡି.ଏନ.ଏ.)

ବଙ୍ଗୋମୁଣ୍ଡା ଗ୍ରାମ ପଞ୍ଚାୟତରେ ସ୍ୱତନ୍ତ୍ର ଗ୍ରାମସଭା ସରପଞ୍ଚ ସୁଶାନ୍ତ ଯୋଷୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରସନ୍ନ ନାଗ, ଜିଆର୍‌ଏସ୍ ପ୍ରମୁଖ ଉପସ୍ଥିତ ଥିଲେ। ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ କୂଅ ଖନନ, ମୋ ପୋଖରୀ, ଜିଆ ଖତ ଓ ନାଡେଫ କମ୍ପୋଷ୍ଟ, ଗାଈ, କୁକୁଡା, ଛେଳି ଓ ଘୁସୁରି ଗୁହାଳ ନିର୍ମାଣ, ବ୍ୟକ୍ତିଗତ ବୃକ୍ଷ ରୋପଣ ଓ ପାଇଖାନା ନିର୍ମାଣର କାର୍ଯ୍ୟ ଖସଡା ଉପରେ ପ୍ରସ୍ତାବ ନିଆଯାଇଥିଲା।

ଆଜି କ'ଣ କେଉଁଠି

ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

■ ଯୋଗାଣ ବିଭାଗର ଖାମଖିଆଲି ମନୋଭାବ

ଯୋଗାଣ ହେଉନି ଆବଶ୍ୟକ ଚାଉଳ

ଖପ୍ରାଖୋଲ, ୨।୧୦(ଡି.ଏନ.ଏ.)

ଧଣ୍ଡାମୁଣ୍ଡା ପଞ୍ଚାୟତ

- ଆବଶ୍ୟକତାଠାରୁ ୪୭କୁଇଣ୍ଟାଲ କମ୍ ଚାଉଳ ଯୋଗାଣ
- ଚାଉଳ ପାଇବାରୁ ବଞ୍ଚିତ ଶତାଧିକ ହିତାଧିକାରୀ

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକରେ ଯୋଗାଣ ବିଭାଗର ଖାମଖିଆଲି ମନୋଭାବ ଯୋଗୁଁ ପ୍ରତି ପଞ୍ଚାୟତକୁ ଆବଶ୍ୟକଠାରୁ କମ୍ ଚାଉଳ ଯୋଗାଣ ହେଉଥିବା ଅଭିଯୋଗ ହେଉଛି। ବ୍ଲକ ଅଧୀନ ଧଣ୍ଡାମୁଣ୍ଡା ପଞ୍ଚାୟତରେ ଏହାର ଚିତ୍ର ଦେଖିବାକୁ ମିଳୁଛି। ସୂଚନା ଅନୁସାରେ ଉକ୍ତ ପଞ୍ଚାୟତକୁ ଜାତୀୟ ଖାଦ୍ୟ ସୁରକ୍ଷା ଆଇନରେ ଚାଉଳ, ଗହମ ଓ ଅନ୍ତ୍ୟୋଦୟ ଯୋଜନା ଚାଉଳକୁ ମିଶାଇ ପ୍ରତିମାସରେ ୪୦୯ କୁଇଣ୍ଟାଲ ଖାଦ୍ୟଶସ୍ୟ ଯୋଗା ଯାଇଥାଏ। ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଚାଉଳ ୨୮୯ କୁଇଣ୍ଟାଲ ୮କେଜି, ଗହମ ୧୩କୁଇଣ୍ଟାଲ ୯୫କେଜି, ଅନ୍ତ୍ୟୋଦୟ ଅନ୍ନ ଯୋଜନା ଚାଉଳ ୧୦୧ କୁଇଣ୍ଟାଲ ୮୫ କେଜି ଯୋଗାଯାଉଛି। ଅକ୍ଟୋବର ମାସ ପାଇଁ ୪୦୫ କୁଇଣ୍ଟାଲ ଆବଶ୍ୟକସ୍ଥଳେ ୩୭୯ କୁଇଣ୍ଟାଲ ୯କେଜି ଯାହାକି ୨୬କୁଇଣ୍ଟାଲ ଆବଶ୍ୟକଠାରୁ କମ୍ । ସେହିପରି ନଭେମ୍ବର ମାସ ବାବଦକୁ ୩୮୨କୁଇଣ୍ଟାଲ ୯୨ କେଜି

କୋମଳ ଉତ୍ତର କ୍ରୋଧକୁ ଦମନ କରେ,
ମାତ୍ର କଟୁବାକ୍ୟ କୋପ ଜନ୍ମାଏ।
- ଯୀଶୁଖ୍ରୀଷ୍ଟ

ସଂକ୍ଷେପରେ

ଧାନ ମଡ଼ା ମେଶିନ ଭିତରେ ପଡ଼ି ନାବାଳକ ମୃତ

ବାଲିଶଙ୍କରା, ୨।୧୧ (ଡି.ଏନ.ଏ.)- ତଳସରା ଥାନା ଅନ୍ତର୍ଗତ ତଳସରା ଗ୍ରାମ ଶୁଖାବନ୍ଧ ନିକଟରେ ଶୁକ୍ରବାର ଅପରାହ୍ନ ୪ଟାରେ ଧାନ ବିଲ ଭିତରେ ମେସିନ ଦ୍ୱାରା ଧାନ ମଡା ଯାଉଥିଲା । କାର୍ଯ୍ୟରତ ହେଲପର ମୃତ ନାବାଳକ ଏଜରାଜ ତିର୍କି (୧୫) କୌଣସି କାରଣ ବଶତଃ ମେସିନ ଦ୍ୱାରା ଟାଣି ହୋଇ ଭିତରକୁ ପଶିଯିବା ଦ୍ୱାରା ଶରୀରର ଅର୍ଦ୍ଧ ଭାଗ ଚୁରମାର ହୋଇଯାଇଥିଲା । ଏହା ଦେଖି ଡ୍ରାଇଭର ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲେ। ଖବର ପାଇ ତଳସରା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଶବ ଜବତ କରିବା ସହିତ ମେସିନ ଗାଡି ମଧ୍ୟ ଜବତ କରି ଘଟଣାର ଅଧିକ ତଦନ୍ତ ଚଳାଇଛି। ଖବର ପାଇ ବାଲିଶଙ୍କରା ବ୍ଲକ ଅଧ୍ୟକ୍ଷା ତ୍ରିବେଣୀ ମାଝୀ ଘଟଣା ସ୍ଥଳକୁ ପହଞ୍ଚି ଦୁଃଖ ପ୍ରକାଶ କରିବା ସହିତ ମୃତ ପରିବାର ବର୍ଗଙ୍କୁ ସରକାରୀ ସହାୟତା ମିଳିପାରିବ ସେଥିପାଇଁ ପ୍ରତିଶ୍ରୁତି ଦେଇଥିଲେ ।

ପରୀକ୍ଷାଫଳ ପ୍ରକାଶନରେ ବିଳମ୍ବ
କଲେଜ ଅଧ୍ୟକ୍ଷଙ୍କୁ ଘେରିଲେ ପିଜି ଛାତ୍ରୀଛାତ୍ର

ସୁନ୍ଦରଗଡ, ୨।୧୧ (ଡି.ଏନ୍.ଏ.)

ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କୁ ଛାତ୍ରୀଛାତ୍ର ଘେରାଉ କରିଛନ୍ତି।

ପରୀକ୍ଷା ପରିଚାଳନା ଓ ଫଳ ପ୍ରକାଶନର ଦାୟିତ୍ୱ ବିଶ୍ୱବିଦ୍ୟାଳୟର ହୋଇଥିବାବେଳେ ସମ୍ବଲପୁର ବିଶ୍ୱ ବିଦ୍ୟାଳୟ କର୍ତ୍ତୃପକ୍ଷ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ପରୀକ୍ଷା ଫଳ ପ୍ରକାଶନ କରୁ ନ ଥିବା ନେଇ ଛାତ୍ରୀଛାତ୍ର ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅଧୀନ ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟ ବିଭିନ୍ନ ସ୍ନାତକୋତ୍ତର ବିଭାଗର ଛାତ୍ରୀଛାତ୍ରଙ୍କ ପ୍ରଥମ ସେମିଷ୍ଟାର ପରୀକ୍ଷା ଫଳ ଦୀର୍ଘଦିନ ପରେ ମଧ୍ୟ ପ୍ରକାଶ ନ ପାଇବା ଓ ପୁଣି ପରୀକ୍ଷା ପାଇଁ ଫର୍ମପୂରଣ ଆରମ୍ଭ ହୋଇଥିବାରୁ ଶୁକ୍ରବାର ସ୍ନାତକୋତ୍ତର ଦ୍ୱିତୀୟ ବର୍ଷ ଛାତ୍ରୀଛାତ୍ର ଅଧ୍ୟକ୍ଷଙ୍କୁ ଘେରାଉ କରିଥିଲେ। ପରୀକ୍ଷାଫଳ ଶୀଘ୍ର ପ୍ରକାଶ ଦାବିକରି ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତିଙ୍କ ଉଦ୍ଦେଶ୍ୟରେ ଅଧ୍ୟକ୍ଷଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଛାତ୍ରୀଛାତ୍ରଙ୍କ ଅଭିଯୋଗ ଅନୁଯାୟୀ ୨୦୧୭ ମସିହା ଡିସେମ୍ବର ୧୨ ତାରିଖରେ ପ୍ରଥମ ସେମିଷ୍ଟାର ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ନିୟମ ଅନୁଯାୟୀ ପରୀକ୍ଷାର ୩୦ରୁ ୪୫ ଦିନ ମଧ୍ୟରେ ପରୀକ୍ଷା ଫଳ ପ୍ରକାଶିତ ହେବା କଥା ଓ ପରୀକ୍ଷା ଫଳ ପ୍ରକାଶିତ ହେବା ପରେ ଫର୍ମପୂରଣ ପାଇଁ ୧୦ଦିନ ସମୟ ମିଳିବା କଥା। ମାତ୍ର ଦ୍ୱିତୀୟ ସେମିଷ୍ଟାରର ପରୀକ୍ଷା ଫଳ ପ୍ରକାଶ ପାଇଥିବା ବେଳ ଦୀର୍ଘ ୧୧ମାସ ପରେ ମଧ୍ୟ ପ୍ରଥମ ସେମିଷ୍ଟାରର ପରୀକ୍ଷାଫଳ ପ୍ରକାଶ ପାଇନାହିଁ। ଏଣେ ଶୁକ୍ରବାର ତୃତୀୟ ସେମିଷ୍ଟାରର ପରୀକ୍ଷା ପାଇଁ ଫର୍ମ ପୂରଣ ହୋଇଥିବା ବେଳେ ଶନିବାର ପ୍ରଥମ ସେମିଷ୍ଟାର ପରୀକ୍ଷା ସକାଶେ ତାରିଖ ରହିଛି। ହେଲେ ପ୍ରଥମ ସେମିଷ୍ଟାରରେ ଫଳାଫଳ ନେଇ ଛାତ୍ରୀ ଛାତ୍ରମାନେ ଅନିଶ୍ଚିତତା ମଧ୍ୟରେ ରହିଥିବା ବେଳେ ବିଶ୍ୱ ବିଦ୍ୟାଳୟ କର୍ତ୍ତୃପକ୍ଷ ପ୍ରଥମ ସେମିଷ୍ଟାର ପରୀକ୍ଷା ପାଇଁ ଫର୍ମପୂରଣ ପାଇଁ ତାରିଖ ଧାର୍ଯ୍ୟ କରିଥିବାରୁ ପ୍ରଥମ ସେମିଷ୍ଟାର ପରୀକ୍ଷା ଦେଇଥିବା ଦ୍ୱିତୀୟ ବର୍ଷର ଛାତ୍ରୀ, ଛାତ୍ର ଆବଶ୍ୟକ ଇମ୍ପ୍ରୁଭମେଣ୍ଟ ପରୀକ୍ଷା ଦେବା ସୁଯୋଗରୁ ବଞ୍ଚିତ ହେବାର ଆଶଙ୍କା ପ୍ରକାଶ କରିଛନ୍ତି। ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ବିଳମ୍ବ ନୀତି ଯୋଗୁ ସ୍ନାତକୋତ୍ତର ଛାତ୍ରୀଛାତ୍ରମାନେ ନିର୍ଦ୍ଧାରିତ ସମୟ ମଧ୍ୟରେ ଡିଗ୍ରୀ ହାସଲ କରିବା ମଧ୍ୟ ସମ୍ଭବ ନୁହେଁ ବୋଲି କହିଛନ୍ତି। ଏ ସମ୍ପର୍କରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ କିଶୋର କୁମାର ଦାଶଙ୍କୁ ପଚାରିବାରେ ଛାତ୍ରୀଛାତ୍ରଙ୍କ ଅଭିଯୋଗ ଓ ଦାବିକୁ ବିଶ୍ୱ ବିଦ୍ୟାଳୟ କୁଳପତି ଓ ପରୀକ୍ଷା ନିୟନ୍ତ୍ରକଙ୍କ ନିକଟକୁ ଟେଲିଫୋନ୍ ଯୋଗେ ଏବଂ ସ୍ୱତନ୍ତ୍ର ବାର୍ତ୍ତାବହଙ୍କ ଜରିଆରେ ଅବଗତ କରାଇ ପଦକ୍ଷେପ ନେବା ପାଇଁ ଅନୁରୋଧ କରିଥିବା ପ୍ରକାଶ କରିଛନ୍ତି। ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ତୁରନ୍ତ ପ୍ରଥମ ସେମିଷ୍ଟାରର ପରୀକ୍ଷା ଫଳ ପ୍ରକାଶ ସହ ବ୍ୟାକ୍ ପେପର ଲାଗିଥିବା ଛାତ୍ରୀଛାତ୍ରଙ୍କ ସକାଶେ ଇମ୍ପ୍ରୁଭମେଣ୍ଟ ପରୀକ୍ଷା ପାଇଁ ସ୍ୱତନ୍ତ୍ର ତାରିଖ ଧାର୍ଯ୍ୟ କରିବାକୁ ଦାବି କରିଛନ୍ତି।

ବାଲିଶଙ୍କରା ବ୍ଲକସ୍ତରୀୟ କ୍ରୀଡା ପ୍ରତିଯୋଗିତା

ବାଲିଶଙ୍କରା, ୨।୧୧ (ଡି.ଏନ.ଏ)

ବାଲିଶଙ୍କରା ବ୍ଲକସ୍ତରୀୟ କ୍ରୀଡା ପ୍ରତିଯୋଗିତା ବାଲିଶଙ୍କରା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟ ଅତିଥି ରୂପେ ବାଲିଶଙ୍କରା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବେଲି ସାଜିଦା ଖାଲଖୋ ଯୋଗଦେଇ ଆନୁଷ୍ଠାନିକ ଭାବେ ଦୀପ ପ୍ରଜ୍ଜଳନ ପୂର୍ବକ ଉଦଘାଟନ କରିଥିଲେ । ଏହି କ୍ରୀଡା ପ୍ରତିଯୋଗିତାରେ ବାଲିଶଙ୍କରା ବ୍ଲକର ୧୮ଟି ବିଦ୍ୟାଳୟରୁ ଛାତ୍ରୀଛାତ୍ର ଭାଗ ନେଇଥିଲେ । ଏହି ପ୍ରତିଯୋଗୀତାରେ ୧୦୦, ୨୦୦,୪୦୦, ୮୦୦, ୧୫୦୦,୩ହଜାର ମିଟର ଦୌଡରେ ଏବଂ ହାଇଜମ୍ପ, ଲଙ୍ଗଜମ୍ପ, ସଟପୁଟ ଏବଂ ଡିସକସ ଥ୍ରୋ ପ୍ରତିଯୋଗିତା ହୋଇଥିଲା । କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା ।

ପୋଡିହୋଇ ୱାର୍ଡ ସଭ୍ୟା ଗୁରୁତର

ବଡଗାଁ, ୨।୧୧ (ଡି.ଏନ.ଏ)

ବଡଗାଁ ବନ୍ଧଡ଼ିପା ପଡାର ୱାର୍ଡ ସଭ୍ୟା ଲିଲି ରୋହିଦାସ (୩୫) ଶୁକ୍ରବାର ସନ୍ଧ୍ୟାରେ ପୋଡିହୋଇ ଗୁରୁତର ଆହତ ହୋଇଛନ୍ତି। କୌଣସି କାରଣରୁ ସନ୍ଧ୍ୟା ୭ଟାରେ ଘର ଭିତରେ କିରୋସିନ ଢ଼ାଳି ହୋଇ ନିଆଁ ଲଗାଇ ଦେଇଥିବା ଜଣାପଡିଛି । ପୋଲିସ ଘଟଣାର ତଦନ୍ତ କରୁଛି ।

ଫୁଲବାରୀ ପଞ୍ଚାୟତରେ ପ୍ରଧାନମନ୍ତ୍ରୀ କୃଷିବୀମା ଯୋଜନାର କ୍ରପ କଟିଂ

ବଡଗାଁ, ୨।୧୧ (ଡି.ଏନ.ଏ)

ସୁନ୍ଦରଗଡ ଜିଲା ବଡଗାଁ ବ୍ଲକ ଅନ୍ତର୍ଗତ ଫୁଲବାରୀ ପଞ୍ଚାୟତର କୁରେଇବଗା ଗ୍ରାମରେ ରାଜସ୍ୱ ଏବଂ ପରିସଂଖ୍ୟାନ ବିଭାଗ ପକ୍ଷରୁ ମିଳିତ ଭାବେ ଶୁକ୍ରବାର ପ୍ରଧାନମନ୍ତ୍ରୀ କୃଷି ବୀମା ଯୋଜନାର କ୍ରପ କଟିଂ କରାଯାଇଛି । ମଧ୍ୟାହ୍ନରେ ଫୁଲବାରୀ ସରପଞ୍ଚ ଅହଲ୍ୟା ଲାକ୍ରା, କୃଷକ ସାଥି ଲଳିନ୍ଦ୍ର, ପ୍ରେମାନନ୍ଦ ନାଏକ, ଭୋଇପାଲି କୃଷକ ବଜାର କମିଟିର ସଭାପତି ରବୀନ୍ଦ୍ର ପଟେଲଙ୍କ ଉପସ୍ଥିତିରେ ରିଲାଏନ୍ସ କୃଷି ବୀମା କମ୍ପାନୀର କ୍ଷେତ୍ର କର୍ମଚାରୀ ଦେବରାଜ ଗୌଡ, ସମ୍ବଲପୁର ପରିସଂଖ୍ୟାନ ବିଭାଗ କର୍ମଚାରୀ ନବଘନ ଡନସନା, ବଡ଼ଗାଁ ଏଆରଆଇ ସ୍ଥିତାରାଣୀ ସାହୁ, କୃଷି କର୍ମଚାରୀ ଗୀତା ପଟେଲ କ୍ରପ କଟିଂ କରାଇଥିଲେ। କୁରେଇବଗା ଗ୍ରାମର ଦିଲୀପ ପୃଷ୍ଟେଟଙ୍କ ବେର୍ଣ୍ଣା କିସମ ଜମିରୁ ୫ମିଟର ଲମ୍ବ ଓ ୫ ମିଟର ଚଉଡା ସ୍ଥାନରୁ ଫସଲ କାଟି ଓଜନ କରାଯାଇଥିଲା । ଏଥିରୁ ମାତ୍ର ୮ଶହ ଗ୍ରାମ ଧାନ ଅମଳ ହୋଇଛି । କ୍ରପ କଟିଂ ପରେ ଚାଷୀମାନେ କର୍ମଚାରୀଙ୍କୁ ଉଜୁଡି ଯାଇଥିବା ଚାଷ ଦେଖାଇଥିଲେ। ସେହିପରି ଏହି ପଞ୍ଚାୟତର ବିର୍ସୁ ଗ୍ରାମର ଗୁଲବଦନ ମାଝି, ଦଶରଥ ଭୈସାଲ ଓ ବିପିନ କିଷାନଙ୍କ ଜମିରୁ ଶହେରୁ ଅଧ କେଜି ଏବଂ ଫୁଲବାରୀ ଗ୍ରାମର ସୁବାସ ବିଶି, ବୀରେନ୍ଦ୍ର କିଷାନ, ସ୍ୱର୍ଣ୍ଣ ମାଝି ଓ ପ୍ରଭାତ କୁମାର ବିଶିଙ୍କ ଜମିରୁ କ୍ରପ କଟିଂରେ ମାତ୍ର ୩୦ରୁ ୪୦ ଗ୍ରାମ ଅମଳ ହୋଇଥିବା କୃଷି କର୍ମଚାରୀଙ୍କଠାରୁ ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ, ବଡଗାଁ ବ୍ଲକ ଅଞ୍ଚଳରେ ୭୦ ପ୍ରତିଶତ ଫସଲ ଜଳାଭାବ ଯୋଗୁଁ ନଷ୍ଟ ହୋଇଛି।

ଫୁଲବାରୀ ଗ୍ରାମର କ୍ରପ କଟିଂ ଚାଲିଛି।

ସେଣ୍ଟ୍ରାଲ ମଡେଲ ସ୍କୁଲ ନାଁରେ ଠକେଇ
ବିଇଓଙ୍କ ଆଦେଶକୁ ଖାରଜ କଲେ ଅଭିଭାବକ ଓ କର୍ମଚାରୀ

ବଡଗାଁ, ୨।୧୧ (ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଜରଙ୍ଗଲୋଇ ଗ୍ରାମସ୍ଥିତ ପବ୍ଲିକ ସ୍କୁଲ କର୍ମଚାରୀ ଓ ସ୍କୁଲ କମିଟି କର୍ମକର୍ତ୍ତାଙ୍କୁ ବିଭିନ୍ନ ଆଶା ଦେଖାଇ ସେହି ସ୍କୁଲକୁ ସେଣ୍ଟ୍ରାଲ ମଡେଲ ସ୍କୁଲ କରିବା ପାଇଁ ଖୋର୍ଦ୍ଧା ମେଣ୍ଟାଶାଳ ଗ୍ରାମର ଧରଣୀଧର ମହାପାତ୍ର (୭୦) ଗତବର୍ଷ ପ୍ରସ୍ତାବ ଦେଇଥିଲେ। ପରବର୍ତ୍ତି ସମୟରେ ସମ୍ପୃକ୍ତ ବ୍ୟକ୍ତି ସ୍କୁଲ ନାଁରେ ଠକେଇ କରିବେ ଜାରିପାରି ନ ଥିବା କର୍ମଚାରୀମାନେ ଠକାମୀର ଶିକାର ହେଲା ପରେ ଗୁରୁବାର ସ୍କୁଲର କର୍ମଚାରୀ ଓ ଅଭିଭାବକମାନେ ବୈଠକ କରି ସ୍କୁଲକୁ ପୂର୍ବଭଳି ଜରଙ୍ଗଲୋଇ ପବ୍ଲିକ ସ୍କୁଲ ନାଁରେ ପରିଚାଳିତ କରିବାକୁ ନିଷ୍ପତ୍ତି ନେଇ ପ୍ରସ୍ତାବ ଗୃହିତ କରାଇଛନ୍ତି। ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ମିଞ୍ଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ବୈଠକରେ ଗୃହିତ ପ୍ରସ୍ତାବରେ ଉଲ୍ଲେଖ କରାଯାଇଛି ଯେ, ଜରଙ୍ଗଲୋଇ ପବ୍ଲିକ ସ୍କୁଲକୁ ସେଣ୍ଟ୍ରାଲ ମଡେଲ ସ୍କୁଲରେ ପରିବର୍ତ୍ତନ କରିବା ପାଇଁ ସେ ସମୟର ବିଇଓ ଦେଇଥିବା ଆଦେଶକୁ ଖାରଜ କରି ପୂର୍ବଭଳି ପବ୍ଲିକ ସ୍କୁଲ ନାମରେ ପରିଚାଳନା କରାଯିବ। ଏ ସମ୍ପର୍କରେ ସେମାନେ ବିଇଓଙ୍କୁ ଗୃହିତ ପ୍ରସ୍ତାବର ନକଲ ଦେଇଛନ୍ତି । ସୂଚନାଯୋଗ୍ୟ ଯେ, ସେଣ୍ଟ୍ରାଲ ମୋଡେଲ ସ୍କୁଲ ସୁନ୍ଦରଗଡ ଜିଲାର ୧୦ଟି ଗ୍ରାମରେ ଖୋଲାଯାଇଛି। ସ୍କୁଲ ସମେତ ୨ଟି ସିଲେଇ ତାଲିମ କେନ୍ଦ୍ରରେ ଶହେରୁ ଊର୍ଦ୍ଧ୍ୱ କର୍ମଚାରୀଙ୍କୁ ନିଯୁକ୍ତି ଦେଇ ସେମାନଙ୍କୁ ବର୍ଷରେ ମାତ୍ର ୧ମାସର ଦରମା ଦେଇ ବାକି ୧୧ ମାସର ଦରମା କର୍ମଚାରୀ ଆନ୍ଦୋଳନ କରିଥିଲେ। ସେଠାରେ ପୋଲିସକୁ ବିଇଓ ଦେଇଥିବା ପତ୍ର ଦେଖାଇ ମହାପାତ୍ର ଅନୁମତି ମିଳିଛି କହିଥିଲେ। ୫ଦିନ ମଧ୍ୟରେ ୫ମାସର ଦରମା ଦେବାକୁ ଲେଖି ଦେଇଥିଲେ ମଧ୍ୟ ଦେବି କହି ସ୍କୁଲ ପରିଚାଳକ ମହାପାତ୍ର ଠିକ ଆସୁଥିବାବେଳେ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ସିଟି ବିଇଡି ଟ୍ରେନିଂ କରାଇଦେବାକୁ କହି ପ୍ରତ୍ୟେକଙ୍କ ଠାରୁ ୧୦ରୁ ୧୫ ହଜାର ଟଙ୍କା ଲେଖାଏଁ ସଂଗ୍ରହ କରିଥିଲେ। ତେବେ ଟ୍ରେନିଂ ପାଇଁ ଯେଉଁ ଇନଷ୍ଟିଚ୍ୟୁଟର ଫର୍ମ ପୂରଣ କରି ପରିଚାଳକ ମହାପାତ୍ରଙ୍କୁ ଦେଇଥିଲେ ସେଭଳି ଇନଷ୍ଟିଚ୍ୟୁଟ ନ ଥିବା ଜାଣିଲା ପରେ ଓ ପରିଚାଳକ ଟଙ୍କା ଫେରାଇବି କହି ସମୟ ଗଡାଇ ଚାଲିବାରୁ ୧୦ଟି ସ୍କୁଲର ଶତାଧିକ କର୍ମଚାରୀ ଘଣ୍ଟ ଘୋଡାଉଥିବା ଆଲୋଚନା ହେଉଥିଲାବେଳେ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ସହିତ ବେକାର ଯୁବତୀ ଯୁବକଙ୍କ ଭବିଷ୍ୟତ ପ୍ରତି ସରକାର, ପ୍ରଶାସନ କେତେ ସଚେତନ ଅଛନ୍ତି ଏଥିରୁ ବୁଝାପଡେ।

ଚୋରି କରିବାକୁ ଆସିଥିବା ନାବାଳକ ଧରାପଡିଲେ

ବଡଗାଁ, ୨।୧୧ (ଡି.ଏନ.ଏ)

ବଡଗାଁ ଅଞ୍ଚଳରେ ଚୋର ସକ୍ରିୟ ଅଛନ୍ତି । କିଛି ମାସ ହେଲା ରାସ୍ତା ପାର୍ଶ୍ୱ ଗ୍ରାମର ଦୋକାନ ଭାଙ୍ଗି ଚୋରି, ବାଇକ, ଟ୍ରାକ୍ଟର ବ୍ୟାଟେରୀ ଚୋରି ଓ ରାସ୍ତାରେ ଅଟକୁ ଥିବା ଟ୍ରକରୁ ଡିଜେଲ ଚୋରି ଘଟଣା ନଜରକୁ ଆସିଥିଲା ବେଳେ ବଡଗାଁର ମୋବାଇଲ ଦୋକାନରୁ ଚୋରି ଘଟଣାରେ ସଂପୃକ୍ତ ୨ଜଣ ଯୁବକଙ୍କୁ ଗ୍ରାମର କେତେକ ଯୁବକ ଧରି ଥାନାରେ ଦେଲାପରେ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ଏହାପରେ ମଧ୍ୟ ଚୋରଙ୍କ ଭୟ ଥିଲା ଭଳି ଜଣାପଡୁନାହିଁ । ଗୁଧବାର ରାତିରେ ବଡଗାଁ ଥାନା ଠାରୁ ୨ଶହ ମିଟର ଦୂର ଥାନା ପାଚେରୀ ପାର୍ଶ୍ୱ ଗୌଡପଡାର ରମାକାନ୍ତଙ୍କ ଟେମ୍ପୋକୁ ଚୋରି କରିବା ପାଇଁ ଆସିଥିବା ଜଣେ ୧୫ରୁ ୧୭ ବର୍ଷର ନାବାଳକ ଜଣେ ବ୍ୟକ୍ତିଙ୍କ ଘରେ ଲାଗିଥିବା ସିସି କ୍ୟାମେରାରେ ଜଣାପଡିଥିଲେ । ଏହା ଜଣାପଡିବା ପରେ ଗୁରୁବାର ରାତିରେ ପଡାର କିଶୋର ଗୌଡ, ଟଙ୍କଧର ଦେହୁରୀ, ରାମ ମୁଖି, ଚୈତୁ ଚନ୍ଦନ, କୁନୁ କାଲୋ, ତ୍ରିଲୋଚନ ଦେହୁରୀ, ମାନ୍ଧାତା ପୋଢ଼ ସହିତ ୨୫ରୁ ଉର୍ଦ୍ଧ୍ୱ ଯୁବକ ଜଗି ରହିଥିଲେ । ରାତି ୧୧ଟାରେ ଜଣେ ନାବାଳକ ସାଇକେଲରେ ଆସି ଚାବି ଲଗାଇ ଟେମ୍ପୋ ଷ୍ଟାର୍ଟ କଲାବେଳେ ଯୁବକମାନେ କାବୁ କରି ଥାନାରେ ଜିମା ଦେଇଥିଲେ । ପୋଲିସ ଘଟଣାର ତଦନ୍ତ କରୁଛି । ନାବାଳକଙ୍କ ଠାରୁ ବହୁ ସଂଖ୍ୟକ ଚାବି ଓ ସାବୁନ ଯୁବକମାନେ ଜବତ କରି ପୋଲିସକୁ ଦେଇଛନ୍ତି ।

ଦୋକାନରୁ ଚୋରି ଅଭିଯୋଗ: ଜଣେ କୋର୍ଟ ଚାଲାଣ

ଲହୁଣୀପଡା, ୨।୧୧ (ଡି.ଏନ.ଏ)

ଲହୁଣୀପଡା ଥାନା ଅନ୍ତର୍ଗତ ଖୁଣ୍ଟଗାଁ ସ୍ଥିତ ଏକ ଲୁହା ଆଲମିରା ଦୋକାନରୁ ଚୋରି ଅଭିଯୋଗରେ ଶୁକ୍ରବାର ଜଣେ ଗିରଫ ହୋଇ କୋର୍ଟ ଚାଲାଣ ହୋଇଛନ୍ତି। ଖୁଣ୍ଟଗାଁ ସ୍ଥିତ ତ୍ରିଲୋଚନ ମାହାନ୍ତଙ୍କ ଦୋକାନରେ ତିଆରି ହୋଇଥିବା ଦୁଇଟି ଆଲମିରା, ଦୁଇଟି ଆଲାପାକୁ ନୁଆଡିହି ଗ୍ରାମର ଅଗସ୍ତି ପଲେଇ (୪୦) ଓ ତାର ସହାଯୋଗୀମାନଙ୍କ ସହିତ ଗତ ୨୭ ତାରିଖ ରାତିରେ ଚୋରି କରି ନେଇ ଯାଇଥିଲା । ଏ ସଂକ୍ରାନ୍ତରେ ତ୍ରିଲୋଚନ ମାହାନ୍ତ ଲହୁଣୀପଡା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିବା ସହିତ ଅଗସ୍ତିକୁ ଶୁକ୍ରବାର ଗିରଫ କରି କୋର୍ଟ ଚାଲାଣ କରିଛି।

ବନ କର୍ମଚାରୀଙ୍କ ଦ୍ୱାରା ଅଜଗର ଉଦ୍ଧାର

ବଡ଼ଗାଁ, ୨।୧୧ (ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ଫରେଷ୍ଟ ରେଞ୍ଜ ଅଞ୍ଚଳ ଗରିଆମାଲ, ଧୁମାଗଡା ଓ କିଞ୍ଜିରକେଲା ଗ୍ରାମରୁ ଦେଢ଼ ମାସ ମଧ୍ୟରେ ୩ଟି ଅଜଗର ସାପ ବନକର୍ମଚାରୀ ଉଦ୍ଧାର କରିଥିଲାବେଳେ ପୁଣି ଆଉ ଏକ ୧୦ଫୁଟ ଲମ୍ବର ଅଜଗର ସାପକୁ ରାଏଡିହି ନିକଟ ଚେମଠାପଡା ଗ୍ରାମରୁ ଉଦ୍ଧାର କରାଯାଇଛି। ଗ୍ରାମବାସୀଙ୍କ ସୂଚନାକ୍ରମେ ଫରେଷ୍ଟର ବିନୋଦ କୁମାର ପଟ୍ଟନାୟକ, ବନ କର୍ମଚାରୀ ଜୟନାରାୟଣ ପ୍ରଧାନ, ସୋନୁ, ଅନିମେଶ ଷଡଙ୍ଗୀ ସାପକୁ ଧରି ମହାବୀର ପର୍ବତରେ ଛାଡିଥିଲେ ।

ସାପକୁ ମହାବୀର ପର୍ବତରେ ଛଡ଼ାଯାଉଛି।

ରାଜ୍ୟ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପ୍ରମୁଖ ଶାସନ ସଚିବଙ୍କ କୁଆଁରମୁଣ୍ଡା ବ୍ଲକ ଅଞ୍ଚଳଗସ୍ତ

କୁଆଁରମୁଣ୍ଡା,୨।୧୧ (ଡି.ଏନ.ଏ.)

ରାଜ୍ୟ ସାମାଜିକ ନିରାପତ୍ତା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପ୍ରମୁଖ ଶାସନ ସଚିବ ନିତେନ ଚନ୍ଦ୍ର ଶୁକ୍ରବାର ସୁନ୍ଦରଗଡ଼ ଜିଲା ଗସ୍ତରେ ଆସି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ତଦାରଖ କରିଛନ୍ତି। ରାଉରକେଲା ସର୍କିଟ ହାଉସରୁ ସକାଳ ସାଢେ ୧୧ଟାରେ କୁଆଁରମୁଣ୍ଡା ବ୍ଲକ ପଦ୍ମପୁର ପଞ୍ଚାୟତର ଜଗଦୀଶପୁର ଠାରେ ନିର୍ମିତ ନଦୀରୁ ଉଠାଜଳସେଚନ ପ୍ରୋଜେକ୍ଟର ତଦାରଖ କରିଥିଲେ। ଏହି ପ୍ରୋଜେକ୍ଟ ଚାଷୀମାନଙ୍କର କେତେ ଉପକାରରେ ଲାଗୁଛି ସେ ସମ୍ପର୍କରେ ଉପସ୍ଥିତ ମହିଳା ଚାଷୀ ଓ ଓଏଲଆଇସିର ନିର୍ବାହୀ ଅଧିକାରୀ ରବିନାରାୟଣ ସାମଲଙ୍କଠାରୁ ପଚାରି ବୁଝିଥିଲେ। ବିଶେଷ କରି ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନେ ଜମିରେ ଆଳୁ,ସୋରିଶ ଓ ପନିପରିବା ଚାଷ କରି ନିଜ ଆବଶ୍ୟକତା ପୂରଣ କରିବା ସହ ବାହାର ବଜାରରେ ବିକ୍ରି କରି ଲାଭବାନ ହେଉଛନ୍ତି। ଜଳାଭାବ ସମୟରେ ଉକ୍ତ ଉଠା ଜଳସେଚନ ପ୍ରୋଜେକ୍ଟ ଏହି ଜଳାଭାବକୁ ପରିପୂରଣ କରିପାରୁଛି ବୋଲି ମହିଳା ଚାଷୀମାନେ ପ୍ରମୁଖ ଶାସନ ସଚିବ ନିତେନ ଚନ୍ଦ୍ରଙ୍କୁ ଜଣାଇଥିଲେ। ମଧ୍ୟାହ୍ନଭୋଜନ ବ୍ୟବସ୍ଥା, କମ୍ପ୍ୟୁଟର ବ୍ୟବହାର ଇତ୍ୟାଦି ବିଷୟରେ ପଚାରି ବୁଝିଥିଲେ। ବିଶେଷକରି ଆଡମିଶନ ସମସୟରେ ଦିବ୍ୟାଙ୍ଗ ଛାତ୍ରୀଛାତ୍ରମାନଙ୍କ ପାଇଁ ନିର୍ଦ୍ଧାରିତ ସଂରକ୍ଷଣ ବ୍ୟବସ୍ଥାକୁ ଗୁରୁତ୍ୱ ଦେବା,ଦିବ୍ୟାଙ୍ଗମାନଙ୍କ ପାଇଁ ସ୍ୱତନ୍ତ୍ର ଶିକ୍ଷୟିତ୍ରୀ/ଶିକ୍ଷକଙ୍କ ଅଭାବ ଥିବା ଜାଣିବାକୁ ପାଇଥିଲେ ।ଏହା ସହ ଛାତ୍ରୀଛାତ୍ରମାନଙ୍କ ସମସ୍ତ ତଥ୍ୟକୁ କମ୍ପ୍ୟୁଟରରେ ଅପଲୋଡ୍ କରିବା ପାଇଁ ପ୍ରମୁଖ ଶାସନ ସଚିବ ନିତିନ ଚନ୍ଦ୍ର ଏହି ଅବସରରେ ଉପସ୍ଥିତ ଶିକ୍ଷା ବିଭାଗ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ସମୟରେ ଆଦର୍ଶ ବିଦ୍ୟାଳୟର ପ୍ରିନ୍ସିପାଲ,ଜିଲା ଶିକ୍ଷାଧିକାରୀ ରଂଜନ କୁମାର ଗିରି, ଡିପିସି

ଯେଉଁମାନେ କମ୍ କାମ କରନ୍ତି,
ସେମାନେ ବେଶି କଥା କୁହନ୍ତି।
- ମହାତ୍ମା ଗାନ୍ଧୀ

ସଂକ୍ଷେପରେ

ତଣ୍ଟି ଚିପି ସ୍ତ୍ରୀଙ୍କୁ ହତ୍ୟା, ସ୍ୱାମୀ ଗିରଫ

ଝାରସୁଗୁଡ଼ା ଅଫିସ,୨।୧୧

ଝାରସୁଗୁଡ଼ା ଜିଆରପି ଥାନା ଅଧୀନ ଧୁତ୍ରା ରେଲୱେ କଲୋନୀରେ ରହୁଥିବା ଦିନେଶ୍ୱରୀ ତନ୍ତୀ (୨୨)ଙ୍କୁ ତଣ୍ଟିଚିପି ହତ୍ୟା ଅଭିଯୋଗରେ ଶୁକ୍ରବାର ପୋଲିସ ତାଙ୍କ ସ୍ୱାମୀ ବିଜୟ ତନ୍ତୀଙ୍କୁ ଗିରଫ କରିଛି। ସୁନ୍ଦରଗଡ଼ ଜିଲା ଭଖ୍ରା ଥାନା ବିଲେଇଗଡ଼ର ଶୋଭାରାମ ପିଙ୍ଗଙ୍କ ଝିଅ ଦିନେଶ୍ୱରୀ ଦେଢ଼ବର୍ଷ ପୂର୍ବରୁ ଝାରସୁଗୁଡ଼ା ଡବଲିଂ କଲୋନୀର ବିଜୟଙ୍କୁ ବିବାହ କରିଥିଲେ। ବିବାହ ପରେ ଉଭୟ ଧୁତ୍ରା ରେଲୱେ କଲୋନୀରେ ରହୁଥିଲେ। ବିଜୟ ମଦପିଇ ଦିନେଶ୍ୱରୀଙ୍କୁ ଅନେକ ସମୟରେ ନିର୍ଯାତନା ଦେଉଥିଲେ। ମଙ୍ଗଳବାର ଦରମା ଟଙ୍କାକୁ ନେଇ ସେମାନଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଉତ୍କ୍ଷିପ୍ତ ହୋଇ ବିଜୟ ଦିନେଶ୍ୱରୀଙ୍କୁ ଏକ ଚାପୁଡ଼ା ମରିଥିଲେ। ସେ ବେହୋସ୍ ହୋଇଯିବା ପରେ ବିଜୟ ତାଙ୍କ ତଣ୍ଟି ଚିପି ହତ୍ୟା କରିଥିବା ପୋଲିସ ଆଗରେ ସ୍ୱୀକାର କରିଛନ୍ତି।

କଲ୍ୟାଣମଣ୍ଡପର ଶିଳାନ୍ୟାସ

ଝାରସୁଗୁଡ଼ା ଅଫିସ,୨।୧୧- ଝାରସୁଗୁଡ଼ା ୱାର୍ଡ ନଂ-୯ କାପୁମାଲଠାରେ ଶୁକ୍ରବାର ଏକ କଲ୍ୟାଣମଣ୍ଡପର ଶିଳାନ୍ୟାସ କରାଯାଇଛି। ୨୫ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ଏହି କଲ୍ୟାଣମଣ୍ଡପର ଶିଳାନ୍ୟାସ ଝାରସୁଗୁଡ଼ା ବିଧାୟକ ନବ କିଶୋର ଦାସ କରିଛନ୍ତି। ଏଥିରେ ଜିଲା କଂଗ୍ରେସ ସଭାପତି ଗିରୀଶ ରଞ୍ଜନ ପଣ୍ଡା, କାଉନସିଲର ପ୍ରତାପ ନନ୍ଦ, ରାଜୁ ପାଣିଗ୍ରାହୀ, କୁଶାସନ ଜୟପୁରିଆ, ପ୍ରଫେସର ଟହଲୁ ସାହୁ, ମଦନ ହାତୀ, ରବିନ୍ ପାଣ୍ଡେ, ଶ୍ରୀକାନ୍ତ ମହାନ୍ତି, ଦେବ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

ନାବାଳିକାଙ୍କୁ ଅପହରଣ ଅଭିଯୋଗ

ଝାରସୁଗୁଡ଼ା ଅଫିସ,୨।୧୧- ନାବାଳିକାଙ୍କୁ ଅପହରଣ ଓ ଶାରୀରିକ ସମ୍ପର୍କ ରଖିବା ଅଭିଯୋଗରେ ଝାରସୁଗୁଡ଼ା ଟାଉନଥାନାରେ ଏକ ମାମଲା ରୁଜୁ ହୋଇଛି। ଅଭିଯୁକ୍ତ ଲହଣ୍ଡାବୁଡ଼ର ପିଙ୍କୁ ପଟେଲ (୨୧)ଙ୍କୁ ପୋଲିସ ଅଟକ ରଖିଛି। ପିଙ୍କୁ ସେପ୍ଟେମ୍ବର ୧୮ରେ ନାବାଳିକାଙ୍କୁ ନେଇ ଫେରାର ହୋଇଯାଇଥିଲେ। ଦେଢ଼ମାସ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ରଖିବା ପରେ ଗୁରୁବାର ରାତିରେ ଆଣି ଘରେ ଛାଡ଼ିଥିଲେ। ନାବାଳିକା ଫେରିବା ପରେ ଘର ଲୋକେ ଥାନାରେ ଏତଲା ଦେଇଛନ୍ତି।

ଜିଲାସ୍ତରୀୟ ସରପଞ୍ଚ ସଂଘ ବୈଠକ

ବ୍ରଜରାଜନଗର,୨।୧୧ (ଡି.ଏନ୍.ଏ.) ସ୍ଥାନୀୟ ଏର୍. କଣ୍ଟାପାଲି ପଡ଼ିଆରେ ଝାରସୁଗୁଡ଼ା ଜିଲାର ସରପଞ୍ଚମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଛି। ରାଜପୁର ସରପଞ୍ଚ ଯତିନ ଦେଓଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ବୈଠକରେ ସୁନ୍ଦରଗଡ଼ ସରପଞ୍ଚ ସଂଘ ସଭାପତି ନୃସିଂହ ମିଶ୍ର ମୁଖ୍ୟଅତିଥି ଭାବରେ ଯୋଗଦେଇଥିଲେ। ସମ୍ବଲପୁର ସରପଞ୍ଚ ସଂଘ ସଭାପତି ସୁଶିଲ କୁମାର ବାବୁ, ବଲାଙ୍ଗୀର ସରପଞ୍ଚ ସଂଘ ସଭାପତି କାଶିରାମ ବେହେରା ପ୍ରମୁଖ ଯୋଗଦେଇ ସରପଞ୍ଚମାନଙ୍କ କାର୍ଯ୍ୟଦକ୍ଷତା ଉପରେ ଆଲୋଚନା କରିଥିଲେ। ବିଭିନ୍ନ ପଞ୍ଚାୟତରେ ସରପଞ୍ଚମାନଙ୍କ ବିକାଶ କ୍ଷେତ୍ରରେ ବାଧକ ସାଜୁଥିବା କାରଣ ଏବଂ ଏହାର ସମାଧାନ, ସରକାରଙ୍କ ଯୋଜନା, ପ୍ରଶାସନର ଚାପ ଦଳୀୟ କନ୍ଦଳକୁ ଭେଦକରି କିପରି ଜଣେ ସରପଞ୍ଚ ଆଗକୁ ବଢ଼ିପାରିବ ସେ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ଝାରସୁଗୁଡ଼ା ଜିଲାର ମୋଟ ୭୮ ସରପଞ୍ଚଙ୍କ ମଧ୍ୟରୁ ୬୫ ଜଣ ଯୋଗଦେଇ ସେମାନଙ୍କ ମତ ରଖିଥିଲେ।

ପୋଲିସ ପଞ୍ଜାରେ ୧୦ ଆନ୍ତଃ ରାଜ୍ୟ ଡକାୟତ

■ ଟଙ୍କା, ପିସ୍ତଲ, ଗୁଳି, ଖଣ୍ଡା, ଲୁହାରଡ୍ ଜବତ

ଝାରସୁଗୁଡ଼ା ଅଫିସ,୨।୧୧



ଟାଉନଥାନାରେ ଗିରଫ ଅଭିଯୁକ୍ତଙ୍କ ଏବଂ ଜବତ ସାମଗ୍ରୀ।

ଝାରସୁଗୁଡ଼ା ପୋଲିସ ଏକ ଆନ୍ତଃ ରାଜ୍ୟ ଡକାୟତି ଗ୍ୟାଙ୍ଗକୁ ଧରିବାରେ ସଫଳ ହୋଇଛି। ଡକାୟତି ଉଦ୍ୟମ କରୁଥିବା ବେଳେ ଖବର ପାଇ ଟାଉନ ଥାନା ପୋଲିସ ସେଠାରେ ଚଢ଼ାଉ କରି ୧୦ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ପଶ୍ଚିମବଙ୍ଗ ହୁଗୁଳି ଜିଲାର ଦିଲୀପ ରାଜବଂଶୀ (୪୮), ଟାଙ୍ଗନା ନାଇଡୁ (୪୦), ରବି ମୁଦାଲିୟାର (୩୮), କାର୍ତ୍ତିକ ମାଳି (୫୦), ଗୌତମ ସିଂ (୩୦), କିଶୋର ମୁଦଲିୟାର (୩୫), ଚନ୍ଦୁ ମାଳି (୩୦), ଝାରସୁଗୁଡ଼ା ଦୀପୁପଡ଼ାର ମନିଷ ମୋରିଆ (୨୬), ପୁରୁଣାବସ୍ତିର କୁନାଲ ବନଛୋର (୨୨) ଓ ବିମଳେନ୍ଦ୍ର କୁମାର ଦ୍ୱିବେଦୀ (୨୧)। ପୋଲିସ ଏମାନଙ୍କଠାରୁ ୪୪,୫୬୦ ଟଙ୍କା, ଗୋଟିଏ ଦେଶୀ ରିଭଲଭର, ଗୋଟିଏ ଗୁଳି, ୩ଟି ଖଣ୍ଡା, ୬ଟି ଲୁହାଛଡ଼, ୧୨ଟି ମୋବାଇଲ, ଗୋଟିଏ ଲାପଟପ୍, ଟର୍ଚ୍ଚ ଲାଇଟ୍, ମାସ୍କ ଆଦି ଜବତ କରିଛି। ଶୁକ୍ରବାର ଏମାନଙ୍କୁ କୋର୍ଟଚାଲାଣ କରାଯାଇଥିବା ଏକ ଖବରଦାତା ସମ୍ମିଳନୀରେ ଏସ୍ଡିପିଓ କୈଳାସ ଆଚାର୍ଯ୍ୟ ଏବଂ ଥାନା ଅଧିକାରୀ ସାବିତ୍ରୀ ବଳ ସୂଚନା ଦେଇଛନ୍ତି।

ଗତ ୨୬ ତାରିଖରେ ମୁଖ୍ୟ ଅଭିଯୁକ୍ତ ଟାଙ୍ଗନା ନାଇଡୁ ଏବଂ ତାଙ୍କ ସହଯୋଗୀମାନେ ସରବାହାଲ ରୋଡ୍‌ରେ ଥିବା ୟୁନିୟନ ବ୍ୟାଙ୍କ ସାମ୍ନାରୁ ଜଣେ ବ୍ୟକ୍ତିଙ୍କଠାରୁ ୨୭ ହଜାର ଟଙ୍କା ଲୁଟି ନେଇଥିଲେ। ସିସିଟିଭି ଫୁଟେଜ୍ ଜରିଆରେ ପୋଲିସ ଛାନଭିନ ଚଳାଇଥିବା ବେଳେ ୨୭ ତାରିଖରେ ପୋଲିସ ପ୍ରଥମେ ୩ ଜଣଙ୍କୁ ଝାରସୁଗୁଡ଼ା ଷ୍ଟେଶନ ଅଞ୍ଚଳରୁ ଧରିଥିଲା। ସନ୍ଦିଗ୍ଧଙ୍କୁ ଧରି ପୋଲିସ ମାରାଥନ୍ ଜେରା କରିବା ସମୟରେ ସେମାନେ ଅନ୍ୟମାନଙ୍କ ନାମ ପ୍ରକାଶ କରିଥିଲେ। ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ସମସ୍ତଙ୍କୁ ଗିରଫ କରିଥିବା ସୂଚନା ମିଳିଛି। ପୋଲିସ କହିବାନୁସାରେ, ଅଭିଯୁକ୍ତଙ୍କ ନାମରେ ରାଜ୍ୟ ତଥା ରାଜ୍ୟ ବାହାରେ ୩୦ରୁ ଅଧିକ ଡକାୟତି, ଲୁଟ୍ ମାମଲା ରହିଛି। ଏମାନେ ଝାରସୁଗୁଡ଼ା, ସମ୍ବଲପୁର, ଅନୁଗୋଳ, ଢେଙ୍କାନାଳ, ପୁରୀ, ଭୁବନେଶ୍ୱର, କଟକ, ବ୍ରହ୍ମପୁର ଭଳି ସହରରେ ରହି ଆଖପାଖ ଅଞ୍ଚଳରେ ଡକାୟତି କରୁଥିଲେ। ଗୁରୁବାର ବିଳମ୍ବିତ ରାତିରେ ଅଭିଯୁକ୍ତମାନେ ଝାରସୁଗୁଡ଼ା–ଧୁତରା ରୋଡ୍‌ରେ ନିର୍ମାଣାଧୀନ ବସ୍‌ଷ୍ଟାଣ୍ଡରେ ଡକାୟତି ଯୋଜନା କରୁଥିଲେ। ଏହି ସମୟରେ ପୋଲିସ ସେଠାରେ ଚଢ଼ାଉ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା ବୋଲି ଏସ୍ଡିପିଓ ଆଚାର୍ଯ୍ୟ ସୂଚନା ଦେଇଛନ୍ତି। ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ଇନ୍ସପେକ୍ଟର ପବିତ୍ର କିଷାନ, ଏସ୍ଆଇ ପ୍ରଦ୍ୟୁମ୍ନ କୁମାର ସ୍ୱାଇଁ, ଏସ୍.କେ. ନାଏକ, ଏଏସ୍ଆଇ ସମର କୁଜୁରଙ୍କ ସମେତ ଏର୍.ଡି. ବେହେରା, ଏସ୍. ନାଏକ, ଲୋଚନ ସା, ପି. ପାତ୍ରଙ୍କୁ ନେଇ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା।

ଓପିଜିସି ଅଧିକାରୀ ଓ କର୍ମଚାରୀଙ୍କ କଳାବ୍ୟାଜ୍ ପରିଧାନ ସ୍ଥଗିତ

ଲଖନପୁର,୨।୧୧(ଡି.ଏନ୍.ଏ.)

୧୧ଦଫା ଦାବି ନେଇ ଓପିଜିସି ଅଫିସର୍ସ ଆସୋସିଏଶନ୍ ଓ ଏମ୍ପ୍ଲଇଜ ୟୁନିୟନ ପକ୍ଷରୁ ଶୁକ୍ରବାର କଳାବ୍ୟାଜ୍ ପରିଧାନ କରି କାର୍ଯ୍ୟ କରିବାକୁ ନିଷ୍ପତ୍ତି ହୋଇଥିଲା। ହେଲେ ଦିନକ ପୂର୍ବରୁ ଗୁରୁବାର ରାତିରେ ନିଗମ କର୍ତ୍ତୃପକ୍ଷ ଆଲୋଚନା କରିବା ପାଇଁ ପ୍ରତିଶ୍ରୁତି ଦେବା ସହ କଳାବ୍ୟାଜ୍ ପରିଧାନ ନ କରିବା ପାଇଁ ପତ୍ର ମାଧ୍ୟମରେ ଅନୁରୋଧ କରିବାରୁ କଳାବ୍ୟାଜ୍ ପରିଧାନ ନିଷ୍ପତ୍ତିକୁ ପ୍ରତ୍ୟାହାର କରି ନିଆଯାଇଛି। ଏନେଇ ନିଗମ କର୍ତ୍ତୃପକ୍ଷ ଆସନ୍ତା ୨୦ତାରିଖ ମଧ୍ୟରେ ଦାବି ସମୂହ ସମ୍ପର୍କରେ ଉଭୟ ସଙ୍ଗଠନ ସହ ଆଲୋଚନା କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଅନ୍ୟପକ୍ଷରେ ନିଗମ କର୍ତ୍ତୃପକ୍ଷ ନିର୍ଦ୍ଧାରିତ ସମୟରେ ପ୍ରତିଶ୍ରୁତି ରକ୍ଷା ନ କଲେ ପୁଣି ଉଭୟ ସଙ୍ଗଠନ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

ଝାରସୁଗୁଡ଼ାରେ କ୍ୟାମ୍ପ କୋର୍ଟ

ଜାମିନରେ ଗଲେଣି ୧୪୧ ବିଚାରାଧୀନ ବନ୍ଦୀ

ଝାରସୁଗୁଡ଼ା ଅଫିସ,୨।୧୧

ଓକିଲ ଆନ୍ଦୋଳନ ଯୋଗୁ ରାଜ୍ୟର ବିଭିନ୍ନ ଜେଲରେ ବନ୍ଦ ପଡ଼ିଥିବା ବିଚାରାଧୀନ ବନ୍ଦୀଙ୍କୁ କ୍ୟାମ୍ପ କୋର୍ଟ ଜରିଆରେ ଜାମିନ ପ୍ରଦାନ କରାଯାଉଛି। ଝାରସୁଗୁଡ଼ା ସବ୍‌ଜେଲରେ ୨୯ ତାରିଖରୁ ଆରମ୍ଭ ହୋଇଥିବା କ୍ୟାମ୍ପ କୋର୍ଟରେ ୫ଦିନ ମଧ୍ୟରେ ମୋଟ ୧୪୧ ଜଣ ଜାମିନରେ ଯାଇଛନ୍ତି। ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ସୋମବାର ଝାରସୁଗୁଡ଼ା ସବ୍‌ଜେଲରେ କ୍ୟାମ୍ପ କୋର୍ଟ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାର ବିଭିନ୍ନ ନ୍ୟାୟାଳୟର ବିଚାରପତି ଉପସ୍ଥିତ ରହି ମାମଲାର ସମୀକ୍ଷା କରି ଜାମିନ ପ୍ରଦାନ କରିଥିଲେ। ସୋମବାର ୬୧ ଜଣ, ମଙ୍ଗଳବାର ୪୪ ଜଣ, ବୁଧବାର ୮ ଜଣ, ଗୁରୁବାର ୨୧ ଜଣ ଏବଂ ଶୁକ୍ରବାର ୭ ଜଣ ଜାମିନରେ ଯାଇଥିବା ସବଜେଲ ଅଧୀକ୍ଷକ ଉର୍ମିଳା ମିଞ୍ଜ କହିଛନ୍ତି।

ଦୁର୍ଲଗାରେ ବିଜେଡିର ଜନସମ୍ପର୍କ ପଦଯାତ୍ରା

ଝାରସୁଗୁଡ଼ା ଅଫିସ,୨।୧୧

ଝାରସୁଗୁଡ଼ା ବ୍ଲକ ବିଜେଡି ପକ୍ଷରୁ ଶୁକ୍ରବାର ତାଲପଟିଆ ପଞ୍ଚାୟତରେ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଜେଡି କାର୍ଯ୍ୟକର୍ତ୍ତାମାନେ ଦୁର୍ଲଗାଠାରେ ପଦଯାତ୍ରା ଆୟୋଜନ କରିଥିଲେ। ପରେ ଆୟୋଜିତ ସଭାରେ ଜିଲା ବିଜେଡି କାର୍ଯ୍ୟକର୍ତ୍ତା ସରକାରଙ୍କ ୧୮ ବର୍ଷର ସଫଳତା ଏବଂ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ଲୋକଙ୍କୁ କହିଥିଲେ। ଏହାସହ କେନ୍ଦ୍ରରେ ଭାଜପା ସରକାର କିପରି ଦୁର୍ନୀତି, ଦରଦାମ ବୃଦ୍ଧି, ମିଥ୍ୟା ପ୍ରତିଶ୍ରୁତି ଦେଇ ଲୋକଙ୍କୁ ପ୍ରତାରିତ କରୁଛି ତାହାର ଉଦାହରଣ ଦେଇଥିଲେ।

ଏହି ପଦଯାତ୍ରାରେ ଜିଲା ବିଜେଡି ପର୍ଯ୍ୟବେକ୍ଷକ ରବି ପାଣି, ଜିଲା ସଭାପତି କିଶୋର କୁମାର ମହାନ୍ତି, ହରିଶ ଗଣତ୍ରା, ଗଙ୍ଗାଧର ଗଡ଼ନାୟକ, ତ୍ରିନାଥ ଗୁଆଲ, ମନ ମହାପାତ୍ର, ପ୍ରଶାନ୍ତ ଜେନା, ମିତ୍ରଭାନୁ ସାହୁ, ପ୍ରଭାତ ପଟେଲ, ଜୟ କୁମାରୀ ପଟେଲ, ଜୟ ପ୍ରକାଶ କୁଅଁର, ତୁଳସୀ ପ୍ରସାଦ ଦାଶ, ସୁକାନ୍ତୀ ଜୟପୁରିଆ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

ଭାଜପା ପକ୍ଷରୁ ଲଖନପୁର ବ୍ଲକ ଘେରାଉ

ଲଖନପୁର,୨।୧୧(ଡି.ଏନ୍.ଏ.)

ବ୍ଲକ ଘେରାଉ କାର୍ଯ୍ୟକ୍ରମରେ ଉପସ୍ଥିତ ଭାଜପା ନେତା ଓ କର୍ମୀ।

ରାଜ୍ୟ ସରକାରଙ୍କ ଦୁର୍ନୀତି ଓ ପିସି କାରବାର ବିରୋଧରେ ଭାଜପା ପକ୍ଷରୁ ସାରା ରାଜ୍ୟରେ ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯାଉଛି। ଏହି କ୍ରମରେ ଭାଜପା ଜିଲା ସଭାପତି ତଥା ବିଧାୟିକା ରାଧାରାଣୀ ପଣ୍ଡାଙ୍କ ନେତୃତ୍ୱରେ ଶୁକ୍ରବାର ଲଖନପୁର ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। କିନ୍ତୁ ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବିରେ ଓକିଲମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ ଚଳାଇଛନ୍ତି। ଫଳରେ ବ୍ଲକ, ତହସିଲ ଆଦି ସରକାରୀ କାର୍ଯ୍ୟାଳୟ ଦୀର୍ଘଦିନ ହେଲା ବନ୍ଦ ରହିଛି। ବନ୍ଦ ସତ୍ତ୍ୱେ ଭାଜପା ନେତା ଓ କର୍ମୀମାନେ ବ୍ଲକ ସମ୍ମୁଖରେ ଏକତ୍ରିତ ହୋଇ ପ୍ରତିବାଦ ସଭା କରିଥିଲେ। ଏଥିରେ ବିଧାୟିକା ପଣ୍ଡାଙ୍କ ସମେତ ପ୍ରମୋଦ ସେନାପତି, ଉତ୍ତମ ନେଗୀ, ସୁଦାମ ପ୍ରଧାନ, ସାମଲ ନାଏକ, ସନ୍ତୋଷ ବିଶ୍ୱାଳ, ରଘୁନନ୍ଦନ ପଣ୍ଡା, ନବୀନ ବିଶ୍ୱାଳ ପ୍ରମୁଖ ବିଜେଡି ସରକାର ବିରୋଧରେ ବର୍ଷିଥିଲେ।

ବିପର୍ଯ୍ୟୟ ପ୍ରଶମନ ଦିବସ ପାଳିତ

ଝାରସୁଗୁଡ଼ା ଅଫିସ,୨।୧୧

ଝାରସୁଗୁଡ଼ା ଜିଲା ପ୍ରଶାସନ ଓ ବେଦାନ୍ତ ଲିମିଟେଡ୍ ମିଳିତ ଆନୁକୂଲ୍ୟରେ ବେଦାନ୍ତ ଟାଉନଶିପ୍‌ରେ ଜାତୀୟ ଆପଦ ପ୍ରବନ୍ଧନ (ବିପର୍ଯ୍ୟୟ ପ୍ରଶମନ) ଦିବସ ପାଳିତ ହୋଇଯାଇଛି। ଏଥିରେ ରାଜ୍ୟ ଅଗ୍ନିଶମ ବିଭାଗ ଓ ଓସଡମାର କର୍ମଚାରୀ ଯୋଗଦେଇ ମକ୍‌ଡ୍ରିଲ୍ କରିଥିଲେ। ତ୍ୱରିତ କାର୍ଯ୍ୟାନ୍ୱୟନକୁ ନେଇ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା। ଦେବାନ୍ତ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଡେପୁଟି କଲେକ୍ଟର ସୁନାସିର କିଷାନ, ଆପତକାଳୀନ ଅଧିକାରୀ ସଙ୍ଗୀତା ଦାଶ, ରାମଚନ୍ଦ୍ର ପ୍ରଧନେ, ଲୋକନାଥ ତିୱାରୀ, ସୁଭାଶିଷ ମୁଦୁଲି ପ୍ରମୁଖ ଯୋଗଦେଇଥିଲେ। ମକ ଡ୍ରିଲ୍ ସମୟରେ ୧୦୦ରୁ ଅଧିକ ଲୋକଙ୍କୁ ଲାଇଫ ସେଭିଂ ନିୟମ ବିଷୟରେ ଅବଗତ କରାଯାଇଥିଲା।

ଉପସ୍ଥିତ ସରକାରୀ କର୍ମଚାରୀ ଏବଂ ବେଦାନ୍ତ କର୍ମଚାରୀ।

ଟ୍ରକ୍ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଲେ ମହିଳା

ଦୁଇଘଣ୍ଟା ଜାତୀୟ ରାଜପଥ ଅବରୋଧ

ବ୍ରଜରାଜନଗର,୨।୧୧ (ଡି.ଏନ୍.ଏ.)

ସ୍ଥାନୀୟ ଗାନ୍ଧୀଚକ ଦେଇ ଯାଇଥିବା ୪୯ନଂ ଜାତୀୟ ରାଜପଥର ଓଟିସି କାର୍ଯ୍ୟାଳୟ ସମ୍ମୁଖରେ ଏକ ଟ୍ରକ ଦୁର୍ଘଟଣାରୁ ଅଶ୍ଚର୍ଯ୍ୟଜନକ ଭାବେ ଜଣେ ମହିଳା ବର୍ତ୍ତିଯାଇଛନ୍ତି। ଘଟଣା ପରେ ଉକ୍ତ ସ୍ଥାନରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ସ୍ଥାନୀୟ ଲୋକେ ୨ଘଣ୍ଟା ରାଜପଥ ଅବରୋଧ କରି କ୍ଷତିପୂରଣ ଦାବି କରିଥିଲେ। କ୍ଷତିପୂରଣ ମିଳିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ ଓଟିସି ଅଫିସ ସାମନାରେ ଏକ ଟ୍ରକ୍ ଠିଆ ହୋଇଥିଲା। ଏହି ସମୟରେ ଅନ୍ୟ ଏକ ଦଶଚକିଆ ଟ୍ରକ୍ ଆସୁଥିଲା। ହଠାତ ମହିଳା ଜଣକ ଠିଆ ହୋଇଥିବା ଟ୍ରକ୍ ସମ୍ମୁଖରୁ ରାସ୍ତାକୁ ବାହାରି ଆସିଥିଲେ। ଆସୁଥିବା ଟ୍ରକଟି ତାଙ୍କୁ ସାମାନ୍ୟ ଧକ୍କା ଦେବାରୁ ମହିଳା ଜଣକ ଟ୍ରକ ଦୁଇଟିର ମଝିରେ ପଡ଼ିଯାଇଥିଲେ। ଟ୍ରକଟି ତାଙ୍କୁ ପ୍ରାୟ ୫ମିଟର ଘୋଷାଡ଼ି ମଧ୍ୟ ନେଇଥିଲା। ଏଥିରେ ମହିଳା ସାମାନ୍ୟ ଆହତ ହୋଇଥିଲେ। ଟ୍ରକଟି କିଛି ଦୂର ଯାଇ ଏକ ଲୁହା ବିଦ୍ୟୁତ ଖୁଣ୍ଟକୁ ଧକ୍କା ଦେଇ ଅଟକିଥିଲା। ମହିଳାଙ୍କ ହାତ ଓ ମୁଣ୍ଡରେ ଆଘାତ ଲାଗିଥିଲା। ଏହା ପରେ ଉତ୍ତେଜନା ପ୍ରକାଶ ପାଇଥିଲା। ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ସହ ପୀଡ଼ିତାଙ୍କୁ ୨୦ ହଜାର ଟଙ୍କା କ୍ଷତିପୂରଣ ଦିଆଯିବା ପରେ ରାସ୍ତାରୋକୋ ହଟିଥିଲା। ସୂଚନାଯୋଗ୍ୟ, ଗାନ୍ଧୀଚକଠାରୁ ୯ନମ୍ବର ମଧ୍ୟରେ ଗତ ୩୧, ୧ ଓ ୨ ତାରିଖରେ ଲଗାତର ୪ଟି ଦୁର୍ଘଟଣା ଟ୍ରକ୍ ସମ୍ମୁଖରୁ ରାସ୍ତାକୁ ବାହାରି ଘଟି ସାରିଲାଣି।

ଦୁର୍ନୀତି ନିବାରଣରେ ପ୍ରତିବନ୍ଧକ

ଝାରସୁଗୁଡ଼ାରେ ଭିଜିଲାନ୍ସ ଡିଏସ୍‌ପି ପଦବୀ ଫାଙ୍କା

ଝାରସୁଗୁଡ଼ା ଅଫିସ,୨।୧୧

ଭିଜିଲାନ୍ସ ପକ୍ଷରୁ ପାଳନ ହେଉଛି ଦୁର୍ନୀତି ନିବାରଣ ସପ୍ତାହ। ଏହା ଅକ୍ଟୋବର ୨୮ରୁ ଆରମ୍ଭ ହୋଇ ନଭେମ୍ବର ୩ ଯାଏ ପାଳନ କରାଯାଉଛି। ଏହି ଅବସରରେ ଦୁର୍ନୀତି ହ୍ରାସ ପାଇଁ ଜୋରସୋର ପ୍ରଚାରପ୍ରସାର କରାଯାଉଛି। ହେଲେ ଝାରସୁଗୁଡ଼ା ଜିଲାରେ ଭିଜିଲାନ୍ସ ଡିଏସ୍‌ପି ପଦବୀ ଖାଲି ପଡ଼ିଛି। ବର୍ତ୍ତମାନ ଝାରସୁଗୁଡ଼ା ଏବଂ ସୁନ୍ଦରଗଡ଼ ଜିଲାରେ ଭିଜିଲାନ୍ସ ଡିଏସ୍‌ପି ପଦବୀ ଖାଲି ପଡ଼ିଛି। ଫଳରେ ଜିଲାର ସମସ୍ତ ଚାପ ଇନ୍ସପେକ୍ଟରଙ୍କ ଉପରେ ରହୁଛି। ଆବଶ୍ୟକ କର୍ମଚାରୀ ଅଭାବରୁ ତଦନ୍ତ ମଝର ହେଉଥିବା ବେଳେ ଜିଲା ମୁଖ୍ୟ ପଦବୀ ଖାଲି ପଡ଼ିବା ଅନ୍ୟ ଅଧିକାରୀଙ୍କ ଉପରେ ଚାପ ପକାଉଛି। ଏପରି ସ୍ଥଳେ ଦୁର୍ନୀତି ହ୍ରାସ ହେବା ବଦଳରେ ବଢ଼ିବା ଆଶଙ୍କା ପ୍ରକାଶ ପାଉଛି। ଝାରସୁଗୁଡ଼ା ଭିଜିଲାନ୍ସ ଡିଏସ୍‌ପି ଥିବା ଦାଶରଥୀ ସେଠୀଙ୍କ ରାଉରକେଲା ବଦଳି ପରେ ଏଠାକାର ପଦବୀ ଫାଙ୍କା ପଡ଼ିଛି। ସେହିପରି ସୁନ୍ଦରଗଡ଼ ଜିଲାରେ ମଧ୍ୟ ଡିଏସ୍‌ପି ପଦବୀ ଖାଲି ରହିଛି। ଏହି ଦୁଇଟି ପଦବୀର ଦାୟିତ୍ୱ ଯଥାକ୍ରମେ ସମ୍ବଲପୁର ଓ ରାଉରକେଲାର ଦୁଇଜଣ ଡିଏସ୍‌ପି ଦିଲୀପ କୁମାର କର ଏବଂ ଦାଶରଥୀ ସେଠୀଙ୍କୁ ପ୍ରଦାନ କରାଯାଇଛି।

ଖରିଫ୍‌ର କ୍ଷତି ରବିରୁ ଭରଣା କରିବାକୁ ଆଶା

ଝାରସୁଗୁଡ଼ା ଅଫିସ,୨।୧୧

ଚଳିତ ଖରିଫ ଋତୁରେ ବର୍ଷା ଅଭାବରୁ ଝାରସୁଗୁଡ଼ା ଜିଲାରେ ମରୁଡ଼ି ପରିସ୍ଥିତି ସୃଷ୍ଟି ହୋଇଛି। ସେଥିପାଇଁ ଜିଲା ପ୍ରଶାସନର ଯୁଗ୍ମ ରିପୋର୍ଟ ଆଧାରରେ ରାଜ୍ୟ ସରକାର ମରୁଡ଼ି ଘୋଷଣା କରିବା ସହ କ୍ଷତିପୂରଣ ଘୋଷଣା କରିସାରିଲେଣି। କିନ୍ତୁ ସରକାରୀ କ୍ଷତିପୂରଣ ଚାଷୀର କ୍ଷତ ଭରଣା କରିବାରେ ପର୍ଯ୍ୟାପ୍ତ ନୁହେଁ। ସେଥିପାଇଁ

ସୁଖ ସମୟ ଉପସ୍ଥିତ ହେଲେ ଯେପରି ଦୁଃଖ ଆପେ ଆପେ ଦୂର ହୋଇଯାଏ, ସେହିପରି ହୃଦୟରେ କୃଷ୍ଣପ୍ରେମ ଜାଗ୍ରତ ହୋଇଲେ ବିଷୟବାସନା ମନୁଷ୍ୟଠାରୁ ଛାଡ଼ି ପଳାଏ।
- ଶ୍ରୀଚୈତନ୍ୟ ଦେବ

ସଂକ୍ଷେପରେ

ସେକ୍ଟର-୪ କାଳୀପୂଜା କମିଟି ବୈଠକ

ରାଉରକେଲା ଅଫିସ,୨।୧୧- ଷ୍ଟିଲ ଟାଉନଶିପର ସର୍ବ ପୁରାତନ କାଳୀପୂଜା କମିଟି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ସେକ୍ଟର-୪ କମ୍ୟୁନିଟି ସେଣ୍ଟରଠାରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ କାଳୀପୂଜା ଉତ୍ସବକୁ ଆକର୍ଷଣୀୟ ଭାବେ ପାଳନ କରାଯିବା ନେଇ ନିଷ୍ପତ୍ତି ନିଆଯାଇଛି। ଶାନ୍ତିଶୃଙ୍ଖଳାରେ ପୂଜା ପାଳନ ନେଇ ଏକ କମିଟି ଗଠନ କରାଯାଇଛି। ଏଥିରେ ସଭାପତି ରୂପେ ରବିନାରାୟଣ ଦାସଙ୍କୁ ଚୟନ କରାଯାଇଛି। ଗିରିଶ ଶତପଥୀଙ୍କୁ କାର୍ଯ୍ୟକାରୀ ସଭାପତି ଓ ସଞ୍ଜୀବ ନାୟକଙ୍କୁ ସାଧାରଣ ସମ୍ପାଦକ ରୂପେ ମନୋନୀତ କରାଯାଇଛି। କମିଟିରେ ସୁବ୍ରତ ସାହୁ କୋଷାଧ୍ୟକ୍ଷ ରହିଥିବା ବେଳେ ୬ଜଣିଆ ଉପସଭାପତି ମଣ୍ଡଳୀରେ ବ୍ରଜବିହାରୀ ତ୍ରିପାଠୀ, ବିମଳ ମହାନ୍ତି, ଜିତେନ୍ଦ୍ର ଦାସ, କେଶବ ତାଣ୍ଡି, ଧନେଶ୍ୱର ସେଠୀ ଓ ସମରକାନ୍ତ ମଲ୍ଲିକ ରହିଛନ୍ତି। ସେହିଭଳି ୬ ଜଣିଆ ଯୁଗ୍ମ ସମ୍ପାଦକ ମଣ୍ଡଳୀରେ ଆର୍.ଏନ୍. ବେହେରା, ପ୍ରଦୀପ ଶତପଥୀ, ରଞ୍ଜନ ମଲ୍ଲିକ, ବାବୁଲା ପ୍ରଧାନ, ସଞ୍ଜୟ ସିଂ ଓ ଉଗ୍ରସେନ ବିଶ୍ୱାଳ ସ୍ଥାନ ପାଇଛନ୍ତି। ଏହା ବ୍ୟତୀତ ୮ଜଣଙ୍କୁ କାର୍ଯ୍ୟକାରିଣୀ ସଦସ୍ୟ ରୂପେ ଚୟନ କରାଯାଇଛି। ଆସନ୍ତା ୭ ତାରିଖରୁ ପୂଜା ଆରମ୍ଭ ହେଉଥିବା ବେଳେ ଏହା ୧୭ରେ ଉଦ୍‌ଯାପିତ ହେବ। ଏଥର ମୀନାବଜାର ମୁଖ୍ୟ ଆକର୍ଷଣ ହେବ ବୋଲି କମିଟି ପକ୍ଷରୁ କୁହାଯାଇଛି। ପ୍ରତ୍ୟେକ ସନ୍ଧ୍ୟାରେ ଗୀତ, ନାଚ ଓ କୁଇଜ ଆଦି ପ୍ରତିଯୋଗିତା ଆୟୋଜନ କରାଯିବ। ଶେଷରେ ବଲିଉଡ୍ କଳାକାରଙ୍କୁ ନେଇ ଏକ ମ୍ୟୁଜିକାଲ ନାଇଟ ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଛି। ମେଳା ପରିସରକୁ ପଲିଥିନମୁକ୍ତ ରଖିବାକୁ ପ୍ରୟାସ କରାଯାଉଛି। ସ୍ୱଚ୍ଛତାକୁ କମିଟି ପ୍ରାଥମିକତା ପ୍ରଦାନ କରିବ ବୋଲି ସଭାପତି ଦାସ କହିଛନ୍ତି।

ଗଛ ଡାଳ ପଡ଼ି ୨ ଆହତ

ରାଉରକେଲା ଅଫିସ,୨।୧୧- ସେକ୍ଟର-୫ ଚିପ୍ ଟାଇପ ମାର୍କେଟ ଅଞ୍ଚଳରେ ଶୁକ୍ରବାର ସନ୍ଧ୍ୟା ୭ଟା ବେଳେ ଏକ ବୃହତ ଅଶ୍ୱତ୍ଥ ଡାଳ ଭାଙ୍ଗି ପଡ଼ିବାରୁ ଦୁଇ ଜଣ ଆହତ ହେବା ସହ ୨ଟି ବାଇକ ଓ ଗୋଟିଏ କାର କ୍ଷତିଗ୍ରସ୍ତ ହୋଇଛି। ଗୋଟିଏ ଗ୍ୟାରେଜ ଘର ଭାଙ୍ଗିଥିବା ବେଳେ ତଳେ ଠିଆ ହୋଇଥିବା କିଛି ଲୋକ ଅଳ୍ପକେ ରକ୍ଷା ପାଇଯାଇଛନ୍ତି। ଆହତ ଦୁଇଜଣ ହେଲେ ଆନନ୍ଦ ଦାସ ଓ ଲକ୍ଷ୍ମଣ ସେଠୀ। ଚିକିତ୍ସା ନିମନ୍ତେ ଉଭୟଙ୍କୁ ରାଉରକେଲା ଇସ୍ପାତ ଜେନେରାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ମାର୍କେଟ ଅଞ୍ଚଳରେ ବୁଦ୍ଧ୍ୟୁତ୍ ସରବରାହକୁ ବିଚ୍ଛିନ୍ନ କରାଯାଇଛି। ସୂଚନାଯୋଗ୍ୟ, କିଛିମାସ ପୂର୍ବେ ସମାନ ଘଟଣାରେ ଡାଳ ପଡ଼ିଯିବା କାରଣରୁ କେତେକ ପଥଚାରୀ ଆହତ ହୋଇଥିବାବେଳେ ବାଇକ୍ ନଷ୍ଟ ହୋଇଥିଲା।

ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ

ଠିକା ସଂସ୍ଥା ଲୁଟୁଛନ୍ତି କର୍ମଚାରୀଙ୍କ ପାଉଣା

ରାଉରକେଲା ଅଫିସ,୨।୧୧

ଏନ୍‌ଆଇଟି କର୍ମଚାରୀ ସଂଘ ପକ୍ଷରୁ ସେକ୍ଟର-୪ ଡାକବଙ୍ଗଳାଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଉପସ୍ଥିତ କର୍ମକର୍ତ୍ତା।

ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଏନ୍‌ଆଇଟି)ରେ କାର୍ଯ୍ୟରତ ଠିକା ଶ୍ରମିକଙ୍କୁ ଶୋଷଣ ଚରମ ସୀମାରେ ପହଞ୍ଚିଛି। କର୍ମଚାରୀଙ୍କ ପାଉଣା ଲୁଟୁଛନ୍ତି ଠିକାଦାର। ଏ ଦିଗରେ କର୍ତ୍ତୃପକ୍ଷ ନୀରବ। ଯେତେ ଆପତ୍ତି ଅଭିଯୋଗ କଲେ ବି କିଛି ଫଳ ମିଳୁନି। ସେକ୍ଟର-୪ ଡାକବଙ୍ଗଳାଠାରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଏମିତି ଅଭିଯୋଗ କରିଛନ୍ତ ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ କର୍ମଚାରୀ ସଂଘ ପକ୍ଷରୁ ଏହାର ସାଧାରଣ ସମ୍ପାଦକ ସୁମନ ନାୟକ, ଉପଦେଷ୍ଟା ମନୋଜ ପଟ୍ଟନାୟକ, ପ୍ରଫୁଲ୍ଲ ମହାନ୍ତି ଓ କର୍ମକର୍ତ୍ତା ବିପଦଭଞ୍ଜନ ପଣ୍ଡା ପ୍ରମୁଖ। ଏମାନେ କହିଥିଲେ ଏନ୍‌ଆଇଟିରେ ଏବେ ୭ଜଣ ଠିକାଦାରଙ୍କ ଅଧୀନରେ ୩୫୭ ଠିକା କର୍ମଚାରୀ ଦୀର୍ଘ ୨୭ବର୍ଷ ହେବ କାର୍ଯ୍ୟ କରି ଆସୁଛନ୍ତି। ବିଭିନ୍ନ କ୍ଷେତ୍ରରେ ନିୟୋଜିତ କର୍ମଚାରୀଙ୍କୁ ସମ୍ପୃକ୍ତ ଠିକା ସଂସ୍ଥା ୮ଘଣ୍ଟା ପରିବର୍ତ୍ତେ ୧୨ ଘଣ୍ଟା ଖଟାଉଛନ୍ତି। ବଦଳରେ ସରକାରଙ୍କ ଦ୍ୱାରା ଧାର୍ଯ୍ୟ ସର୍ବନିମ୍ନ ମଜୁରି ମଧ୍ୟ ମୁଳୁନି। ଜଣେ କର୍ମଚାରୀଙ୍କୁ କେନ୍ଦ୍ରୀୟ ହାରରେ ଦରମା ପ୍ରଦାନ କରାଗଲେ ପ୍ରାୟ ୧୮ହଜାର ୬ଶହ ଟଙ୍କା ମିଳିବା କଥା। ମାତ୍ର ଏମାନଙ୍କ ଦରମା ଆଜିପର୍ଯ୍ୟନ୍ତ ୫/୬ ହଜାର ଟଙ୍କାରେ ସୀମିତ ରହିଛି। ବିନା ନିଯୁକ୍ତିପତ୍ରରେ ଖଟୁଥିବା ଶ୍ରମିକଙ୍କୁ ଠିକାଦାରମାନେ ଗୋତି ଖଟାଇବା ପରି ବ୍ୟବହାର କରୁଛନ୍ତି ବୋଲି ସାଧାରଣ ସମ୍ପାଦକ ନାୟକ ଅଭିଯୋଗ କରିଛନ୍ତି। ହାଜିରା କାର୍ଡ, ପେ ସ୍ଲିପ, ସୁରକ୍ଷା ସାମଗ୍ରୀ, ପୋଷାକ ଆଦି ସର୍ବନିମ୍ନ ସୁବିଧା ମିଳୁ ନ ଥିବାବେଳେ ଚିକିତ୍ସା ଓ ଇପିଏଫ୍ ସ୍ୱପ୍ନ ପାଲଟିଛି। ହାତରେ ଦରମା ଧରାଉଥିବା ଠିକାଦାରଙ୍କୁ ବ୍ୟାଙ୍କ ପେମେଣ୍ଟ ନେଇ ଅନୁରୋଧ ସତ୍ତ୍ୱେ କିଛି ଫଳ ମିଳୁନି। ଯେଉଁ କର୍ମଚାରୀ ଏନେଇ ଆପତ୍ତି କରୁଛନ୍ତି, ତାଙ୍କୁ କାମରୁ ବାହାର କରି ଦିଆଯାଉଛି। ଏମିତି ଏକଛତ୍ରବାଦ ବ୍ୟବସ୍ଥାକୁ ଡରି ଅନେକ ଠିକା କର୍ମଚାରୀ ମୁହଁ ଖୋଲୁନାହାନ୍ତି। ଟ୍ରିବ୍ୟୁନାଲ କର୍ମଚାରୀଙ୍କ ସପକ୍ଷରେ ରାୟ ପ୍ରଦାନ କରିଥିବା ବେଳେ ଏହାକୁ ପାଳନ କରୁନାହାନ୍ତି ଠିକାଦାର। ଏଭଳି ଶୋଷଣ ନେଇ ଏନ୍‌ଆଇଟି କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ ସତ୍ତ୍ୱେ ପରିସ୍ଥିତିରେ ସୁଧାର ଆସୁନି। ଏ ସମ୍ପର୍କରେ ସେକ୍ଟର-୫ସ୍ଥିତ କେନ୍ଦ୍ରୀୟ ଆଞ୍ଚଳିକ ଶ୍ରମ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ତାଙ୍କ କାର୍ଯ୍ୟାନୁଷ୍ଠାନ ମଧ୍ୟ କାଗଜ କଲମରେ ସୀମିତ ବୋଲି ସାଧାରଣ ସମ୍ପାଦକ ନାୟକ କହିଛନ୍ତି। ଏନ୍‌ଆଇଟି ଭଳି ଜାତୀୟ ସଂସ୍ଥାନରେ ଠିକାଦାରାଙ୍କ ଦ୍ୱାରା କର୍ମଚାରୀ ଶୋଷଣ ଏହାର ମର୍ଯ୍ୟାଦା ହାନି କରୁଛି ବୋଲି ସଂଗଠନର ଉଭୟ ଉପଦେଷ୍ଟା ପଟ୍ଟନାୟକ ଓ ମହାନ୍ତି କହିଛନ୍ତି। ଏନେଇ ଉପରିସ୍ଥ ଅଧିକାରୀ ନୀରବ ରହିବା ଯୋଗୁ ଏଠି କର୍ମଚାରୀ ଶୋଷଣ ଚରମ ସୀମାରେ ପହଞ୍ଚିଲାଣି। ଘଟଣା ଉଗ୍ରରୂପ ନେବା ପୂର୍ବରୁ ଦୁର୍ନୀତିରେ ସମ୍ପୃକ୍ତ ଠିକା ସଂସ୍ଥାକୁ ବହିଷ୍କାର କରାଯାଉ ବୋଲି କର୍ମଚାରୀ ସଂଘ ଦାବି କରିଛି।

ଓଡ଼ିଶା-ନିଉ ସାଉଥ ୱେଲ୍ସ ପ୍ରଦର୍ଶନୀ ହକି ମ୍ୟାଚ୍ ୪ରେ

ଆଜି ପହଞ୍ଚିବେ ଖେଳାଳି

ରାଉରକେଲା ଅଫିସ,୨।୧୧

- ତାରକା ହୋଟେଲରେ ରହଣି
- ଷ୍ଟାଡିୟମ ପରିଦର୍ଶନ କଲେ ବିଧାୟକ, ବରିଷ୍ଠ ଅଧିକାରୀ
- ମୁତୟନ ହେବେ ୨୦ ପ୍ଲାଟୁନ ଫୋର୍ସ, ୪୦ ପୋଲିସ ଅଧିକାରୀ

ଆସନ୍ତା ୪ରେ ଓଡ଼ିଶା ଏକାଦଶ ଓ ନିଉ ସାଉଥ୍ ୱେଲ୍ସ ମଧ୍ୟରେ ସେକ୍ଟର-୫ ବିଜୁ ପଟ୍ଟନାୟକ ହକି ଷ୍ଟାଡିୟମରେ ଏକ ପ୍ରଦର୍ଶନୀ ମ୍ୟାଚ୍ ଅନୁଷ୍ଠିତ ହେବ। ଏନେଇ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ରଘୁନାଥପାଲି ବିଧାୟକ ସୁବ୍ରତ ତରାଇଙ୍କ ସମେତ ଡିଆଇଜି କବିତା ଜଲାନ, ଏସ୍‌ପି ଡ. ଉମାଶଙ୍କର ଦାଶ, ଆର୍‌ଏମ୍‌ସି କମିଶନର ରଶ୍ମିତା ପଣ୍ଡା, ଏସ୍‌ଡିପିଓ ପଦ୍ମିନୀ ସାହୁ ଓ ଅତିରିକ୍ତ ଏସ୍‌ପି ସୁରେଶ ପାଠୀଙ୍କ ସମେତ ବହୁ ଅଧିକାରୀ ଶୁକ୍ରବାର ମଧ୍ୟାହ୍ନରେ ଷ୍ଟାଡିୟମରେ ପହଞ୍ଚି ପ୍ରସ୍ତୁତି ବ୍ୟବସ୍ଥା ତଦାରଖ କରିଥିଲେ। ବିଧାୟକ ତରାଇ ଏହି ଅବସରରେ କହିଥିଲେ ଯେ ହକିର ଏକ୍ସଟ୍ରିଗାଳରେ ଏହି ପ୍ରଦର୍ଶନୀ ମ୍ୟାଚ୍ ଆୟୋଜନ କରାଯାଇଥିବାରୁ କ୍ରୀଡ଼ାପ୍ରେମୀଙ୍କ ମଧ୍ୟରେ ନାହିଁ ନ ଥିବା ଆଗ୍ରହ ପ୍ରକାଶ ପାଇଛି। ଏହା ସରକାରଙ୍କ ଏକ ସଫଳ ପଦକ୍ଷେପ। ଶାନ୍ତି ଶୃଙ୍ଖଳାରେ ଖେଳ ଶେଷ ହେବ ବୋଲି ତରାଇ ଆଶା ବ୍ୟକ୍ତ କରିଛନ୍ତି। ଏସ୍‌ପି ଡ. ଦାଶ କହିଥିଲେ ପଡ଼ିଆର ସୁରକ୍ଷା ସହ ଦର୍ଶକଙ୍କ ସୁରକ୍ଷା ପାଇଁ ୨୦ ପ୍ଲାଟୁନ ଫୋର୍ସ ମୁତୟନ ହେବେ। ଏନେଇ ୪୦ରୁ ଊର୍ଦ୍ଧ୍ୱ ପୋଲିସ ଅଫିସରଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଶାନ୍ତିଶୃଙ୍ଖଳାରେ ଦର୍ଶକ ଖେଳ ଦେଖିବାରେ କୌଣସି ସମସ୍ୟା ରହିବ ନାହିଁ ବୋଲି ଏସ୍‌ପି କହିଥିଲେ। ପରେ ଅପରାହ୍ନ ୪ଟାରେ ରାଉରକେଲା ମହାନଗର ନିଗମ (ଆର୍‌ଏମ୍‌ସି) ମିଟିଂ ହଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ କମିଶନର ପଣ୍ଡା ଓ ଅତିରିକ୍ତ ଜିଲାପାଳ ମୋନିଷା ବାନାର୍ଜୀ ଖେଳ ସମ୍ପର୍କରେ ବିସ୍ତୃତ ତଥ୍ୟ ପ୍ରଦାନ କରିଥିଲେ। ପଣ୍ଡା କହିଥିଲେ ଉଭୟ ଦଳର ଖେଳାଳି ତପସ୍ୱିନୀ ଏକ୍ସପ୍ରେସ ଯୋଗେ ଶନିବାର ରାଉରକେଲାରେ ପହଞ୍ଚି ଦୁଇଟି ହୋଟେଲରେ ରହିବେ। ଅପରାହ୍ନ ୩ଟାରେ ପଡ଼ିଆରେ ପହଞ୍ଚି ୪ଟା ଯାଏ ଅଭ୍ୟାସ କରିବେ। ପରେ ଅନ୍ତେବାସୀ ହକି ପ୍ରଶିକ୍ଷାର୍ଥୀଙ୍କ ସହ ମତ ବିନିମୟ କାର୍ଯ୍ୟକ୍ରମ ରହିଛି। ରବିବାର ହେବାକୁ ଥିବା ପ୍ରଦର୍ଶନୀ ମ୍ୟାଚରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁଖ୍ୟଅତିଥି ରୂପେ ଯୋଗଦେବେ। ତାଙ୍କ ସହ କ୍ରୀଡ଼ାମନ୍ତ୍ରୀ ଆସୁଥିବା ପଣ୍ଡା ସୂଚନା ପ୍ରଦାନ କରିଛନ୍ତି। ଅପରାହ୍ନ ଅଢ଼େଇଟାରେ ମ୍ୟାଚ୍ ଆରମ୍ଭ ନେଇ ପ୍ରକ୍ରିୟା ଆରମ୍ଭ କରାଯିବ। ୩ରୁ ୫ଟା ମଧ୍ୟରେ ପ୍ରତିଯୋଗିତା ଓ ପୁରସ୍କାର ବିତରଣ ଶେଷ ହେବ ବୋଲି କୁହାଯାଇଛି। ପ୍ରଦର୍ଶନୀ ମ୍ୟାଚ୍‌କୁ ଶାନ୍ତି ଶୃଙ୍ଖଳାରେ ଶେଷ କରାଯିବା ନେଇ ବ୍ୟାପକ ପଦକ୍ଷେପ ନିଆଯାଇଛି। ଏଥିରେ ୧୭ ହଜାର ଦର୍ଶକ ଯୋଗଦେବା ସମ୍ଭାବନା ରହିଛି। ପାର୍କିଂ ପାଇଁ ସେକ୍ଟର-୪, ୫ ଓ ୬ରେ ବ୍ୟବସ୍ଥା କରାଯାଇଛି। ଅପରାହ୍ନ ଗୋଟାଏରେ ଦର୍ଶକ ପଡ଼ିଆ ଭିତରକୁ ପ୍ରବେଶ ନେଇ ଅନୁମତି ପ୍ରଦାନ କରାଯାଇଥିବା ପଣ୍ଡା ସୂଚନା ଦେଇଛନ୍ତି।

ଘରୋଇ ସୁରକ୍ଷା କର୍ମୀଙ୍କ ଇପିଏଫ୍ ଆତ୍ମସାତ୍ ଅଭିଯୋଗ

ରାଉରକେଲା ଅଫିସ,୨।୧୧

ବିର୍ଶା ରୋଡ୍‌ଠାରେ ଥିବା ରାଉରକେଲା ମଜଦୁର ସଭା କାର୍ଯ୍ୟାଳୟରେ ଶୁକ୍ରବାର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଶ୍ରମିକ ନେତା ଦିଗମ୍ବର ମହାନ୍ତି ଏଥିରେ ଅଧ୍ୟକ୍ଷତା କରିଥିଲେ। ବୈଠକରେ ସୁରେଶ ପଣ୍ଡା, ଜୟନ୍ତ ସାହୁ, ଅମୀୟ ପାଢ଼ୀ, ଭରତ ସୁନା ଓ ପ୍ରଦୀପ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଶ୍ରମିକ ନେତା ମହାନ୍ତି ଅଭିଯୋଗ କରି କହିଥିଲେ ଯେ ଆର୍‌ଏସ୍‌ପି ଅଧୀନରେ କାର୍ଯ୍ୟ କରୁଥିବା ଘରୋଇ ସିକ୍ୟୁରିଟି ଗାର୍ଡଙ୍କୁ ବିଭିନ୍ନ ଉପାୟରେ ସମ୍ପୃକ୍ତ ସଂସ୍ଥା ଶୋଷଣ କରୁଛି। ଅନେକଙ୍କୁ ନିୟମିତ ଦରମା ପ୍ରଦାନ କରାଯାଉନି। ଯେଉଁ ଦରମା ପାଉଛନ୍ତି ସେମାନଙ୍କୁ କେନ୍ଦ୍ରୀୟ ଧାର୍ଯ୍ୟ ପ୍ରାପ୍ୟ ମିଳୁନି। କାରଖାନା ପରିସରରେ ଏଭଳି ବହୁ ଘରୋଇ ସୁରକ୍ଷା ସଂସ୍ଥା ମନମୁଖି ଗାର୍ଡଙ୍କୁ ଖୋଲାଖୋଲି ଶୋଷଣ କରୁଛନ୍ତି। ସଂଖ୍ୟାବହୁଳ ସିକ୍ୟୁରିଟି ଗାର୍ଡଙ୍କଠାରୁ ଭବିଶ୍ୟନିଧି ପାଣ୍ଠି ବାବଦ ଟଙ୍କା କାଟି ନିଆଯାଉଥିବା ବେଳେ ଏହାକୁ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିକଟରେ ଜମା କରାଯାଉନି। ନିଯୁକ୍ତିଦାତା ତଥା ଠିକ ସଂସ୍ଥା କର୍ତ୍ତୃପକ୍ଷ ଏହି ଅର୍ଥ ରାଶିକୁ ସିଧାସଳଖ ଅତ୍ମସାତ କରୁଥିବା ମହାନ୍ତି ଅଭିଯୋଗ କରିଥିଲେ। ଏନେଇ ସୁରକ୍ଷା କର୍ମୀ ମୁହଁ ଖୋଲିଲେ ତାଙ୍କୁ ବିନା ନୋଟିସରେ ବହିଷ୍କାର କରାଯାଉଛି। ଯାହା ଅତ୍ୟନ୍ତ ଚିନ୍ତାଜନକ ଘଟଣା। ନିରୀହ ଯୁବକମାନେ କାମଧନ୍ଦା ଅଭାବରୁ ସ୍ୱଳ୍প ପାରିଶ୍ରମିକରେ ୧୨ଘଣ୍ଟା ବେଠି ଖଟୁଛନ୍ତି। କେନ୍ଦ୍ରୀୟ ଶ୍ରମ ବିଭାଗ ଏଥିପ୍ରତି ନଜର ଦେଉ ନ ଥିବାରୁ ମହାନ୍ତି ଉଦ୍‌ବେଗ ପ୍ରକାଶ କରିଥିଲେ। ଏନେଇ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ ସତ୍ତ୍ୱେ କିଛି ଫଳ ମିଳୁନି। ଆଗାମୀ ଦିନରେ ଏଭଳି ଅନିୟମିତାର ଅବସାନ ନେଇ ୟୁନିୟନ ଦୃଢ଼ ପଦକ୍ଷେପ ନେବ ବୋଲି ମହାନ୍ତି ଉପସ୍ଥିତ କର୍ମଚାରୀଙ୍କୁ ପ୍ରତିଶ୍ରୁତି ପ୍ରଦାନ କରିଥିଲେ। ଶେଷରେ ଶ୍ରମିକ ପ୍ରତିନିଧି କୃପାସିନ୍ଧୁ ସେଠୀ ଧନ୍ୟବାଦ ପ୍ରଦାନ କରିଥିଲେ।

ଫଟୋରେ ଖବର

ହକି ପ୍ରଦର୍ଶନୀ ମ୍ୟାଚ୍‌ର ବହୁଳ ପ୍ରଚାର ପାଇଁ ରାଉରକେଲା ମହାନଗର ନିଗମ କାର୍ଯ୍ୟାଳୟ ପରିସରରେ ମାଇଁ ହାର୍ଟ ବିଟ୍‌ସ ଫର୍ ହକି ସିମ୍ବଲ ପ୍ରଦର୍ଶନ କରାଯାଇଛି।

ବ୍ଲକସ୍ତରୀୟ ଭଲିବଲ ଖେଳାଳି ଚୟନ

ରାଉରକେଲା ଅଫିସ,୨।୧୧

ରିଜର୍ଭ ପୋଲିସ ହାଇସ୍କୁଲରେ ଅନୁଷ୍ଠିତ ଭଲିବଲ ଖେଳାଳି ଚୟନ ଶିବିରରେ ଉପସ୍ଥିତ ପ୍ରତିଯୋଗୀ ଓ କ୍ରୀଡ଼ା ଶିକ୍ଷକ।

ସ୍ଥାନୀୟ ରିଜର୍ଭ ପୋଲିସ ଲାଇନ ଉଚ୍ଚ ବିଦ୍ୟାଳୟ ପରିସରରେ ବିଶ୍ରା ବ୍ଲକସ୍ତରୀୟ ଭଲିବଲ ଖେଳାଳି ଚୟନ ପ୍ରକ୍ରିୟା ଗୁରୁବାର ଶେଷ ହୋଇଛି। ଏଥିରେ ଉଭୟ ବାଳିକା ଓ ବାଳକ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଅତିଥି ରୂପେ ବିଶ୍ରା ବ୍ଲକ ଶିକ୍ଷାଧିକାରୀ ଗୋରେଟି ଟେଟେ ଯୋଗଦେଇ ପିଲାଙ୍କୁ ସମ୍ବୋଧିତ କରିଥିଲେ। ସେ କହିଥିଲେ, ପାଠପଢ଼ା ସହ ଛାତ୍ରୀଛାତ୍ର ଖେଳକୁଦରେ ମନ ବଳାଇବା ଆବଶ୍ୟକ। ଏନେଇ ନିଜକୁ ପ୍ରସ୍ତୁତ କରିବାକୁ ସେ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ରୂପେ ବରିଷ୍ଠ ଶିକ୍ଷକ ହିମାଦ୍ରୀ ବିଶ୍ୱାଳ, ଭଲିବଲ କୋଚ୍ ଦେବଦତ୍ତ ଜେନା ଯୋଗଦେଇଥିଲେ। ପ୍ରତିଯୋଗିତାରେ ବିଭିନ୍ନ ବିଦ୍ୟାଳୟରୁ ୨୫ ବାଳିକା ଓ ୬୦ ବାଳକ ଯୋଗଦେଇଥିଲେ। କ୍ରୀଡ଼ା ଶିକ୍ଷକ ଜୟଚନ୍ଦ୍ର ପ୍ରଧାନ, ତ୍ରିଲୋଚନ ନାୟକ, ପିଟର ଏକ୍କା, ସୁଶାନ୍ତ ବିଶ୍ୱାଳ, ଜୟମଙ୍ଗଳ ପଟେଲ, ବିଦ୍ୟାଧର ସେଠୀ, ପି. ଏକ୍କା ଓ ଯୋଗେଶ୍ୱର ମହାନ୍ତ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ସୁଧାଂଶୁ ପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ସଂସ୍କୃତ ଶିକ୍ଷକ ପ୍ରଫୁଲ୍ଲ ପଣ୍ଡା ଧନ୍ୟବାଦ ପ୍ରଦାନ କରିଥିଲେ। ପ୍ରତିଯୋଗିତାରେ ବାଳିକା ବିଭାଗରୁ ଆଶା ମୁଣ୍ଡାରୀ, ଲକ୍ଷ୍ମୀ ଭୂମିଜ, ଉର୍ମିଳା ଖାଡ଼ିଆ, ପୂର୍ଣ୍ଣିମା ମୁଣ୍ଡା, ରୁକ୍ମିଣୀ ମାର୍ଣ୍ଡି, ରଶ୍ମିକୁଜୁର, ମନୀଷା ବଡ଼ାଇକ, ସୁଭଦ୍ରା ସେଠ, ଆକାଂକ୍ଷା ନାଗ ଓ ବାଳକ ବିଭାଗରୁ ବିଷ୍ଣୁ ଲୋହାର, ଆଦାମ ମୁଣ୍ଡା, ବିନୟ ମିଞ୍ଜ, ସୁରଜ ଓରାମ, ପ୍ରବୀନ ମିଞ୍ଜ, ରୋଶନ ଏକ୍କା, ପ୍ରକାଶ ଯୋଯୋ, ଅର୍ଜୁନ ଏକ୍କା, ସୁରଜ ଶର୍ମା ଓ ଆଲୋକ ଶର୍ମାଙ୍କୁ ଚୟନ କରାଯାଇଛି। ଏମାନେ ଜିଲାସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ।

ବିଶ୍ୱ ହିନ୍ଦୁ ପରିଷଦର ଦାବି

ଖବରଦାତାଙ୍କ ସୁରକ୍ଷା ପାଇଁ ସ୍ୱତନ୍ତ୍ର ଆଇନ ଅଣାଯାଉ

ରାଉରକେଲା ଅଫିସ,୨।୧୧

ଖବର ସଂଗ୍ରହ କରିବାକୁ ଯାଇ ଛତିଶଗଡ଼ ଆରନପୁର ଥାନା ଅନ୍ତର୍ଗତ ନୀଳବାୟାଠାରେ ମାଓବାଦୀ ଆକ୍ରମଣରେ ଓଡ଼ିଆ କ୍ୟାମେରାମ୍ୟାନ୍ ପ୍ରାଣ ହରାଇବା ପରେ ଗଭୀର ଉଦ୍‌ବେଗ ପ୍ରକାଶ ପାଇଛି। ଏନେଇ ବିଶ୍ୱ ହିନ୍ଦୁ ପରିଷଦର ବରିଷ୍ଠ କାର୍ଯ୍ୟକର୍ତ୍ତା ତଥା ସାମାଜିକ କର୍ମୀ ଶାନ୍ତନୁ କୁସୁମ ଏକ ବିବୃତିରେ କହିଛନ୍ତି ଯେ ବିଭିନ୍ନ କ୍ଷେତ୍ରରେ କର୍ତ୍ତବ୍ୟରତ ଖବରଦାତାଙ୍କ ସୁରକ୍ଷା ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସରକାର ଅଗ୍ରାଧିକାର ଭିତ୍ତିରେ ଏ ନେଇ ପଦକ୍ଷେପ ନିଅନ୍ତୁ। ମାଓବାଦୀ ଆକ୍ରମଣରେ ଦୂରଦର୍ଶନ କ୍ୟାମେରାମ୍ୟାନ୍‌ଙ୍କ ମୃତ୍ୟୁ ନିଶ୍ଚିତ ଭାବେ ସରକାରଙ୍କୁ ଆତ୍ମସମୀକ୍ଷା ନିମନ୍ତେ ସୁଯୋଗ ସୃଷ୍ଟି କରିଛି। ଏ ନେଇ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଚେତିବା ଦରକାର ବୋଲି କୁସୁମ କହିଛନ୍ତି। ଦେଶ ଚଳାଇବାରେ ସରକାର, ପ୍ରଶାସନ ଓ ନ୍ୟାୟିକ ବ୍ୟବସ୍ଥାର ଯେତିକି ଗୁରୁଦାୟିତ୍ୱ ରହିଛି, ଜଣେ ଖବରଦାତାଙ୍କର ମଧ୍ୟ ସେତିକି ଭୂମିକା ରହିଛି। ସାଧାରଣ ନାଗରିକଙ୍କ ଅଧିକାର ପାଇଁ ନିଜ ସୁରକ୍ଷାକୁ ଭୃକ୍ଷେପ ନ କରି ଏମାନେ ଦୈନନ୍ଦିନ ଜୀବନରେ ବିପଦପୂର୍ଣ୍ଣ ସ୍ଥାନକୁ ଯାଇ ଦାୟିତ୍ୱ ନିର୍ବାହ କରୁଛନ୍ତି। ଏପରି ଅବସ୍ଥାରେ ଅନ୍ୟମାନଙ୍କ ସୁରକ୍

ଯେଉଁ ମଣିଷ ନିଜକୁ ଠିକ୍ ରଖିପାରେ ନାହିଁ, ସେ ଅନ୍ୟକୁ କେବେହେଲେ ଠିକ୍ ରଖିପାରିବ ନାହିଁ।
- ମହାତ୍ମା ଗାନ୍ଧୀ

ସଂକ୍ଷେପରେ

ଗିରିଗୋବର୍ଦ୍ଧନ ପୂଜା ପ୍ରସ୍ତୁତି, କର୍ମକର୍ତ୍ତା ଚୟନ

ତରବୋଡ଼,୨।୧୧(ଡି.ଏନ୍.ଏ.)
ନୂଆପଡ଼ା ଜିଲା କୋମନା ବ୍ଲକ ଅଧୀନ ତରବୋଡ ନବ ନିର୍ମାଣାଧୀନ ଯାଦବ ଭବନ ତଥା ରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣରେ ଆଠ ଆଞ୍ଚଳିକ ଯାଦବ ସମାଜ କେନ୍ଦ୍ରର ଗିରିଗୋବର୍ଦ୍ଧନ ପୂଜା ପାଇଁ ପସ୍ତୁତି ବୈଠକ ଏବଂ ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ସଭାରେ ତାରାଚନ ଥପା ସଭାପତିତ୍ୱ କରିଥିବାବେଳେ ନୂତନ ପୂଜା କମିଟି ସଭାପତି ଜଗମୋହନ ବନଛୋର, ରହତୁ ନାଗ, ସମ୍ପାଦକ ଗଦାଦର ଗହୀର, ଅର୍ଜୁନ କଠାର ଏବଂ କୋଷାଧ୍ୟକ୍ଷ ପଦୁ ପୁଞ୍ଜି ଏବଂ ଭୋଳା କାଣ୍ଡକୁ ଚୟନ କରାଯାଇଛି। କାର୍ଯ୍ୟକାରୀ ସଭାପତି କାର୍ତ୍ତିକ କାଣ୍ଡ, ରବି ପରୁଆ, ସମ୍ପାଦକ ମକାରୁ ବେମାଲ, ଦୟାସାଗର ହଂସଙ୍କୁ ସର୍ବସମିତ କର୍ମେ ଚୟନ କରାଯାଇଛି। ବିରଚନ ବନଛୋର, ସୋଭା କଠାର, ହଲଧର କେତକୀ, ଜଗଦୀଶ ହାତୀ, ଭୁବନେ ଅଦା, ଜଗନ୍ନାଥ ବେମାଲ, ପୁରନଚନ୍ଦ୍ର ଗହିର, ମନବୋଧ ଖର୍ସେଲ ପ୍ରମୁଖଙ୍କ ସହ ଆଠ ଆଞ୍ଚଳିକ ଯାଦବ ସମାଜ ଉପସ୍ଥିତ ଥିଲେ।

ଉତ୍କଳ ଗ୍ରାମୀଣ ବ୍ୟାଙ୍କର ଷଷ୍ଠ ବାର୍ଷିକ ଉତ୍ସବ

ପଲମ,୨।୧୧(ଡି.ଏନ.ଏ.)
କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ପଲମ ପଞ୍ଚାୟତସ୍ଥିତ ପଲମ ଉତ୍ତଳ ଗ୍ରାମୀଣ ବ୍ୟାଙ୍କର ଷଷ୍ଠ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ସ୍ଥାନୀୟ ପଲମ ଶାଖାଠାରେ ଗ୍ରାହକ ମିଳନ ହୋଇଯାଇଛି । ବରିଷ୍ଠ ନାଗରିକ ତଥା ବ୍ୟାଙ୍କର ଉତ୍ତମ ଗ୍ରାହକ କୃଷ୍ଣଚନ୍ଦ୍ର ପାତ୍ର ଅଧ୍ୟକ୍ଷତା କରିବା ସହ ମୁଖ୍ୟଅତିଥି ଭାବେ ଉପସ୍ଥିତ ଥିଲେ । ସମ୍ମାନିତ ଅତିଥି ଭାବରେ ପଲମ ପଞ୍ଚାୟତ ସରପଞ୍ଚ ସାବେତ୍ରୀ ମାଝିଙ୍କ ସହ ଅନ୍ୟାନ୍ୟ ଗ୍ରାହକବୃନ୍ଦ ଯୋଗଦାନ ଦେଇଥିଲେ। ପରିଚାଳକ ଏମ୍ ଭାଗିରାଜୁ ଗ୍ରାହକଙ୍କ ସହ ବ୍ୟାଙ୍କର ବିଭିନ୍ନ ଅସୁବିଧା ନେଇ ଆଲୋଚନା ହୋଇଥିଲା । ବ୍ୟାଙ୍କ କୋଷାଧ୍ୟକ୍ଷ ସୁନ୍ଦରଲାଲ ଗଉଡ ଧନ୍ୟବାଦ ଅର୍ପଣ କରିଥିଲେ ।

ଖାଦ୍ୟ ସୁରକ୍ଷା ଅଭିଯାନ ପାଇଁ ସଚେତନତା ରଥ ବୁଲିଲା

କର୍ଲାମୁଣ୍ଡା,୨।୧୧(ଡି.ଏନ.ଏ.)
କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ବିଭିନ୍ନ ସ୍ଥାନରେ ଖାଦ୍ୟ ସୁରକ୍ଷା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଦାପ୍ତା ଅନୁଷ୍ଠାନ ଓ ଫାର ଅନୁଷ୍ଠାନ ମିଳିତ ଉଦ୍ୟମରେ ଦି ହଙ୍ଗର ପ୍ରୋଜେକ୍ଟ ସହାୟତାରେ ଅଲିଭା ମାସଂଘ ସଭାନେତ୍ରୀ ଗୌରୀ ଦୀପ, ସମ୍ପାଦିକା କମଳିନୀ ସାହୁ, ନାଏବ ସରପଞ୍ଚ ଅମ୍ବିକା ସାହୁ ଓ ଏସଏଚଜିର ସଭ୍ୟମାନେ ଉପସ୍ଥିତ ରହି ସାପଲହରାରେ ରାଲି କରି ସଚେତନତା ରଥ ଜରିଆରେ ଜନ ସଚେତନତା ସୃଷ୍ଟି କରିଥିଲେ। ସଚେତନତା ରଥ ରେଗେଡା, ଯୋରାଡବ୍ରା, କର୍ଲାମୁଣ୍ଡାରେ ପହଞ୍ଚିଥିଲା। ଏହା ପରେ ବିଜାପାଟିଠାରେ ସଚେତନ ସଭା କରାଯାଇଥିଲା। କାର୍ଯ୍ୟକ୍ରମକୁ ଭବାନୀପାଟଣାର ବ୍ଲକ ସଂଯୋଜକ ସହଦେବ ନିଆଲ, ସୁବାଷ ପଧାନ, ସ୍ୱେଚ୍ଛାସେବୀ ମଧୁସୂଦନ ତାଣ୍ଡି ଆୟୋଜନ କରିଥିଲେ।

ଦୁର୍ନୀତି ରୋକିବାକୁ ମାନସିକତାରେ ପରିବର୍ତ୍ତନ ଆବଶ୍ୟକ

ନୂଆପଡା ଅଫିସ,୨।୧୧

ଦୁର୍ନୀତି ନିବାରଣ ସପ୍ତାହ ପାଳନ ଅବସରରେ ମଞ୍ଚାସୀନ ଅତିଥିବୃନ୍ଦ।

- ନୂଆପଡ଼ାରେ ଦୁର୍ନୀତି ନିବାରଣ ସପ୍ତାହ
- କୃତୀ ଛାତ୍ରୀଛାତ୍ର ପୁରସ୍କୃତ

ବର୍ତ୍ତମାନ ସମାଜରେ ଦୁର୍ନୀତି ସବୁସ୍ତରକୁ ବ୍ୟାପିବାରେ ଲାଗିଛି। ଏହା ରୋଗର ରୂପ ନେଲାଣି । ଦୁର୍ନୀତି ଏକ ଦୁର୍ବଳ ମାନସିକତା। ଏହାକୁ ଦୂର କରିବାକୁ ହେଲେ ସଚେତନତା ଆଣିବା ଦରକାର। ଏହାର ମୂଲୋତ୍ପାଟନ କରିବାକୁ ମାନସିକତାରେ ପରିବର୍ତ୍ତନ ଆଣିବାକୁ ହେବ ବୋଲି ଦୁର୍ନୀତି ନିବାରଣ ସପ୍ତାହ ପାଳନ ଅବସରରେ ବକ୍ତାମାନେ ଏହି ମତ ରଖିଥିଲେ।

ସ୍ଥାନୀୟ ରାଜୀବ ସେବା କେନ୍ଦ୍ରରେ ଆୟୋଜିତ କାର୍ଯ୍ୟକ୍ରମରେ ଜୟପୁର ଡିଭିଜନ ଭିଜିଲାନ୍ସ ଅତିରିକ୍ତ ଏସ୍‌ପି ମକର କୁଜୁର ସଭାପତିତ୍ୱ କରିଥିବାବେଳେ ନୂଆପଡ଼ା ଅତିରିକ୍ତ ଜିଲାପାଳ ସୀତାରାମ ପଟେଲ ମୁଖ୍ୟଅତିଥି, ଡ. ଶିବ ପ୍ରସାଦ ବେହେରା ମୁଖ୍ୟ ବକ୍ତା, ଅତିରିକ୍ତ ଏସ୍‌ପି ମହେନ୍ଦ୍ର କୁମାର ପଟେଲ, ଡିଆରଡିଏ ପିଡି ବୃଷଭ ଚନ୍ଦ୍ର ନାଏକ, ସଂଗ୍ରାମ କେଶରୀ ସ୍ୱାଇଁ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବକ୍ତାମାନେ ଦୁର୍ନୀତିର ବିଭିନ୍ନ ଉଦାହରଣ ଦେଇ ଏହାକୁ ଏକ ରୋଗ ସହ ତୁଳନା କରିଥିଲେ। ଫଳରେ ସମାଜରେ ଶୋଷଣ, ଅତ୍ୟାଚାର ଏବଂ ଧନୀ, ଦରିଦ୍ର ଭେଦଭାବ ଦେଖାଦେଉଥିବା ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ଏହି ପରିପ୍ରେକ୍ଷୀରେ ଭିଜିଲାନ୍ସ ଏଏସ୍‌ପି କୁଜୁର ବିଭାଗର ସଫଳତା ଏବଂ କାର୍ଯ୍ୟଧାରା ଉପରେ ଉପସ୍ଥାପନା କରିଥିଲେ। ବିଭାଗ ଏବଂ ଜନସାଧାରଣଙ୍କ ମଧ୍ୟରେ ସମନ୍ୱୟ ସ୍ଥାପନ ହେଲେ ଦୁର୍ନୀତି ନିବାରଣ ଦିଗରେ ପଦକ୍ଷେପ ନିଆଯାଇପାରିବ। ଏନେଇ ଜନସାଧାରଣଙ୍କୁ ଆଗକୁ ଆସିବାକୁ ପଡିବ ବୋଲି କହିଥିଲେ। ମୁଖ୍ୟ ବକ୍ତା ବେହେରା ଦୁର୍ନୀତି ଏକ ମାନସିକତା ବୋଲି କହିଥିଲେ। ଯେ ପର୍ଯ୍ୟନ୍ତ ମାନସିକତାରେ ପରିବର୍ତ୍ତନ ନ ଘଟିଛି ଏହାକୁ ସମୂଳେ ନାଶ କରିବା ସମ୍ଭବ ନୁହେଁ ବୋଲି କହିଥିଲେ। ଏହି ଅବସରରେ ଜନସାଧାରଣଙ୍କ ମଧ୍ୟରୁ ଦୁର୍ନୀତି ନିବାରଣ ଦିଗରେ କ'ଣ ସବୁ ପଦକ୍ଷେପ ନିଆଯାଇ ପାରିବ ସେ ଉପରେ ପ୍ରସ୍ତାବ ଆଗତ କରିଥିଲେ। ସଚେତନତା କାର୍ଯ୍ୟକ୍ରମକୁ କେବଳ ଶିବିର ମଧ୍ୟରେ ସୀମିତ ନ ରଖି ଗ୍ରାମ୍ୟସ୍ତରକୁ ନେବାକୁ ଦାବି ରଖିଥିଲେ। ଏହି ପରିପ୍ରେକ୍ଷୀରେ ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟସ୍ତରରେ ପ୍ରବନ୍ଧ, ବକ୍ତୃତା ପ୍ରତିଯୋଗିତା ହୋଇଥିଲା। ଏଥିରେ କୃତୀ ପ୍ରତିଭାଙ୍କୁ ସମ୍ମାନିତ କରାଯାଇଥିଲା। ହାଇସ୍କୁଲସ୍ତରୀୟ ବକ୍ତୃତା ପ୍ରତିଯୋଗିତାରେ ନ୍ୟାଶନାଲ ହାଇସ୍କୁଲର ଆଦ୍ୟାଶା ପ୍ରିୟଦର୍ଶିନୀ ଭୋଇ, ଇଂଲିଶ ବକ୍ତୃତାରେ ନବଜ୍ୟୋତି ବିଦ୍ୟାଳୟର ଏସ୍.ଭାବିକା, ମହାବିଦ୍ୟାଳୟସ୍ତରୀୟ ଓଡ଼ିଆ ବକ୍ତୃତାରେ ମହାମାୟା ଜୁନିୟର କଲେଜର ଆଶିଷ କୁମାର ପଣ୍ଡା, ଇଂଲିଶ ବକ୍ତୃତାରେ ମହାମାୟା ଜୁନିୟର କଲେଜର ଗାୟତ୍ରୀ ପରିଛା ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। କାର୍ଯ୍ୟକ୍ରମରେ ବିଭୁଦତ୍ତ ମିଶ୍ର ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଜୟ କୁମାର ପଟ୍ଟନାୟକ, ଭିଜିଲାନ୍ସ ଇନ୍ସପେକ୍ଟର ଶିବରାମ ସାହୁଙ୍କ ସମେତ ବିଭାଗର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ଏଥିରେ ବରିଷ୍ଠ ନାଗରିକ, ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ, ଶିକ୍ଷାନୁଷ୍ଠାନ, ବିଜୁ ଯୁବବାହିନୀର ସଦସ୍ୟମାନେ ଯୋଗ ଦେଇଥିଲେ।

୫ରୁ ଆନ୍ତଃ କଲେଜ ଆଥ୍‌ଲେଟିକ ମିଟ୍

ଖଡିଆଳ,୨।୧୧(ଡି.ଏନ.ଏ.)
ସମ୍ବଲପୁର ବିଶ୍ୱ ବିଦ୍ୟାଳୟ ପକ୍ଷରୁ ନଭେମ୍ବର ୫ ଓ ୬ ତାରିଖରେ ଖଡିଆଳ ସ୍ୱୟଂ ଶାସିତ କଲେଜ ପଡ଼ିଆରେ ଅନୁଷ୍ଠିତ ହେବ ୪୮ତମ ଆନ୍ତଃ କଲେଜ ଆଥ୍‌ଲେଟିକ ମିଟ୍। ଏନେଇ କଲେଜ ପକ୍ଷରୁ ସ୍ୱୀକୃତି ପ୍ରଦାନ ପରେ ଆଥ୍‌ଲେଟିକ ମିଟ୍ ଆୟୋଜନ ନେଇ ପ୍ରସ୍ତୁତି ଜୋରସୋରରେ ଚାଲିଛି। ଏଥିରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ୮୧ଟି କଲେଜର ପ୍ରତିଯୋଗୀମାନେ ଭାଗ ନେବେ । ଏଥିରେ ୧ଶହରୁ ୫ହଜାର ଏବଂ ୧୦ ହଜାର ମିଟର ଦୌଡ, ଜେଭଲିନ ଥ୍ରୋ, ଡିସକସ୍ ଥ୍ରୋ, ସଟ୍‌ପୁଟ ଥ୍ରୋ, ଉଚ୍ଚଡିଆଁ, ଲମ୍ବଡିଆଁ ସହ ବିଭିନ୍ନ ପ୍ରତିଯୋଗିତା କରାଯିବ। ଆଥେଲେଟିକ ମିଟ୍‌ରୁ ଯୋଗ୍ୟ ବିବେଚିତ କ୍ରୀଡ଼ାବିତମାନଙ୍କୁ ନେଇ ଆସନ୍ତା ନଭେମ୍ବର ଶେଷରେ ବେଙ୍ଗାଲୁରୁଠାରେ ଅନୁଷ୍ଠିତ ହେବାକୁ ଥିବା ଅଲ୍‌ଇଣ୍ଡିଆ ବିଶ୍ୱବିଦ୍ୟାଳୟସ୍ତରୀୟ ଆଥ୍‌ଲେଟିକ ମିଟ୍‌ରେ ଭାଗନେବାର କାର୍ଯ୍ୟକ୍ରମ ରହିଥିବା କଲେଜର କ୍ରୀଡ଼ା ଶିକ୍ଷକ ସରୋଜ କୁମାର ପଣ୍ଡା ସୂଚନା ଦେଇଛନ୍ତି।

ବିଦ୍ୟାଳୟସ୍ତରୀୟ ବିଜ୍ଞାନମେଳା

ତରବୋଡ଼,୨।୧୧(ଡି.ଏନ୍.ଏ.)

ନୂଆପଡ଼ା ଜିଲା କୋମନା ବ୍ଲକ ଅଧୀନ ସିଆଇଲଟି ପଞ୍ଚାୟତ ସିଆଇଲଟି ଉଚ୍ଚ ବିଦ୍ୟାଳୟରେ ଏକ ଦିବସୀୟ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ମେଳାରେ ନବମ ଏବଂ ଦଶମ ଶ୍ରେଣୀର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ୨୪ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଏଥିରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପଞ୍ଚାନନ ମଟାରୀ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଭାବେ ରୁଦ୍ରସିଂ ମାଝି, ସରପଞ୍ଚ ସିଆଲଲଟି ଯୋଗଦେଇ ମେଳାର ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସିଆର୍‌ସିସି ବାଳକୃଷ୍ଣ ନିଆଲ ଯୋଗ ଦେଇଥିଲେ। ବିଚାରକ ଭାବେ ପ୍ରେମଲାଲ ସତନାମୀ, ଶ୍ୟାମସୁନ୍ଦର ଧରୁଆ ରହିଥିବା ବେଳେ ବିଜ୍ଞାନ ଶିକ୍ଷକ ନଗେନ୍ଦ୍ର କୁମାର କର, ନିରଞ୍ଜନ ବିଶ୍ୱାଳ ପଥ ପ୍ରଦର୍ଶକ ଭାବେ ରହିଥିଲେ । କୁଳଚନ୍ଦ୍ର ରଣା, ଜୟନ୍ତ କୁମାର ସାହୁ, ସଞ୍ଜୁକ୍ତା ସାହୁ, ଭରତ ଚେରକିଆ ପ୍ରମୁଖ ସହଯୋଗ କରିଥିଲେ। ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳାରେ କୃତୀ ଛାତ୍ରୀଛାତ୍ରମାନେ ବ୍ଲକସ୍ତରୀୟ ବିଜ୍ଞାନ ମେଳାରେ ଭାଗ ନେଇ ପାରିବେ। ବ୍ଲକସ୍ତରରେ ଯେଉଁମାନେ ଉନ୍ନୀତ ହେବେ ସେମାନେ ଜିଲାସ୍ତରୀୟ ମେଳାରେ ଭାଗ ନେଇପାରିବେ। ଆସନ୍ତା ୨୦ ତାରିଖରେ କୋମନା ବ୍ଲକସ୍ତରୀୟ ବିଜ୍ଞାନ ମେଳା ତରବୋଡ ଉଚ୍ଚ ବିଦ୍ୟାଳୟ ତରବୋଡଠାରେ ଅନୁଷ୍ଠିତ ହେବ।

ବିଦ୍ୟାଳୟସ୍ତରୀୟ ବିଜ୍ଞାନମେଳାରେ ଛାତ୍ରମାନେ ଏକ ପ୍ରକଳ୍ପ ପ୍ରଦର୍ଶନ କରୁଛନ୍ତି।

ଆମ ପୋଲିସ ସମିତି ବୈଠକ

ସିନାପାଲି,୨।୧୧(ଡି.ଏନ୍.ଏ.)

ନୂଆପଡ଼ା ଜିଲା ସିନାପାଲି ଥାନା ପରିସରରେ ଆମ ପୋଲିସ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଇନଜୀବୀ ବୈଶମ୍ପାୟନ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସିନାପାଲି ଥାନା ଅଞ୍ଚଳରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ ବିଭିନ୍ନ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରାଯାଇଥିଲା। ବୈଠକରେ ହୁକୁମ୍ ଅଗ୍ରୱାଲ, ସିନାପାଲି ସରପଞ୍ଚ ସତ୍ୟବାନ ମେହେର, ଜିଲା ପରିଷଦ ସଭ୍ୟ ପ୍ରିୟରଞ୍ଜନ ମେହେର, ମେହେମୁଦ୍ ଖାଁ, ଆନନ୍ଦ ତାଣ୍ଡି ପ୍ରମୁଖଙ୍କ ସହ ସିନାପାଲି ଥାନା ଅଧିକାରୀ ଜ୍ୟୋତିରଞ୍ଜନ ଗୌଡ, ଏଏସ୍‌ଆଇ ସଦାନନ୍ଦ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ପ୍ରଧାନ ଶିକ୍ଷକଙ୍କୁ ଅବସର କାଳୀନ ବିଦାୟ ସମ୍ବର୍ଦ୍ଧନା

ଭବାନୀପାଟଣା,୨।୧୧(ଡି.ଏନ.ଏ.)

ଭବାନୀପାଟଣା ସଦର ବ୍ଲକ ଫାପସି ପ୍ରକଳ୍ପ ଉଚ୍ଚପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ କନ୍ୟୁଆଣି ଛତର ଶିକ୍ଷକତାରୁ ଅବସର ଗ୍ରହଣ କରିଛନ୍ତି । ଏହି ଉପଲକ୍ଷେ ବିଦ୍ୟାଳୟ ପରିସରରେ ଶିକ୍ଷାବିତ କାମଦେବ ଦୁର୍ଗାଙ୍କ ସଭାପତିତ୍ୱରେ ଏକ ବିଦାୟ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ବୋର୍ଡା ସରପଞ୍ଚ ରୀନାରାଣି ଜାଲ ମୁଖ୍ୟଅତିଥି, ଏବିଇଓ ଜୟକୁମାର ମାଝି ମୁଖ୍ୟବକ୍ତା, ବ୍ଲକ ଶିକ୍ଷକ ସଂଘ ସଭାପତି ଅଶୋକ କୁମାର ଭୋଇ, ସିଆଇସିସି ବଶିଷ୍ଠ ଭୋଇ, ଶିକ୍ଷାପ୍ରେମୀ ନିରାକାର ରଣା, ସ୍କୁଲ କମିଟି ସଭାପତି ତିଲେଶ୍ୱରରଣା, ଝୁମୁରିଆ ସରପଞ୍ଚ ସଞ୍ଜୀବ କୁମାର ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ଛତରଙ୍କ ସମୟାନୁବର୍ତ୍ତିତା, ଛାତ୍ର ବତ୍ସଳତା ଓ ଭିନ୍ନ ଶିକ୍ଷାଦାନ ଉପରେ ଆଲୋକାପାତ କରିଥିଲେ । କାର୍ଯ୍ୟକ୍ରକୁ ବୋର୍ଡା ସିଆଇସିସି ଉଦୟ କୁମାର ଭୋଇ ପରିଚାଳନା କରିଥିଲେ । ଶିକ୍ଷକ ଯୁଧିଷ୍ଠିର ରଣା ଧନ୍ୟବାଦ ଅର୍ପଣ କରିଥିଲେ । ପଧାନ, ଜୟପାଲ ଶବର, କିଶୋର ଶବର, ଚନ୍ଦ୍ରମଣି ଗହିର, ଶିକ୍ଷକ କାନ୍ତ ବାଗ, ବିଳାସ ତାଣ୍ଡି, ସମ୍ପତ୍ତି ଛୁରା, ବିଜୟିନୀ ଭୋଇ, ଲଲିତାଜାନୀ, ଜିତେନ୍ଦ୍ର କୁମାର ଶବର, ଅଶ୍ୱିନ କୁମାର ସାହୁ, ସବିତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

ଭତା ପାଏବାରୁ ବଂଚିତ ୮୦ ବଛରିଆ ବୁଢ଼ୀ

ଲଡୁଗାଁ,୨।୧୧(ଡି.ଏନ.ଏ.)

କେନ୍ଦ୍ର ଆର୍ ରାଏଜ୍ ସରକାର ଅସାହା ବୁଢ଼ାବୁଢ଼ୀମାନଙ୍କର ଲାଗି ଭତା, ନିଆଁସିମାନଙ୍କର ଲାଗି ଆବାସ ଯୋଜନା କାଯ୍‌କାରୀ କରି କୋଟି କୋଟି ଟଙ୍କା ସାରୁଛନ୍। ହେଲେ ବହୁତ୍ ଜାଗାରେ ହକ୍‌ଦାର ହିତାଧିକାରୀକଁର ପାସେ ଇ ଯୋଜନାମାନଙ୍କର ସୁଫଳ ପହୁଁଚି ନାଇଁ ପାର୍‌ବାର। କଳାହାଣ୍ଡି ଜିଲା କୋକସରା ବ୍ଲକ୍ କାଶିବାହାଲ ପଂଚେତ କାଶିବାହାଲରେ ଏନ୍‌ତା ଘଟ୍‌ନା ଦେଖ୍‌ବାକେ ମିଳିଛେ। ଗାଁର ନିସାହା ବିଧବା ସପୁର ନାଗ(୮୦)। ଆପ୍‌ନେ ଥିଲା ବେଲେ ସବୁ ଝିଁକର ବିହାଘୁରା ସାରିଦେଇଛନ୍। ହେଲେ ଆଏଜ୍‌କେ ଆପ୍‌ନେ ମରବାର ପାଖାପାଖି ୫ ବଛର ହେଲା। ସେଦିନ୍‌ଠାନୁ ସପୁର ତାକର ଭଂଗା ଦଦ୍‌ରା ମାଏଟ୍ କୁଡିଆରେ ବିପଦ୍ ମୁଢ଼େଇ ରହିଆସୁଛନ୍। ହେଲେ ଦୁଖର କଥା ଆଏଜ୍‌ତକ୍ କେହେନ୍‌ସି ସରକାରୀ ଅଧିକାରୀକଁର ଦୁଟୁଖିଟି ତାକର ଉପ୍‌ରେ ନାଇଁପଡିପାରି। ସରକାରୀ ଯୋଜ୍‌ନାରେ ଘରଖଁଡେ ପାଏବାର ଲାଗି ପର୍‌ଶାସନକେ ଗୁହାରି କରି କରି ଥକି ଯାଇଛନ୍। ହେଲେ ତାକର କଥା କେହି ନାଇଁ ଶୁନୁଥିବାର ସେ କହିଛନ୍। ସରକାରୀ ସାହାଯ୍ କହେଲେ ରାଶନ କାର୍ଡ ଖଁଡେ ପାଇଛନ୍ ସତ୍ ହେଲେ ଇ ୮୦ ବଛରିଆ ବୁଢ଼ୀ ଆଏଜ୍‌ତକ୍ ଭତା ପାଏବାରୁ ବଂଚିତ୍ ହେଇଛନ୍। ରାଶନ କାର୍ଡରେ ବୁଢ଼ୀକୁ ମିଳୁଥିବାର ଚାଉଳ ନିହଁଟ୍ ପଡୁଛେ। ଦୁଇବେଳି ମୁଠେ ଖାଏବାର ଲାଗି ଇ ବଏସେ ବି ସେ କୁଲି ମଜୁରୀ କରି ପେଟ୍ ପାଲୁଛନ୍। ଆବାସ ଯୋଜ୍‌ନାରେ ଘରଖଁଡେ ଆର୍ ବିଧବା ଭତା ଆଏଜ୍ ମିଲ୍‌ବା କାଏଲ୍ ମିଲ୍‌ବା ବଲି ବଢ଼େଟେ ଆଶ୍ କରି ବୁଢ଼ୀ ସପୁର ଚାକିରହିଛନ୍। ହେଲେ ସରକାରୀ ଅଧିକାରୀମାନଙ୍କୁ ସପୁରକଁର ଇ ଦୁଖ୍ ଦୁରବସ୍ଥା ନାଇଁ ଦିଶ୍‌ବାର। ଏନ୍‌ତାଥି ନିଜର ଭାଏଗ୍‌କେ ନିଁଦ୍‌ବାର ଛତା ଆର୍ ଉପେ ନାଇଁ ବଲି କଁକଁଦ୍‌ନିଆଁ ହେଇ ବୁଢ଼ୀ ସପୁର କହିଛନ୍। ଇ ବାବ୍‌ଦେ କାଶିବାହାଲ ସରପଁର୍ ପଲ୍ୟାଣି ପାତ୍ରଙ୍କୁ ପର୍‌ଚାଲାରୁ ତାକର ଭତା ଫର୍ମ ପଠାଯାଇଛେ। ବିଡିଓକଁର ସଂଗେ କଥା ହେଇ ଘରର ବେବସ୍ଥା କରାଯିବା ବଲି ସେ କହିଥିଲେ।

ନିସାହା ବିଧବା ବୁଢ଼ୀ ସପୁର ନିଜର ଦଦ୍‌ରା ଘରଆଗେ ଠିଆ ହେଇଛନ୍।

କୋକସରା ବ୍ଲକ୍

- ୫ ବଛର ହେଲା ଆପ୍‌ନେ ଆରପାରକେ ଚାଲିଯାଇଛନ୍।
- ଆବାସ ଯୋଜ୍‌ନା ସାତ୍ ସପନ୍, ବିପଦ୍ ମୁଢ଼େଇ ଭଂଗା କୁଡିଆରେ ରହୁଛନ୍।

ଜିଲାସ୍ତରୀୟ ବିଦ୍ୟାଳୟ ଦୌଡ଼କୁଦ ପ୍ରତିଯୋଗିତା

ଜିଲାସ୍ତରୀୟ ବିଦ୍ୟାଳୟ ଖେଳକୁଦ ପ୍ରତିଯୋଗିତା ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

ନୂଆପଡା ଅଫିସ,୨।୧୧

ପ୍ରାଚୀନ ଯୁଗରୁ ଶିକ୍ଷା ସହ ଶାରିରୀକ ଶିକ୍ଷା ଯୋଡିହୋଇ ରହିଛି। ଛାତ୍ରୀଛାତ୍ରମାନଙ୍କ ମାନସିକ ଏବଂ ଶାରୀରିକ ଶିକ୍ଷାର ମଧ୍ୟ ଆବଶ୍ୟକତା ରହିଛି । ଏହା ଦ୍ୱାରା ସର୍ବାଙ୍ଗୀନ ବିକାଶ ହୋଇଥାଏ। ଏନେଇ ଶିକ୍ଷା ସହ କ୍ରୀଡା ଅଙ୍ଗାଙ୍ଗୀ ଭାବେ ଜଡିତ ବୋଲି ଜିଲାସ୍ତରୀୟ ବିଦ୍ୟାଳୟ ଦୌଡ଼କୁଦ ପ୍ରତିଯୋଗିତାରେ ଯୋଗଦେଇ ଅତିଥିମାନେ ଏହି ମତ ରଖିଛନ୍ତି। କୋମନା ବ୍ଲକ ଅଧୀନ ବୁଦ୍ଧିକୋମନା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ୨ ଦିନିଆ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି । ଶୁକ୍ରବାର ଉଦ୍‌ଯାପନୀ ଉତ୍ସବରେ ବିଦ୍ୟାଳୟ ପ୍ରଧାନଶିକ୍ଷକ ବିବେକାନନ୍ଦ ମହାନ୍ତି ସଭାପତିତ୍ୱ କରିଥିବା ବେଳେ ପୂର୍ବତନ ବିଧାୟକ ରାଜେନ୍ଦ୍ର ପ୍ରସାଦ ଢୋଲକିଆ ମୁଖ୍ୟଅତିଥି, ଯଦୁମଣୀ ପାଣିଗ୍ରାହୀ ମୁଖ୍ୟ ବକ୍ତା, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଆଦିକନ୍ଦ ଦାସ, ମହେଶ କୁମାର ଦଣ୍ଡସେନା ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲାର ୫ଟି ବ୍ଲକର ୨୭୬ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ଏଥିରେ ମୋଟ ୬୫ଖେଳ ଶିକ୍ଷକ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ରାଜାଏଟି ହାଇସ୍କୁଲର ସହକାରୀ ଶିକ୍ଷକ ଗୌରାଙ୍ଗ

ଜିଲାସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତା ଉଦ୍‌ଘାଟିତ

କଳାହାଣ୍ଡି ଜିଲା ଧର୍ମଗଡଠାରେ ଶୁକ୍ରବାର ଅପରାହ୍ନରେ ଜିଲାସ୍ତରୀୟ ଦୌଡକୁଦ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି । ୩ ଦିନ ଧରି ଚାଲିବାକୁ ଥିବା ବେଳେ ଏଥିରେ ଜିଲାର ୧୩ଟି ବ୍ଲକରୁ ୩ ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗଦେଇଛନ୍ତି।

ସଂକ୍ଷେପରେ

ସିଟିଜେନ ଫୋରମର ଗୁରୁତ୍ୱପୂର୍ଣ୍ଣ ବୈଠକ

ଜୁନାଗଡ,୨।୧୧(ଡି.ଏନ.ଏ./ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଜୁନାଗଡ ସିଟିଜେନ ଫୋରମର ଏକ ଜରୁରାକାଳିନ ବୈଠକ ଗୁରୁବାର ସନ୍ଧ୍ୟାରେ ଫୋରମର ଉପସଭାପତି ଅଶୋକ ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଜୁନାଗଡ ନିୟନ୍ତ୍ରିତ ବଜାର କମିଟି ସଭାଗୃହ ଅନୁଷ୍ଠିତ ବୈଠକରେ ଜୁନାଗଡ ବିଧାୟକ ଦିବ୍ୟ ଶଙ୍କର ମିଶ୍ର, ତହସିଲଦାର ଉପେନ୍ଦ୍ର କୁମାର ଲୁହା, ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡଃ ଭଗବାନ ପଣ୍ଡା, ଥାନା ଅଧିକାରୀ ରାଜେନ୍ଦ୍ର କୁମାର ଦେହୁରୀ, ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଈଶ୍ୱର ପୂଝାରୀ ପ୍ରମୁଖ ଉପସ୍ଥିତଥିଲେ। ଫୋରମର ସମ୍ପାଦକ ଡ.ତ୍ରିଭୁବନ ପଣ୍ଡା ୪ ଦଫା ସମ୍ବଳିତ ଦାବିପତ୍ର ବିଧାୟକଙ୍କୁ ପ୍ରଦାନ ପରେ ଆଲୋଚନାରେ ଜୁନାଗଡର ଅନେକ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଉପସ୍ଥିତ ବୁଦ୍ଧିଜିବୀ ମତ ଉପସ୍ଥାପନା କରିଥିଲେ। ସେଥି ମଧ୍ୟରେ ଜୁନାଗଡ ଡାକ୍ତରଖାନରେ ବିଶେଷଜ୍ଞ ଡାକ୍ତର ନିଯୁକ୍ତି, ସବ ରେଜିଷ୍ଟାର ଅଫିସ ଶୀଘ୍ର କାର୍ଯ୍ୟକ୍ଷମ କରିବା, ମଶାଣୀର ଉନ୍ନତି କରଣ, ଖାଦ୍ୟ ସୁରକ୍ଷା ଭଣ୍ଡାର, ଟ୍ରାଫିକ ବ୍ୟବସ୍ଥାରେ ଉନ୍ନତି ଆଣିବା ଇତ୍ୟାଦି ଉପରେ ଆଲୋଚନା ହୋଇଥିଲା। ସନ୍ତୋଷ କୁମାର ସିଂଦେଓ ଆଭିମୁଖ୍ୟ ଉପରେ ଆଲୋକପାତ କରିଥିବା ବେଳେ କୁବଲେଶ୍ୱର ପାଣିଗ୍ରାହୀ ଧନ୍ୟବାଦ ପ୍ରଦାନ କରିଥିଲେ। ଏହି ଆଲୋଚନାଚକ୍ରରେ ସହର ତଥା ଗ୍ରାମାଞ୍ଚଳରୁ ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

ଚାଷୀଙ୍କ ଚିନ୍ତା ବଢ଼ାଉଛି ଚକଡ଼ା ଚଡ଼କ

ସେରଗଡ଼,୨।୧୧(ଡି.ଏନ.ଏ.)

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଣ ଜଳସେଚିତ ଅଞ୍ଚଳ ହୋଇଥିବା ବେଳେ ଉଲିକୁପା ଗ୍ରାମପଞ୍ଚାୟତ ସମ୍ପୂର୍ଣ୍ଣ ପରୁତି ପ୍ରବଣ । ଏଠି କେବଳ ଅଧିକାଂଶ କ୍ଷୁଦ୍ର ଚାଷୀ ରହିଥିବା ବେଳେ ଏମାନଙ୍କ ମୁଖ୍ୟ ଜୀବିକା ହେଉଛି ଚାଷ । ପ୍ରତିବର୍ଷ ମରୁଡିର ସମ୍ମୁଖୀନ ହୋଇ ଅଞ୍ଚଳର ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗିପଡିଲାଣି। ଚଳିତବର୍ଷ ଲଘୁଚାପ ଜନିତ ବର୍ଷାରୁ ଚାଷ ଖୁବ୍ ଭଲ ହୋଇଥିଲା । ଅନେକ କଷ୍ଟ କରି ଚାଷୀ ଉପୁଯାଇଥିବା ଧାନ ଅମଳ କରିବା ବେଳେ ମାଟିଆଗୁଣ୍ଡି ପୋକ (ଚକଡା) ଦାଉ ସାଜିଲା । ଉଲିକୁପା ପଞ୍ଚାୟତର ୪ଟି ଗାଁ ଉଲିକୁପା, କଣଗାଁ, ପରବାଙ୍ଗି ଓ ଧୁବେନ ରହିଥିବା ବେଳେ ୧୧ଟି ୱାର୍ଡକୁ ନେଇ ଗଠିତ ହୋଇଛି ଉଲିକୁପା ଗ୍ରାମପଞ୍ଚାୟତ । ଧାନର ପ୍ରାଥମିକ ପର୍ଯ୍ୟାୟ ତଳିଘରା ଓ ରୋଇବା ସମୟରେ ହଠାତ୍ ଲଘୁଚାପ ବର୍ଷାରେ ସବୁ ଚାଷ ଧୋଇ ନେଇଯାଇଥିଲା । ପରେ ପୁଣି ଲଘୁଚାପ ଜନିତ କ୍ଷୟକ୍ଷତି ହେଲା । ଏବେ ଧାନ ଅମଳ ସମୟରେ ଚକଡା ପୋକ ଲାଗି ସବୁ ଧାନ ସମୁଳେ ନଷ୍ଟ ହୋଇଯାଇଥିବା ଦେଖିବାକୁ ମିଳୁଛି। ଉଲିକୁପା ଗ୍ରାମପଞ୍ଚାୟତରେ ୪୯୧ ହେକ୍ଟରରେ ଧାନ ଚାଷ ହୋଇଥିବା ବେଳେ ୧୫୦ରୁ ଊର୍ଦ୍ଧ୍ୱ ଚାଷ ଜମି ଚକଡା ରୋଗ କବଳିତ ହୋଇ ସାରିଥିବା ଆକଳନରୁ ଜଣାପଡିଛି । କୃଷି ବିଭାଗ ତରଫରୁ ସର୍ଭେ କରାଯାଇ ୬୯ ହେକ୍ଟର ଧାନ ଚାଷ ଚକଡା ରୋଗ ଆକ୍ରାନ୍ତ ହୋଇଥିବା ସରକାରଙ୍କୁ ରିପୋର୍ଟ ପ୍ରଦାନ କରିଥିବା ଉକ୍ତ ଗ୍ରାମପଞ୍ଚାୟତ ଏଓ ବୃନ୍ଦାବନ ସାହା କହିଛନ୍ତି । ଚକଡା ପୋକରେ ବିଶେଷ କ୍ଷତି ହୋଇଥିବା ଚାଷୀଙ୍କ ମଧ୍ୟରେ ଡମ୍ବରୁଧର ରଣାଙ୍କ ୨ ଏକର, ଜୟପ୍ରକାଶ ସାହୁଙ୍କ ୫ ଏକର, ଗିରିଶ ଚନ୍ଦ୍ର ସାହୁଙ୍କ ୨, ଡମ୍ବରୁଧର ଶବରଙ୍କ ୩, କପିଳ ରଣାଙ୍କ ୨, ବିଶ୍ୱନାଥ ସାହୁଙ୍କ ୫, ହରିଶଙ୍କର ମାଝିଙ୍କ ୩, ଅମରଦାଶ ରଣାଙ୍କ ୨, ଡମ୍ବରୁଧର ସାହୁଙ୍କ ୨, ଉମେଶ ଚନ୍ଦ୍ର ସାହୁଙ୍କ ୪, ଭାସ୍କର ମାଝିଙ୍କ ୩, ଦୁର୍ଯ୍ୟୋଧନ ମାଝିଙ୍କ ୩ ଏକର ଏଭଳି ଭାବେ ଉଲିକୁପା, କଣଗାଁ, ପରବାଙ୍ଗି ଓ ଧୁବେନ ଗାଁର ଶତାଧିକ ଚାଷୀଙ୍କ ୧୫୦ରୁ ଊର୍ଦ୍ଧ୍ୱ ହେକ୍ଟର ଚାଷକୁ ଚକଡ଼ା ସମୂଳେ ଗ୍ରାସ କରିଛି। ଆଉ ଦାଆ ଧରି ଜମିକୁ ଚାଷୀ ଧାନ କାଟିବା ପାଇଁ ମଧ୍ୟ ଯିବେ ନାହିଁ। ବର୍ତ୍ତମାନ ଏହି ରୋଗର ମୂଳ ପୋକ ମାଟିଆଗୁଣ୍ଡି ପୋକକୁ ଆୟତ୍ତ କରିବା ପାଇଁ ଚାଷୀ ବିଭିନ୍ନ ପ୍ରକାର କୀଟନାଶକ ଔଷଧ ବଜାରରୁ କିଣି ଅଳ୍ପ କିଛି ବଞ୍ଚିଥିବା ଧାନ ପାଇବା ଆଶାରେ ଧାନଗଛରେ ସିଞ୍ଚନ କରୁଛନ୍ତି । କୃଷି ବିଭାଗ ପକ୍ଷରୁ ନର୍ଲା ଜିଲା କୃଷି ଅଫିସରେ ମଧ୍ୟ 'ଟାପୋଜ' ନାମକ ୨୮୧ ଟଙ୍କାର କୀଟନାଶକ ଔଷଧ ରିହାତିରେ ୧୯୧ ଟଙ୍କାରେ ଚାଷୀଙ୍କୁ ଦିଆଯାଇଥିବା ଦେଖିବାକୁ ମିଳିଥିଲା । ହେଲେ ଉଲିକୁପା ସରପଞ୍ଚ ଆନନ୍ଦ ମାଝି ଦୁଃଖ ବ୍ୟକ୍ତ କରିଛନ୍ତି ନର୍ଲାରେ କୃଷି ବିଭାଗ ଅଫିସ ନାମକୁ ମାତ୍ର ରହିଛି । ଚାଷୀଙ୍କ ବିପଦ ସମୟରେ ଧରା ଦେଉନାହାନ୍ତି କୃଷି ଅଧିକାରୀମାନେ । ଚକଡା ରୋଗକୁ ଆୟତ୍ତ କରିବା ପାଇଁ ଯଥେଷ୍ଟ ସମୟ ପୂର୍ବରୁ ମୁଁ ନର୍ଲା ସହକାରୀ କୃଷି ଅଧିକାରୀ ସୁଧାଂଶୁ ମେହେରଙ୍କୁ ବାରମ୍ବାର ଅବଗତ କରାଇଲି, ହେଲେ ସେ କର୍ଣ୍ଣପାତ କଲେ ନାହିଁ । ଫଳସ୍ୱରୂପ ଉଲିକୁପା ଗ୍ରାମପଞ୍ଚାୟତ ଅଧୀନ ଚାଷୀମାନେ ଚକଡା ପୋକ ଯୋଗୁ ସର୍ବସାନ୍ତ ହୋଇପଡିଛନ୍ତି । କେତେ ଚାଷୀ ଆତ୍ମହତ୍ୟା ପାଇଁ ଉଦ୍ୟମ କରୁଥିବା ଖବର ପାଇଁ ମୁଁ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ସେଥିରୁ ନିବୃତ କରିଛି । ଆଗକୁ ଏଭଳି କିଛି ପରିସ୍ଥିତି ସୃଷ୍ଟି ହେଲେ କୃଷି ବଭାଗ ଓ ରାଜ୍ୟ ସରକାର ଦାୟୀ ରହିବେ ବୋଲି ସେ କହିଛନ୍ତି ।

ଚାଷୀମାନେ ଯାହା କୁହନ୍ତି...

ଏ ବର୍ଷ ଆମର ଚାଷ ୩ ଏକର ରୋଗ ଲାଗି ସମ୍ପୂର୍ଣ୍ଣ ନଷ୍ଟ ହୋଇଛି । କେମିତି ଚଳିବୁ ପରିବାର ଚିନ୍ତାରେ ଅଛୁ । ସରକାର ଚାଷର କ୍ଷୟକ୍ଷତି ଆକଳନ କରି ଆମକୁ ତୁରନ୍ତ ସହାୟତା ଯୋଗାଇ ଦିଅନ୍ତୁ । ନ ହେଲେ ଆମେ ଆତ୍ମହତ୍ୟା କରିବା ଛଡା ଆମ ପାଖରେ ଆଉ ବାଟ ନାହିଁ ।

-ପୁଷ୍କର ଶବର

ଆମ ଗାଁରେ ୧୫୦ ଏକର ଚାଷ ଜମିରେ ଆଉ ଦାଆ ଧରିବୁ ନାହିଁ । ସରକାରଙ୍କ ସହାୟତା ପାଇଁ ଆମେ ଦାବି କରୁଛୁ ।

-ରୋହିତ କୁମାର ସାହୁ

ମୁଁ ୨ ଏକର ଜମିରେ ବାରମ୍ବାର ଔଷଧ ସିଞ୍ଚନ କଲେ ମଧ୍ୟ କିଛି ଲାଭ ମିଳିନା ନାହଁ ଆହୁରି ଅଧିକ ରୋଗପୋକ ବଢ଼ିବାରେ ଲାଗିଲା। ଚାଷରେ ଖର୍ଚ୍ଚ ହୋଇଥିବା ମୂଳ ଟଙ୍କା ମଧ୍ୟ ପାଇବି ନାହିଁ ।

-ଅମରଦାଶ ରଣା

ନର୍ଲା କୃଷି ବିଭାଗ ଅଫିସ ନାମକୁ ମାତ୍ର, ଚାଷୀଙ୍କ ବିପଦ ସମୟରେ କୃଷି ଅଧିକାରୀଙ୍କ ଦେଖା ମିଳୁନାହିଁ ।

-ଜୟ ପ୍ରକାଶ ସାହୁ

ନେହେରୁ ଯୁବ କେନ୍ଦ୍ର ପକ୍ଷରୁ ରାଷ୍ଟ୍ରୀୟ ଏକତା ଦିବସ ପାଳିତ

ଡୁଣ୍ଡଲା,୨।୧୧(ଡି.ଏନ.ଏ.)

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅନ୍ତର୍ଗତ ବୋରିଙ୍ଗପଦର ଗ୍ରାମଠାରେ ରାଷ୍ଟ୍ରୀୟ ଏକତାର ସୁତ୍ରଧାର ସଦାରଙ୍କ ବଲ୍ଲଭ ଭାଇ ପଟେଲଙ୍କ ଜୟନ୍ତୀ ଓ ଯୁବ ଗୋଷ୍ଠୀଙ୍କ ବିକାଶ କାର୍ଯ୍ୟକ୍ରମ ଉଦ୍‌ଘାଟନ ହୋଇଯାଇଛି। ଭାରତ ସରକାରଙ୍କ କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରଣାଳୟ ନେହେରୁ ଯୁବ କେନ୍ଦ୍ର କଳାହାଣ୍ଡି ଓ ବୋରିଙ୍ଗ ପଦର ଯୁବକ ସଂଘ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନେହେରୁ ଯୁବ କେନ୍ଦ୍ର କଳାହାଣ୍ଡିର ଲେଖାପାଲ ଦ୍ୱିତୀୟା ବନଛୋରଙ୍କ ତତ୍ତ୍ୱାବଧାନରେ ପରିଚାଳନା ହୋଇଥିଲା। ଏଥିରେ ନର୍ଲା ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ପ୍ରତିନିଧି ଭାବେ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପ୍ରଫୁଲ କୁମାର ଭୁଜବଳ, ଅବସରପ୍ରାପ୍ତ ବରିଷ୍ଠ ଶିକ୍ଷକ କ୍ଷୀରସାଗର ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବନଛୋର ଯୁବ ଗୋଷ୍ଠୀଙ୍କୁ ରାଷ୍ଟ୍ରୀୟ ଏକତାର ସୁତ୍ରଧାର ସର୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜୀବନୀ ଉପରେ ସମ୍ୟକ ଧାରଣା ଦେଇଥିଲେ। ସମାଜରେ ଯୁବ ଗୋଷ୍ଠୀ ମିଳିମିଶି କିଭଳି ଆଗକୁ ବଢିବେ ସେ ବିଷୟରେ ଯୁବ ଗୋଷ୍ଠୀଙ୍କୁ ଆହ୍ୱାନ ଦେଇଥିଲେ। ଉପସ୍ଥିତ ଥିବା ସମସ୍ତ ଯୁବ ଗୋଷ୍ଠୀଙ୍କୁ ଶପଥ ପାଠ କରାଇଥିଲେ।

ଧରିତ୍ରୀ ପ୍ରଭାବ: ବୃଦ୍ଧଙ୍କୁ ମିଳିଲା ଭତ୍ତା

ଜୁନାଗଡ,୨।୧୧(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ହାବସପୁର ପଞ୍ଚାୟତ ଅର୍ନ୍ତଲା ଗ୍ରାମର ନରସିଂହ ମଣ୍ଡା ନାମକ ଜଣେ ୮୮ବର୍ଷିୟା ବୃଦ୍ଧା ଭତ୍ତା ପାଇଁ ୫ ଥର ପଞ୍ଚାୟତ କାର୍ଯ୍ୟାଳୟରେ ଆବେଦନ କରିଥିଲେ ମଧ୍ୟ ତାଙ୍କୁ ମିଳି ନ ଥିଲା। ଭତ୍ତା ନ ପାଇଁ ସେ ଅସହାୟ ଭାବରେ ଜୀବନ ଯାପନ କରୁଥିଲେ। ଏପରିକି ଭତ୍ତା ପାଇବା ଆଶା ମଧ୍ୟ ସେ ଛାଡି ଦେଇଥିଲେ। ତାଙ୍କର ଏହି ଘଟଣା ସମ୍ପର୍କରେ ଗତ ଅକ୍ଟୋବର ୫ ତାରିଖରେ ଧରିତ୍ରୀରେ ଏକ ରିପୋର୍ଟ ପ୍ରକାଶ ପାଇଥିଲା। ଏହା ପରେ ବ୍ଲକ ପ୍ରଶାସନ ପକ୍ଷରୁ ତତ୍ପରତା ଦେଖିବାକୁ ମିଳିଥିଲା। ଏହାର ମାସେ ନ ପୂରୁଣୁ ତାଙ୍କ ଭତ୍ତା ମଞ୍ଜୁର ହୋଇଯାଇଥିଲା। ଜୁନାଗଡ ବିଏସଏସଓଙ୍କ ନିର୍ଦ୍ଦେଶ କ୍ରମେ ଗୁରୁବାର ବୃଦ୍ଧ ନରସିଂହଙ୍କୁ ମଧୁ ବାବୁ ପେନସନ୍ ଯୋଜନାରେ ହାବସପୁର ଜିଆରଏସ ଦୁର୍ବିନ୍ଦ ନାଏକ ନୂତନ ଭତ୍ତା ପ୍ରଦାନ କରିଥିଲେ। ନୂତନ ଭତ୍ତା ପାଇବା ପରେ ବୃଦ୍ଧ ନରସିଂହଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଥିଲା।

ହାବସପୁର ଜିଆରଏସ ବୃଦ୍ଧ ନରସିଂହଙ୍କୁ ନୂତନ ଭତ୍ତା ପ୍ରଦାନ କରୁଛନ୍ତି।

ଜିଲାସ୍ତରୀୟ ଦୌଡକୁଦ ପ୍ରତିଯୋଗିତା ଉଦ୍‌ଘାଟିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଜିଲାସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତା ଉଦ୍‌ଘାଟିତ

କ୍ରୀଡ଼ା ଉଭୟ ମାନସିକ, ଶାରୀରିକ ବିକାଶରେ ସହାୟକ ହୁଏ

ଧର୍ମଗଡ,୨।୧୧(ଡି.ଏନ.ଏ.)

କଳାହାଣ୍ଡି ଜିଲା ଧର୍ମଗଡଠାରେ ଶୁକ୍ରବାର ଅପରାହ୍ନରେ ଜିଲାସ୍ତରୀୟ ଦୌଡକୁଦ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି । ଉଦ୍‌ଘାଟନୀ ଉତ୍ସବରେ ବିଜେଡି ମୁଖପାତ୍ର ତଥା ଧର୍ମଗଡ ବିଧାୟକ ପୁଷ୍ପେନ୍ଦ୍ର ସିଂଦେଓ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ। ଶରୀରକୁ ସର୍ବଦା ଫିଟ୍ ରଖିବା ପାଇଁ କ୍ରୀଡାର ଭୂମିକା ଗୁରୁତ୍ୱପୂର୍ଣ୍ଣ, କ୍ରୀଡା ଉଭୟ ମାନସିକ ଓ ଶାରୀରିକ ବିକାଶରେ ସାହାଯ୍ୟ ହୋଇଥାଏ ବୋଲି ପ୍ରକାଶ କରିଥିଲେ। ଜୁନାଗଡ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ତପିମଣି ଜାନୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଏନଏସି ଅଧ୍ୟକ୍ଷା ହିରା ବାଗ, ଧର୍ମଗଡ ଶିକ୍ଷା ଅଧିକାରୀ କିଶୋର କୁମାର ଖମାରୀ, ଅତିରିକ୍ତ ଶିକ୍ଷାଧିକାରୀ ନବ କିଶୋର ସାହୁ ପ୍ରମୁଖ ଯୋଗଦେଇଥିଲେ। ଧର୍ମଗଡ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଚିତ୍ତରଞ୍ଜନ ମୁଣ୍ଡ ସ୍ୱାଗତ ଭାଷଣ ଦେଇଥିବା ବେଳେ ବିଜ୍ଞାନ ଶିକ୍ଷକ ସରୋଜ କୁମାର ପଣ୍ଡା ସଭା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଏବଂ ପିଇଟି ସନ୍ତୋଷ କୁମାର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। ଉଦ୍‌ଘାଟନୀ ଉତ୍ସବ ପୂର୍ବରୁ ସ୍ଥାନୀୟ ମା' ଭଣ୍ଡାର ଘରଣୀ ମନ୍ଦିରଠାରୁ ଏକ ମଶାଲ ଶୋଭା ଯାତ୍ର ସହର ପରିକ୍ରମା କରି ପଡିଆରେ ପହଞ୍ଚିଥିଲା। ଏହି କାର୍ଯ୍ୟକ୍ରମ ୩ ଦିନ ଧରି ଚାଲିବାକୁ ଥିବା ବେଳେ ଜିଲାର ୧୩ଟି ବ୍ଲକରୁ ୩ ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗଦେଇଛନ୍ତି। ଏଥିରେ ୧୦୦, ୨୦୦, ୪୦୦, ୮୦୦, ୧୫୦୦ ମିଟର ଦୌଡ ପ୍ରତିଯୋଗିତା ସହ ଜେବଲିନ ଥ୍ରୋ, ଡିସକସ ଥ୍ରୋ ଭଳି ପ୍ରତିଯୋଗିତା ହେବ। ପ୍ରତିଯୋଗୀତାରେ ଜିଲାସ୍ତରରୁ ମନୋନୀତ ହୋଇଥିବା ଛାତ୍ରୀଛାତ୍ରମାନେ ରାଜ୍ୟସ୍ତର ପ୍ରତିଯୋଗିତାରେ ଯୋଗଦେବେ। ପ୍ରତିଯୋଗିତାରେ ଶିକ୍ଷକ ସଂଘ ସଭାପତି ବିଶ୍ୱ ରଞ୍ଜନ ବେହେରା, ପିଇଟି ଅମିତ କୁମାର ମୁଣ୍ଡ, ଶ୍ରବଣ କୁମାର ଜାଲ, ଗଙ୍ଗା ବିଷ୍ଣୁ ଖାନସମା, ମହେନ୍ଦ୍ର ପଣ୍ଡାଙ୍କ ସମେତ ଜିଲାର ବିଭିନ୍ନ ବ୍ଲକରୁ ଆସିଥିବା ଖେଳ ଶିକ୍ଷକମାନେ ଉପସ୍ଥିତ ଥିଲେ ।

ବିଜେଡିର ଜନସମ୍ପର୍କ ପଦଯାତ୍ରା

କୋକସରା,୨।୧୧(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ ଡାଳଗୁମା ପଞ୍ଚାୟତ ଲଟାପଡାଠାରୁ ଡାଳଗୁମା ୪ କି.ମି. ପର୍ଯ୍ୟନ୍ତ ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ପ୍ରଥମ ପର୍ଯ୍ୟାୟରେ ଆରମ୍ଭ ହୋଇଯାଇଛି । ଲଟାପଡାଠାରେ ବ୍ଲକ ବିଜେଡିର ଶତାଧିକ ପୁରୁଷମହିଳା କର୍ମକର୍ତ୍ତାମାନେ ସାମିଲ ହୋଇ ଗ୍ରାମଦେବୀଙ୍କୁ ପୂଜାର୍ଚ୍ଚନା ପରେ ପଦଯାତ୍ରା ଆରମ୍ଭ କରିଥିଲେ । ଏହାପରେ ପଦଯାତ୍ରା ଡାଳଗୁମା ଗ୍ରାମଠାରେ ପହଞ୍ଚିଲା । କୋକସରା ବ୍ଲକ ବିଜେଡି ସଭାପତି ପ୍ରଶାନ୍ତ କୁମାର ବେହେରାଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟଅତିଥି ଧର୍ମଗଡ ବିଧାୟକ ପୁଷ୍ପେନ୍ଦ୍ର ସିଂଦେଓ, ସମ୍ମାନିତ ଅତିଥି ଜିଲା ବିଜେଡି ମହିଳା ନାରିନେତ୍ରୀ କଲ୍ୟାଣି ନାଏକ, ଜୁନାଗଡ ବ୍ଲକ ମହିଳା ନେତ୍ରୀ ନମିତା ସାହୁ, କୋକସରା ବ୍ଲକ ବିଜେଡି ମହିଳା ନେତ୍ରୀ ଅଶୋକା ନାଏକ, ପୂର୍ବତନ ବ୍ଲକ ଉପାଧକ୍ଷ ପର୍ଶୁରାମ ପ୍ରଧାନୀ, ଜନାର୍ଦ୍ଦନ ପଣ୍ଡା, ଜିଲା ବିଜେଡି ସାଧାରଣ ସମ୍ପାଦକ ପ୍ରବୋଧ କୁମାର ରଥ, ପୂର୍ବତନ ବ୍ଲକ ଅଧକ୍ଷ କିଶୋର ଚନ୍ଦ୍ର ନାଏକ, ବିଜେଡି ବ୍ଲକ ସମ୍ପାଦକ ପଞ୍ଚକ ପୋଡ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ । ବିଧାୟକ କୋକସରା ବ୍ଲକରେ ଦେଖାଦେଇଥିବା ମରୁଡି ପରିସ୍ଥିତିକୁ ନେଇ ସରକାର ସଜାଗ ଅଛନ୍ତି । ବୁଧବାର ରାଜ୍ୟ ସରକାର କଳାହାଣ୍ଡିକୁ ମରୁଡି ଜିଲା ଭାବେ ଘୋଷଣା କରିବା ସହ ଚାଷୀଙ୍କୁ ସହାୟତା ରାଶି ଘୋଷଣା କରିଥିବା ସେ କହିଥିଲେ । ଏହି ଅବସରରେ ଭାଜପାର କିଛି କର୍ମୀମାନେ ବିଜେଡିରେ ମିଶିଥିଲେ । ଜନସମ୍ପର୍କ ଯାତ୍ରାକୁ ଘନଶ୍ୟାମ ନାଏକ, ମଙ୍ଗଲୁ ଚରଣ ଭାଟି, ଭୁବନେ ମାଝି, ପାର୍ଥବ ମାଝି, ଯଦୁମଣୀ ହଂସ, ଚିନିଲାଲ ବାଗ, ମୋହନ ଦାସ, ବିଜୟ ପଣ୍ଡା, ମନୋଜ କୁମାର ଦାସ, ସୁନିଲ କୁମାର ପ୍ରଧାନୀ, ଶ୍ରୀମନ୍ତ ପାଢୀ, ଜୟଲାଲ ନାଏକ, ସହଦେବ ପଟ୍ଟନାୟକ, ପବିତ୍ର ନିଆଲ, ବିନୋଦ ସିଂ, ଅଜୟ କୁମାର ସାହୁ, ବନମାଳି ପ୍ରଧାନୀ, ବିଶ୍ୱନାଥ ପଟ୍ଟନାୟକ, ଅନିଲ ପ୍ରଧାନୀ ପ୍ରମୁଖ ସହଯୋଗ କରିଥିଲେ ।

କୋକସରାରେ ଆୟୋଜିତ ବିଜେଡିର ଜନସମ୍ପର୍କ ପଦଯାତ୍ରା ।

ପଟ୍ଟା ମିଳିଛି, ଜମି ଚିହ୍ନଟ ହେଉନି

ମୋହନଗିର,୨।୧୧(ଡି.ଏନ.ଏ.)

ସରକାରୀ ଯୋଜନା ବାଟବଣା

- ୧୨୦ ଭୂମିହୀନ ବଭିନ୍ନ ଯୋଜନାରୁ ବଞ୍ଚିତ
- ୧୪ ବର୍ଷ ବିତିଲା

ସରକାର ଆର୍ଥିକସ୍ତରରେ ଦୁର୍ବଳ ଶ୍ରେଣୀ ଲୋକଙ୍କ ବିକାଶ ପାଇଁ ଅନେକ ଯୋଜନା କରିଛନ୍ତି। କିନ୍ତୁ ତୃଣମୂଳସ୍ତରରେ ଏହି ସବୁ ଯୋଜନା କେବଳ ଯୋଜନାରେ ହିଁ ରହିଯାଉଛି । କଳାହାଣ୍ଡି ଜିଲା ମ.ରାମପୁର ବ୍ଲକ ମୋହନଗିରି ଅଞ୍ଚଳରେ ଏଭଳି ଏକ ଘଟଣା ନଜରକୁ ଆସିଛି। ସ୍ଥାନୀୟ ଅଞ୍ଚଳର ୧୨୦ଜଣ ଭୂମିହିନଙ୍କୁ ଘରଡିହ ପଟ୍ଟା ୧୪ ବର୍ଷ ହେଲା ମିଳିଥିଲେ ମଧ୍ୟ ଜମି ଚିହ୍ନଟ ହୋଇ ପାରି ନ ଥିବାରୁ ଅନେକ ଯୋଜନା ପାଇବାରୁ ସେମାନେ ବଞ୍ଚିତ ରହୁଛନ୍ତି । ସରକାରୀ ଭାବେ ଗତ ୨୦୦୪-୫ ଆର୍ଥିକ ବର୍ଷରେ ଅଞ୍ଚଳର ଭୂମିହିନ ପରିବାରକୁ ଥଇଥାନ କରିବା ଉଦ୍ଦେଶ୍ୟ ନେଇ ମୋହନଗିରି, ସିଂହପୁର, ବିଜାମାଳ, ଦଉଲିପଡା, ବାଲିଭଟା ଆଦି ଗ୍ରାମର ୧୨୦ଜଣ ହିତାଧିକାରୀଙ୍କୁ ଚିହ୍ନଟ କରି ଘରଡିହ ବାବଦକୁ ୪ ଡେସମିଲ ଲେଖାଏଁ ପଟ୍ଟା ପ୍ରଦାନ କରାଯାଇଥିଲା । ଏଥିପାଇଁ ମୋହନଗିରିଠାରୁ ୧ କି.ମି. ଦୂର ମ.ରାମପୁର ରାସ୍ତା ଗୁଳାବନ୍ଦ ନିକଟରେ ଜମି ଦେବା ପାଇଁ ସ୍ଥିର କରାଯାଇଥିଲା। କିନ୍ତୁ ଦୀର୍ଘ ୧୪ ବର୍ଷ ବିତିଯାଇଥିଲେ ସୁଦ୍ଧା ସମ୍ପୃକ୍ତ ହିତାଧିକାରୀମାନେ ପାଇଥିବା ପଟ୍ଟାର ଜମି ଚିହ୍ନଟ ହୋଇନାହିଁ । ସେମାନଙ୍କ ମଧ୍ୟରୁ କେତେକ ହିତାଧିକାରୀ ସରକାର